- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-264 ♦MONDAY ♦23 MARCH 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୬୪ ♦ସୋମବାର ♦୨୩ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ସାମ୍‌ଙ୍କ ସ୍ଥାନରେ ଶାନକା

▸ପୃଷ୍ଠା ୧୨ ଦେଖନ୍ତୁ...

# ତିରୁପତି ବାଲାଜୀ ବିଶ୍ୱର ତୃତୀୟ ଧନୀ ଧର୍ମପୀଠ

■ ନୂଆଦିଲ୍ଲୀ, ୨୨।୩ (ଏଜେନ୍ସି): ଭାରତର ୧୦ଟି ମନ୍ଦିର ପାଖରେ ୯ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ରହିଛି। ଏକଥା ବିଶ୍ୱାସ ନହେଲେ ବି ସତ। ଗ୍ଲୋବାଲ ୱେଲଥ ଇଣ୍ଡେକ୍ସ-୨୦୨୬ର ରିପୋର୍ଟ ଅନୁଯାୟୀ, ଭାରତର ଶୀର୍ଷ ୧୦ଟି ଧନୀ ମନ୍ଦିରର ସମୁଦାୟ ସମ୍ପତ୍ତିର ମୂଲ୍ୟ ୯ ଲକ୍ଷ କୋଟି ଟଙ୍କାରୁ ଅଧିକ। ଏଥିମଧ୍ୟରୁ ତିରୁପତି ବାଲାଜୀ ମନ୍ଦିର ବିଶ୍ୱର ତୃତୀୟ ସବୁଠାରୁ ଧନୀ ଧର୍ମପୀଠ ଭାବେ ମାନ୍ୟତା ପାଇଛି। ତିରୁପତି ବାଲାଜୀ ମନ୍ଦିର ସମ୍ପତ୍ତିର ମୂଲ୍ୟ ପ୍ରାୟ ୩ ଲକ୍ଷ କୋଟି ଟଙ୍କା ଥିବା ବେଳେ ଏହା ଅନେକ ଦେଶର ଜଡିପିଠାରୁ ବି ଅଧିକ। ଏଠାରେ ପ୍ରତିଦିନ ହାରାହାରି ୧ରୁ ୫ କୋଟି ଟଙ୍କା ଦାନ ମିଳିଥାଏ। ଚଳିତବର୍ଷ ମାର୍ଚ୍ଚ ୧୭ରେ ଗୋଟିଏ ଦିନରେ ୪.୮୮ କୋଟି ଟଙ୍କାର ଦାନ ମିଳିଥିଲା। ସେହିପରି କେରଳର ଶ୍ରୀ ପଦ୍ମନାଭସ୍ୱାମୀ ମନ୍ଦିର ପ୍ରାଚୀନ ସମ୍ପତ୍ତି

## ଭାରତର ୧୦ଟି ମନ୍ଦିରରେ ୯ ଲକ୍ଷ କୋଟିର ସମ୍ପତ୍ତି

ଦୃଷ୍ଟିରୁ ସବୁଠାରୁ ଧନୀ ବିବେଚିତ ହୋଇଛି। ଏହାର ୯୯ ପ୍ରତିଶତ ସମ୍ପତ୍ତି ସୁନା ମୂର୍ତ୍ତି, ମୁଦ୍ରା ଏବଂ ହୀରା ଆଦି ପ୍ରାଚୀନ ସମ୍ପତ୍ତି ଆକାରରେ ରହିଛି, ଯାହାର ବର୍ତ୍ତମାନ ବଜାରର ମୂଲ୍ୟ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ। ସେହିଭଳି ଓଡ଼ିଶାର ଶ୍ରୀ ଜଗନ୍ନାଥ ମନ୍ଦିରର ସମ୍ପତ୍ତି ମଧ୍ୟ ବହୁତ ଅଧିକ। ଏହି ମନ୍ଦିର ପାଖରେ ୬୦,୦୦୦ ଏକରରୁ ଅଧିକ ଜମି ରହିଛି। ଏହାଛଡ଼ା ୬ଟି ରାଜ୍ୟରେ ୩୯୫ ଏକର ଜମି ରହିଛି। ମନ୍ଦିରର ରତ୍ନଭଣ୍ଡାର, ଜମି ଏବଂ ଅନ୍ୟାନ୍ୟ ସ୍ଥାବର-ଅସ୍ଥାବର ସମ୍ପତ୍ତିର ମୂଲ୍ୟ ପ୍ରାୟ ୧.୨ ଲକ୍ଷ କୋଟି ଟଙ୍କା ହେବ ବୋଲି ସଂସ୍ଥା ପକ୍ଷରୁ ଆକଳନ କରାଯାଇଛି। ଅନ୍ୟପଟେ ଅଯୋଧ୍ୟାରେ ନିର୍ମିତ ଭବ୍ୟ ରାମ ମନ୍ଦିରର ସମ୍ପତ୍ତି ମଧ୍ୟ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଦିନ କୋଟିଏ ଟଙ୍କାରୁ ଅଧିକ ଦାନ ମିଳୁଛି। ମନ୍ଦିରର ସମ୍ପତ୍ତି ୬,୦୦୦ରୁ ୮,୦୦୦ କୋଟି ଟଙ୍କା ଅତିକ୍ରମ କରିଛି। ଅବଶ୍ୟ ଏହି ମନ୍ଦିର ନିର୍ମାଣରେ ୧,୮୦୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଛି।



# ଟ୍ରମ୍ପଙ୍କ ଚେତାବନୀ ପରେ ଇରାନ ଉଗ୍ର

## ଇସ୍ରାଏଲର ପରମାଣୁ ସହର ଉପରେ ଆକ୍ରମଣ; ହର୍ମୁଜରେ ଖସାଇଲା ଆମେରିକାର ଏଫ୍-୧୫

■ ତେହରାନ/ୱାସିଂଟନ, ୨୨।୩ (ଏଜେନ୍ସି): ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ୨୩ ଦିନ ଧରି ଚାଲିଥିବା ଯୁଦ୍ଧ ଥମିବାର ନାଁ ଧରୁନି। ପ୍ରଭାବ ହ୍ରାସ ପାଇବା ପରିବର୍ତ୍ତେ ଏହା ଦିନକୁ ଦିନ ଆହୁରି ଉଗ୍ର ହେବାରେ ଲାଗିଛି। ଇରାନର ସାମରିକ ଶକ୍ତିକୁ ଧ୍ୱସ୍ତ କରି ଦିଆଯାଇଛି ବୋଲି ଆମେରିକା ଓ ଇସ୍ରାଏଲ ଯାହା ଦାବି କରୁଛନ୍ତି, ତାହା ବାସ୍ତବ କ୍ଷେତ୍ରରେ ଭିନ୍ନ କଥା ବର୍ଣ୍ଣନା କରୁଛି। ସେମାନେ ଇରାନ ଉପରେ ଯେତେ ଆକ୍ରମଣ କରୁଛନ୍ତି, ଇରାନ ଅଧିକ ଉଗ୍ର ହୋଇ ସେମାନଙ୍କ ଉପରେ ଅଧିକରୁ ଅଧିକ ଆକ୍ରମଣ କରି ଚାଲିଛି। ତେଲ ଓ ଗ୍ୟାସ ପରିବହନ ଦୃଷ୍ଟିରୁ ଉପସାଗରରେ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଥିବା ହର୍ମୁଜ ସମୁଦ୍ର ପଥକୁ ଇରାନ ବନ୍ଦ କରି ରଖିଥିବାରୁ ସାରା ବିଶ୍ୱରେ ଭୟଙ୍କର ଶକ୍ତି ସଙ୍କଟ ସୃଷ୍ଟି ହୋଇଛି। ତେଣୁ

### 'ଆମ ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ ହେଲେ ଜୋରଦାର ହେବ ଜବାବୀ ହମଲା'

### ଆମେରିକା ଓ ଇସ୍ରାଏଲ୍‌ର ମିତ୍ରଙ୍କ ବ୍ୟତୀତ ଅନ୍ୟ ସବୁଦେଶକୁ ହର୍ମୁଜ ଖୋଲା




ହର୍ମୁଜ ପଥକୁ ତୁରନ୍ତ ଖୋଲିବା ଲାଗି ଇରାନକୁ ୪୮ ଘଣ୍ଟାର ମହଲତ ଦେଇଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଏହି ସମୟ ମଧ୍ୟରେ ହର୍ମୁଜ ନଖୋଲିଲେ ଇରାନର ଶକ୍ତି କେନ୍ଦ୍ରକୁ ଧ୍ୱଂସ କରି ଦିଆଯିବ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି। ଟ୍ରମ୍ପଙ୍କ ଏଭଳି ଧମକକୁ ଖାତିର ନକରି ଇରାନ ଆଜି ହର୍ମୁଜ ଉପରେ ଉଡୁଥିବା ଆମେରିକାର ଯୁଦ୍ଧ ଜାହାଜ ଏଫ-୧୫କୁ ମାରି ଖସାଇଦେଇଛି। କିଛି ଦିନ ପୂର୍ବରୁ ଆମେରିକାର ଏଫ-୩୫ ବିମାନକୁ ମଧ୍ୟ କ୍ଷେପଣାସ୍ତ୍ର ମାଡ଼ କରି ଖସାଇଥିଲା ଇରାନ। କେବଳ ଏତିକି ନୁହେଁ, ଇସ୍ରାଏଲର ପରମାଣୁ କେନ୍ଦ୍ର ସହର ଉପରେ ମଧ୍ୟ ଆଜି କ୍ଷେପଣାସ୍ତ୍ର ମାଡ଼ କରିଛି ଇରାନ। ଏହି ଆକ୍ରମଣରେ ସହରରେ ବ୍ୟାପକ କ୍ଷତି ହୋଇଥିବା ଜଣାପଡ଼ିଛି।

ଇତିମଧ୍ୟରେ ଟ୍ରମ୍ପଙ୍କ ଧମକକୁ ପ୍ରତ୍ୟାଖ୍ୟାନ କରି ଇରାନ କହିଛି ଯେ ଇରାନର ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ହେଲେ ଏହା ପଡ଼ୋଶୀ ଦେଶର ଶକ୍ତି କେନ୍ଦ୍ରକୁ ଧ୍ୱସ୍ତ କରିଦେବ। ଇରାନର ଜଣେ ସରକାରୀ ମୁଖପାତ୍ର କହିଛନ୍ତି ଯେ ଶତ୍ରୁ ଆକ୍ରମଣରେ ଇରାନ ଦୁର୍ବଳ ହୋଇନାହିଁ। ଏହା ଅଧିକ ଶକ୍ତିଶାଳୀ ହେଉଛି ଏବଂ ଶତ୍ରୁ ଆକ୍ରମଣର କଡ଼ା ଜବାବ ଦେଉଛି। ତେବେ ସେ କହିଛନ୍ତି ଯେ ହର୍ମୁଜ ସମସ୍ତ ବାଣିଜ୍ୟିକ ଜାହାଜ ଚଳାଚଳ ପାଇଁ ଖୋଲା ରହିବ, କିନ୍ତୁ ଏହି ସୁବିଧା ଇରାନର ଶତ୍ରୁ କୁହାଯାଉଥିବା ଆମେରିକା ଓ ଇସ୍ରାଏଲ ଜାହାଜଗୁଡ଼ିକ ପାଇଁ ଉପଲବ୍ଧ ହେବ ନାହିଁ। ଅନ୍ୟପକ୍ଷରେ ଇରାନ ରାଷ୍ଟ୍ରପତି ଧମକ ଦେଇଛନ୍ତି ଇରାନ ▸ପୃଷ୍ଠା-୭

# ଶାସନରେ ଦୀର୍ଘତମ ମୋଦୀଙ୍କ ରେକର୍ଡ

## ନିର୍ବାଚିତ ସରକାରୀ ମୁଖ୍ୟ ଭାବେ ୮,୯୩୧ ଦିନ



୨୦୦୧ରୁ ୨୦୧୪ ଗୁଜରାଟ ମୁଖ୍ୟମନ୍ତ୍ରୀ

୨୦୧୪ରୁ କ୍ରମାଗତ ତିନିଥର ପ୍ରଧାନମନ୍ତ୍ରୀ

■ ନୂଆଦିଲ୍ଲୀ, ୨୨।୩ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ରାଜନୀତିରେ ରବିବାର ଆଉଏକ ମାଇଲଖୁଣ୍ଟ ଅତିକ୍ରମ କରି ଇତିହାସ ସୃଷ୍ଟି କରିଛନ୍ତି। ସେ ସରକାରୀ ମୁଖ୍ୟ ଭାବେ ୮,୯୩୧ ଦିନ ପୂରଣ କରି ଭାରତର ଦୀର୍ଘତମ ସମୟର ଶାସନକର୍ତ୍ତା ହେବାର ଗୌରବ ଅର୍ଜନ କରିଛନ୍ତି। ଏହି କ୍ରମରେ ସେ ସିକିମର ପୂର୍ବତନ ମୁଖ୍ୟମନ୍ତ୍ରୀ ପବନ କୁମାର ଚାମଲିଂଙ୍କ ୮,୯୩୦ ଦିନର ରେକର୍ଡକୁ ଅତିକ୍ରମ କରିଛନ୍ତି। ମୋଦୀଙ୍କ ଏହି ବଡ଼ ସଫଳତା ପଛରେ ରହିଛି ଦୁଇ ଦଶନ୍ଧିରୁ ଅଧିକ ସମୟର ନିରନ୍ତର ସେବା। ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଓ ଭାରତର ପ୍ରଧାନମନ୍ତ୍ରୀ ଭାବେ ସରକାରର ନେତୃତ୍ୱ ନେଇଛନ୍ତି। ୨୦୦୧ ଅକ୍ଟୋବର ୭ରୁ ୨୦୧୪ ମେ ୨୧ ପର୍ଯ୍ୟନ୍ତ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱରେ ଥିଲେ। ଏହାପରେ ସେ ୨୦୧୪ରେ ପ୍ରଥମଥର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପରେ, ସେ ୨୦୧୯ ଏବଂ ପରେ ୨୦୨୪ରେ ଲାଗାତର ତୃତୀୟଥର ପାଇଁ ନିର୍ବାଚିତ ହୋଇ ଦେଶର ନେତୃତ୍ୱ ନେଉଛନ୍ତି। ଶାସନ ବ୍ୟତୀତ ଡିଜିଟାଲ ପ୍ଲାଟଫର୍ମରେ ମଧ୍ୟ ମୋଦୀଙ୍କ ଲୋକପ୍ରିୟତା ଶୀର୍ଷରେ ରହିଛି। ସେ ବିଶ୍ୱର ପ୍ରଥମ ନେତା ଭାବେ ଇନଷ୍ଟାଗ୍ରାମରେ ୧୦ କୋଟିରୁ ଅଧିକ ଫଲୋଅର୍ସ ପାଇଛନ୍ତି, ଯାହା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫଲୋଅର୍ସଙ୍କ ତୁଳନାରେ ▸ପୃଷ୍ଠା-୭

## ସ୍ୱାସ୍ଥ୍ୟ ବିଭାଗର ନିଦ ଭାଙ୍ଗିଦେଲା ଏସ୍‌ସିବି ନିଆଁ

# ସମୀକ୍ଷା ହେଲା; କାର୍ଯ୍ୟାନୁଷ୍ଠାନ ନାହିଁ

■ ଭୁବନେଶ୍ୱର, ୨୨।୩ (ସମିସ): ଏସ୍‌ସିବି ଅଗ୍ନିକାଣ୍ଡ ଯୋଗୁଁ ୧୩ ଜଣ ରୋଗୀଙ୍କ ମୃତ୍ୟୁ ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ବିଜେଡି ଓ କଂଗ୍ରେସ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଡ଼ି ବସିଛନ୍ତି। ଏସ୍‌ସିବି ନିଆଁ ତାତିରେ ବିଧାନସଭା ବି ଗରମ ହୋଇଛି। ଗଲା ୩ ଦିନ



### ହସ୍ପିଟାଲରେ ଅଗ୍ନି ନିରାପତ୍ତାର ହେବ ନିୟମିତ ଯାଞ୍ଚ

ଧରି ବିଧାନସଭା ଚାଲି ପାରୁନାହିଁ। ଏହାପରେ ଭାଙ୍ଗିଛି ସ୍ୱାସ୍ଥ୍ୟ ବିଭାଗର ବହଳ ନିଦ। ରବିବାର ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ରାଜ୍ୟର ସରକାରୀ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଅନୁଧ୍ୟାନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି।

ରାଜ୍ୟରେ ଡଜନେରୁ ଅଧିକ ସରକାରୀ ମେଡିକାଲ କଲେଜ, ୩୫ ଜିଲ୍ଲା ସଦର ମହକୁମା ଡାକ୍ତରଖାନା, ୨୭ ସବ୍‌ଡିଭିଜନାଲ ଡାକ୍ତରଖାନା, ୩୭୭ ସିଏସ୍‌ସି, ୧୩୬୦ ପିଏଚ୍‌ସିକୁ ବାଦ୍ ଦେଲେ ହଜାର ହଜାର ସରକାରୀ ପଞ୍ଜିକୃତ ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ରହିଛି। ଅଧିକାଂଶ ସ୍ଥାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ ଓ ଯେଉଁ କିଛି ପ୍ରତିଷ୍ଠାନରେ ନିଆଁ ଲିଭାଇବା ଯନ୍ତ୍ର ରହିଛି, ତାହା କାର୍ଯ୍ୟକ୍ଷମ ଅଛି କି ନାହିଁ ଜଣାନାହିଁ। ଅଗ୍ନି ନିର୍ବାପକ ଯନ୍ତ୍ର ଅଧିକାଂଶ ଡାକ୍ତରଖାନାରେ କେବଳ ଶୋଭାପ୍ରଦର୍ଶନକାରୀ ସାମଗ୍ରୀ ଭାବରେ ରଖାଯାଇଛି। ଯେଉଁଠି ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସରକାରଙ୍କ ଦ୍ୱାରା ପରିଚାଳିତ ଓ ରାଜ୍ୟର ସବୁଠାରୁ ବଡ଼ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ଏସ୍‌ସିବିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ହୋଇ ପାରୁନାହିଁ, ସେଠାରେ ଅନ୍ୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା ବୃଥା। ଏ କ୍ଷେତ୍ରରେ ଉଭୟ ସ୍ୱାସ୍ଥ୍ୟ ଓ ଅଗ୍ନିଶମ ବିଭାଗ ମଧ୍ୟ ସମପରିମାଣରେ ଉତ୍ତରଦାୟୀ। ମାତ୍ର ଏସ୍‌ସିବିରେ ୧୩ ଜୀବନ ଯିବା ପରେ ଏ ସମ୍ପର୍କରେ ନୈତିକ ଦାୟିତ୍ୱ ନେବାକୁ ସ୍ୱାସ୍ଥ୍ୟ ବିଭାଗ ସାହସ ଜୁଟାଇ ପାରୁନାହିଁ। ୧୩ ଅମୂଲ୍ୟ ଜୀବନ ଯିବା ସହ କୋଟି କୋଟି ଟଙ୍କାର ସାମଗ୍ରୀ ନଷ୍ଟ ହେଲା। ରାଜ୍ୟ ରାଜକୋଷରୁ ପୁଣି ଅର୍ଥ ବ୍ୟୟ ହୋଇ ସାମଗ୍ରୀ କିଣାଯିବ। ମାତ୍ର ଯେଉଁମାନଙ୍କ ଦାୟିତ୍ୱହୀନତା ପାଇଁ ଏହି ବିପର୍ଯ୍ୟୟ ଘଟିଲା ଓ ରାଜ୍ୟବାସୀଙ୍କ ଟିକସ ▸ପୃଷ୍ଠା-୭

## ଏସ୍‌ସିବିରେ ବଡ଼ ପରିବର୍ତ୍ତନ

# ବଦଳିଲେ ଡିନ୍ ଓ ଅଧୀକ୍ଷକ

■ ଭୁବନେଶ୍ୱର, ୨୨।୩ (ସମିସ): କଟକ ବଡ଼ ଡାକ୍ତରଖାନା ଟ୍ରମା କେୟାର ଆଇସିୟୁରେ ନିଆଁ ଲାଗି ୧୩ ରୋଗୀଙ୍କ ଜୀବନ ଯିବାର ୭ ଦିନ ପରେ ରାଜ୍ୟ ସରକାର ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲର ପ୍ରଶାସନିକ ସ୍ତରରେ ଏକ ବଡ଼ ଅଦଳବଦଳ କରିଛନ୍ତି। ପ୍ରଫେସର ଡାକ୍ତର ପ୍ରତିଭା ପଣ୍ଡାଙ୍କୁ ଏସ୍‌ସିବି ମେଡିକାଲ କଲେଜର ନୂତନ ଡିନ୍ ଓ ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଥିବାବେଳେ ଡାକ୍ତର

### ପ୍ରତିଭା ପଣ୍ଡା ଡିନ୍ ଓ ଜ୍ୟୋତିଶ୍ ଚନ୍ଦ୍ର ଚୌଧୁରୀ ଅଧୀକ୍ଷକ ନିଯୁକ୍ତ

ଜ୍ୟୋତିଶ ଚନ୍ଦ୍ର ଚୌଧୁରୀଙ୍କୁ ହସ୍‌ପିଟାଲ୍‌ର ନୂତନ ଅଧୀକ୍ଷକ ଭାବେ ନିଯୁକ୍ତି ମିଳିଛି। ରବିବାର ଏହି ନୂତନ ନିଯୁକ୍ତି ସଂପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ବିଜ୍ଞପ୍ତି ଜାରି କରିଛି।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ବାରିପଦା ପିଆର୍‌ଏମ୍ ମେଡିକାଲ୍ କଲେଜ ଓ ହସ୍ପିଟାଲର ଡିନ୍ ଓ ଅଧ୍ୟକ୍ଷ ଥିବା ପ୍ରଫେସର ଡାକ୍ତର ପ୍ରତିଭା ପଣ୍ଡାଙ୍କୁ ଏସ୍‌ସିବିର ନୂତନ ଡିନ୍ ଓ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ଏସ୍‌ସିବି ଏଫ୍‌ଏମ୍‌ଟି ବିଭାଗ ମୁଖ୍ୟ ଥିବା ▸ପୃଷ୍ଠା-୭

# ୯ ବିଧାୟକଙ୍କ ମୁଣ୍ଡ ଉପରେ 'ଡେମୋକ୍ଲିସ୍ ଖଣ୍ଡା'

■ ଭୁବନେଶ୍ୱର, ୨୨।୩ (ସମିସ): ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ ଅଭିଯୋଗରେ ବିଜେଡି ୬ ଜଣ ଓ କଂଗ୍ରେସ ନିଜର ୩ ଜଣ ବିଧାୟକଙ୍କୁ ନିଲମ୍ବନ କରିଛି। ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଓ କ୍ରସଭୋଟିଂ ଯୋଗୁଁ ଏହି ବିଧାୟକମାନଙ୍କୁ ନିଲମ୍ବିତ କାରଯାଇଥିବା ନେଇ ଦୁଇ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଦଳୀୟ କାର୍ଯ୍ୟାନୁଷ୍ଠାନ ସହିତ ଏହି ନିଲମ୍ବିତ ବିଧାୟକମାନଙ୍କର ସଭ୍ୟପଦ କିପରି ରଦ୍ଦ କରାଯିବ ସେନେଇ ଦୁଇ ଦଳ ଉଦ୍ୟମ ଆରମ୍ଭ କରିଛନ୍ତି। ରାଜ୍ୟସଭା ନିର୍ବାଚନ ମତଦାନରେ ଦଳୀୟ ହ୍ୱିପ୍ ଲାଗୁ ହେଉ ନ ଥିବାରୁ ସଭ୍ୟପଦ ରଦ୍ଦ ହୋଇପାରିବ ନାହିଁ ବୋଲି ଦର୍ଶାଇ କିଛି ନିଲମ୍ବିତ ବିଧାୟକ ନିଜର ନିଷ୍ପତ୍ତିକୁ ସଠିକ୍ ଓ ଆଇନସମ୍ମତ ବୋଲି ଦାବି କରୁଛନ୍ତି। ଗଣମାଧ୍ୟମରେ ଏହି ଘଟଣାକୁ ନେଇ ସରଗରମ ଆଲୋଚନା ଚାଲିଛି। କିଛି ବିଧାୟକ ଏହି ପ୍ରସଙ୍ଗରେ ଆଇନଜ୍ଞମାନଙ୍କ ସହ ପରାମର୍ଶ ନେଉଛନ୍ତି। ଏହା ସତ୍ତ୍ୱେ ଏବେ ବି

### ରାଜନୈତିକ ଦଳଙ୍କ ପାଇଁ ବଳ ସମ୍ବିଧାନର ଦଶମ ଅନୁସୂଚୀ

### ହିମାଚଳ ପ୍ରଦେଶରେ ନିଲମ୍ବିତ ହୋଇଛନ୍ତି ୬ ବିଧାୟକ

### ନିଲମ୍ବିତ ବିଧାୟକଙ୍କୁ ମହଙ୍ଗା ପଡ଼ିବ ଦଳ ବିରୋଧୀ କାର୍ଯ୍ୟ

କ୍ରସଭୋଟିଂ କରିଥିବା ଉଭୟ ଦଳର ୯ ବିଧାୟକଙ୍କ ମୁଣ୍ଡରେ ବିଧାନସଭା ସଦସ୍ୟପଦ ରଦ୍ଦ ଖଣ୍ଡା ଝୁଲୁଛି। ସମ୍ବିଧାନର ଯେଉଁ ଦଶମ ଅନୁସୂଚୀକୁ ଆଧାର କରି ସଦସ୍ୟପଦ ଯିବ ନାହିଁ ବୋଲି ନିଲମ୍ବିତ ବିଧାୟକ ଓ ସେମାନଙ୍କ ପୃଷ୍ଠପୋଷକମାନେ ଦମ୍ଭ ଧରିଛନ୍ତି, ସେହି ଅନୁସୂଚୀର ଆଉ ଏକ ଧାରାରେ 'ଦଳର ବିଶ୍ୱସ୍ତତା' ହରାଇବା ଅଭିଯୋଗରେ ବିଧାନସଭା ସଦସ୍ୟପଦ ରଦ୍ଦ ହୋଇପାରେ ବୋଲି ମଧ୍ୟ ନିୟମ ରହିଛି। ୨୦୨୪ ମସିହାରେ ଏହି ଆଧାରରେ ହିମାଚଳ ପ୍ରଦେଶ ବିଧାନସଭାର ୬ ଜଣ ବିଧାୟକ ସଦସ୍ୟପଦ ହରାଇଥିବାର ଦୃଷ୍ଟାନ୍ତ ମଧ୍ୟ ରହିଛି।

ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ (ଦଳବଦଳ ନିରୋଧୀ ଆଇନ)କୁ ଆଧାର କରି ବିଜେଡି କ୍ରସ ଭୋଟିଂ କରିଥିବା ୬ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା। ଏଥିରେ ଦଳ ପକ୍ଷରୁ ସେମାନଙ୍କ ଉପରେ ଦଳୀୟ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ କାହିଁକି ନିଆ ନ ଯିବ ବୋଲି ପ୍ରଶ୍ନ କରାଯାଇଥିଲା। କାରଣ ଦର୍ଶାଅ ନୋଟିସ୍‌ରେ ବିଜେଡି ବିଧାୟକ ନିଜର ନିଷ୍ପତ୍ତିକୁ ଯଥାର୍ଥ ଦର୍ଶାଇବାକୁ ଚେଷ୍ଟା କରିଥିବା ବେଳେ ନୋଟିସ୍ ପାଇଁ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ ମଧ୍ୟ ନାଲିଆଖି ଦେଖାଇବାକୁ ପଛାଇ ନ ଥିଲେ। ତେବେ ଆଇନଗତ ଦୃଷ୍ଟିକୋଣରୁ ଦଳୀୟ ହ୍ୱିପ୍ ଅମାନ୍ୟ କରି ବିରୋଧୀ ପ୍ରାର୍ଥୀଙ୍କୁ ▸ପୃଷ୍ଠା-୭




# ସମସ୍ତ ଚାଷୀଙ୍କ ଧାନ କ୍ରୟ ନ କଲେ ରାସ୍ତା ଅବରୋଧ ଚେତାବନୀ

ଭୋଗରାଇ,୨୨।୩(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ସମଗ୍ର ରାଜ୍ୟର ଭାତହାଣ୍ଡି ବୋଲି କୁହାଯାଏ। ଏଠାକାର ଅଧିକାଂଶ ଲୋକ ଧାନ ଚାଷ ଉପରେ ନିର୍ଭରକରି ଜୀବିକା ନିର୍ବାହ କରିଆସୁଛନ୍ତି। ମାତ୍ର ଚାଷୀ ଧାନ ଅମଳ କରି ସାରିବା ପରେ ବିକ୍ରି କରିବାରେ ହନ୍ତସନ୍ତ ହୋଇ ଆସୁଛନ୍ତି। ଏହି ସ୍ଥିତିରେ ଚଳିତ ମାସ ଶେଷ ସୁଦ୍ଧା ସମସ୍ତ ଚାଷୀଙ୍କ ଠାରୁ ଧାନ କ୍ରୟ କରା ନଗଲେ ବୃହତ୍ତର ଆନ୍ଦୋଳନ କରାଯିବାର ଚେତାବନୀ ଦିଆଯାଇଛି। ଅଭିଯୋଗ ଅନୁଯାୟୀ ଏହି ବ୍ଲକ ବାଉଁଶଡିହା ସେବା ସମବାୟ ସମିତିରେ ଚଳିତ ଖରିଫ ଋତୁରେ ସମୁଦାୟ ୯୧୦ଜଣ ଚାଷୀ ପଞ୍ଜିକୃତ କରିଥିଲେ। ମାତ୍ର ଏଯାବତ୍ ୫୬୨ ଜଣ ଚାଷୀ ବିକ୍ରି କରିଥିବାବେଳେ ଆହୁରି ୩୦୮ ଜଣ ଚାଷୀ ସମିତିରେ ଧାନ ବିକ୍ରି କରି ନପାରି ହନ୍ତସନ୍ତ ହେଉଛନ୍ତି। ଚଳିତ ମାସ ଶେଷ ସୁଦ୍ଧା ଧାନ ଉଠାଣ ଅବଧି ଧାର୍ଯ୍ୟ ହୋଇଥିବା ବେଳେ ଧାନ ବିକ୍ରି କରି ପାରିନଥିବା ସମସ୍ତ ଚାଷୀଙ୍କ ଠାରୁ ଧାନ କ୍ରୟ କରିବାକୁ ଦାବି ହୋଇଛି। ନଚେତ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥ ଅବରୋଧ କରି ବୃହତ୍ତର ଆନ୍ଦୋଳନ କରାଯିବାର ଚେତାବନୀ ଦିଆଯାଇଛି। କୃପାସିନ୍ଧୁ ଦାସ, ଦେବାଶିଷ ଗିରି, ରାଧାକାନ୍ତ ମହାପାତ୍ର, ପରେଶ ଚନ୍ଦ୍ର ଗିରି, ମନୋଜ ପଟ୍ଟନାୟକ, ସମୀର ମହାନ୍ତି, କମଳ ଲୋଚନ ଦାସମହାପାତ୍ର ପ୍ରମୁଖ ଏହି ଚେତାବନୀ ଦେଇଛନ୍ତି। ଏ ନେଇ ବାଉଁଶଡ଼ିହା ସମବାୟ ସମିତିର ସମ୍ପାଦକଙ୍କ ଜରିଆରେ ବାଲେଶ୍ୱର ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ, ବିଭଗୀୟ ଜିଲ୍ଲା ଉପ ନିବନ୍ଧକ ବାଲେଶ୍ୱର ଖଣ୍ଡ ଓ ସହ ନିବନ୍ଧକ ବାଲେଶ୍ୱର ମଣ୍ଡଳ, ଭୋଗରାଇ ତହସିଲ ଦାର, ଭୋଗରାଇ ଯୋଗାଣ ଅଧିକାରୀଙ୍କ ସମେତ କମର୍ଦ୍ଧା ଧନାଧିକାରିଣୀଙ୍କୁ ଦରଖାସ୍ତ ଦିଆଯାଇଥିବା ସୂଚନା ମିଳିଛି।

# ପାଣି ପାଇଁ ଗରା, ବାଲ୍‌ଟି ଧରି ରାସ୍ତାରେ ମହିଳା

ନୀଳଗିରି,୨୨।୩(ସମିସ)



ପ୍ରତିବର୍ଷ ଖରାଦିନେ ପିଇବାପାଣିର ସମସ୍ୟା ଦେଖାଦେଉଥିବା ବେଳେ ଚଳିତବର୍ଷ ମଧ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ନୀଳଗିରି ବ୍ଲକ୍ ନରସିଂହପୁର ପଞ୍ଚାୟତ ଆଡ଼ିଆଖୁଣ୍ଟା ଗ୍ରାମରେ ମେଗା ଯୋଜନାରେ ପାନୀୟଜଳ ଯୋଗାଣ ହୋଇପାରିନାହିଁ। ଫଳରେ ଲୋକେ ରାନ୍ଧିବା ଓ ପିଇବାପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟ ବାସିନ୍ଦା। ଏଥିପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ ଏପର୍ଯ୍ୟନ୍ତ ଏହାର ସମାଧାନ ହୋଇ ନ ଥିବାରୁ ବାଇଁଚାରୁ ମାଟିଆଳି, ନରଣପୁରକୁ ସଂଯୋଗ କରୁଥିବା ରାସ୍ତାର ଆଡ଼ିଆଖୁଣ୍ଟା ଛକ ନିକଟରେ ରବିବାର ସକାଳେ ଶହଶହ ମହିଳା ଗରା, ବାଲଟି, ହାଣ୍ଡି ରଖି ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ୪ଘଣ୍ଟା ଧରି ରାସ୍ତା ଅବରୋଧ ଜାରି ରହିଥିଲା। ଫଳରେ ରାସ୍ତାର ଉଭୟ ପାଶ୍ୱର୍ରେ ଗାଡ଼ି ମୋଟର ଅଟକି ରହିଥିବା ଦେଖିବାକୁ ମିଳିଥିଲା। ପରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର ଅଧିକାରୀଙ୍କ ନିର୍ଦ୍ଦେଶରେ ଏହି ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣର ଠିକା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହିତ ଖୁବ୍‌ଶୀଘ୍ର ସ୍ଥାୟୀ ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ମହିଳାଙ୍କୁ ଆକ୍ରମଣ; ମେଡିକାଲରେ ଭର୍ତ୍ତି

ନୀଳଗିରି,୨୨।୩, (ସମିସ): ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ କାନପୁର ଗ୍ରାମର ତରୁଣ କୁମାର ଦାସଙ୍କ ପରିବାରକୁ ଉକ୍ତ ଗ୍ରାମର ପ୍ରଶାନ୍ତ ଦାସ ହଇରାଣ ହରକତ କରୁଥିବା ନେଇ ଗତ ୧୮/୩ ରେ ଅଭିଯୋଗ ହୋଇଥିଲା।



ତେବେ ପ୍ରଶାନ୍ତ ଦାସଙ୍କ ପୁଅକୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ କରି ତରୁଣ କୁମାର ଦାସଙ୍କ ବିରୋଧରେ ନୀଳଗିରି ଥାନାରେ ଦୁଇଟି ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ନେଇ ୨୦/୩ରେ ତରୁଣ କୁମାର ଦାସ ଓ ତାଙ୍କ ସ୍ତ୍ରୀ ନୀଳଗିରି ଥାନାକୁ ଆସି ପୂର୍ବରୁ ଦେଇଥିବା ଅଭିଯୋଗର ଏତଲା କପି ନେଇ ଏକ ଅଟୋରେ ଘରକୁ ଫେରୁଥିବା ସମୟରେ ଗ୍ରାମରେ ଥିବା ଠାକୁରାଣୀ ମନ୍ଦିର ନିକଟରେ ଛକି ରହିଥିବା ପ୍ରଶାନ୍ତ ଦାସ ଓ ତାଙ୍କର କିଛି ସାଙ୍ଗ ମିଶି ଅଟୋକୁ ଅଟକାଇ ଗାଳି ଗୁଲଜ କରିବା, ଟଣା ଘୋଷରା କରିଥିଲେ। ଏଥିସହ ଲୁହା ରଡ଼ରେ ତାଙ୍କ ସ୍ତ୍ରୀକୁ ପିଟିବା ଦ୍ୱାରା ସେ ରକ୍ତ ଜୁଡୁବୁଡୁ ହୋଇଥିଲେ। ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚିତ୍କାର କରୁଥିବା ବେଳେ ସାହୁ ସାହି, ସେଠୀ ସାହି ଓ ମାହାଳିକ ସାହିର ଲୋକମାନେ ପହଞ୍ଚି ଯିବାରୁ ସେଠାରୁ ସେମାନେ ଫେରାର ହୋଇ ଯାଇଥିଲେ। ଗଲାବେଳେ ତାଙ୍କ ଝିଅକୁ ଧର୍ଷଣ କରି ହତ୍ୟା କରିବୁ ବୋଲି ଧମକ ଦେଇଯାଇଥିଲେ।

# କବିତା ସଂକଳନ 'ସଉଦା' ଉନ୍ମୋଚିତ

ବାଲେଶ୍ୱର,୨୨।୩(ସମିସ): କବି ପ୍ରଭାତ ଆଚାର୍ଯ୍ୟଙ୍କ କବିତା ସଂକଳନ ତଥା ନବମ ପୁସ୍ତକ 'ସଉଦା' ରେମୁଣା ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଲୋକାର୍ପିତ ହୋଇଯାଇଛି। ଏ ନେଇ ଆୟୋଜିତ ଉତ୍ସବରେ ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ଶିରୀଶ ଚନ୍ଦ୍ର ଜେନା, ମୁଖ୍ୟ ବକ୍ତା କବି ପ୍ରଶାନ୍ତ ଦାସ, ରେମୁଣା ସାହିତ୍ୟ ସଂସଦ ସଭାପତି ଡା. ସତ୍ୟରଞ୍ଜନ ଦାସ, ସମ୍ମାନିତ ଅତିଥି ଦୀପକ ବୋଷ, ନିରଞ୍ଜନ ସାହୁ ପ୍ରମୁଖ ଯୋଗଦାନ କରି ପୁସ୍ତକର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କବି ଶ୍ରୀ ଆଚାର୍ଯ୍ୟ ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରକାଶକ କିଶୋର କୁମାର ମହାପାତ୍ର ନିଜସ୍ୱ ଅଭିମତ ଦେଇଥିଲେ। ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା



ବେଳେ କଲ୍ୟାଣୀ ନନ୍ଦ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଭା ପରେ ଏକ ମନୋଜ୍ଞ କବିତା ପାଠୋତ୍ସବ କବି ମଧୁସୂଦନ ମିଶ୍ର ଓ କବୟିତ୍ରୀ ତାନଶ୍ରୀ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ବ୍ରଜେନ୍ଦ୍ର ନାଥ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଶାନ୍ତନୁ ପଟ୍ଟନାୟକ, ମୁଖ୍ୟ ବକ୍ତା ସମରେନ୍ଦ୍ର ନାଥ ମହାପାତ୍ର ଯୋଗ ଦେଇଥିଲେ। କବିତା ପାଠୋତ୍ସବରେ ୪୦ ରୁ ଊର୍ଦ୍ଧ୍ୱ କବି କବୟିତ୍ରୀ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶ୍ୱାତୀ ଆଚାର୍ଯ୍ୟ, ବିଦ୍ୟା ମଞ୍ଜୁଳା ଆଚାର୍ଯ୍ୟ, ପୂର୍ଣ୍ଣ ଶ୍ଳୋକ ପଣ୍ଡା, ବ୍ରତ ସ୍ନିଗ୍ଧା ଆଚାର୍ଯ୍ୟ, ଜ୍ୟୋତ୍ସ୍ନା ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ। ଏହି ସଭାରେ ଶିଶୁ ସାହିତ୍ୟିକ ରାଧାଶ୍ୟାମ ମହାନ୍ତିଙ୍କ 'ଜାଗୃତିର ସ୍ୱପ୍ନ' ଉନ୍ମୋଚିତ ହୋଇଥିଲା। ଶେଷରେ ଶମ୍ଭୁ ଦତ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

● 'ସ୍ରଷ୍ଟା' ପକ୍ଷରୁ ନାଟ୍ୟ-ରଚନା ପ୍ରତିଯୋଗିତା

# 'ଦି ଲାଷ୍ଟ ପେଗ୍' ପ୍ରଥମ, ସ୍ୱତନ୍ତ୍ର ପୁରସ୍କାର ପାଇବ 'ସର୍ଗୀଫୁଲ'

ବାଲେଶ୍ୱର,୨୨।୩(ସମିସ): 'ସ୍ରଷ୍ଟା, ବାଲେଶ୍ୱର ପକ୍ଷରୁ ଆୟୋଜିତ ନାଟ୍ୟ ରଚନା ପ୍ରତିଯୋଗିତାର ଫଳାଫଳ ପ୍ରକାଶିତ ହୋଇଛି। ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ନାଟ୍ୟକାର ସୁଶାନ୍ତ କୁମାର ଦାସଙ୍କ 'ଦି ଲାଷ୍ଟ ପେଗ୍', ଦ୍ୱିତୀୟ ସ୍ଥାନରେ ନାଟ୍ୟକାର ଅଭିଜିତ୍ ମିଶ୍ରଙ୍କ 'ବିଶ୍ୱାସଘାତକ' ଏବଂ ତୃତୀୟ ସ୍ଥାନରେ ନାଟ୍ୟକାର ଜ୍ୟୋତ୍ସ୍ନାରାଣୀ ପଣ୍ଡାଙ୍କ 'ଚାଲ ଫେରିଯିବା' ଏବଂ ନାଟ୍ୟକାର ପ୍ରିୟମ୍ବଦ ପଟ୍ଟନାୟକଙ୍କ 'ଭଡ଼ାଘର' ରହିଛି। ସେହିପରି ନାଟ୍ୟକାର ବିରୁପାକ୍ଷ ପ୍ରଧାନଙ୍କ 'ସର୍ଗୀଫୁଲ' ସ୍ୱତନ୍ତ୍ର ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛି। ତେବେ ଏହି ପାଞ୍ଚୋଟି ନାଟକକୁ ନେଇ ଏକ ନାଟ୍ୟ ସଂକଳନ ପ୍ରକାଶ କରାଯିବ ଏବଂ ଏକ ସ୍ୱତନ୍ତ୍ର ଉତ୍ସବରେ (ସଂକଳନ ଉନ୍ମୋଚନ) ନାଟ୍ୟକାରମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଆସନ୍ତା ବିଶ୍ୱନାଟ୍ୟ ଦିବସରେ ପୁରସ୍କୃତ ନାଟ୍ୟକାରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ



ଜଳେଶ୍ୱର,୨୨।୩ (ସମିସ): ଭାରତୀୟ ଜନତା ପାର୍ଟି ତରଫରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ଜଳେଶ୍ୱର ନଗର ମଣ୍ଡଳ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜଳେଶ୍ୱର ମହିଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା (ଉତର) ସଭାପତି ପ୍ରଦୀପ କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ଜଳେଶ୍ୱର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ, ନଗର ପ୍ରଶିକ୍ଷଣ ପ୍ରଭାରୀ ତପନ କୁମାର ବିଶ୍ୱାଳ, ଯୁବ ନେତା କାଳୀଚରଣ ଦାସ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ପ୍ରାରମ୍ଭରେ କାଉନସିଲର ଶିବନାରାୟଣ ମହାପାତ୍ର ଅତିଥି ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୁବ ନେତା ରାଜେଶ ଖଟୁଆ, ତାପସ ପାଣିଗ୍ରାହୀ, ସମର କରଣ, କାଉନସିଲର୍ ଚନ୍ଦନ କୁମାର ଦାସ, ବନମାଳୀ ଧଳ, ସୁଶାନ୍ତ କୟାଳ, ସାଧାରଣ ସଂଗଠକ ବରେନ୍ଦ୍ର ପରିଡ଼ା, ଅନନ୍ତ ଦାସ, ମୁକ୍ତାରାଣୀ ପାଳ, ଗୀତାଞ୍ଜଳି ବେହେରା, ମାଳତୀ ଲତା ଦତ୍ତ, ନମିତା ଦାସ, ମଞ୍ଜୁଲତା ଘୋଷ, ସୁଭଦ୍ରା ବେହେରା ପ୍ରମୁଖ ଯୋଗ ଦେଇଛନ୍ତି।

# ବଢୁଛି ବେଆଇନ ଇଟାଭାଟି; ପ୍ରଶାସନ ନିରବ

ବାଲେଶ୍ୱର,୨୨।୩ (ରୁଚିକ ରଞ୍ଜନ ମହାପାତ୍ର): ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ୍ ଦହପଡ଼ା ଏବଂ ସଦର ବ୍ଲକ୍‌ର ନଗରମ ଓ ଫୁଲଡ଼ି ଅଞ୍ଚଳରେ ବେଆଇନ ଇଟା ଭାଟି ବଢ଼ିବାରେ ଲାଗିଛି। ଯାହା ଜିଲ୍ଲାର ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ଆଶ୍ଚର୍ଯ୍ୟର କଥା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ମାତ୍ର ୨ କିମିରୁ ୫ କିଲୋମିଟର ପରିଧି ମଧ୍ୟରେ ୧୦ରୁ ଅଧିକ ବେଆଇନ ଇଟା ଭାଟି ଦିନରାତି ଚାଲୁଥିବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ, ତହସିଲ ପ୍ରଶାସନ, ଉପଜିଲ୍ଲାପାଳ, ଖଣି ବିଭାଗ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମସ୍ତେ ନିର୍ବିକାର ଭାବେ ଦେଖଣାହାରି ସାଜିଛନ୍ତି। ଏହା କେବଳ ଅବହେଳା ନୁହେଁ, ବରଂ ନେତା ଓ କିଛି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ମିଳିତ ଚକ୍ରାନ୍ତ ମାଧ୍ୟମରେ ଏହି ବେଆଇନ କାରବାର ଚାଲିଥିବା ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି।



ସୂଚନା ଅନୁଯାୟୀ, ଏହି ଅଞ୍ଚଳରେ ବେଆଇନ ଭାବେ ସରକାରୀ ଜମି ଓ ଚାଷ ଜମିରୁ ବିଶାଳ ପରିମାଣରେ ମାଟି ଉଠାଯାଉଛି, ଯାହା ଫଳରେ କେବଳ ଜମିର ଉର୍ବରତା ନଷ୍ଟ ହେଉଛି, ତାହା ନୁହେଁ, କୋଟି କୋଟି ଟଙ୍କାର ସରକାରୀ ରାଜସ୍ୱରେ ମଧ କ୍ଷତି ସହୁଛନ୍ତି ସରକାର। ଖଣି ବିଭାଗର ଭାରପ୍ରାପ୍ତ ଅଧିକାରୀ ପର୍ଶୁରାମ ଜେନା କଥା ପ୍ରସଙ୍ଗରେ ଦେଇଥିବା ମତାମତ ଏହି ଘଟଣାରେ ଆହୁରି ଗୁରୁତ୍ୱ ଯୋଗାଇଛି, ସେ କହିଛନ୍ତି ଯେ ବେଆଇନ ଖଣିଜ ପଦାର୍ଥ ବୋଝେଇ ଗାଡ଼ି ଅଟକାଇଲେ ନେତା ଏବଂ ନେତାଙ୍କ ସମ୍ପର୍କୀୟଙ୍କ ଫୋନ ଆସି ଗାଡ଼ି ଛାଡ଼ିବାକୁ ଚାପ ପକାଯାଉଛି। ଏଥିରୁ ସ୍ପଷ୍ଟ ହେଉଛି ଯେ ଏହି ଅବୈଧ ଲଘୁ ଖଣିଜ ପଦାର୍ଥ ଲୁଟ କାରବାର ପଛରେ ଶକ୍ତିଶାଳୀ ହାତ ରହିଛି। ଏହି ବେଆଇନ ଇଟା ଭାଟିଗୁଡ଼ିକରେ ଟନ୍ ଟନ୍ କୋଇଲା ପୋଡ଼ାଯାଉଥିବା ବେଳେ ଚିମିନିରୁ ନିର୍ଗତ ହେଉଥିବା କଳା ଧୂଆଁ ପରିବେଶକୁ ବିଶେଷ ଭାବରେ ପ୍ରଦୂଷିତ କରୁଛି। ଏହା ସହିତ ଭୂତଳ ଜଳର ଅତ୍ୟଧିକ ବ୍ୟବହାର ଫଳରେ ଜଳସ୍ତର ଦିନକୁ ଦିନ କମିଯାଉଛି, ଯାହା ଆଗାମୀ ଦିନରେ ଗଭୀର ପାନୀୟ ଜଳ ସଙ୍କଟ ସୃଷ୍ଟି କରିପାରେ।

## ନେତା-ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ରାଜସ୍ୱ ଫାଙ୍କି

ଅଞ୍ଚଳର ଚାଷୀମାନେ ମଧ ଏହାର ପ୍ରଭାବରେ ଭୟଙ୍କର କ୍ଷତିଗ୍ରସ୍ତ ହେଉଛନ୍ତି, କାରଣ ଚାଷ ଜମିରୁ ବେଆଇନ ଭାବେ ମାଟି ଉଠାଯାଇ ଜମିକୁ ଅବବ୍ୟବହାର ଯୋଗ୍ୟ କରାଯାଉଛି। ଅନ୍ୟପଟେ, ଏହି ବେଆଇନ ଭାଟି କାରବାରରେ ଜଡିତ ମାଫିଆମାନେ ଦିନକୁ ଦିନ ମାଲେମାଲ ହେଉଥିବା ବେଳେ ପ୍ରଶାସନ ସ୍ଥାଣୁ ପାଲଟିବା ଘଟଣା ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ କ୍ଷୋଭ ସୃଷ୍ଟି ହୋଇଛି। କିଏ ଦେଉଛି ଏହି ବେଆଇନ ଭାଟିମାନଙ୍କୁ ସୁରକ୍ଷା, କାହିଁକି ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ନେବାରେ ଅସମର୍ଥ, ନେତା ଓ ପ୍ରଶାସନ ମିଳିତ ଭାବେ ଏହି ରାଜସ୍ୱ ଲୁଟକୁ ପ୍ରୋତ୍ସାହନ ଦେଉଛନ୍ତି କି ବୋଲି ପ୍ରଶ୍ନ ଉଠିଛି। ଦହପଡ଼ା, ଫୁଲାଡ଼ି ଅଞ୍ଚଳରୁ ପ୍ରତିଦିନ ବୁଢ଼ାବଳଙ୍ଗ ନଦୀ ଏବଂ ନଦୀ ପଠାରୁ ହଜାର ହଜାର ଟ୍ରିପ ବାଲି ଏବଂ ମାଟି ଚୋରା ଚାଲାଣ ହେଉଥିବା ବେଳେ ଜିଲ୍ଲା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଏମିତି କି ଖୋଦ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୨ କିମି ଲୁଣିଆଯୋଡ଼ି ପୋଲ ନିକଟବର୍ତ୍ତୀ ଅଞ୍ଚଳରୁ ଦହପା ଅଞ୍ଚଳ ପର୍ଯ୍ୟନ୍ତ ଅର୍ଥାତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୨ ରୁ ୫ କିମି ପରିଧି ମଧ୍ୟରେ ବେଆଇନ ଇଟା ଭାଟି ଚାଲୁଥିବା ସ୍ଥଳେ ଜିଲ୍ଲାପାଳ ଘଟଣା ଉପରେ କୋଠର ପଦକ୍ଷେପ ଗ୍ରହଣ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। କେବଳ ଜିଲ୍ଲାପାଳ ନୁହଁ, ଜିଲ୍ଲା ପ୍ରଶାସନର ଦାୟିତ୍ୱ ଅଧିକାରୀବି ସ୍ଥାଣୁ ପାଲଟିଛନ୍ତି। କାହା ଚାପରେ ଜିଲ୍ଲା ପ୍ରଶାସନ ଚୁପ। ରେମୁଣା ତହସିଲଦାର ମାଟି ବାଲି ସହ ଇଟାଭାଟି ରାଜସ୍ୱ ବିଭାଗ ଅଧୀନରେ ନାହିଁ, ତାହା ଖଣି ବିଭାଗ ଅଧୀନରେ ବୋଲି କହି ଖସି ଯାଉଛନ୍ତି। ସେପଟେ ଖଣି ବିଭାଗ ମଧ ଇଟାଭାଟିରେ ବ୍ୟବହୃତ ମାଟି ଖଣି ବିଭାଗ ଅଧୀନରେ ନୁହଁ, କେବଳ ବାଲି ଆମ ଅଧୀନରେ ଆସୁଛି କହୁଥିବା ବେଳେ ଉପ ଜିଲ୍ଲାପାଳଙ୍କ ମନ୍ତବ୍ୟ ମଧ ସମସ୍ତ ଙ୍କୁ ତାଜୁବ କରିଛି। ଏହି ସମଗ୍ର ଘଟଣାରେ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଜଡିତ ମାଫିଆ ଓ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣ ଲୋକେ ଦାବି କରିଛନ୍ତି।

## ଯାହା କୁହନ୍ତି ଅଧିକାରୀ...



ବେଆଇନ ଇଟା ଭାଟି ସମ୍ପର୍କରେ ଆମ ନିକଟରେ କୌଣସି ସୂଚନା ନାହିଁ। ରାଜସ୍ୱ କଲେକ୍ସନ ଠାରୁ ସବୁ କିଛି ଖଣି ବିଭାଗ ଅଧୀନରେ ରହିଛି, ସବୁ କିଛି ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି। ଖଣି ବିଭାଗ ସେ ସମ୍ପର୍କରେ ଉତ୍ତର ଦେଇପାରିବ।

**ଭର୍ତ୍ତୃହରି ଭୂୟାଁ, ତହସିଲଦାର, ରେମୁଣା**




ବେଆଇନ ଖଣିଜ ପଦାର୍ଥ ଚୋରା ଚଲାଣ ହେଉଥିବା ଗାଡିକୁ ଧରିଲେ ଗାଡ଼ି ଛାଡ଼ିବା ପାଇଁ ନେତା ଏବଂ ନେତାଙ୍କ ସମ୍ପର୍କୀୟଙ୍କ ଚାପ ପଡୁଛି। ଏମିତି କି ଗୋଟିଏ ବି ଇଟା ଭାଟି ଚାଲିବା ପାଇଁ ଆମ ନିକଟରୁ ପରିମିସନ ନେଇ ନାହାନ୍ତି।

**ପର୍ଶୁରାମ ଜେନା, ଭାରପ୍ରାପ୍ତ ଖଣି ଅଧିକାରୀ, ବାଲେଶ୍ୱର**



ଦହପଡ଼ାରେ ଗୋଟିଏ ମାତ୍ର ଇଟା ଭାଟି ଚାଲୁଥିଲା, ତାହାକୁ ବନ୍ଦ କରି ଆସିଛି, ଇଟା ଭାଟି ଭାଙ୍ଗିବା ସମ୍ଭବ ହେଉ ନାହିଁ, ଗୋଟିଏ ଇଟା ଭାଟି ଭାଙ୍ଗିବାକୁ ଗୋଟିଏ ଦିନ ସମୟ ଲାଗିବ। ତେଣୁ ଇଟା ଭାଟି ରଖୁଥିବା ମାଟି ଓ ବାଲିର ଷ୍ଟକକୁ ଆଧାର କରି ଫାଇନ କରାଯାଉଛି। ଭାଟିରେ ପାଣି ପକାଇ ଇଟାକୁ ନଷ୍ଟ କରାଯାଇପାରିବ। ଇଟାଭାଟି ବନ୍ଦ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଶିବ ମାଲବ୍ୟ, ଉପ ଜିଲ୍ଲାପାଳ, ବାଲେଶ୍ୱର**




> ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଅସମ୍ମାନ ପ୍ରସଙ୍ଗ

# ଉତ୍କଳ ସମ୍ମିଳନୀ କମିଟିର କ୍ଷୋଭ; ଭୁଲ୍ ସୁଧାରିଲା ପ୍ରଶାସନ

ଚନ୍ଦନେଶ୍ୱର,୨୨।୩(ସମିସ)

ଉତ୍କଳ ଗୌରବ ମଧୁସୂଦନ ଦାସ ଓଡ଼ିଆ ଜାତିର ସ୍ୱାଭିମାନ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ ଶିଳ୍ପୀ। ତାଙ୍କୁ ଅସମ୍ମାନ କରିବା ବା ତାଙ୍କର ଅବଦାନକୁ ଅଣଦେଖା କରିବା ଓଡ଼ିଆ ଅସ୍ମିତା ଉପରେ ଆଘାତ ସଦୃଶ। ଜଣେ ମହାନ ନେତା, ଆଇନଜୀବୀ ଓ ସମାଜ ସଂସ୍କାରକଙ୍କୁ ଯଥୋଚିତ ସମ୍ମାନ ଦେବା ପ୍ରତ୍ୟେକ ଓଡ଼ିଆର କର୍ତ୍ତବ୍ୟ ହୋଇଥିଲା ବେଳେ ବାଲେଶ୍ୱର ଜିଲ୍ଲାର ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ସାହାବାଜିପୁର ବର୍ଡରରେ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଭୋଗରାଇ ଗସ୍ତରେ ଆସିଥିବା ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ ଦଳ ଏନେଇ କ୍ଷୋଭ ପ୍ରକାଶ କରିବା ସହିତ ସ୍ଥାନୀୟ ପୁଲିସ ପ୍ରଶାସନକୁ ଚେତାବନୀ ଦେଇଛି। ଫଳରେ



ତୁରନ୍ତ ପ୍ରଶାସନ ନିଜର ଭୁଲକୁ ସୁଧାରି ନେଇଛି। ସୂଚନା ମୁତାବକ, ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ସାହାବାଜିପୁରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିକୁ ପଛକରି ତାଳସାରି ସାମୁଦ୍ରିକ ଥାନା ପୁଲିସ ପକ୍ଷରୁ ପ୍ରତିମୂର୍ତ୍ତି ସମ୍ମୁଖରେ ପୁଲିସ ଚୌକି ବସାଇଥିଲେ। ରବିବାର ଅପରାହ୍ଣରେ ଭୋଗରାଇ ଗସ୍ତରେ ଆସିଥିବା ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟିର ରାଜ୍ୟ ସଭାପତି ତଥା କୃଷି ବୈଜ୍ଞାନିକ ଡଃ ଅଦ୍ୱୈତ୍ୟ ପାତ୍ର ସୀମାନ୍ତରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି ପରିଦର୍ଶନ କରିବାକୁ ଆସି ପୁଲିସର ଚୌକି ଦେଖି ବିରକ୍ତ ହୋଇଥିଲେ। ତୁରନ୍ତ ତାଳସାରୀ ସାମୁଦ୍ରିକ ଥାନାକୁ ଯାଇ ମଧୁବାବୁଙ୍କ ଅବଦାନ ସମ୍ପର୍କରେ ଥାନା ଅଧିକାରୀଙ୍କୁ ଅବଗତ କରି କହିଥିଲେ, ୧୮୪୮ ଏପ୍ରିଲ ୨୮ରେ ଜନ୍ମିତ ମଧୁସୂଦନ ଦାସ ଓଡ଼ିଶାର ପ୍ରଥମ ବାରିଷ୍ଟର ଥିଲେ। ସେ ଉତ୍କଳ ସମ୍ମିଳନୀ ମାଧମରେ ଓଡ଼ିଆଙ୍କୁ ଏକଜୁଟ କରିଥିଲେ। ତାଙ୍କୁ 'ଉତ୍କଳ ଗୌରବ' ଉପାଧିରେ ଭୂଷିତ କରାଯାଇଛି। ତାଙ୍କ ଜୟନ୍ତୀ ଓ ସ୍ମୃତି ଚାରଣ ଅବସରରେ ତାଙ୍କ ଆଦର୍ଶକୁ ପାଳନ କରିବା ସହ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଏ। ମଧୁସୂଦନ ଦାସଙ୍କ ଭଳି ମହାପୁରୁଷଙ୍କୁ ଅସମ୍ମାନ କରିବା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ଏହା କହିବା ପରେ ଥାନାଅଧିକାରୀ ତୁରନ୍ତ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରୁ ପୁଲିସ ଚୌକିକୁ ଉଠାଇ ନେଇ ଅନ୍ୟତ୍ର ବସାଇଥିବା ଦେଖିବାକୁ ମିଳିଛି।



## ଆଶା ଦିଦିଙ୍କୁ ମାଧ୍ୟମ କରି ସାଇବର ଠକଙ୍କ ନୂଆ ଚାଲ୍

# ଗର୍ଭବତୀ ଓ ପ୍ରସୂତିଙ୍କୁ ଟାର୍ଗେଟ୍ କରି ଲୁଟ୍

କେନ୍ଦ୍ରାପଡ଼ା,୨୨।୩(ସମିସ)

ରାଜ୍ୟରେ ସାଇବର ଠକେଇ ଦିନକୁ ଦିନ ନୂଆ ରୂପ ନେଉଥିବାବେଳେ ଏବେ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଟାର୍ଗେଟ୍ କରି ଏକ ନୂଆ ଚକ୍ରାନ୍ତ ଚାଲୁଥିବା ଘଟଣା କେନ୍ଦ୍ରାପଡ଼ା ଜିଲ୍ଲାରୁ ସାମ୍ନାକୁ ଆସିଛି। ସରକାରୀ ଯୋଜନାର ଲାଭ ଦେବା ନାଁରେ ଠକ ଆଶା କର୍ମୀଙ୍କୁ ମାଧ୍ୟମ କରି ମହିଳାଙ୍କ ଫୋନ୍ ନମ୍ବର ସଂଗ୍ରହ କରି ପରେ ଲିଙ୍କ ପଠାଇ ଆକାଉଣ୍ଟ ଖାଲି କରୁଛନ୍ତି। ପଟ୍ଟାମୁଣ୍ଡାଇ ଓ ଡେରାବିଶ ଅଞ୍ଚଳରେ ଏଭଳି ତିନୋଟି ଘଟଣା ଘଟିଥିବାବେଳେ ଦୁଇଜଣ ପ୍ରସୂତି ଓ ଜଣେ ଗର୍ଭବତୀ ମହିଳା ସାଇବର ଲୁଟ୍‌ର ଶିକାର ହୋଇଛନ୍ତି। ଦୁଇ ଦିନରେ ୧ ଲକ୍ଷ ଟଙ୍କାରୁ ଅଧିକ ରାଶି ଠକେଇ ହୋଇଥିବା ଅଭିଯୋଗ ହୋଇଛି।

ଡେରାବିଶ ଥାନା ଅଧୀନ ବିଶୋକ ଗ୍ରାମର ସୁନୀତା ବାରିକ ନାମକ ଜଣେ ୫ ମାସର ଗର୍ଭବତୀ ମହିଳାଙ୍କୁ ମମତା ଯୋଜନାର ପ୍ରଥମ କିସ୍ତି ମିଳିବା କହି ଏକ ଅଜଣା ବ୍ୟକ୍ତି ଫୋନ୍ କରିଥିଲେ। ପରେ ହ୍ୱାଟସଅପ୍ ମାଧ୍ୟମରେ ଏକ ଲିଙ୍କ ପଠାଇ ଏହାକୁ ଖୋଲିବାକୁ କହିଥିଲେ। ଲିଙ୍କରେ କ୍ଲିକ୍ କରିବା ସହିତ ତାଙ୍କ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମେ ୮୧ ହଜାର ଟଙ୍କା କଟିଯାଇଥିଲା। ସେହିପରି ପଟ୍ଟାମୁଣ୍ଡାଇର ବଳଭଦ୍ରପୁର ଗାଁର ପ୍ରସୂତି ମିନତୀ ଦାସଙ୍କୁ ମଧ୍ୟ ସରକାରୀ ଆର୍ଥିକ ସହାୟତା ମିଳିବା ନାଁରେ ଲିଙ୍କ ପଠାଇ ୧୮,୪୦୦ ଟଙ୍କା ଲୁଟି ନେଇଥିଲେ। ଏହି ଗାଁର ଅନ୍ୟ ଜଣେ ପ୍ରସୂତିଙ୍କୁ ମଧ୍ୟ ପ୍ରାୟ ୪ ହଜାର ଟଙ୍କା ଠକେଇ କରାଯାଇଥିବା ଜଣାପଡ଼ିଛି। ଏହି ଘଟଣାର ସବୁଠାରୁ ଚିନ୍ତାଜନକ ଘଟଣା ହେଉଛି ଠକମାନେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ସେବାର ମୁଖ୍ୟ ଭିତ୍ତି ଆଶା କର୍ମୀଙ୍କୁ ଲକ୍ଷ୍ୟ

- ମମତା ଯୋଜନା ନାଁରେ ଲିଙ୍କ୍ ପଠାଇ ଠକେଇ
- କେନ୍ଦ୍ରାପଡ଼ାରେ ତିନି ମହିଳା ଠକେଇର ଶିକାର

କରୁଛନ୍ତି। ସେମାନେ ନିଜକୁ ଜିଲ୍ଲା କିମ୍ବା ଦିଲ୍ଲୀ ହେଡ୍ ଅଫିସର ଅଧିକାରୀ ପରିଚୟ ଦେଇ ଆଶା ଦିଦିଙ୍କୁ ଫୋନ୍ କରି ଅଞ୍ଚଳରେ କେତେଜଣ ଗର୍ଭବତୀ ଓ ପ୍ରସୂତି ଅଛନ୍ତି ବୋଲି ପଚାରୁଛନ୍ତି। ପରେ ଚାକିରି ନେଇ ଧମକ ଦେଇ ସେମାନଙ୍କ ଫୋନ୍ ନମ୍ବର ନେଉଛନ୍ତି। କିଛି ଘଟଣାରେ ଆଶା କର୍ମୀଙ୍କୁ କନଫରେନ୍ସ କଲରେ ରଖି ଶିକାରମାନଙ୍କ ସହ କଥା ହେଉଥିବା ମଧ୍ୟ ଦେଖାଯାଇଛି। ଫଳରେ ପ୍ରତାରଣାରେ ବିଶ୍ୱାସ ବଢୁଛି। ସୁନୀତା ବାରିକଙ୍କ ପରିବାର ଘର ନିର୍ମାଣ ପାଇଁ ଧାର କରି ରଖିଥିବା ଟଙ୍କା ଏହି ଠକେଇରେ ହରାଇଥିବାରୁ ପରିବାର ଅସହାୟ ହୋଇପଡ଼ିଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଦୁଇଦିନ ଧରି ଘରେ ଖାଇବା ପର୍ଯ୍ୟନ୍ତ ସମସ୍ୟା ସୃଷ୍ଟି ହୋଇଛି। ଜିଲ୍ଲା ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି ଯେ ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କୁ ଏ ନେଇ ପୂର୍ବରୁ ସଚେତନ କରାଯାଇଥିଲେ ମଧ୍ୟ ଠକମାନେ ନୂଆ ଉପାୟ ଆପଣାଇଛନ୍ତି। ଏବେ ସେମାନଙ୍କୁ ଆହୁରି ସଚେତନ କରାଯିବ। ସାଇବର ପୁଲିସ ପକ୍ଷରୁ ମଧ୍ୟ ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ସୂଚନା ମିଳିଛି। ବିଶେଷଜ୍ଞଙ୍କ ମତରେ ଅଜଣା ନମ୍ବରରୁ ଆସୁଥିବା କଲ୍‌କୁ ବିଶ୍ୱାସ କରନ୍ତୁ ନାହିଁ। କୌଣସି ଲିଙ୍କ କ୍ଲିକ୍ କରିବା ପୂର୍ବରୁ ସତର୍କ ହୁଅନ୍ତୁ। ଓଟିପି, ବ୍ୟାଙ୍କ ତଥ୍ୟ କାହାରିକୁ ଦିଅନ୍ତୁ ନାହିଁ। ସନ୍ଦେହଜନକ ଘଟଣା ହେଲେ ତୁରନ୍ତ ସାଇବର ହେଲ୍‌ପଲାଇନ୍‌କୁ ସମ୍ପର୍କ କରନ୍ତୁ। ସରକାରୀ ବ୍ୟବସ୍ଥା ସହ ସାଧାରଣ ଲୋକଙ୍କ ସଚେତନତା ହିଁ ଏପରି ଅପରାଧକୁ ରୋକିବାରେ ମୂଳ ଭୂମିକା ନେବ ବୋଲି ମତ ପ୍ରକାଶ ପାଇଛି।

## ବ୍ଲକ୍‌ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା,୨୨।୩(ସମିସ): କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଖେଳ ପଡିଆରେ ବ୍ଲକସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୁବ କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ କରି ତାଙ୍କୁ ଆଗକୁ ଆଣିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଥିଲା। ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଖୋ-ଖୋ ପାଇଁ ପ୍ରତିଭା ଚୟନ ଏହି କାର୍ଯ୍ୟକ୍ରମରେ ୮ରୁ ୧୪ ବର୍ଷ ବୟସ୍କ ବର୍ଗର ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ କ୍ରୀଡ଼ା କୌଶଳ ପରୀକ୍ଷା ମାଧ୍ୟମରେ ଖୋ-ଖୋ ଖେଳ ପାଇଁ ଯୋଗ୍ୟ ପ୍ରତିଭାଙ୍କୁ ଚୟନ କରାଯାଇଥିଲା। ଅଧିକାରୀ ଓ ଶିକ୍ଷକଙ୍କ ସହଯୋଗରେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଅନ୍ୟ କ୍ରୀଡ଼ା ବିଭାଗ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପିଇଟି ଉମାକାନ୍ତ କର, ବନମ୍ବର ଜେନା, ଟୁଲୁ ମଲିକ, ଶଶୀରେଖା ସାହୁ, ପଙ୍କଜ ସାହୁ ଓ ଦିବ୍ୟ ମହାଳିକ ପ୍ରମୁଖ ସହଯୋଗ କରିଥିଲେ।

## ବଡ଼ଭାଇଙ୍କ ବିୟୋଗ ଖବର ପାଇ ସାନଭାଇଙ୍କ ମୃତ୍ୟୁ



କେନ୍ଦ୍ରାପଡ଼ା,୨୨।୩(ସମିସ): ବଡଭାଇଙ୍କ ମୃତ୍ୟୁର ମାତ୍ର କେତେ ଘଣ୍ଟା ପରେ ସାନଭାଇଙ୍କ ମୃତ୍ୟୁ ଘଟଣା ଅଞ୍ଚଳବାସୀଙ୍କୁ ଶୋକାଭିଭୂତ କରିଛି। ଏଭଳି ଦୁଃଖଦ ଘଟଣା କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଚଉଦକୁଲାଟ ଗ୍ରାମରେ ଘଟିଛି। ଚଉଦକୁଲାଟ ଗ୍ରାମର ଅବସରପ୍ରାପ୍ତ ବନ ବିଭାଗ ଅଧିକାରୀ ଉମେଶ ମହାନ୍ତି (୭୯) ଦୀର୍ଘଦିନ ହେବ ଅସୁସ୍ଥତା ଥାଇ ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱରରେ ମୃତ୍ୟୁବରଣ କରିଛନ୍ତି। ତାଙ୍କ ବିୟୋଗ ଖବର ଚଉଦକୁଲାଟ ଗ୍ରାମରେ ପହଞ୍ଚିବା ପରେ ସାନଭାଇ ନିମାଇଁ ଚରଣ ମହାନ୍ତି(୭୮) ଅତ୍ୟନ୍ତ ମ୍ରିୟମାଣ ହୋଇପଡିଥିଲେ। ଶନିବାର ସକାଳେ ସେ ଘରେ ବସିଥିବାବେଳେ ହଠାତ ଟଳିପଡିଥିଲେ। ତାଙ୍କୁ ଡାକ୍ତରଖାନାକୁ ନିଆଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ପରିବାର ସୂତ୍ରରୁ ଜଣାପଡିଛି। ଉମେଶଙ୍କ ଶେଷକୃତ୍ୟ ଶୁକ୍ରବାର ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଥିବାବେଳେ ନିମାଇଁଙ୍କ ମୃତଦେହ ଗ୍ରାମ ପରିକ୍ରମା କରିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ନିମାଇଁ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜଣେ ରାଜସ୍ୱ କର୍ମଚାରୀ ଥିଲେ।

### ● ନିଖୋଜ ମହିଳାଙ୍କୁ ଚୋର ଭାବି ବାନ୍ଧି ପିଟିଲେ

## ପୁଲିସ ଉଦ୍ଧାର କରି ଘରେ ଛାଡ଼ିଲା

ପଞ୍ଚୁପାଣ୍ଡବ,୨୨।୩(ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମର ଜଣେ ମହିଳା ବାପା ଘରକୁ ଯିବା କହି ଗାଡ଼ିରୁ ଓହ୍ଲାଇ କେଉଁ ଆଡେ ନିଖୋଜ ହୋଇଥିଲେ। କୈଳାସ ଜେନାଙ୍କ ପତ୍ନୀ ଚୁମୁକି ଗିରି ସକାଳୁ ତାଙ୍କ ଭାଇ ସାଙ୍ଗରେ ବାପା ଘରକୁ ବସ୍‌ରେ ଯାଇଥିଲେ। ବସ୍ ଚକା ଲିକ୍ ହୋଇଯିବାରୁ ବାଟରେ ଭାଇକୁ ଛାଡ଼ି ନିଜେ ଓହ୍ଲାଇଯାଇଥିଲେ। ନିଖୋଜ ଥିବା ମହିଳାଙ୍କୁ ପରିବାର ଲୋକ ଦିନ ସାରା ଖୋଜି ନିରାଶ ହୋଇଥିଲେ। ଚାଟରାଚକଡା ଗ୍ରାମରେ ବୁଲୁଥିବାବେଳେ ଚୋର ଭାବି ଗ୍ରାମର କିଛି ବ୍ୟକ୍ତି ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଡେରାବିଶ ଥାନା ଆଆଇସି ଅମ୍ବିକା ପ୍ରସାଦ ଦାସ ଖବର ପାଇ ମହିଳାଙ୍କୁ ଉଦ୍ଧାର କରି ତାଙ୍କ ଶାଶୂ ଘର ପରିବାରକୁ ଜିମା ଦେଇଥିବା ଜଣାପଡ଼ିଛି।

## ରାସ୍ତାରେ ପଡ଼ିଥିବା ବାଲିରେ ଖସି ୨ ଗୁରୁତର

ଡେରାବିଶ, ୨୨।୩(ସମିସ): ଡେରାବିଶ ବ୍ଲକ୍ ଅଞ୍ଚଳର ସମସ୍ତ ରାସ୍ତାରେ ଏବେ ୪ରୁ ୬ ଇଞ୍ଚ ବହଳ ବାଲି ଗଦା ହୋଇଛି। ଫଳରେ ସାଇକଲ, ବାଇକ, ତିନିଚକିଆ ଯାନ ବାଲି ଯୋଗୁଁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅର୍ତାମୂଳ ବାଲିଘାଟରୁ ଚାନ୍ଦୋଳ ଯାଏ ରହିଥିବା ଦୁଇଟି ରାସ୍ତା ଦାନପୁର-ଚାନ୍ଦୋଳ ଓ ଅର୍ତାମୂଳ-ଚାନ୍ଦୋଳ ରାସ୍ତାରେ ଜମା ହୋଇଥିବା ବାଲି ଯୋଗୁ ଦୈନିକ ଦୁର୍ଘଟଣା ଘଟୁଛି। ଗତକାଲି ରାତିରେ ହରିଅଙ୍କ ପଞ୍ଚାୟତର ବିଜୟ ପରିଡ଼ା ଓ ଜୟନ୍ତ ସ୍ୱାଇଁ ବାଇକ୍‌ରେ ଯାଉଥିବାବେଳେ କେନାଲ୍ ବନ୍ଧ ରାସ୍ତାରେ ପଡ଼ିଥିବା ବାଲି ଅସ୍ତରଣରେ ବାଇକ୍ ସ୍ଲିପ୍ କରି ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଥିଲେ। କିଛିଦିନ ପୂର୍ବରୁ ପାଣିଓଲା-୨ ଗ୍ରାମର ସୁଖଦାନନ୍ଦ ପ୍ରଧାନ ଅନୁରୂପ ଭାବେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାଯାଇଛି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଲେ ସ୍ଥାନୀୟ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ତାଲୁକ ଆଇନ ସେବା ସମିତି ପକ୍ଷରୁ ସଚେତନତା

ରାଜନଗର,୨୨।୩(ସମିସ): ରାଜନଗର ବ୍ଲକ୍ ବାଘମାରୀ ପଞ୍ଚାୟତ କାର୍ଯ୍ୟାଳୟରେ ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷ ବିଚାରପତି ବିଦ୍ୟାଧର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ବାଲ୍ୟ ବିବାହ ଓ ବିଶ୍ୱ ଜଳ ଦିବସ ରୂପକ ସଚେତନତା



କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ସରକାରୀ ଆଇନଜୀବୀ ଧୀରେନ୍ଦ୍ର ସାହୁ, ପଟ୍ଟାମୁଣ୍ଡାଇ ବାର୍ ଆସୋସିଏସନ୍ ସହସମ୍ପାଦକ ଆଇନଜୀବୀ ମନୋଜ ନାୟକ, ଆଇନଜୀବୀ ନୟନାନନ୍ଦ ବେହୁରା, ସମାଜସେବୀ ସୁଶ୍ରୀକାନ୍ତ ପରିଡା, ସରପଞ୍ଚଙ୍କ ପ୍ରତିନିଧି ମୁକ୍ତି ପାତ୍ର ଓ ସମିତିସଭ୍ୟ ମନୋରଞ୍ଜନ ମଣ୍ଡଳ ପ୍ରମୁଖ ଯୋଗ ଦେଇ ବାଲ୍ୟ ବିବାହ ରୂପକ ବେଆଇନ୍ ବିବାହ ବନ୍ଦ କରିବା ପାଇଁ ସମସ୍ତେ ସଂକଳ୍ପ କରିଥିଲେ । ବାଘମାରୀ ପଞ୍ଚାୟତର ଶତାଧିକ ପୁରୁଷ ଓ ମହିଳା ଏଥିରେ ଯୋଗ ଦେଇଥିଲେ। ଅପର୍ଣ୍ଣା ସାମଲ, ମୋହନ ଦାଶ, ଅରବିନ୍ଦ ପଣ୍ଡା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଫ୍ରଣ୍ଟ ଅଫିସ୍ ରିଟେନର୍ ଆଇନଜୀବୀ ଗୀତାଞ୍ଜଳି ପୃଷ୍ଟି ଧନ୍ୟବାଦ ଦେଇଥିଲେ।

### ● ଜନବସତିରେ କୁକୁଡ଼ା ଫାର୍ମ

## ଦୁର୍ଗନ୍ଧରେ ନାକ ଫାଟିପଡୁଛି, ପ୍ରଶାସନକୁ ଗୁହାରି

ପଞ୍ଚୁପାଣ୍ଡବ,୨୨।୩(ସମିସ): ଡେରାବିଶ ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଥିବା କୁକୁଡ଼ା ଫାର୍ମ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଜନବସତି ମଧ୍ୟରେ ଥିବା ଏହି କୁକୁଡ଼ା ଉତ୍ପାଦନ କେନ୍ଦ୍ର ଯୋଗୁଁ ପ୍ରବଳ ଦୁର୍ଗନ୍ଧ ହୋଇ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି ଗ୍ରାମବାସୀ। ଏପରିକି ଦୁର୍ଗନ୍ଧମୟ ପରିବେଶ ଯୋଗୁଁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା କରି ଗ୍ରାମବାସୀ ପ୍ରତିବାଦ ସ୍ୱରୂପ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ତିନିବର୍ଷ ପୂର୍ବେ ପ୍ରଶାସନ ନିକଟରୁ ପ୍ରୋତ୍ସାହନ ରାଶି ପାଇ ଗ୍ରାମର ଜଣେ ବ୍ୟକ୍ତି ଏକ କୁକୁଡ଼ା ଫାର୍ମ କରିଥିଲେ। ଜନବସତି ମଧ୍ୟରେ କୁକୁଡ଼ା ଫାର୍ମ ନିର୍ମାଣ ପାଇଁ କିପରି ପଶୁ ସମ୍ପଦ ବିଭାଗ ଅନୁମତି ଦେଲେ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଜନବସତି ମଧ୍ୟରେ ଏହି ଫାର୍ମ ଯୋଗୁଁ ଏହାର ପରିଣାମ ସ୍ୱରୂପ ବହୁ ଦୁରାରୋଗ୍ୟ ଭଳି ରୋଗରେ ପୀଡିତ ହେଉଥିବା ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଜିଲ୍ଲା ପ୍ରଶାସନ ନିକଟରେ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୁକୁଡ଼ା ଫାର୍ମକୁ ବନ୍ଦ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଯଦି ପ୍ରଶାସନ ଏଥିପ୍ରତି ତୁରନ୍ତ ପଦକ୍ଷେପ ଗ୍ରହଣ ନ କରେ, ତେବେ ଗ୍ରାମବାସୀ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ଶ୍ରୀରାମ ଜନ୍ମୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ

ପଟ୍ଟାମୁଣ୍ଡାଇ,୨୨।୩(ସମିସ): ଅଳପୁଆ ଶ୍ରୀରାମ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମା' ଧାନେଶ୍ୱରୀ ପୀଠସ୍ଥ ମର୍ଯ୍ୟାଦାପୁରୁଷ ପ୍ରଭୁ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମ ଜନ୍ମୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆସନ୍ତା ୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ୨୩ ତାରିଖରେ ଅଙ୍କୁରାରୋପଣ, ଜାଗ ମଣ୍ଡପ ପ୍ରତିଷ୍ଠା, ବାସ୍ତୁ ପୂଜା, ୨୪ରେ କଳସ ଶୋଭାଯାତ୍ରା, ଶ୍ରୀଗୁରୁ, ସୂର୍ଯ୍ୟ, ଗୋମାତା ପୂଜା, ଅଗ୍ନି ସ୍ଥାପନ, ଯଜ୍ଞ ଆରମ୍ଭ, ଶ୍ରୀରାମଙ୍କ ଷୋଡ଼ଶ ଉପଚାର ପୂଜା, ଶ୍ରୀରାମ ସହସ୍ର ନାମ, ୨୫ରେ ବେଦ ପାଠ, ଗୁରୁ ଦେବାର୍ଚ୍ଚନ, ସୂର୍ଯ୍ୟ ପୂଜା, ଗୋ ପୂଜା, ସମସ୍ତ ପାଶ୍ୱର୍ ଦେବାଦେବୀ ପୂଜା, ଯଜ୍ଞାହୁତି, ସପ୍ତସତୀ ଚଣ୍ଡିପାଠ, ୨୬ରେ ବେଦ ପାଠ, ଗୁରୁ ଦେବାର୍ଚ୍ଚନ, ସୂର୍ଯ୍ୟ ପୂଜା, ଗୋ ପୂଜା, ଧରିତ୍ରୀ ପୂଜା, ଯଜ୍ଞାହୁତି, ରୁଦ୍ରାଭିଷେକ, ୨୭ରେ ଶ୍ରୀରାମ ନବମୀ, ବୃନ୍ଦାବନ ଚନ୍ଦ୍ର ମହାପ୍ରଭୁଙ୍କ ବିଶେଷ ପୂଜା, ପୁରୁଷ ମୁକ୍ତରେ ମହାସ୍ନାନ, ୨୮ ରେ ବେଦ ପାଠ, ଗୁରୁ ପୂଜା, ସୂର୍ଯ୍ୟ ପୂଜା, ଗୋ ପୂଜା, ଧରିତ୍ରୀ ପୂଜା, ଚଣ୍ଡି ପୂଜା, ମା' ଧାନେଶ୍ୱରୀଙ୍କ ବିଶେଷ ପୂଜା, ଚକ୍ର ପାଠ, ହବନ, ଦଶ ମହାବିଦ୍ୟା ପୂଜନ, ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏତଦ୍‌ବ୍ୟତୀତ ୫ ଦିନ ଧରି ଇନ୍ଦୁପୁର ପାୟଲ ମ୍ୟୁଜିକ, ଅଳପୁଆ ମା' ଧାନେଶ୍ୱରୀ ସାଂସ୍କୃତିକ ପରିଷଦ, ଭୁବନେଶ୍ୱର ସୁଧା ସାଇ ଭଜନ ସନ୍ଧ୍ୟା, କଟକ ଶ୍ରୀମନ୍ଦିର ଭଜନ ମଣ୍ଡପ, ଅଳପୁଆ ସିଦ୍ଧ ମହାପୁରୁଷ ଡ୍ୟାନ୍ସ ଏକାଡେମୀ, କେନ୍ଦ୍ରାପଡ଼ା ଶ୍ରୀବଳଦେବଜୀଉ ଏକାଡେମୀ କଳାକାର ଭଜନ ଓ ନୃତ୍ୟ ପରିବେଷଣ କରିବା କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ପ୍ରବଚକ ଶିବ ପ୍ରସାଦ ଦାଶ ଓ ପ୍ରସିଦ୍ଧ କଣ୍ଠଶିଳ୍ପୀ କୁମାର ଦିଲ୍ଲୀପ ଓ ସୀମା ମହାପାତ୍ର ପ୍ରବଚନ ଓ ଭଜନ ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି।

## ପେଣ୍ଠ ବୁଲିବାକୁ ଆସିଥିବା ପର୍ଯ୍ୟଟକ ଆହତ

ରାଜନଗର, ୨୨।୩(ସମିସ): ରାଜନଗର ବ୍ଲକର ପେଣ୍ଠ ବେଳାଭୂମିକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକ ଦୁର୍ଘଟଣାରେ ଆହତ ହୋଇଛନ୍ତି। ୨ ଜଣ ଗୁରୁତର ପର୍ଯ୍ୟଟକଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ରାଜକନିକା ବ୍ଲକ ଓଳାଭର ଓ ଆଳି ବ୍ଲକର ମାଳପାଟଣା ଗାଁରୁ ୬ ଜଣ ପର୍ଯ୍ୟଟକ ପେଣ୍ଠ ବେଳାଭୂମିକୁ ବୁଲିବାକୁ ଆସିଥିଲେ। ପେଣ୍ଠ ବେଳାଭୂମି ପୂର୍ବରୁ ପ୍ରସନ୍ନପୁର ନିକଟରେ ରାସ୍ତାରେ ବୁଲାଣି କାଟିବା ବେଳେ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ଆହତ ପର୍ଯ୍ୟଟକଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ୬ ଜଣଙ୍କ ମଧ୍ୟରୁ ୪ ଜଣ ସୁସ୍ଥ ଥିବାବେଳେ ମାଳପାଟଣାର ନିରାକାର ସାହୁ ଓ ଓଳାଭରର ଶ୍ରୀମୟ ସାହୁ ଗୁରୁତର ଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## ଭଣଗାଁରେ ଜଳ ଅର୍ପଣ ଦିବସ

ଡେରାବିଶ, ୨୨।୩(ସମିସ): ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଭଣଗାଁଠାରେ ରାଜ୍ୟସ୍ତରୀୟ ଜଳଅର୍ପଣ ଦିବସ ପାଳିତ ହୋଇଯାଇଛି। କେନ୍ଦ୍ରାପଡ଼ା ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଜିତ ଲାଗୁନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର ଆୟାର ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଜଳ ଶକ୍ତି ବିଭାଗ ମନ୍ତ୍ରଣାଳୟର ଉପସଚିବ ଅଞ୍ଜନ ତିୱାରୀ, ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଇଂ ରତ୍ନାକର ଶିଆଳ, ମୁଖ୍ୟଯନ୍ତ୍ରୀ ଇଂ କିଶୋର କୁମାର କବି, ସହକାରୀ ମୁଖ୍ୟଯନ୍ତ୍ରୀ ଇଂ ଅଭିମନ୍ୟୁ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ୱାଗତିକା ମହରାଣା, ଡେରାବିଶ ବିଡିଓ ନମିତା ବାରିକ, ତହସିଲଦାର ସରୋଜକାନ୍ତ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଳିକ ଓ ଧନେଶ୍ୱର ସେଠୀ, ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଳିକ, ସମିତିସଭ୍ୟା ମଞ୍ଜୁଲତା ମିଶ୍ର ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଭୂତଳ ଜଳସ୍ତର କ୍ରମଶ ହ୍ରାସ ପାଉଥିବାବେଳେ ଜଳକୁ ଅପଚୟ ନ କରି ଏହାକୁ ସଂରକ୍ଷଣ କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ଡେରାବିଶ ପାନୀୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଇଂ ବିଭୁଦତ୍ତ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ତପନ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚାନ୍ଦୋଳ ପଞ୍ଚାୟତ ସମିତିସଭ୍ୟା ଶ୍ରୀମତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଜଳ ସଂରକ୍ଷଣ ଉପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆକୃଷ୍ଟ କରିଥିଲା।

### ● ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ଓ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

## ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ଏଚ୍‌ପିଭି ଟିକାକରଣକୁ ଗୁରୁତ୍ୱ



କେନ୍ଦ୍ରାପଡ଼ା,୨୨।୩(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ୨୦୨୫-୨୬ ଆର୍ଥିକ ପାଇଁ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ଓ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ମହିଳା ସ୍ୱାସ୍ଥ୍ୟ କର୍ମୀ ଓ ସ୍ୱାସ୍ଥ୍ୟ ବିଭାଗ କର୍ମକର୍ତ୍ତା ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ ଡା. ମନୋରଞ୍ଜନ ରାଉତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ କ୍ଷେତ୍ର ସ୍ତରରେ କାର୍ଯ୍ୟରତ କର୍ମଚାରୀଙ୍କ ସଫଳତାକୁ ପ୍ରଶଂସା କରି ଆଗାମୀ ଦିନରେ ଆହୁରି ସକ୍ରିୟ ଭାବେ କାମ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ମାତୃ ସ୍ୱାସ୍ଥ୍ୟ, ପ୍ରଜନନ ସ୍ୱାସ୍ଥ୍ୟ, ନବଜାତ ଶିଶୁ ଯତ୍ନ, କୈଶୋର ସ୍ୱାସ୍ଥ୍ୟ, ରକ୍ତହୀନତା ଓ ଅପପୁଷ୍ଟି ନିରାକରଣ ଭଳି ବିଭିନ୍ନ ମୁଖ୍ୟ ବିଷୟ ଉପରେ ଆଲୋଚନା ହୋଇଥିଲା। ସେହିପରି ଇ-ସଞ୍ଜିବନୀ ମାଧ୍ୟମରେ ଡାକ୍ତର ଓ ରୋଗୀଙ୍କ ସଂଯୋଗ, ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର କାର୍ଯ୍ୟଦକ୍ଷତା ଓ ଗୋଷ୍ଠୀ ସହଭାଗିତାକୁ ଗୁରୁତ୍ୱ ଦିଆଯାଇଥିଲା। ଶିଶୁ ମୃତ୍ୟୁ ସମୀକ୍ଷା, ଟିକାକରଣ, ପରିବାର ନିୟୋଜନ ଓ ପିସିପିଏନଡିଟି କାର୍ଯ୍ୟକ୍ରମ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଏଚପିଭି ଟିକାକରଣ ମାଧ୍ୟମରେ ଜରାୟୁ କର୍କଟ ପ୍ରତିରୋଧକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଔଷଧ ଓ ସାମଗ୍ରୀ ସମୟମତେ ଉପଲବ୍ଧ କରାଇବା, ଗର୍ଭାବସ୍ଥାରେ ବିପଦପୂର୍ଣ୍ଣ ମାଆଙ୍କୁ ଚିହ୍ନଟ କରି ସଠିକ୍ ପରିଚାଳନା, ଶତପ୍ରତିଶତ ଡାକ୍ତରଖାନାରେ ଜନ୍ମ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ପୁଷ୍ଟି ପୁନର୍ବାସ କେନ୍ଦ୍ରକୁ ଅତିଶୟ ପୁଷ୍ଟିହୀନ ଶିଶୁଙ୍କୁ ପ୍ରେରଣ, ଆଶା ଓ ଅଙ୍ଗନଓବାଡ଼ି କର୍ମୀଙ୍କ ସହିତ ଯୁଗ୍ମ ପରିଦର୍ଶନକୁ ଗୁରୁତ୍ୱ ଦିଆଯାଇଥିଲା। ରାଜ୍ୟ ଓ ଜିଲ୍ଲା ସ୍ତରର ଅଧିକାରୀଙ୍କ ଅଂଶଗ୍ରହଣ କାର୍ଯ୍ୟକ୍ରମରେ ରାଜ୍ୟ ସ୍ତରରୁ ଶଶୀଭୂଷଣ ଜେନା, ଅନୀଲ ଦାସ, ମୃତ୍ୟୁଞ୍ଜୟ ରଥ ଓ ରଶ୍ମିତା ଦାସ ଯୋଗଦେଇ ସମୀକ୍ଷା କରିଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସଚ୍ଚିଦାନନ୍ଦ ମିଶ୍ର, ଡିପିଏମ ଡ. ମନୋରଞ୍ଜନ ସାହୁ ସହିତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଡା. ସୁକାନ୍ତ ପ୍ରଧାନ ଧନ୍ୟବାଦ ଜଣାଇଥିଲେ।

### ■ ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲ ଗ୍ଲୋରି ଫେଷ୍ଟ

## 'ଶୃଙ୍ଖଳା, ସମର୍ପଣ, ସଦାଚାର ପିଲାଙ୍କୁ ଭଲ ମଣିଷ କରିଥାଏ'



ପଟ୍ଟାମୁଣ୍ଡାଇ,୨୨।୩(ସମିସ): ସାମ୍ପ୍ରତିକ ଅବକ୍ଷୟମୁଖୀ ସମାଜରେ ଛାତ୍ରଛାତ୍ରୀ ଶୃଙ୍ଖଳା, ଶିକ୍ଷା ପ୍ରତି ସମର୍ପଣ ଭାବ ଓ ସଦାଚାର ବଜାୟ ରଖିଲେ ଜୀବନରେ ଭଲ ମଣିଷ ହେବା ସହିତ ସଫଳତା ହାସଲ କରିପାରିବେ ବୋଲି ଇଂରାଜୀ ମାଧ୍ୟମ ସ୍କୁଲ ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲର ବାର୍ଷିକ ଉତ୍ସବ ଗ୍ଲୋରି ଫେଷ୍ଟ-୨୬ ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାନସଭାର ପ୍ରାକ୍ତନ ସଚିବ ତଥା କେନ୍ଦ୍ରାପଡ଼ା ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ସାହିତ୍ୟିକ ଦାଶରଥୀ ଶତପଥୀ ପ୍ରକାଶ କରିଛନ୍ତି। ସ୍କୁଲ ଅଧ୍ୟକ୍ଷ ଦୟାନିଧି ଗିରିଙ୍କ ପୌରୋହିତ୍ୟ ଓ ଯଶୋଦା ଲେଙ୍କାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମାନସଭୂଷଣ ପଣ୍ଡିତ ହୃଷିକେଶ ରଥ ମୁଖ୍ୟବକ୍ତା, ସ୍କୁଲର ନିର୍ଦ୍ଦେଶକ ଇଂ ଦେବବ୍ରତ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆସନ୍ତା ଶିକ୍ଷାବର୍ଷଠାରୁ ଲୋକନାଥ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଶ୍ରେଷ୍ଠ ବ୍ୟକ୍ତିବିଶେଷଙ୍କୁ ଜିବିଏସ ସମ୍ମାନ ଓ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଜିବିଏସ ରତ୍ନ ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ମଧୁସ୍ମିତା ପଣ୍ଡା ସ୍ୱାଗତ ଭାଷଣ ଓ ପୂର୍ଣ୍ଣିମା ପୁହାଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷ ମନୋଜିତ ନାୟକ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ସ୍କୁଲ ଚେୟାରମ୍ୟାନ ରାଜଲକ୍ଷ୍ମୀ ସ୍ୱାଇଁ, ମ୍ୟାନେଜିଂ ଟ୍ରଷ୍ଟି ଡା ଗୋଲକ ବିହାରୀ ସ୍ୱାଇଁ, ପ୍ରାକ୍ତନ ପ୍ରଶାସକ ବ୍ରଜବନ୍ଧୁ ଧଳ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ୭ମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ସ୍ନେହମୟୀ ରାଉତ ଓ ବିନାୟକ ଧଳଙ୍କୁ ସାଇକଲ ପ୍ରଦାନ କରାଯିବା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଯଶୋଦାରାଣୀ ଲେଙ୍କା, ଭାଗ୍ୟଶ୍ରୀ ବିହାନି, ଇତିଶ୍ରୀ ସ୍ୱାଇଁ, ଆକାଂକ୍ଷା ବେହେରା, ଅରୁନ୍ଧତୀ ଦାସ, ଚିନ୍ମୟୀ ସ୍ୱାଇଁ, ରୀତାଞ୍ଜଳି କୁଣ୍ଡ, ସସ୍ମିତା ଦାଶ ପରିଚାଳନା କରିଥିବାବେଳେ ମନୋଜ ନାୟକ, ବିଜୟ ନନ୍ଦ, ଭାବଗ୍ରାହୀ ଖଣ୍ଡାୟୀ, ମନୋରଞ୍ଜନ ବେହେରା, ନଳିନୀକାନ୍ତ ସ୍ୱାଇଁ, ବିବେକ ଧଳ, ଜ୍ଞାନରଞ୍ଜନ ଧଳ, ସନ୍ତୋଷ ଗିରି ପରିଚାଳନାରେ ସହଯୋଗ କରିଥିଲେ।

## କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ ଉଦ୍‌ଯାପିତ

# 'ସାହିତ୍ୟ କେବଳ ଶବ୍ଦର ସୃଜନ ନୁହେଁ, ଗଭୀର ଆଧ୍ୟାତ୍ମିକ ଅନୁଭୂତି'

କେନ୍ଦ୍ରାପଡ଼ା,୨୨।୩(ସମିସ)




ସାହିତ୍ୟ କେବଳ ଶବ୍ଦର ସୃଜନ ନୁହେଁ, ଏହା ଏକ ଗଭୀର ଆଧ୍ୟାତ୍ମିକ ଅନୁଭୂତି ବୋଲି କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବର ଉଦ୍‌ଯାପନୀ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟଅତିଥି ଭାବେ ବିଶିଷ୍ଟ କଥାକାର ଡ. ରାମଚନ୍ଦ୍ର ବେହେରା ଯୋଗଦେଇ କହିଥିଲେ, ଲେଖାଲେଖି ସମ୍ପୂର୍ଣ୍ଣ ଭାବେ ଏକ ଆଧ୍ୟାତ୍ମିକ ପ୍ରକ୍ରିୟା। ଲେଖକ ମାତ୍ର ଏହାର ମାଧ୍ୟମ। ତାଙ୍କ ଚେତନାର ପବିତ୍ରତା ସୃଜନକୁ ଗଢ଼ି ତୋଳେ। ସାହିତ୍ୟ ମାନବ ମନକୁ ସମୃଦ୍ଧ କରି ଏକ ବୌଦ୍ଧିକ ଓ ଆତ୍ମିକ ଯାତ୍ରାରେ ପରିଣତ କରେ ବୋଲି ପ୍ରକାଶ କରିଛନ୍ତି।

ସାହିତ୍ୟ ଉତ୍ସବର ଦ୍ୱିତୀୟ ତଥା ଉଦ୍‌ଯାପନୀ ଦିନରେ ବୃହତ୍ ଉପନ୍ୟାସର ଯୁଗ ଶେଷ କି? ଶୀର୍ଷକ ଆଲୋଚନାଚକ୍ରରେ ସାହିତ୍ୟିକା ବନଜ ଦେବୀ, ବନମାଳୀ ସେନାପତି, ସ୍ୱାଗତିକା ସ୍ୱାଇଁ ଓ ଭୁବନେଶ୍ୱରୀ ପଣ୍ଡା ଅଂଶଗ୍ରହଣ କରି ସମକାଳୀନ ସାହିତ୍ୟର ଧାରା ଉପରେ ଆଲୋକପାତ କରିଥିଲେ। ଗଳ୍ପ ଓ କବିତାର ଯୁଗଳବନ୍ଦୀ ବିଷୟରେ ଗାଳ୍ପିକ ଅଜୟ ସ୍ୱାଇଁ, ସରୋଜ ବଳ ଓ ମାତୃଦତ୍ତ ମହାନ୍ତି ନିଜ ମତ ରଖିଥିଲେ। ଏଥିସହ ଅନୁବାଦ ହିଁ ସାହିତ୍ୟକୁ ବିଶ୍ୱମୁଖୀ କରେ ବିଷୟରେ ଇଂରାଜୀ ଆଲୋଚନାଚକ୍ରରେ ପ୍ରଭା ସାମନ୍ତରାୟ, କମଳ ପ୍ରସାଦ ମହାପାତ୍ର, ଯତୀନ୍ଦ୍ର ରାଉତ, ସୌମ୍ୟ ବିଶ୍ୱଜିତ ଓ ବିନାୟକ ପ୍ରଧାନ ଅଂଶଗ୍ରହଣ କରିଥିଲେ। ଏ

### ଗାଳ୍ପିକା ମାନସୀ ଦାସଙ୍କୁ ପ୍ରଥମ ସାହିତ୍ୟ ଉତ୍ସବ ସମ୍ମାନ

ଅବସରରେ ଗାଳ୍ପିକା ମାନସୀ ଦାସଙ୍କୁ ପ୍ରଥମ କେନ୍ଦ୍ରାପଡା ସାହିତ୍ୟ ଉତ୍ସବ ସମ୍ମାନ ପ୍ରଦାନ କରାଯାଇଥିଲା। ଡ. ରାମଚନ୍ଦ୍ର ବେହେରା ଓ କବି ଅପର୍ଣ୍ଣା ମହାନ୍ତିଙ୍କ ହସ୍ତରେ ସେ ମାନପତ୍ର, ଉତ୍ତରୀୟ ଓ ୨୧ ହଜାର ଟଙ୍କାର ନଗଦ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ସାହିତ୍ୟ ସାଥୀ ସମ୍ମାନ ଆଳି ସମ୍ବାଦ ସାହିତ୍ୟ ଘରକୁ ପ୍ରଦାନ କରାଯାଇଥିଲା। କବି ପ୍ରମୋଦ ମଲ୍ଲିକ, ଗୋବିନ୍ଦ ନନ୍ଦ, ରଞ୍ଜନ ବେହେରା ଓ ରାଜେନ୍ଦ୍ର ବେହେରା ପ୍ରମୁଖ ଏହି ସମ୍ମାନ ଗ୍ରହଣ କରିଥିଲେ। କବିତା ପାଠ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆକର୍ଷିତ କରିଥିଲା। ଶୈଳଜା ଶଙ୍କର ସାମଲ ଓ ପୂଜାଶ୍ରୀ ସେଠୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ଶ୍ରୀଧର ସାମଲ ଓ ମନୋରଞ୍ଜନ ଦାଶ ଆଧୁନିକ କବିତାର ଧାରା ଉପରେ ଆଲୋଚନା କରିଥିଲେ। ପରେ ଅନେକ କବି ସ୍ୱରଚିତ କବିତା ପାଠ କରିଥିଲେ। ନବଜ୍ୟୋତି ରାୟ, ବିରଜା ରାଉତରାୟ, ଅକ୍ଷୟ ପାଣି, ଅମିତାଭ ଦାସ, ଜାହିଦ ଖାଁ, ସାଗର ଜେନା, ପ୍ରତାପ ସ୍ୱାଇଁ, ଗୌତମ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

୨୨/୩/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୮,୧୨,୧୩୩/- ସୁନା:୦୮.୯୦୦ ଗ୍ରାମ୍ ରୁପା: ୮୪.୫୦୦ ଗ୍ରାମ୍





## ଗୁଣ୍ଡିଚା ମନ୍ଦିର ବନ୍ଦ ବୋଲି ଜାଣିପାରୁନାହାନ୍ତି ଭକ୍ତ

# ଦର୍ଶନ ପାଇଁ ଦୁର୍ବ୍ୟବହାରର ଶିକାର ହେଲେ ଦିଲ୍ଲୀ ଦମ୍ପତି

ପୁରୀ,୨୨।୩(ସମିସ)

ଶ୍ରୀଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ପ୍ରାୟ ୬ ବର୍ଷ ହେବ ମନ୍ଦିର ଭିତରକୁ ଶ୍ରଦ୍ଧାଳୁଙ୍କୁ ଛଡ଼ାଯାଉନି। କେବଳ ଆଡ଼ପମଣ୍ଡପରେ ଚତୁର୍ଦ୍ଧାବିଗ୍ରହଙ୍କ ଥିବା ସମୟକୁ ବାଦ୍ ଦେଲେ ବର୍ଷତମାମ ବନ୍ଦ ରହୁଛି ମହାପ୍ରଭୁଙ୍କ ଜନ୍ମବେଦୀ। ହେଲେ ବାହାରୁ ଆସୁଥିବା ଶ୍ରଦ୍ଧାଳୁ ମନ୍ଦିରକୁ ପ୍ରବେଶ ବନ୍ଦ ଥିବା ଜାଣିବାର କୌଣସି ସୁଯୋଗ ନାହିଁ। ତେଣୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭକ୍ତ ଗୁଣ୍ଡିଚା ମନ୍ଦିରକୁ ଦର୍ଶନ ପାଇଁ ଆସି ମନଦୁଃଖରେ ଫେରିଯାଉଛନ୍ତି। ହେଲେ ଗତ ଗୁରୁବାର ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ଦର୍ଶନ ପାଇଁ ଆସି ସୁରକ୍ଷାକର୍ମୀଙ୍କ ଦ୍ୱାରା ଦୁର୍ବ୍ୟବହାରର ଶିକାର ଦିଲ୍ଲୀ ଦମ୍ପତି ଅସନ୍ତୋଷ ବ୍ୟକ୍ତ କରିଥିଲେ। ମନ୍ଦିର ବନ୍ଦ ରହିଛି ବୋଲି ସେମାନେ ଜାଣିବେ ବା କିପରି? ସିଂହଦ୍ୱାର ଫାଟକରେ କେହି ନ ଥିବାବେଳେ ସେମାନେ ଭିତରକୁ ଯିବା ପାଇଁ ଉଦ୍ୟମ କରିବାବେଳେ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ଆଣିଥିଲେ। ଏଭଳି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସଭାପତି ସଞ୍ଜୀବ କୁମାର ମହାନ୍ତି। ଯଦି ବି ସେମାନେ ମନ୍ଦିର ବନ୍ଦ ଅଛି ବୋଲି ଜାଣି ନ ଥିଲେ ଏବଂ ଭିତରକୁ ଯିବା ପାଇଁ ଚେଷ୍ଟା କରିଥିଲେ ତାଙ୍କୁ କାହିଁକି ଦୁର୍ବ୍ୟବହାର କରାଗଲା, ଯେଉଁଥିପାଇଁ ସେ ପୁରୀରୁ ତିକ୍ତ ଅନୁଭୂତି ନେଇ ଫେରିଲେ ବୋଲି ପ୍ରଶ୍ନ କରିଛନ୍ତି ସଞ୍ଜୀବ।

ଓଡ଼ିଶାରେ କୋଭିଡ୍ କଟକଣା ଲାଗୁ ହେବା ପରଠାରୁ ଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ



ରହିଛି। ପ୍ରାୟ ୬ ବର୍ଷ ହେବ ଭକ୍ତଙ୍କୁ ମନ୍ଦିର ଭିତରକୁ ଛଡ଼ାଯାଉ ନାହିଁ। ରଥଯାତ୍ରା ସମୟରେ ୯ ଦିନ ପାଇଁ ମନ୍ଦିର ଖୋଲା ରହୁଛି। ଆଡ଼ପମଣ୍ଡପରୁ ମହାପ୍ରଭୁ ଯିବା ପରେ ପୁଣି ବନ୍ଦ ହୋଇଯାଉଛି ମନ୍ଦିର ଦ୍ୱାର, ଯାହା ହଜାର ହଜାର ଜଗନ୍ନାଥପ୍ରେମୀଙ୍କୁ ନିରାଶ କରିଛି। ପ୍ରଚାରପ୍ରସାର ଅଭାବରୁ ପ୍ରତିଦିନ ଶହଶହ ଭକ୍ତ, ପର୍ଯ୍ୟଟକ ଗୁଣ୍ଡିଚା ମନ୍ଦିର ଆସି ନିରାଶ ହୋଇ ଫେରୁଛନ୍ତି। ପୁରୀକୁ ଆସୁଥିବା ଭକ୍ତ ଓ ତୀର୍ଥଯାତ୍ରୀ ଶ୍ରୀମନ୍ଦିର ସହ ମହାପ୍ରଭୁଙ୍କ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରକୁ ଯିବାକୁ ଭୁଲି ନ ଥା'ନ୍ତି। ଅନେକ ପର୍ଯ୍ୟଟକ ମଧ୍ୟ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିବାର ଆଗ୍ରହ ରଖିଥା'ନ୍ତି। କିନ୍ତୁ ଛଅ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହା ବନ୍ଦ ରହିଛି। ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲିବାକୁ ବିଭିନ୍ନ ମହଲରୁ ବାରମ୍ବାର ଦାବି ହୋଇଆସୁଛି। ବାହାରୁ ଆସୁଥିବା ଭକ୍ତ ବିଶେଷକରି ପଶ୍ଚିମବଙ୍ଗର ଶ୍ରଦ୍ଧାଳୁ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିବାକୁ ଅଧିକ ଆଗ୍ରହ ଦେଖାଇଥା'ନ୍ତି। ହେଲେ ବର୍ଷ ବର୍ଷ ଧରି ବନ୍ଦ ପଡ଼ିଥିବାରୁ ସେମାନେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଆସୁଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗୁଣ୍ଡିଚା ମନ୍ଦିର ପରିଦର୍ଶନ ଆଶା ନେଇ ପ୍ରତିଦିନ ଆସୁଥିବା ଶହଶହ ଶ୍ରଦ୍ଧାଳୁ, ପର୍ଯ୍ୟଟକ ଶୋଷଣର ଶିକାର ହେଉଛନ୍ତି। ବାହାରୁ ଆସିଥିବା ଭକ୍ତ, ପର୍ଯ୍ୟଟକ ଗୁଣ୍ଡିଚା ମନ୍ଦିର ବନ୍ଦ ଥିବା ସମ୍ପର୍କରେ ଜାଣି ନ ଥା'ନ୍ତି। ଯଦି ସେମାନେ ଗୁଣ୍ଡିଚା ମନ୍ଦିର ବୁଲିବାକୁ ବାହାରନ୍ତି ତେବେ ବନ୍ଦ ଥିବା ଜାଣି ମଧ୍ୟ ବିଭିନ୍ନ ଗାଡ଼ିର ଚାଳକ କିଛି କୁହନ୍ତି ନାହିଁ। ସେମାନଙ୍କୁ ଗାଡ଼ିରେ ଧରି ମନ୍ଦିର ସମ୍ମୁଖରେ ପହଞ୍ଚିଯାଆନ୍ତି। ହେଲେ ଗାଡ଼ିରୁ ଓହ୍ଲାଇବା ପରେ ଗୁଣ୍ଡିଚା ମନ୍ଦିର ବନ୍ଦ ଥିବା ଦେଖନ୍ତି। ମନ୍ଦିରକୁ ପ୍ରବେଶ ବନ୍ଦ ଥିବା ନେଇ କୌଣସି ପ୍ରକାର ସୂଚନାଫଳକ ନ ଥିବାରୁ ବାହାରୁ ଆସୁଥିବା ଭକ୍ତ ଜାଣିପାରନ୍ତି ନାହିଁ। ନିକଟସ୍ଥ ଦୋକାନରେ ପଚାରି ବୁଝନ୍ତି। ଗୁଣ୍ଡିଚା ମନ୍ଦିର ବନ୍ଦ ଥିବା ଶୁଣିବା ପରେ ମନ ଦୁଃଖରେ ଫେରନ୍ତି। ଅନେକ ମଧ୍ୟ ମନ୍ଦିର ଆଗରେ ଠିଆ ହୋଇ ମୋବାଇଲ୍‌ରେ ସ୍ମୃତି ସାଉଣ୍ଟି ଫେରିଯାଆନ୍ତି। ନିକଟରେ ଗୁଣ୍ଡିଚା ମନ୍ଦିରକୁ ଦର୍ଶନ ପାଇଁ ଆସିଥିବା ଦିଲ୍ଲୀର ଦମ୍ପତି ଦୁର୍ବ୍ୟବହାରର ଶିକାର ହେବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଗତ ୧୯ ତାରିଖରେ ଏହି ଦମ୍ପତି ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲେ। ସେତେବେଳେ ମୁଖ୍ୟ ପ୍ରବେଶ ପଥରେ କୌଣସି ସୁରକ୍ଷା କର୍ମୀ ନ ଥିଲେ। ତେଣୁ ସେ ଭିତରକୁ ଯିବାକୁ ଉଦ୍ୟମ କରିବାବେଳେ ହଠାତ୍ ସୁରକ୍ଷା କର୍ମୀ ପହଞ୍ଚି ତାଙ୍କୁ ଦୁର୍ବ୍ୟବହାର କରିଥିଲେ। କିଛି କଥା ତାଙ୍କର ନ ଶୁଣି ଗାଳିମନ୍ଦ କରିଥିଲେ ବୋଲି ଦମ୍ପତି ଅଭିଯୋଗ କରି କ୍ଷୋଭ ପ୍ରକାଶ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ଉଭୟଙ୍କୁ ମନ୍ଦିର ବନ୍ଦ ଅଛି ବୋଲି କହି ବୁଝାଇଥିଲେ। ତେବେ ସଞ୍ଜୀବ କହିଛନ୍ତି, ଜଣେ ବାହାର ଭକ୍ତ ମନ୍ଦିରକୁ ପ୍ରବେଶ ବନ୍ଦ ଅଛି ବୋଲି ଜାଣିବେ କେମିତି? ଏ ନେଇ ମନ୍ଦିର ଆଗରେ ବିଭିନ୍ନ ସୂଚନାଫଳକ ଲଗାଯିବା କଥା। ତାହା କରାଯାଇ ନାହିଁ। ଯଦି ବି ସେହି ଦମ୍ପତି ନ ଜାଣି ଭିତରକୁ ପ୍ରବେଶ କରିବା ଲାଗି ଉଦ୍ୟମ କରୁଥିଲେ ତାଙ୍କୁ ବୁଝାଇବା କଥା। କିନ୍ତୁ ତାହା ନ କରି ଦୁର୍ବ୍ୟବହାର କରିବା ଦ୍ୱାରା ପୁରୀ ପ୍ରତି ସେମାନଙ୍କର ନକରାତ୍ମକ ଭାବନା ରହିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

# ଚାରି ଆଶ୍ରମ ବିଜେ କଲେ ବାଡ଼ି ନୃସିଂହ



ପୁରୀ,୨୨।୩(ସମିସ): ଜଗନ୍ନାଥ ସଂସ୍କୃତି ଅନନ୍ୟ। ଶ୍ରୀମନ୍ଦିରରେ ରହିଛି ମାନବିକ ଜୀବନ ଜଡ଼ିତ ପରମ୍ପରା। ମାନବ ସମାଜ ପ୍ରତି ଘଟୁଥିବା ପ୍ରତିଟି ବିପତ୍ତି ସହିତ ଯୋଡ଼ି ହୋଇଛି ମହାପ୍ରଭୁଙ୍କ ନୀତିକାନ୍ତି ଓ ପରମ୍ପରା। ମହାମାରୀକୁ ପ୍ରତିହତ କରିବା ପାଇଁ ଶ୍ରୀମନ୍ଦିରରେ ରହିଛି ଏକ ଅନନ୍ୟ ପରମ୍ପରା 'ବାଡ଼ି ନୃସିଂହ' ବିଜେ। ପ୍ରତିବର୍ଷ ଚୈତ୍ର ଶୁକ୍ଳ ଚତୁର୍ଥୀରେ ଶ୍ରୀମନ୍ଦିରରୁ ବାଡ଼ି ନୃସିଂହ ନଗର ବିଜେ କରିଥା'ନ୍ତି। ରବିବାର ବାଡ଼ିନୃସିଂହ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ବିଜେ କରିଛନ୍ତି। ବାଡ଼ି ନୃସିଂହ ଶ୍ରୀମନ୍ଦିର ଦକ୍ଷିଣୀ ଘରୁ ବାହାରି ନଗର ପରିକ୍ରମାରେ ଶ୍ରୀକ୍ଷେତ୍ରରେ ଥିବା ଚାରି ଆଶ୍ରମ (ଅଙ୍ଗିରା, ଭୃଗୁ, ମାର୍କଣ୍ଡେୟ ଓ ପଣ୍ଡୁ) ବିଜେ କରି ଜଗତ କଲ୍ୟାଣ କରିଛନ୍ତି। ପରେ ବିଭିନ୍ନ ସାହିରେ, ଛକରେ ଠାକୁରଙ୍କ ଫଳ୍ଗି ଭୋଗ ହୋଇଛି। ବାଡ଼ି ନୃସିଂହ ବିଜେ ପରେ ମହାମାରୀ ଆୟତ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି। କଥିତ ଅଛି, ପୁରୀ ସହରରେ ପୂର୍ବେ ହଇଜା ବ୍ୟାପିଥିଲା। ଯେତେ ଯାହା କଲେ ବି କମି ନ ଥିଲା। ବରଂ ବ୍ୟାପକ ମାତ୍ରାରେ ମାଡ଼ି ଚାଲିଥିଲା। ଶେଷରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ବାଡ଼ି ନୃସିଂହ ଶ୍ରୀକ୍ଷେତ୍ର ପରିକ୍ରମା କରିବା ପରେ ହଇଜା କମିଥିଲା। ସେହି ପରମ୍ପରା ଆଜି ବି ଉଜ୍ଜୀବୀତ ରହିଛି। ଅନ୍ୟପକ୍ଷରେ ଗବେଷକଙ୍କ ମତରେ ପୂର୍ବରୁ ରଥଯାତ୍ରା ପରେ ପରେ ପୁରୀ ସହରରେ ଝାଡ଼ାବାନ୍ତି ବ୍ୟାପୁଥିଲା। ଏହାକୁ କେହି କେହି ବାଡ଼ି ରୋଗ ବୋଲି କହିଥା'ନ୍ତି। ଏହି ରୋଗ ବ୍ୟାପିବାରୁ ନୃସିଂହ ଠାକୁର ପୁରୀ ସହର ପରିକ୍ରମା କରିଥିଲେ। ସେବେଠାରୁ ଏହି ପରମ୍ପରା ରହିଆସିଛି।

## 'ଯୁବମୋର୍ଚ୍ଚା'ର ଚତୁର୍ଥ ବାର୍ଷିକ ଉତ୍ସବ

# 'ଖବରରେ ସତ୍ୟ ଓ ତଥ୍ୟ ରହୁ; ବିଚାର ନୁହେଁ'

ପୁରୀ,୨୨।୩(ସମିସ): ଖବରରେ ସତ୍ୟ ଏବଂ ତଥ୍ୟ ରହୁ, କିନ୍ତୁ ବିଚାର ନୁହେଁ। ସତ୍ୟ ଏବଂ ତଥ୍ୟ ଭେଟିଦେବା ସାମ୍ବାଦିକର କର୍ତ୍ତବ୍ୟ। ସୁସ୍ଥ ଗଣତନ୍ତ୍ର ଓ ଶୃଙ୍ଖଳିତ ସମାଜ ପାଇଁ ମିଡିଆ ଜଷ୍ଟିସ୍ ଶୁଭଙ୍କର ନୁହେଁ ବୋଲି କହିଛନ୍ତି ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ। ସ୍ଥାନୀୟ ସଂସ୍କୃତି ଭବନଠାରେ ଦୈନିକ ସମ୍ବାଦପତ୍ର ଯୁବମୋର୍ଚ୍ଚାର ଚତୁର୍ଥ ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜଷ୍ଟିସ୍ ଦାସ କହିଥିଲେ ଯେ, ଏବେ ସାମ୍ବାଦିକତା ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ଲେଖାରେ ବିରୋଧ ରହିଲେ ବିପଦ ଆସୁଛି। ଏହା ସତ୍ତ୍ୱେ ସମାଜର ହିତ ପାଇଁ ନିରପେକ୍ଷ ଖବର ପରିବେଷଣ ହେବା ଦରକାର ବୋଲି ଜଷ୍ଟିସ୍ ଦାଶ କହିଛନ୍ତି।

ସମ୍ବାଦପତ୍ରର ସମ୍ପାଦକ ଜଗନ୍ନାଥ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ଶ୍ରୀମନ୍ଦିର ସେବାୟତ ନବକିଶୋର ପତି ମହାପାତ୍ର ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ କହିଥିଲେ ଯେ, ସାମ୍ପ୍ରତିକ ପରିସ୍ଥିତିରେ ଗଣମାଧ୍ୟମ ଜନଗଣଙ୍କୁ ବିଭ୍ରାନ୍ତ ନ କରି ସଠିକ୍, ନିରପେକ୍ଷ ଓ ସତ୍ୟ ସମ୍ବାଦ ପରିବେଷଣ କରି ସମାଜରେ ସଂସ୍କାର ଆଣନ୍ତୁ। ବରେଣ୍ୟ ଅତିଥି ସମାଜର ପ୍ରାକ୍ତନ ପ୍ରକାଶକ ଡ. ପ୍ରଭାସ ଆଚାର୍ଯ୍ୟ କହିଥିଲେ ଯେ, ପୂର୍ବରୁ ସରକାର ସମାଲୋଚନାକୁ ଆହ୍ୱାନ କରୁଥିଲେ। ବଡ଼ ଦୁର୍ନୀତି, ଭ୍ରଷ୍ଟାଚାର ଗଣମାଧ୍ୟମରେ ସାମ୍ନାକୁ



ଆସିଲେ ସେଇ ଅନୁଯାୟୀ ପଦକ୍ଷେପ ନେଉଥିଲେ। ଏବେ ଗୋଦି (କୋଳ) ଓ ବିସ୍କୁଟ ମିଡିଆ ଯୋଗୁଁ ଦୁର୍ନୀତି ବଢୁଛି, ପ୍ରକୃତ ସମସ୍ୟାର ସମାଧାନ ହୋଇପାରୁନି। ଗାନ୍ଧୀ ଗବେଷକ ଗୌରାଙ୍ଗ ଚରଣ ପରିଡ଼ା କହିଲେ, କୁଖବର ଆମ ପାଇଁ ବିପଦ ଆଣେ। ଅଖବରରେ ତାଳି ମାଡ଼ ହୁଏ ସତ, କିନ୍ତୁ ଚେତନା କି ଜାଗରଣ ନ ଥାଏ। ଭଲ ଖବର ପ୍ରଗତିର ପ୍ରତୀକ ସାଜିଥାଏ। ପ୍ରକାଶିକା ତିଳୋତ୍ତମା ନାୟକ ଓ ସଂଯୋଜକ ସତ୍ୟବାଦୀ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମାରୋହରେ ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବରିଷ୍ଠ ପଦାଧିକାରୀ ଆଜାଦ୍ ହିନ୍ଦ୍ ପାଣିଗ୍ରାହୀ, ସମାଜସେବୀ ବଦ୍ରି ମିଶ୍ର, ମା' ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ପ୍ରାରମ୍ଭରେ ସଙ୍ଗୀତ ନିର୍ଦ୍ଦେଶକ କାର୍ତ୍ତିକ ସାହୁଙ୍କ ନିର୍ଦ୍ଦେଶନାରେ ଜଗନ୍ନାଥ ଭଜନ ଓ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ପରେ ନୃତ୍ୟଗୁରୁ ନାରାୟଣ ପାଣ୍ଡେଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ, ଭଦ୍ରକ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ମେଳ ନୃତ୍ୟ ଓ ଏକକ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ ହୋଇଥିଲା। କାର୍ଯ୍ୟକ୍ରମକୁ ବିଶିଷ୍ଟ ଉଦ୍‌ଘୋଷକ ପ୍ରମୋଦ ପରିଡ଼ା ସଞ୍ଚାଳନ କରିଥିଲେ।

## ● ସହିଦ୍ ଭଗତ ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭା

# 'ଶାନ୍ତି ଓ ସହାବସ୍ଥାନ ପାଇଁ ଯୁଦ୍ଧ ଅନିବାର୍ଯ୍ୟ ନୁହେଁ'

ପୁରୀ,୨୨।୩(ସମିସ): ପୁରୀ ସହରର ଅନ୍ୟତମ ବୌଦ୍ଧିକ ଅନୁଷ୍ଠାନ ପ୍ରଗତିଶୀଳ ପାଠଚକ୍ର ତରଫରୁ ରବିବାର ସ୍ଥାନୀୟ ସାଲବେଗ ପୀଠ ସମ୍ମିଳନୀ କକ୍ଷରେ ସହିଦ୍ ଭଗତ ସିଂଙ୍କ ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଆଲୋଚ୍ୟ ବିଷୟ "ଶାନ୍ତି ଓ ସହାବସ୍ଥାନ ପାଇଁ ଯୁଦ୍ଧ ଅନିବାର୍ଯ୍ୟ ନୁହେଁ' ବିଷୟରେ



ଆଲୋଚନାରେ ଭାଗ ନେଇ ବକ୍ତାମାନେ ନିଜ ନିଜ ସୁଚିନ୍ତିତ ମତାମତ ଜରିଆରେ ଯୁଦ୍ଧ ଭଳି ଏକ ଧ୍ୱଂସ ସାଧନକାରୀ ପ୍ରକ୍ରିୟାର ଘୋର୍ ବିରୋଧ କରିଥିଲେ। ବିଶେଷକରି ଆମେରିକା ସାମ୍ରାଜ୍ୟବାଦ୍ ନୀତିର ତୀବ୍ର ନିନ୍ଦା କରିଥିଲେ। ଆଜି ବିଶ୍ୱ ଏକ ଘୋର୍ ସଙ୍କଟମୟ ପରିସ୍ଥିତିକୁ ସାମ୍ନା କରିବାକୁ ଯାଉଛି। ଗୋଟିଏ ପଟେ ବିଶ୍ୱ ତୈଳ ବଜାର ଅନ୍ୟ ପଟେ ଦେଶର ଖଣିଜ ସମ୍ପଦ। ଏ ଉଭୟ ଆଜି କର୍ପୋରେଟ୍ ଲୁଟ୍‌ର ଶିକାର ହେଉଛି। ଏହାର ଦୃଢ଼ ମୁକାବିଲା ସହିତ ଏକ ବିକଳ୍ପ ବିକାଶ ପାଇଁ ସହିଦ୍ ଭଗତ ସିଂଙ୍କ ବିଚାରର ପ୍ରାସଙ୍ଗିକତା ଅତ୍ୟନ୍ତ ଜରୁରୀ ଅଟେ ବୋଲି ମତପ୍ରକାଶ ପାଇଥିଲା। ପାଠଚକ୍ରର ସମ୍ପାଦକ ସୁରେନ୍ଦ୍ର ତପସୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ଦେବଦତ୍ତ ବିଶ୍ୱରଞ୍ଜନ, ସୁମିତ୍ରା ବାରିକ୍, ଜଗନ୍ନାଥ ଦେଓ, ଶ୍ରୀମନ୍ତ ମହାନ୍ତି, ହରିହର ସେନାପତି, ଲୋକନାଥ ନାୟକ, ଟୁନା ନାୟକ, ଗୋପାଳ ପ୍ରଧାନ, ଦେବଦତ୍ତ ପ୍ରଧାନ, କନକଲତା ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିବାବେଳେ ସାଥୀ ଦେବୀ ପ୍ରସନ୍ନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଗରମ ଡାଲି ପଡ଼ି ଅବଢ଼ା ବିକ୍ରେତା ଆହତ

ପୁରୀ,୨୨।୩(ସମିସ): ଆନନ୍ଦ ବଜାରରେ ଗରମ ଡାଲି ପଡ଼ି ଜଣେ ଅବଢ଼ା ବିକ୍ରେତା ଆହତ ହୋଇଛନ୍ତି। ସେ ହେଉଛନ୍ତି ସନ୍ତୋଷ ମହାପାତ୍ର(୩୮)। ସୂଚନା ମୁତାବକ, ରବିବାର ରାତି ପ୍ରାୟ ୮ଟାରେ ଆନନ୍ଦ ବଜାରରେ ପ୍ରବଳ ଗହଳି ଲାଗିଥିଲା। ଏହି ସମୟରେ ମହାପ୍ରସାଦ ଆସୁଥିବାବେଳେ ସନ୍ତୋଷଙ୍କ ଉପରେ ଗରମ ଡାଲି ପଡ଼ିଯାଇଥିଲା। ଆହତ ସନ୍ତୋଷଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଶ୍ରୀମନ୍ଦିର ଆମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୁରୁଷ ଭେଷଜ ୱାର୍ଡରେ ତାଙ୍କର ଚିକିତ୍ସା କରାଯାଇଥିବା ସୂଚନା ମିଳିଛି।

# ସମୁଦ୍ରରେ ଭାସିଯାଉଥିବା ୨ ପର୍ଯ୍ୟଟକ ଉଦ୍ଧାର

ପୁରୀ,୨୨।୩(ସମିସ): ସମୁଦ୍ର ସ୍ନାନବେଳେ ଅଘଟଣ। ରବିବାର ହୋଟେଲ ଶୁଭ ପ୍ୟାଲେସ ୧୪ ନଂ. ସେକ୍ଟରରେ କିଛି ପର୍ଯ୍ୟଟକ ଗାଧୋଉଥିବାବେଳେ ୨ଜଣ ଢେଉ ମାଡ଼ରେ ଗଭୀର ସମୁଦ୍ରକୁ ଭାସି ଯାଇଥିଲେ। ସେଠାରେ କାର୍ଯ୍ୟରତ ଥିବା ଲାଇଫ୍‌ଗାର୍ଡମାନେ ତୁରନ୍ତ ଗଭୀର ସମୁଦ୍ରରେ ପଶି ୨ ଜଣଙ୍କୁ ଉଦ୍ଧାର କରିଥିଲେ। ଏହି ଦୁଇ ପର୍ଯ୍ୟଟକ ହେଲେ ପଶ୍ଚିମବଙ୍ଗ ନଦିଆ ଜିଲ୍ଲାର ଦେବାଶିଷ ସିଂ(୫୦) ଏବଂ ଉଜ୍ଜ୍ୱଳ ଶାହା(୫୫)। ଉଦ୍ଧାର ପର୍ଯ୍ୟଟକ ସୁସ୍ଥଥିବା ସୂଚନା ମିଳିଛି।

# ଡକାୟତି ଯୋଜନା ପଣ୍ଡ; ୭ ଗିରଫ

ପୁରୀ,୨୨।୩(ସମିସ): ଡକାୟତି ଯୋଜନା କରିବା ଅଭିଯୋଗରେ ବାସେଳି ସାହି ଥାନା ପୁଲିସ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁବାସ ବେହେରା (୪୫), ସନ୍ତୁ ବେହେରା(୩୮), ବାବୁନା ଭୋଇ (୨୧), ଶମ୍ଭୁ ଦାଶ(୨୩), ଶିବୁନା ନାୟକ(୨୬), ଖଗ ନାୟକ (୩୫) ଏବଂ ପିନାକୀ ବରାଳ (୨୯)। ପୁଲିସ ଅଭିଯୁକ୍ତମାନଙ୍କ ନିକଟରୁ ଖଣ୍ଡା, ଲୁହା ରଡ୍, ଅଫୁଟା ବୋମା, ଛୁରୀ, ବିୟର ବୋତଲ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏନେଇ ପୁଲିସ କେସ୍ ନଂ ୧୦୬/୨୬ରେ ଏକ ମାମଲା ରୁଜୁ କରିଛି। ମାର୍କଣ୍ଡେଶ୍ୱର ସାହି ହରିଜନ ବସ୍ତି ପାଣିଟାଙ୍କି ନିକଟରେ ଥିବା ଏକ ପରିତ୍ୟକ୍ତ ଘରେ ବିଭିନ୍ନ ମାରଣାସ୍ତ୍ର ସହ କିଛି ଅସାମାଜିକ ବ୍ୟକ୍ତି ବସି ସହରରେ ଡକାୟତି ପାଇଁ ଯୋଜନା କରୁଥିବା ନେଇ ବାସେଳି ସାହି ଥାନା ପୁଲିସର ପାଟ୍ରୋଲିଂ ଟିମ୍‌କୁ ସୂଚନା ମିଳିଥିଲା। ସୂଚନାକୁ ଆଧାର କରି ପୁଲିସର ଏକ ଟିମ୍ ଉକ୍ତ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଥାନାକୁ ଆଣିବା ସହ ରବିବାର କୋର୍ଟ ଚାଲାଣ କରିଛନ୍ତି।

## ଉତ୍ସାହର ଉତ୍ସବ

# ୪୦ ମହିଳା ଉଦ୍ୟୋଗୀ ସମ୍ମାନିତ

ପୁରୀ,୨୨।୩(ସମିସ): ସେଣ୍ଟର ଫର୍ ଇଣ୍ଟିଗ୍ରେଟେଡ୍ ରୁରାଲ୍ ଆଣ୍ଡ ଟ୍ରାଇବାଲ୍ ଡେଭଲପ୍‌ମେଣ୍ଟ (ସିଆଇଆର୍‌ଟିଡି) ଏବଂ 'ଅନ୍ନଦା' ପୁରୀର ମିଳିତ ଆନୁକୂଲ୍ୟରେ ରମିତ୍ ଫାଉଣ୍ଡେସନ ସହଯୋଗରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ରବିବାର ଉତ୍ସାହର ଉତ୍ସବ ଅନୁଷ୍ଠିତ



ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୃଷି, କଳା ଏବଂ ସ୍ଥାନୀୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୪୦ ଜଣ ସାହସୀ ମହିଳା ଉଦ୍ୟୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶାର 'ପ୍ୟାଡ୍ ଓମ୍ୟାନ୍' ତଥା ଆଦିବାସୀ ଭିଜନର ପ୍ରତିଷ୍ଠାତା ସୁଶ୍ରୀ ଅନୁଶ୍ରୀ ଦାସ ଯୋଗଦେଇଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଅତିଥି ଭାବେ ଆଇନଜୀବୀ ପ୍ରଧାନ ଧୀରେନ ରାୟ ଯୋଗଦେଇ ମହିଳା ଉଦ୍ୟୋଗୀମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ଅନୁପମା, ବରିଷ୍ଠ ସାମ୍ବାଦିକ ତଥା ଓଡ଼ିଶା ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ବିଜୟ ମିଶ୍ର, ଟାଟା ଷ୍ଟ୍ରାଇଭର ସସ୍ମିତା ମହାପାତ୍ର, ଦୂରଦର୍ଶନ ସମ୍ବାଦ ପାଠିକା ସୁଦେଷ୍ଣା, ବେଲଦଳ ସରପଞ୍ଚ ବିପିନ ଦାସ, ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ମାତା ଆଶୁତୋଷ ପଟ୍ଟନାୟକ, ମିଲେଟ୍ ମିଶନର ଶବନମ୍, ଓ୍ୱପ୍ରୋର ଅନୁରାଧା, ଫେଶନ ଡିଜାଇନର ଉଷାରାଣୀ, ଡାକ୍ତର ଶ୍ରଦ୍ଧା, ସମାଜସେବୀ ରାଜଲକ୍ଷ୍ମୀ ଦାସ, ସୋଆ ବିଶ୍ୱବିଦ୍ୟାଳୟର ଶିକ୍ଷାବିତ୍ କାଜଲ କିରଣ ପଣ୍ଡା ପ୍ରମୁଖ ଯୋଗଦେଇ ମହିଳା ଉଦ୍ୟୋଗୀ କିପରି ଅଧିକ ଲାଭବାନ ହେବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସିଆଇଆର୍‌ଟିଡିର ସଭାପତି ରୁଚିମିତ୍ରା ଜଗଦେବ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳ ମହିଳାଙ୍କ ସଂଘର୍ଷ ଓ ସଫଳତାର କାହାଣୀକୁ ଲୋକଲୋଚନକୁ ଅଣାଯାଇଥିଲା। ଏହି ଅବସରରେ ଏକ ପ୍ୟାନେଲ୍ ଆଲୋଚନାରେ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ରୁଟ୍‌ସ ଟୁ ରାଇଜ୍ ପୋର୍ଡକାଷ୍ଟର ଶୁଭାରମ୍ଭ ହୋଇଥିଲା। ଗ୍ରାମାଞ୍ଚଳର ପ୍ରେରଣାଦାୟୀ କାହାଣୀ ପ୍ରଚାର ପାଇଁ ଏହି ନୂତନ ପଦକ୍ଷେପ ବେଶ୍ ଫଳପ୍ରଦ ହେବ ବୋଲି ବିଶେଷଜ୍ଞମାନେ ମତ ଦେଇଥିଲେ। ମହିଳା ଉଦ୍ୟୋଗୀ ନିଜର ସଫଳତା ସମ୍ପର୍କରେ ଅନୁଭୂତି କହିଥିଲେ।


# ୧୫.୫୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ୪ ଗିରଫ

ପୁରୀ,୨୨।୩(ସମିସ): ପୁରୀ ସହରକୁ ବେଆଇନ ନିଶା କାରବାର ମୁକ୍ତ କରିବା ଲାଗି ପୁଲିସ ପକ୍ଷରୁ ଅପରେସନ ଚକ୍ର ଅଭିଯାନ ଜାରି ରହିଛି। ସେହିପରି ଅବକାରୀ ବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ ଜାଗାରେ ଚଢ଼ଉ କରାଯାଉଛି। ଅନେକ ସମୟରେ ଅଭିଯୁକ୍ତ ଗିରଫ ହେଉଥିବାବେଳେ ବେଆଇନ ନିଶାଦ୍ରବ୍ୟ ମଧ୍ୟ ଜବତ ହେଉଛି। ହେଲେ ଏହା ଉପରେ ରୋକ୍ ଲାଗିପାରୁ ନାହିଁ। ତେବେ ପୁଲିସର ଅପରେସନ ଚକ୍ର ଅଭିଯାନରେ ୪ ଜଣ ପେସାଦାର ବ୍ରାଉନ୍‌ସୁଗର ବେପାରୀଙ୍କୁ ଗିରଫ କରିଛି ଟାଉନ୍ ଥାନା ପୁଲିସ। ଶନିବାର ସନ୍ଧ୍ୟାରେ ଲୁଚିଛପି କୁସୁନୁ ଖୁଣ୍ଟିଆ ଜାଗା ପାଖରେ ଜଣେ ଆନ୍ତଃଜିଲ୍ଲା ବ୍ରାଉନ୍‌ସୁଗର ବେପାରୀ ଧଳାଜହର ବିକିବା ପାଇଁ ୩ ଜଣ ସ୍ଥାନୀୟ ବେପାରୀଙ୍କ ସହ ମୂଲଚାଲ କରୁଥିଲା। ବିଶେଷ ସୂତ୍ରରୁ ଖବର ପାଇ ଘଟଣାସ୍ଥଳରେ ଟାଉନ୍ ଥାନା ପୁଲିସ ଚଢ଼ଉ କରି ସମସ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ହେଲେ ମାଟିମଣ୍ଡପ ସାହିର ଜ୍ୟୋତିରଞ୍ଜନ ଶତପଥୀ (୩୧), ମାର୍କଣ୍ଡେଶ୍ୱର ମିଶ୍ର ସାହିର ରାକେଶ ସାହୁ (୨୫), ମଶାଣିଚଣ୍ଡୀ ଛକର ବିଶ୍ୱଜିତ୍ ନାୟକ (୨୩) ଏବଂ ଗଞ୍ଜାମ ଚମାଖଣ୍ଡିର ହିମାଂଶୁ ଶେଖର ସାହୁ (୨୦)। ସେମାନଙ୍କଠାରୁ ୧୫.୫୦ ଗ୍ରାମ୍ ବ୍ରାଉନ୍‌ସୁଗର, ୪ଟି ମୋବାଇଲ୍ ଫୋନ୍, ୩୮୦୦ ଟଙ୍କା, ଗୋଟିଏ କେଟିଏମ୍ ବାଇକ୍ ଏବଂ ଗୋଟିଏ ସ୍କୁଟି ଜବତ କରିଛି। ଏ ନେଇ ଟାଉନ୍ ଥାନାରେ ଏକ ମାମଲା (ନଂ.୧୯୨/୨୬) ରୁଜୁ କରାଯାଇ ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ମାତ୍ର ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ପୁରୀ ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ମଧ୍ୟ ବ୍ରାଉନ୍‌ସୁଗର ମାମଲା ସମେତ ଦାଦାବଟି, ଚୋରି, ଆକ୍ରମଣ ଓ ହତ୍ୟା ଉଦ୍ୟମ ପରି ସଙ୍ଗୀନ୍ ମାମଲା ବିଭିନ୍ନ ଥାନାରେ ରହିଥିବା ପୁଲିସ କହିଛି।

# 'ଜାଗା ଆଖଡ଼ା ଓ ସାହିଯାତ୍ରା ଐତିହ୍ୟ' ଗ୍ରନ୍ଥ ଉନ୍ମୋଚିତ

ପୁରୀ,୨୨।୩(ସମିସ)

ଶ୍ରୀକ୍ଷେତ୍ର ସମଗ୍ର ଭାରତ ବର୍ଷର ଏକ ପ୍ରମୁଖ ଆଧ୍ୟାତ୍ମିକ କେନ୍ଦ୍ର ରୂପେ ସୁପ୍ରତିଷ୍ଠିତ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ତାଙ୍କର ପ୍ରିୟ ଶ୍ରୀବତ୍ସ ଖଣ୍ଡଶାଳ ପ୍ରାସାଦକୁ କେନ୍ଦ୍ରକରି ପ୍ରାଚୀନ ସମୟରୁ ବିଭିନ୍ନ ସାହି, ସେବକ ବସ୍ତି, ଜାଗା, ଆଖଡ଼ା, କୋର୍ଟ, ଗୁରୁଜ ଇତ୍ୟାଦି ପ୍ରତିଷ୍ଠିତ ପୂର୍ବକ ଶ୍ରୀମନ୍ଦିରର ସୁରକ୍ଷା ଓ ସାଂସ୍କୃତିକ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଜଡ଼ିତ ରହିଆସୁଛନ୍ତି। ଶ୍ରୀକ୍ଷେତ୍ରରେ ଗଙ୍ଗବଂଶର ପ୍ରତିଷ୍ଠାତା ଚୋଡ଼ଗଙ୍ଗ ଦେବଙ୍କ ସମୟରେ ସର୍ବ ପ୍ରଥମେ ଚୁଡ଼ଙ୍ଗ କୋର୍ଟ ପ୍ରତିଷ୍ଠା ହୋଇଥିଲା। ସୁତରାଂ ଗଙ୍ଗ ବଂଶ ଓ ସୂର୍ଯ୍ୟବଂଶୀ ରାଜାମାନଙ୍କ ରାଜତ୍ୱ କାଳରେ ଶ୍ରୀକ୍ଷେତ୍ରରେ ନୂତନ ସାହି, ଜାଗା, ଆଖଡ଼ା, କୋର୍ଟ ଇତ୍ୟାଦି ପ୍ରତିଷ୍ଠିତ ହୋଇଥିବା ଗବେଷକମାନେ ମତ ଦିଅନ୍ତି। ସେହିପରି ଶ୍ରୀକ୍ଷେତ୍ରର ସାହିଯାତ ମଧ୍ୟ ଅନନ୍ୟ। ଆସନ୍ତା ୨୭ ତାରିଖ ରାମ ନବମୀରୁ ସାହିଯାତ ଆରମ୍ଭ ହେବାକୁ ଯାଉଥିବାବେଳେ ଏହାର ଅବ୍ୟବହିତ ପୂର୍ବରୁ ରବିବାର ହୋଟେଲ ବ୍ଲୁ ଲିଲିଠାରେ ଓଡ଼ିଶାର ବରିଷ୍ଠ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ରଙ୍କ ସ୍ୱରଚିତ 'ଶ୍ରୀକ୍ଷେତ୍ରର ଜାଗା ଆଖଡ଼ା ଓ



ସାହିଯାତ୍ରାର ଐତିହ୍ୟ' ଗ୍ରନ୍ଥ ଉନ୍ମୋଚିତ ହୋଇଯାଇଛି। ଏହାକୁ ଉନ୍ମୋଚନ କରି ଅତିଥିମାନେ ଜାଗା ଆଖଡ଼ାର ପାରମ୍ପରିକ ଗୌରବମୟ ଅଧ୍ୟାୟ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଶ୍ରୀଜଗନ୍ନାଥ ସ୍ତୋତ୍ର ଗାୟନ ପୂର୍ବକ ଏକ ଆଧ୍ୟାତ୍ମିକ ପରିବେଶରେ ଶ୍ରୀମନ୍ଦିର ଭିତର ସେବାୟତ ନିଯୋଗ ତଥା ବାଲିସାହି ଆଖଡ଼ାର ସଭାପତି ତଲୁଛ ନୀଳକଣ୍ଠ ମହାପାତ୍ର ଜାଗା ଘରମାନଙ୍କ ଇତିହାସ ଓ ସାଂସ୍କୃତିକ ସମ୍ବନ୍ଧିତ ଏହି ଗ୍ରନ୍ଥକୁ ଉନ୍ମୋଚନ ପୂର୍ବକ ବିଶ୍ୱରେ ଶ୍ରୀକ୍ଷେତ୍ର ସଂସ୍କୃତିର ପ୍ରଚାରପ୍ରସାରରେ ଏହା ସହାୟକ ହୋଇପାରିବ ବୋଲି କହିଥିଲେ। ବିଶିଷ୍ଟ ବିଦ୍ୱାନ୍ ପ୍ରାବନ୍ଧିକ ଡ. ଶ୍ରୀନିବାସ ଆଚାର୍ଯ୍ୟ ଗ୍ରନ୍ଥ ସମୀକ୍ଷକ ରୂପେ ଯୋଗଦେଇ ଶ୍ରୀକ୍ଷେତ୍ରର ବିଭିନ୍ନ ସାହି, ଜାଗା, ଆଖଡ଼ାର ଇତିହାସ ସମ୍ପର୍କରେ ବିଷଦ୍ ଭାବେ ଉପସ୍ଥାପନ କରିଥିଲେ। ବରଗଡ଼ର ଧନୁଯାତ୍ରା ଆଜି ଯେଉଁ ସ୍ତରରେ ପହଞ୍ଚିଛି ଏବଂ ସରକାରୀ ପ୍ରୋତ୍ସାହନ ପାଉଛି ଶ୍ରୀକ୍ଷେତ୍ରର ସାହିଯାତ କାହିଁକି ପଛରେ ପଡ଼ିବ ବୋଲି ଆତ୍ମସମୀକ୍ଷା କରିବାର ବେଳ ଆସିଛି ବୋଲି ମତ ରଖିଥିଲେ। ଗ୍ରନ୍ଥାକାର ଡ. ମିଶ୍ର ତଥ୍ୟ ସଂଗ୍ରହ ସମୟରେ ସହଯୋଗ କରିଥିବା ସମସ୍ତ ବ୍ୟକ୍ତିବିଶେଷ ଓ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପାଦେୟ ପୁସ୍ତକରେ ପୁରୀର ବିଭିନ୍ନ ସାହିରେ ସୁପ୍ରତିଷ୍ଠିତ ୬୦ରୁ ଊର୍ଦ୍ଧ୍ୱ ଜାଗା ଆଖଡ଼ା, କୋର୍ଟ ସମେତ ଶ୍ରୀକ୍ଷେତ୍ରର ଅନନ୍ୟ ସାହିଯାତ୍ରା ସମ୍ବନ୍ଧିତ ବିସ୍ତୃତ ତଥ୍ୟ ଉଲ୍ଲେଖ ରହିଛି।

## ● ବିଶ୍ୱରେ ଶ୍ରୀକ୍ଷେତ୍ର ସଂସ୍କୃତିର ପ୍ରଚାରପ୍ରସାରରେ ସହାୟକ ହେବ

ଏହି ଉନ୍ମୋଚନ ସମାରୋହରେ ବରିଷ୍ଠ ସେବକ ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ଉତ୍କଳ ବିଦ୍ୱତ ପରିଷଦ ସଭାପତି ମନୋଜ ରଥ, ଆଡ୍‌ଭୋକେଟ୍ ପୂର୍ଣ୍ଣଚନ୍ଦ୍ର ଦାସ, ଜ୍ୟୋତିର୍ବିଦ୍ ଅନାମ ସାହୁ, ସାହିଆଖଡ଼ା ସହ ଜଡ଼ିତ ଚକ୍ରଧର ମହାପାତ୍ର, ବିପିନ ପତ୍ରୀ, ଅଧ୍ୟାପିକା ଡ. କଲ୍ୟାଣୀ ଶତପଥୀ, ବରିଷ୍ଠ ସେବକ ଗଣେଶ୍ୱର ମହାସୁଆର, ଜଗନ୍ନାଥ ଖୁଣ୍ଟିଆ, ଶ୍ୟାମସୁନ୍ଦର ମହାପାତ୍ର, ଗୌରହରି ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବାଲିସାହି ଆଖଡ଼ାର ସମ୍ପାଦକ ନରେନ୍ଦ୍ର ମହାନ୍ତି ଗ୍ରନ୍ଥ ଉନ୍ମୋଚନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ବିଶିଷ୍ଟ କବି ତଥା ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର।

## ବିଦ୍ୟୁତ୍ ବିଭାଗର ନିଦ ଭାଙ୍ଗିଲା

# ବିଲରେ ଲାଗିଲା ମିଟର

ଶଗଡା,୨୨।୩(ସମିସ)



'ସକାଳ' ପ୍ରଭାବ

ସରକାର ଚାଷୀ ଓ ଚାଷ ପାଇଁ ମାଳମାଳ ଯୋଜନା ପ୍ରଣୟନ କରି ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ସରକାରଙ୍କ ସମସ୍ତ ଯୋଜନା ଚାଷୀଙ୍କ କ୍ଷେତ୍ରରେ ଏକ ପ୍ରକାର ପ୍ରହସନ ପାଲଟିଥିବା ଅଭିଯୋଗ ହୋଇଛି। ଚାଷୀଙ୍କ ମିଟର ସମସ୍ୟାକୁ ନେଇ ଖବର ପ୍ରକାଶ ପରେ ତୁରନ୍ତ ବିଦ୍ୟୁତ୍ ବିଭାଗ ପକ୍ଷରୁ ମିଟର ଲଗା ଯାଇଥିବା ଚାଷୀ ପ୍ରକାଶ କରିଛନ୍ତି।

କଣ୍ଟାମାଳ ବ୍ଲକ୍ ଯୋଗିନ୍ଦ୍ରପୁର ପଞ୍ଚାୟତ ଯୋଗିନ୍ଦ୍ରପୁର ଗ୍ରାମର ୪ଜଣ ଚାଷୀ ୨୦୨୦ ମସିହାରେ ବିଜୁ କୃଷକ କଲ୍ୟାଣ ଯୋଜନାରେ ୨୦ ହଜାର ଟଙ୍କା ଅଗ୍ରୀମ ଦେଇ ନିଜ ଚାଷ ଜମିରେ ଗଭୀର ନଳକୂପ ଖନନ କରିଥିଲେ। ୨୦୨୪ ମସିହାରେ ନଳକୂପରେ ବିଦ୍ୟୁତ ସଂଯୋଗ ମଧ ଦିଆଯାଇଥିଲା ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ବିଭାଗ ପକ୍ଷରୁ ମିଟର ଲଗାଯାଇ ନ ଥିଲା। ଅଧିକ ଚାଷ କରି ସେମାନେ ଲାଭବାନ ହୋଇ ପରିବାର ଚଳାଇବା ଆଶାରେ ଏହି ବୋର୍‌ୱେଲରେ ବିଦ୍ୟୁତ ସଂଯୋଗ ସହ ମୋଟର ଲାଗିଥିଲା; ହେଲେ ମିଟର ଲାଗି ନ ଥିଲା। ମିଟର ନ ଥିବା ଫଳରେ ଚାଷୀ ଚାଷ କରି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବିଦ୍ୟୁତ ବିଭାଗର ଅବହେଳାକୁ ଚାଷୀ ଦାୟୀ କରିଥିଲେ। ଗ୍ରାମର ଚାଷୀ ସୁପକାର ବଗର୍ତ୍ତି, ପରମାନନ୍ଦ ପ୍ରଧାନ, ଗୌରଚରଣ ପ୍ରଧାନ, ମଧୁସୂଦନ ପାଣିଗ୍ରାହୀଙ୍କ ବିଲରେ ମିଟର ବସି ନ ଥିଲା। ଶେଷରେ ଏହି ସମସ୍ୟାର ସମାଧାନ ହୋଇଛି। ଏ ନେଇ ଦୈନିକ 'ସକାଳ'ରେ ପ୍ରକାଶିତ ହେବା ପରେ ବରଗଡ଼ ଜିଲ୍ଲାର ରମେଶ ମେହେର, ବିନୋଜ କନ୍ଧେର, ଅତାବିରାର ରିଙ୍କୁ ଜଗଦଲା, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ବଲାଙ୍ଗୀର ଜିଲ୍ଲାର ସୁଶାନ୍ତ ପ୍ରଧାନ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲା କଣ୍ଟାମାଳର ଆଜାଦ କଲତା, ଅନନ୍ତ ମିଶ୍ର ଓ ମନଧର କର୍ମୀ ସାମାଜିକ ଗଣମାଧ୍ୟମ 'ଏକ୍ସ' ମାଧ୍ୟମରେ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ଆଜି ବିଭାଗ ପକ୍ଷରୁ ମିଟର ଲଗାଯାଇଛି। ସମସ୍ୟାର ସମାଧାନ ହୋଇଥିବାରୁ ଚାଷୀ ଖୁସି ବ୍ୟକ୍ତ କରିବା ସହ 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।

## ଏଡିଏମ୍‌ଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଡୁଙ୍ଗୁରିପାଲି,୨୨।୩(ସମିସ): ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ଏଡିଏମ୍‌ଓ) ଡାକ୍ତର ଦୈତ୍ୟ ନାରାୟଣ ପାଢୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଯୋଗ ଏଡିଏମ୍‌ଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡ. ରଘୁମଣି ମିଶ୍ର, ଡ. ଶ୍ରୀଧର ବିଶ୍ୱାଳ, ଡ. ସରୋଜ ସେଠ୍, ଡ. ଶାନ୍ତନୁ ମେହେର, ଡ. ସଞ୍ଜୟ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ବୌଦ୍ଧ ଗ୍ରାମୀଣ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର



ଜହ୍ନାପଙ୍କ,୨୨।୩(ସମିସ): ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ କଲ୍ୟାଣ ମଣ୍ଡପରେ ବୌଦ୍ଧ ଗ୍ରାମୀଣ ମଣ୍ଡଳସ୍ତରୀୟ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। ତେଲିବନ୍ଧ ମଣ୍ଡଳ ସଭାପତି ସୁଶୀଲ ହୋତାଙ୍କ ଅଧ୍ୟକ୍ଷତାରେ ଶିବିର ଆୟୋଜିତ ହୋଇଥିଲା। ବକ୍ତା ଭାବେ ବିଜେପି ବୌଦ୍ଧ ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ର, ପୂର୍ବତନ ମଣ୍ଡଳ ସଭାପତି ନବୀନ ହୋତା, ମଣ୍ଡଳ ପ୍ରଭାରୀ ରବିକୁମାର ଦେଓ, ମଣ୍ଡଳ ସାଧାରଣ ସମ୍ପାଦକ ମୋତିଲାଲ ମେହେର, ଆଶିଷ ଖଣ୍ଟୁଆ, ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବରେ ପୂର୍ବତନ ଜିଲ୍ଲା ସଭାପତି ମନରଞ୍ଜନ ଦାସ, ବିପ୍ରଚରଣ ମହାନ୍ତି, ଜିଲ୍ଲା ସାଂସ୍କୃତିକ ପ୍ରକୋଷ୍ଠ ସଭାପତି ଅରୁଣ ମେଣ୍ଡିଳି, ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟାନନ୍ଦ ପାଣ୍ଡେ, ସମ୍ପାଦକ ରାଜକୁମାର ମେହେର ପ୍ରଶିକ୍ଷଣ ଦେଇଥିଲେ। ମଣ୍ଡଳ ଏସଟି ସଭାପତି ପିଣ୍ଟୁ ମିର୍ଦ୍ଧା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୋଷାଧ୍ୟକ୍ଷ ବିକ୍ରମ ପ୍ରଧାନ, କାର୍ଯ୍ୟକାରୀ ସଦସ୍ୟ ଗୁରୁ ମେହେର, ବୈଶାଖୁ ବେହେରା, ଧରଣୀଧର ମେହେର, ସୁରେନ୍ଦ୍ର ମେହେର, ରଂଜିତ ମେହେର, ରତନା ମେହେରଙ୍କ ସମେତ ବିଜେପି କର୍ମୀ ସହଯୋଗ କରିଥିଲେ।

## ଶ୍ରୀ ଭାଗବତ ମନ୍ଦିର ପ୍ରତିଷ୍ଠା ଓ ଶ୍ରୀ ରାଧାକୃଷ୍ଣ ବିଗ୍ରହ ସ୍ଥାପନ ଉପଲକ୍ଷେ କଳସ ଶୋଭାଯାତ୍ରା



ମନମୁଣ୍ଡା,୨୨।୩(ସମିସ): ବାସୁଦେବପାଲି (ମନମୁଣ୍ଡା) ଠାରେ ଭବ୍ୟ ଶ୍ରୀଭାଗବତ ମନ୍ଦିର ପ୍ରତିଷ୍ଠା ସହ ଶ୍ରୀ ରାଧାକୃଷ୍ଣ ବିଗ୍ରହ ସ୍ଥାପନ ଉପଲକ୍ଷେ ଏକ ବିରାଟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦେଉଳି ରେଲୱେ ତେଲନଦୀ ଘାଟରେ ପୂର୍ଣ୍ଣଚନ୍ଦ୍ର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଲଳିତ ମେହେର ଓ ତାଙ୍କ ପତ୍ନୀ ସଂଯୁକ୍ତା ଏବଂ ରାଜ ନାରାୟଣ ମହାନ୍ତି ଓ ତାଙ୍କ ପତ୍ନୀ ମମତା ଏଥିରେ କର୍ତ୍ତା ଭାବେ ରହିଥିଲେ। ପ୍ରାୟ ୫୦୦ ଜଣ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କଳସ ଶୋଭାଯାତ୍ରା ପରେ ମନ୍ଦିରରେ ମଣ୍ଡଳକରଣ କରାଯାଇଥିଲା।

ଶୁକ୍ରବାର ଅଙ୍କୁର ରୋପଣ କରାଯାଇଥିବାବେଳେ ଶନିବାର ବିଜେଞ୍ଜସି ବାରିକ ପାରାୟଣ ଗାୟନ କରିଥିଲେ। କଂସ ଦରବାର ନାଟକ ଶୁଭାରମ୍ଭ ହୋଇଥିଲା। ବରଗଡ଼ ଧନୁଯାତ୍ରାର ପୂର୍ବତନ କଂସ ଭୁବନେଶ୍ୱର ପ୍ରଧାନ ଅଭିନୟ କରିଥିଲେ। ଏହି ମହୋତ୍ସବ ଆସନ୍ତା ୨୮ ତାରିଖରେ ଉଦ୍‌ଯାପିତ ହେବ ବୋଲି କମିଟି ସଭାପତି ଲଳିତ ମେହେର ସୂଚନା ଦେଇଛନ୍ତି।

## ଯୁବ ସାହିତ୍ୟିକ ମନୋଜ ବିଶି ସମ୍ମାନିତ



ଶଗଡା,୨୨।୩ (ସମିସ): ବୌଦ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଦପଲା ଗ୍ରାମର ଯୁବ ସାହିତ୍ୟ ସାଧକ ମନୋଜ ବିଶିଙ୍କୁ ରାଉରକେଲା ଇସ୍ପାତ ସାହିତ୍ୟ ସଂସଦ ପକ୍ଷରୁ ରଶ୍ମିପ୍ରଭା ସମ୍ମାନରେ ସମ୍ମାନିତ କରାଯାଇଛି। ନିରବଚ୍ଛିନ୍ନ ସାହିତ୍ୟ ସାଧନ ପାଇଁ ତାଙ୍କୁ ଚୟନ କରାଯାଇଥିଲା। ରାଉରକେଲାରେ ଅନୁଷ୍ଠିତ ନବମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସାରଦା ପ୍ରସାଦ ନାଏକ ଯୋଗ ଦେଇ ଶ୍ରୀ ବିଶିଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଏଭଳି ସମ୍ମାନ ତାଙ୍କୁ ସାହିତ୍ୟ ସାଧନା କ୍ଷେତ୍ରରେ ଆହୁରି ଆଗକୁ ବଢାଇବାକୁ ପ୍ରେରଣା ଯୋଗାଇବ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ମାୟାବର୍ହା ହାଇସ୍କୁଲ ପୁରସ୍କୃତ



ଡୁଙ୍ଗୁରିପାଲି,୨୨।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବନ ବିଭାଗ ତରଫରୁ ଅନ୍ତର୍ଜାତୀୟ ଜଙ୍ଗଲ ଦିବସ ଅବସରରେ ଡୁଙ୍ଗୁରିପାଲି ବ୍ଲକ୍ ମାୟାବର୍ହା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପୁରସ୍କୃତ ହୋଇଛି। ପ୍ରଧାନ ଶିକ୍ଷକ ଡ. ରବିଚନ୍ଦ୍ର ପଶାୟତ ଓ ଅଫିସ ସହାୟକ ସଞ୍ଜୀବ ପୂଜାରୀ ଅତିଥିମାନଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି।

## ପୂଜା ଡୁଙ୍ଗୁରିରେ ବ୍ଲକ୍ ଯାଦବ ମହାସଭା



ଡୁଙ୍ଗୁରିପାଲି,୨୨।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଯାଦବ ସମାଜ ପକ୍ଷରୁ ଅଡ଼ାକସାସ୍ଥିତ ପୂଜା ଡୁଙ୍ଗୁରିଠାରେ ଯାଦବ ମହାସଭା ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ବ୍ଲକ୍ ଯାଦବ ସମାଜ ସଭାପତି ଶତ୍ରୁଘନ ବଗର୍ତ୍ତଙ୍କ ସଭାପତିତ୍ୱରେ ଆୟୋଜିତ ମହାସଭାରେ ମୁଖ୍ୟ ଅତିଥି ଭାବେ ସୋନପୁର ଜିଲ୍ଲା ସଭାପତି ତପନ ଯୁଆଡ଼ି ଏବଂ ମୁଖ୍ୟ ବକ୍ତା ଭାବେ କଳାହାଣ୍ଡି ଜିଲ୍ଲାର ଧନେଶ୍ୱର ବାଗ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଛବିଳ ବଗର୍ତ୍ତୀ, ସୁରେଶ ଷାଣ୍ଢ, ବିରଞ୍ଚି ନାରାୟଣ ଷାଣ୍ଢ, ପ୍ରଫୁଲ୍ଲ ନାଏକ, କୃଷ୍ଣଚନ୍ଦ୍ର ବଗର୍ତ୍ତୀ, ନୀଳକଣ୍ଠ ବଗର୍ତ୍ତୀ, ରବି ପୋଡ଼, ଶ୍ରୀତଲ ପ୍ରସାଦ ମହାକୁଡ଼, ମହାଦେବ ବଗର୍ତ୍ତୀ, ବିପିନ ବିହାରୀ ବାଗ, ନରେନ୍ଦ୍ର ବାଗ ପ୍ରମୁଖ ଯୋଗ ଦେଇଥିଲେ।

## ଜାଲେଇରେ ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି

ବୌଦ୍ଧ,୨୨।୩(ସମିସ): ବୌଦ୍ଧ ବ୍ଲକ୍ ମୁଣ୍ଡିପଦର ପଞ୍ଚାୟତ ଜାଲେଇ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି ଅବସରରେ କୀର୍ତ୍ତନ ବୈଠକୀ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଭଗବତ ସଂକୀର୍ତ୍ତନ ମଣ୍ଡଳୀ ଓ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ବାଙ୍କୀଗିର୍ଡି ଓ ଚକୁଳି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ କୀର୍ତ୍ତନ ବୈଠକୀରେ ଅଂଶ ଗ୍ରହଣ କରିଥିଲେ। ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ହୋଇଥିଲା। ଗୁରୁ ସଦାଶିବ ସାହୁଙ୍କ ପୌରୋହିତ୍ୟରେ ଅଧିବାସ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ନାମ ଆରମ୍ଭ ହୋଇଥିଲା। ଏଥିରେ ସମସ୍ତ ଗ୍ରାମବାସୀ ସାମିଲ ହୋଇଥିଲେ। ନାମଯଜ୍ଞରେ କର୍ତ୍ତା ଭାବେ ସ୍ୱାଧୀନ ବାଘ ଓ ତାଙ୍କ ପତ୍ନୀ ହୃଦେଶ୍ୱରୀ ବାଘ ଭୂମିକା ନିର୍ବାହ କରିଥିବା ବେଳେ ପୂଜକ ଭାବେ ବିଶ୍ୱ ମୋହନ ପାଣିଗ୍ରାହୀ ଓ ଚିରଞ୍ଜିବୀ ମିଶ୍ର ପୂଜା କାର୍ଯ୍ୟ କରୁଛନ୍ତି। କୀର୍ତ୍ତନ ବୈଠକୀ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଦର୍ଶକ ସାମିଲ୍ ହୋଇଥିଲେ।

## କମଳପୁର ପ୍ରାଇସ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ

ବୌଦ୍ଧ,୨୨।୩(ସମିସ): ବୌଦ୍ଧ ବ୍ଲକ୍ ତେଲିବନ୍ଧ ପଞ୍ଚାୟତ କମଳପୁରସ୍ଥିତ ପ୍ରାଇସ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନନ୍ଦ ମାର୍ଗର ପ୍ରତିଷ୍ଠାତା ପ୍ରଭାତ ରଂଜନ ସରକାର ଆନନ୍ଦ ମୂର୍ତ୍ତିଜୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ବିଭୁତି ଭୁଷଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଆନନ୍ଦ ମାର୍ଗ ସନ୍ୟାସୀ ଆଚାର୍ଯ୍ୟ ଲୋକାଦିତାନନ୍ଦ ଅବଧୂତ, ଗନ୍ଧରାଡ଼ି ଉଚ୍ଚ ମାଧମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାତ ଶତପଥୀ, ସାମାଜିକକର୍ମୀ କେଦାରନାଥ ସାହୁ, ଆନନ୍ଦ ମାର୍ଗୀ ବିଦ୍ୟାଧର ସ୍ୱାଇଁ, ବିଶିକେଶନ ପ୍ରଧାନ, ସ୍କୁଲର ନିର୍ଦ୍ଦେଶକ କିଶୋର ପ୍ରଧାନ ଯୋଗ ଦେଇଥିଲେ। ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପିକା ଜ୍ୟୋତିର୍ମୟୀ କହଁର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ନିଜ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ମନୋଜ ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ତୋଷ କର୍ଣ୍ଣ ସଭା ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।




## ବିପୁଳ କଫ ସିରପ୍ ଜବତ; ୩ ଅଭିଯୁକ୍ତ ଗିରଫ

ଡୁଙ୍ଗୁରିପାଲି ୨୨।୩(ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ରାମପୁର ଥାନା ପୁଲିସ ରବିବାର ୧୫ଶହ କଫ ସିରପ ବୋତଲ ଜବତ କରିଛି। ଏହି ଘଟଣାରେ ବରଗଡ ଜିଲ୍ଲା ଗାଇସିଲେଟ ବ୍ଲକ କନ୍ଧୁମୁଣ୍ଡା ଗ୍ରାମର ଉମେଶ ସାହୁ, ବଲାଙ୍ଗୀର ବରପାଲି ପଡ଼ାର ଅମ୍ରିତ୍ ନାୟକ ଓ ବଲାଙ୍ଗୀର ରାଧାରାଣୀ ପଡ଼ାର ଆଶିଷ ବର୍ଗେଙ୍କୁ ଗିରଫ କରିଛି। ଏକ ଘରୋଇ ବସ୍‌ରେ ଏହା ଭୁବନେଶ୍ୱରରୁ ଡୁଙ୍ଗୁରିପାଲି ଯାଉଥିଲା। କୌଣସି ସୂତ୍ରରୁ ଖବର ପାଇ ରାମପୁର ଥାନା ପୁଲିସ ରାମପୁର ମହିଳା ମହାବିଦ୍ୟାଳୟ ବସଷ୍ଟାଣ୍ଡ ପାଖରେ ଗାଡ଼ିକୁ ଅଟକାଇଥିଲା।



## ବୀରମହାରାଜପୁର ମହୋତ୍ସବରେ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା



ବୀରମହାରାଜପୁର,୨୨।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡସ୍ତରୀୟ ନବମ ଲୋକ ମହୋତ୍ସବରେ ଲୋକେ ସାଂସ୍କୃତିକ କାର୍ଯ୍ୟକ୍ରମର ଭରପୂର ଆନନ୍ଦ ଉଠାଉଛନ୍ତି। ଏହି ଅବସରରେ ଉପଖଣ୍ଡର ସମସ୍ତ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ବୀରମହାରାଜପୁର ଉପଜିଲ୍ଲାପାଳ ତଥା ଲୋକ ମହୋତ୍ସବ କମିଟିର ଅଧ୍ୟକ୍ଷ ସୁରେନ୍ଦ୍ର ମେହେର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର, ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଉପାଧ୍ୟକ୍ଷ ଝସକେତନ ବଘାର, ଜିଲ୍ଲା ପରିଷଦ ସଦସ୍ୟ ଲବ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ତହସିଲଦାର ସୁଶ୍ରୀ ଶୁଚୀସ୍ମିତା ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ସ୍ୱାଗତ ପଣ୍ଡା,ଏବିଡିଓ ପୁରୁଷୋତ୍ତମ ଧରୁଆ, ଉଲୁଣ୍ଡା ବିଡିଓ ଦିଲ୍ଲିପ ବରା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଭୀମଭୋଇ କଳା ପରିଷଦର କଳାକାର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କିଶୋର ହୋତା ମଞ୍ଚ ପରିଚାଳନା କରିଥିବା ବେଳେ ଭୂଷଣ ପାତ୍ର ସ୍ୱାଗତ କରିଥିଲେ। ହୃଷିକେଶ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସୁଶ୍ରୀ ଇପ୍ସିତା ପ୍ରିୟଦର୍ଶିନୀ ପାଢ଼ୀଙ୍କ ମାଳେଶ୍ରୀ ବନ୍ଦନାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ରୁଦ୍ର ଭୈରବୀ କ୍ଲବ୍, ପଇଁରୀ, ଭୀମଭୋଇ କଳା ପରିଷଦ, ଗାୟତ୍ରୀ ଆବାସିକ ଶିକ୍ଷା ନିକେତନର କଳାକାର ନୃତ୍ୟସଙ୍ଗୀତ ପରିବେଷଣ କରିଥିଲେ। ମୋନାଲିସା ନନ୍ଦ, ଅନ୍ୱେଷା ରଥ, ଉତ୍ତମ ଜଗଦଲା, କିଶୋର ମେହେର, ଦୁର୍ଗା ପ୍ରସାଦ ଜଗଦଲା ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ। ଗିରିଧାରୀ ହୋତା, ପ୍ରୀତିମୟୀ ମିଶ୍ର ,ସତ୍ୟ ନାରାୟଣ ଦାସ୍ , ଐଶ୍ୱର୍ଯ୍ୟା ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ତୃତୀୟ ସନ୍ଧ୍ୟାରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜୋଲିନା ପଧାନ, କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଏସଡିପିଓ ହେମନ୍ତ ରାଓ, ବୌଦ୍ଧ ଜିଲ୍ଲା ପରିଷଦ ସଦସ୍ୟ ରାକେଶ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବର୍ଷୀୟାନ କଳାକାର ତଥା ଲୀଳା ନାଟକରେ ୫୫ ବର୍ଷ ଧରି ରାବଣ ଭୂମିକାରେ ଅଭିନୟ କରିଥିବା ଚମ୍ପାମାଳ ଗ୍ରାମର ଖତୁ ପ୍ରସାଦ ହୋତାଙ୍କୁ ମାଳେଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଭୀମ ଭୋଇ କଳା ପରିଷଦର କଳାକାର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ମାଳେଶ୍ରୀ ମହୋତ୍ସବ କମିଟି ବରିଷ୍ଠ ସଦସ୍ୟ ଯୁଗଳ କିଶୋର ମିଶ୍ର ସଭା ପରିଚାଳନା କରିଥିବାବେଳେ ଧର୍ମ ନିରଞ୍ଜନ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅକ୍ଷୟ ରାଏ ଧନ୍ୟବାଦ ଅର୍ପଣ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଭାତ ଦାସ ମାଳେଶ୍ରୀ ବନ୍ଦନା ଗାନ କରିଥିବାବେଳେ ଅବିନାଶ ହୋତା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚବିଶ ପ୍ରହର ନାମଯଜ୍ଞ

କଣ୍ଟାମାଳ,୨୨।୩(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବଡ଼ଛପାପାଲିରେ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୁବୁଦ୍ଧି ସାହୁ ଓ ତାଙ୍କ ପତ୍ନୀ ସବିତା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଯଜ୍ଞ ମିଶ୍ର ଓ ଭାଗ୍ୟ ମିଶ୍ର ପୂଜାକାର୍ଯ୍ୟ ତୁଲାଇଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ।

## ପିଏମ୍‌ଶ୍ରୀ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ଶିକ୍ଷା କେବଳ ବିଷୟଭିତ୍ତିକ ଜ୍ଞାନ ହାସଲ ପାଇଁ ନୁହେଁ

ତରଭା,୨୨।୩(ସମିସ)

ଶିକ୍ଷା କେବଳ ବିଷୟଭିତ୍ତିକ ଜ୍ଞାନ ହାସଲ ପାଇଁ ନୁହେଁ। ଶିକ୍ଷା ମାନବୀୟ ମୂଲ୍ୟବୋଧଯୁକ୍ତ ହେବା ଆବଶ୍ୟକ। ବଡ଼ ମଣିଷ ଅପେକ୍ଷା ଭଲ ମଣିଷ ଗଠନରେ ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତରଭା ପିଏମ୍‌ଶ୍ରୀ ବାଳକ ହାଇସ୍କୁଲର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏନ୍‌ଏସି ଅଧ୍ୟକ୍ଷା ବନ୍ଦିତା ନାଏକ ଏହା କହିଛନ୍ତି।

ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ର, ପଞ୍ଚସଖା ଶିକ୍ଷାସେତୁର ସଭାପତି ହରିବନ୍ଧୁ ପାଣିଗ୍ରାହୀ, ଏସଏମସି ସଭାପତି ନନ୍ଦିନୀ ରଣା ଓ ମୁଖ୍ୟବକ୍ତା ଭାବେ ସଇଁତଳାସ୍ଥିତ ଆୟୁଧ ନିର୍ମାଣ ବିଦ୍ୟାଳୟର ଶିକ୍ଷକ ରାଜମଣି ସାହୁ ଯୋଗ ଦେଇଥିଲେ। ବିଶେଷ ଆକର୍ଷଣ ଭାବେ ସମ୍ବଲପୁରୀ ହାସ୍ୟ କଳାକାର ବିନ୍ଦୁ ଓ ପ୍ରେମାଙ୍କ ଯୋଗଦାନ କାର୍ଯ୍ୟକ୍ରମକୁ ଆହୁରି ଆକର୍ଷଣୀୟ କରିଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ସ୍କୁଲରେ ଦୀର୍ଘ ୨୫ ବର୍ଷଧରି କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଶ୍ୱିନୀ ପୋଡ଼ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଛାତ୍ରଛାତ୍ରୀଙ୍କ ନୃତ୍ୟଗୀତ, ନାଟକ ସମସ୍ତଙ୍କୁ ମନୋମୁଗ୍ଧ କରିଥିଲା। ଏହି ଅବସରରେ ଶିକ୍ଷା, କ୍ରୀଡ଼ା ଓ ସାଂସ୍କୃତିକ କ୍ଷେତ୍ରରେ ସଫଳତା ପାଇଁ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ସୁରଜ ସେଠୀ ଅଧ୍ୟକ୍ଷତା କରିଥିଲେ। ଶିକ୍ଷୟିତ୍ରୀ ଚିନ୍ମୟୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଶିକ୍ଷକ ସୁରଜ ସେଠୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷକ ସଞ୍ଜୀବ ସେଠୀ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସ୍ଥିତିପ୍ରଜ୍ଞା ବାଘ ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ସତ୍ୟବ୍ରତ ମିଶ୍ର, ଗୀତାଞ୍ଜଳି ସାହୁ, ସରୋଜ ଦେହେରୀ, ପ୍ରତିଚୀ ମହାକୁଡ଼, ମମନ ବେହେରା, ପ୍ରତିମା ସାହୁ, ପଦ୍ମାଳୟା ମେହେର, ବାଳଗୋପାଳ ସା, ସ୍ୱର୍ଣ୍ଣପ୍ରଭା ରଣା, ମେଘନାଦ ମହଲା, ଅରୁଣ ସାହୁ, ମମତା ମହାପାତ୍ର, ସୌଦାମିନୀ ହୋତା, ଅରୁଣିମା ସାହୁ, ହିମାନୀ ପଟ୍ଟନାୟକ, ଅଶ୍ୱିନୀ ପୋଡ଼, ମୋତିଲାଲ ବନଛୋର, ରଜନୀକାନ୍ତ ମିଶ୍ର ଓ କଲ୍ୟାଣ ବାରିକଙ୍କ ସହ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ପ୍ରତିମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ବୃଦ୍ଧାଶ୍ରମରେ ମହିଳା କର୍ମୀଙ୍କ ଦାଦାଗିରି

ଯୋଡ଼ା, ୨୨।୩(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ବାଚୁ ହଟିଙ୍ଗରେ ଥିବା ବୃଦ୍ଧାଶ୍ରମରେ ମହିଳା କର୍ମୀଙ୍କ ଦାଦାଗିରି ଏବେ ଚରମ ସୀମାରେ ପହଞ୍ଚିଛି। ଡିଏମଏଫ୍ ଅନୁଦାନ ଦ୍ୱାରା ପରିଚାଳିତ ଏହି ବୃଦ୍ଧାଶ୍ରମରେ ଜଣେ ଅନ୍ତେବାସୀଙ୍କୁ ହିମାନୀ ଭଟାଚାର୍ଯ୍ୟଙ୍କ ଦ୍ୱାରା ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ଖବର ପ୍ରଚାର ହେବା ପରେ ସେଠାକୁ ଖବର ସଂଗ୍ରହ ପାଇଁ ଯାଇଥିବା କିଛି ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଛନ୍ତି ଉକ୍ତ ବହୁମୁଖୀ ମହିଳା କର୍ମୀ ହିମାନୀ ଭଟାଚାର୍ଯ୍ୟ। ସୂଚନାରୁ ପ୍ରକାଶ ଯେ ଉକ୍ତ ଘଟଣା ଅଞ୍ଚଳରେ ପ୍ରଘଟ ହେବା ପରେ କିଛି ଗଣମାଧ୍ୟମ ପ୍ରତିନିଧି ଖବର ସଂଗ୍ରହ ପାଇଁ ବୃଦ୍ଧାଶ୍ରମରେ ପହଞ୍ଚିଥିଲେ। ତେବେ ହିମାନୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ଗାଳିଗୁଲଜ କରିବା ସହ ବୁମ୍ ସମେତ ମୋବାଇଲ ଛଡ଼ାଇ ନେଇ ଧମକ ଦେଇ ବାହାରି ଯିବାକୁ କହିଥିଲେ। ଯୋଡ଼ା ଅଭିଯୋଗ ସମ୍ପର୍କରେ ଯେତେବେଳେ ସାମ୍ବାଦିକ ତାଙ୍କର ପ୍ରତିକ୍ରିୟା ନେବାକୁ ଚାହିଁଥିଲେ, ସେତେବେଳେ ସେ ହଠାତ୍ ଉତକ୍ଷିପ୍ତ ହୋଇଉଠିଥିଲେ। କର୍ତ୍ତବ୍ୟରତ ସାମ୍ବାଦିକମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ

➤ ଅନ୍ତେବାସୀଙ୍କୁ ତଣ୍ଟିଆ ମାରି ନିର୍ଯାତନା ଅଭିଯୋଗ
➤ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ

ବୃଦ୍ଧାଶ୍ରମର ବହୁମୁଖୀ ମହିଳା କର୍ମୀ ହିମାନୀ ଭଟାଚାର୍ଯ୍ୟ ଗତକାଲି ଜଣେ ଅନ୍ତେବାସୀ ବୃଦ୍ଧଙ୍କୁ ତଣ୍ଟିଆ ମାରି ମାଡ଼ମାରିଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଅଭିଯୋଗ ପାଇବା ପରେ ଆଜି କିଛି ଗଣମାଧ୍ୟମର ପ୍ରତିନିଧି ଖବର ସଂଗ୍ରହ ପାଇଁ ବୃଦ୍ଧାଶ୍ରମକୁ ଯାଇଥିଲେ। ଅନ୍ତେବାସୀଙ୍କୁ ମାଡ଼ ମାରିଥିବା କରିଥିଲେ। 'ତମକୁ ଏଠାକୁ କିଏ ଡାକିଛି, ଗେଟ୍ ଆଉଟ୍' କହି ବୁମ୍ ସମେତ ମୋବାଇଲ ଛଡ଼ାଇ ନେଇଥିଲେ। ଏନେଇ ସାମ୍ବାଦିକଙ୍କ ପକ୍ଷରୁ ଯୋଡ଼ା ଥାନାରେ ଏକ ଲିଖିତ ଏତଲା ଦିଆଯାଇଛି। ପୁଲିସ୍ ଅଭିଯୋଗ ଗ୍ରହଣ କରି ଘଟଣାର ଛାନଭିନ୍ ଆରମ୍ଭ କରିଛି।

# ଚୋରା ଲୁହାପଥର ଚାଲାଣ ବେଳେ ବନ ବିଭାଗର ଚଢ଼ଉ



ଯୋଡ଼ା/ବଡ଼ବିଲ,୨୨।୩(ସମିସ): ବନ ବିଭାଗକୁ ମିଳିଛି ବଡ଼ ସଫଳତା। ଗତ ଶନିବାର ବିଳମ୍ବିତ ରାତିରେ ବନ ବିଭାଗ ପକ୍ଷରୁ ଲୁହାପଥର ଚୋରା ଚାଲାଣ ଉପରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ବଡ଼ବିଲ ରେଞ୍ଜ ଅଫିସର ସଞ୍ଜୀବ କୁମାର ରାଉତଙ୍କ ନେତୃତ୍ୱରେ ଫରେଷ୍ଟର ଓ ଅନ୍ୟ ବନ କର୍ମଚାରୀ ଅତର୍କିତ ଭାବରେ ଚଢ଼ଉ କରିଥିଲେ। ଏଠାରୁ ୩ଟି ଟ୍ରକ୍ ଓ ଗୋଟିଏ ଜେସିବି ଜବତ୍ କରିବାରେ ବନ ବିଭାଗ

## ୪ ଟ୍ରକ୍ ଓ ଜେସିବି ଜବତ

ନିଆଯାଇଛି। ଚୋରା ଚାଲାଣ ହେଉଥିଲା ବେଳେ ଘଟଣାସ୍ଥଳରୁ ୪ଟି ଟ୍ରକ୍ ସହିତ ଗୋଟିଏ ଜେସିବି ଜବତ ହୋଇଛି।

ସୂଚନା ଅନୁସାରେ, ବଡ଼ବିଲ ରେଞ୍ଜ ଅନ୍ତର୍ଗତ ଠାକୁରାଣୀ ସଂରକ୍ଷିତ ଜଙ୍ଗଲର କଳାପାହାଡ଼ ନିକଟରେ ଚୋରା ଭାବେ ଲୁହାପଥର ଲୋଡ଼ିଂ ଚାଲୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ସକ୍ଷମ ହୋଇଛି। ସେହିପରି, ଚମ୍ପୁଆ ରେଞ୍ଜ, ଯୋଡ଼ା ସେକ୍ସନର ଯୋଡ଼ା–ବିଚାକୁଣ୍ଡି ରାସ୍ତା ପାଖରେ ଥିବା ଜଙ୍ଗଲ ଅଞ୍ଚଳରେ ଆଇରନ୍ ଲମ୍ପ୍ ବୋଝେଇ ଚାଲିଥିବାବେଳେ ଆଉ ଗୋଟିଏ ଟ୍ରକ୍‌କୁ ବନ ବିଭାଗ ଜବତ କରିଛି। ତେବେ ଅନ୍ଧାରର ସୁଯୋଗ ନେଇ ଘଟଣାରେ ସଂପୃକ୍ତ ମାଫିଆ ଓ ଟ୍ରକ୍ ଚାଳକମାନେ ଘଟଣାସ୍ଥଳ ଛାଡ଼ି ପଳାଇବାରେ ସଫଳ ହୋଇଛନ୍ତି। ଖଣିଜ ମାଫିଆ ବିଭିନ୍ନ ଜଙ୍ଗଲ ଅଞ୍ଚଳରେ ନିରୀହ ଶ୍ରମିକଙ୍କୁ ଲଗାଇ ବେଆଇନ୍ ଭାବରେ ଖଣିଜ ଉତ୍ତୋଳନ କରି ରାତି ଅନ୍ଧାରରେ ସୁଯୋଗ ଦେଖି ସେଗୁଡ଼ିକୁ ଚୋରା ଚାଲାଣ କରିଥାଆନ୍ତି। ଏହି ଘଟଣାକୁ ନେଇ ବନ ବିଭାଗ ଅଧିକ ତଦନ୍ତ ଜାରି ରଖିଛି।

# ହୃଦ୍‌ଘାତରେ ଟାଟା ପାୱାର କର୍ମଚାରୀଙ୍କ ମୃତ୍ୟୁ

ତୁରୁମୁଙ୍ଗା, ୨୨।୩(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ କଡ଼ ଝାରବେଡ଼ାରେ ଥିବା ଟାଟା ପାୱାରର ବୃତ୍ତିମୂଳକ ପ୍ରଶିକ୍ଷଣ କେନ୍ଦ୍ରର ସଂଯୋଜକଙ୍କ ହୃଦଘାତରେ ଶନିବାର ମୃତ୍ୟୁ ହୋଇଛି। ସେ କଟକ ଜିଲ୍ଲା ବାଙ୍କୀ ଅଞ୍ଚଳର ମୂଳ ବାସିନ୍ଦା ଗୋପାଳଚନ୍ଦ୍ର ବେହେରା(୫୭) ବୋଲି ଜଣାପଡ଼ିଛି। ପ୍ରଶିକ୍ଷଣ କେନ୍ଦ୍ରରେ ଥିବା ଘରେ ଶୋଇଥିଲେ। ସକାଳୁ ନ ଉଠିବାରୁ ସହକର୍ମୀମାନେ ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୁରୁମୁଙ୍ଗା ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତାଙ୍କ ମୃତ୍ୟୁରେ ତୁରୁମୁଙ୍ଗା ଉପଖଣ୍ଡ ବିଦ୍ୟୁତ କାର୍ଯ୍ୟାଳୟର ଅଧିକାରୀଙ୍କ ସହ ବିଭାଗୀୟ କର୍ମଚାରୀଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି।

# ସିପିଆଇ ପକ୍ଷରୁ ସାମ୍ରାଜ୍ୟବାଦ ବିରୋଧୀ ଦିବସ ପାଳିତ




ସାରସକଣା,୨୨।୩(ସମିସ): ସାରସକଣା ଝାରପୋଖରୀଆ ହାଟ ପାଖରେ ସମଗ୍ର ବିଶ୍ୱର ପ୍ରାକୃତିକ ସମ୍ପଦ ଉପରେ ଯୁଦ୍ଧ ଖୋର ସାମ୍ରାଜ୍ୟବାଦୀ ଆମେରିକା ଓ ଏହାର ସହଯୋଗୀ ମାନଙ୍କର ଜବର ଦଖଲ ଓ ନରସଂହାରର ବିଭୀଷିକା ମଧ୍ୟପ୍ରାଚ୍ୟରୁ ଆରମ୍ଭ ହୋଇ ତୃତୀୟ ବିଶ୍ୱଯୁଦ୍ଧର ରୂପ ନେଉଛି। ଆମେରିକା ଓ ଇସ୍ରାଏଲ ଆନ୍ତର୍ଜାତିକ ଆଇନ୍‌କୁ ଉଲଂଘନ କରି ଇରାନ୍ ଉପରେ ମିଳିତ ଆକ୍ରମଣ ଫଳରେ ବହୁ ଧନ-ଜନଜୀବନ ନଷ୍ଟ ହେଉଛି। ଯାହାର ପ୍ରଭାବରେ ରନ୍ଧନ ଗ୍ୟାସ ଓ ଖାଇବା ତେଲର ଅହେତୁକ ଦରବୃଦ୍ଧି ଘଟିବା ସହ ରନ୍ଧନ ଗ୍ୟାସର ଘୋର ଅଭାବ ପରିଲକ୍ଷିତ ହୋଇଛି। ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ମୟୂରଭଞ୍ଜ ପକ୍ଷରୁ ସାରସକଣା ବ୍ଲକ ଅନ୍ତର୍ଗତ ଝାରପୋଖରିଆ ବସ୍ ଷ୍ଟାଣ୍ଡଠାରେ ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ, ଧ୍ୱଂସ ନୁହେଁ ପ୍ରଗତି ଚାହୁଁ, ସାମ୍ରାଜ୍ୟବାଦ ମୁର୍ଦ୍ଦାବାଦ୍ ସ୍ଲୋଗାନ ସହ ଏହି ଅଭାବନୀୟ ସଂକଟର ପ୍ରତିବାଦ କରାଯାଇଛି। ଏଥିରେ ସିପିଆଇ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ସହସମ୍ପାଦକ ପରମେଶ୍ୱର ମହାନ୍ତ, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ନାଏକ, ଶୁକଦେବ ସିଂ, ରୀନା ଧଳ, ଶର୍ମିଳା ରାଜ, ଶତ୍ରୁଘ୍ନ ନାଏକ, ଫୁଲମଣି ସିଂ, ବାସନ୍ତୀ ବିନ୍ଧାଣୀ, ନିରଞ୍ଜନ ମହାନ୍ତ, ବସୁମତୀ ରଣା, ହରିହର ନାଏକ ପ୍ରମୁଖ ସାମିଲ ଥିଲେ।

● ବିଶ୍ୱ ବନ ଦିବସ

# ସମ୍ମାନିତ ହେଲେ ବନପାଳ ଓ ବନରକ୍ଷୀ

ତୁରୁମୁଙ୍ଗା, ୨୨।୩(ସମିସ): ବିଶ୍ୱ ବନ ଦିବସ ଅବସରରେ ବନ ସୁରକ୍ଷା ଓ ପରିବେଶ ସଂରକ୍ଷଣ କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ପାଇଁ କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜର ବନପାଳ ଓ ବନରକ୍ଷୀ ସମ୍ମାନିତ ହୋଇଛନ୍ତି। ଶନିବାର କେନ୍ଦୁଝର ଅଡ଼ିଟୋରିୟମରେ ଆୟୋଜିତ ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ କାର୍ଯ୍ୟକ୍ରମରେ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପାଟଣା ରେଞ୍ଜ ଅନ୍ତର୍ଗତ ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ,



ବନରକ୍ଷୀ ଡଲିରାଣୀ ସାହୁ ଏବଂ ସାହାରପଡା ସେକ୍ସନ ଗୋରାଣ୍ଡିଯୋଡି ବିଟ୍ ବନରକ୍ଷୀ ରଞ୍ଜିତା ମହାନ୍ତଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବନ ସୁରକ୍ଷା, ଅବୈଧ କାଠ କଟାରେ ଲଗାମ ଲଗାଇବା, ବନ୍ୟପ୍ରାଣୀ ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ଏବଂ ବନାଗ୍ନି ନିୟନ୍ତ୍ରଣରେ ସକ୍ରିୟଭୂମିକା ପାଇଁ ସେମାନଙ୍କୁ ଜିଲ୍ଲା ସ୍ତରରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ କେନ୍ଦୁଝର ଡିଏଫଓ ଏଚଡି ଧନରାଜ୍‌ଙ୍କ ସହ ପରିବେଶପ୍ରେମୀମାନେ ସାମିଲ ହୋଇଥିଲେ। ବନ ଓ ପରିବେଶ ସୁରକ୍ଷା ପାଇଁ ସମସ୍ତଙ୍କ ସହଭାଗୀତା ଆବଶ୍ୟକ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ବିଶ୍ୱ ବନ ଦିବସ ଅବସରରେ ଏପରି ସମ୍ମାନ ପ୍ରଦାନ ବନ କର୍ମଚାରୀମାନଙ୍କୁ ଆଗାମୀ ଦିନରେ ଅଧିକ ଉତ୍ସାହ ଓ ପ୍ରେରଣା ଯୋଗାଇବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

# ଚମ୍ପାଝରେ ଆଶ୍ରମ ବିଦ୍ୟାଳୟରେ ବାର୍ଷିକୋତ୍ସବ 'ସୃଜନୀ'




ମହୁଲଡିହା,୨୨।୩(ସମିସ): ଚମ୍ପାଝର ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ସୃଜନୀ ୨୦୨୫-୨୬ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସାର୍ଦ୍ଦିକ ପଣ୍ଡାଙ୍କ ନେତୃତ୍ୱରେ ସନ୍ଧ୍ୟାରେ ଅନୁଷ୍ଠିତ ବାର୍ଷିକୋତ୍ସବରେ ଅତିଥିମାନେ ଯୋଗଦେଇ ପିଲାଙ୍କ ରୁଚି ଅନୁସାରେ ସୁଯୋଗ ଦେବାକୁ ପରାମର୍ଶ ଦେଇଥିଲେ। ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଙ୍ଗଳ ଅଧିକାରୀ ଆଲୋକ କୁମାର ମାଝୀ, ଅନ୍ତର୍ଜାତୀୟ ରଗବି ରେଫରୀ ଦିବ୍ୟରଞ୍ଜନ ଦାସ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଯୋଗେନ୍ଦ୍ର ମହାନ୍ତ, ପଦ୍ମଲୋଚନ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବ ଅବସରରେ ୮ମ ଶ୍ରେଣୀରେ ସର୍ବାଧିକ ନମ୍ବର ପାଇଁ ଭଗବାନ ମାର୍ଣ୍ଡି ୫୦୦୦ ଟଙ୍କା ନଗଦ ପୁରସ୍କାର ପାଇଥିଲେ। ପୁରସ୍କାର ପ୍ରତିବର୍ଷ ଭଳି ରଗବି ରେଫରୀ ଦିବ୍ୟରଞ୍ଜନ ଦାସ ଓ ବିଖ୍ୟାତ ବାଲୁକା ଶିଳ୍ପୀ ଦଶରଥ ମହାନ୍ତଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ସେହିପରି ଦ୍ୱିତୀୟ ସର୍ବାଧିକ ନମ୍ବର ପାଇଁ ରଇବାରୀ ହୋଙ୍କୁ କମଳା ପଣ୍ଡା ସ୍ମାରକୀ ପୁରସ୍କାର ଭାବେ ୩୦୦୦ ଏବଂ ସ୍ପୋର୍ଟ୍ସ ଟ୍ୟାଲେଣ୍ଟେ ଭାବେ ବେଲ ହୋ ମହେଶ୍ୱର ପଣ୍ଡା ସ୍ମାରକୀ ପୁରସ୍କାର ଭାବେ ୩୦୦୦ ଟଙ୍କା ଗ୍ରହଣ କରିଥିଲେ। ସେହିପରି ବରିଷ୍ଠ ବାଳକ ବିଭାଗରେ କ୍ରୀଡା ଚମ୍ପିଆନ ଭାବେ ଆକାଶ ହୋ, ବାଳିକା ବିଭାଗରେ ଜବାମଣୀ ହୋ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ବରିଷ୍ଠ ଶିକ୍ଷକ ସନାତନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ମିତା ସଏ, ଶୁଭଶ୍ରୀ ଜେନା, ରଞ୍ଜନ ମଲ୍ଲିକ ପ୍ରମୁଖ ପ୍ରଧାନଶିକ୍ଷକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ସରକାରୀ ଜମି ଜବରଦଖଲରେ; ଚୋରଗଡ଼ିଆ ଗ୍ରାମରେ ଜନଅସନ୍ତୋଷ

## ଉଚ୍ଛେଦ ନ ହେଲେ ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ




ହାଟଡ଼ିହୀ,୨୨।୩(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ତହସିଲ ଅନ୍ତର୍ଭୁକ୍ତ ଚୋରଗାଡ଼ିଆ ଗ୍ରାମରେ ସରକାରୀ ଜମି ଜବରଦଖଲକୁ ନେଇ ଜନଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗ୍ରାମରେ ଥିବା ପ୍ରାୟ ୮ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମିରୁ କିଛି ବ୍ୟକ୍ତି ଅବୈଧ ଭାବେ ଦଖଲ କରି ରଖିଛନ୍ତି। ଏହାର ପରିଣାମରେ ଗାଁକୁ ଆମ୍ବୁଲାନ୍ସ ଓ ଦମକଳ ଭଳି ଜରୁରିକାଳୀନ ଗାଡ଼ି ସହ କୌଣସି ବ୍ୟକ୍ତିଗତ ଯାନ ମଧ୍ୟ ପ୍ରବେଶ କରିପାରୁନାହିଁ। ଯାହାଦ୍ୱାରା ଗ୍ରାମବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀ ୨୦୧୯ ମସିହାରୁ ସରକାରୀ ଜମି ମାପ ଓ ଚିହ୍ନଟ ପାଇଁ ବାରମ୍ବାର ଆବେଦନ କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ତହସିଲ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଜମି ଚିହ୍ନଟ ପ୍ରକ୍ରିୟା ବିଳମ୍ବ ହେବାରୁ ରାସ୍ତା ସମ୍ପ୍ରସାରଣ କାମ ମଧ୍ୟ ବାଧାଗ୍ରସ୍ତ ହୋଇରହିଛି। ଏ ସମ୍ପର୍କରେ ପୂର୍ବରୁ ତହସିଲଦାର, ଉପଜିଲ୍ଲାପାଳ, ଜିଲ୍ଲାପାଳ, ରାଜସ୍ୱମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଗୁରୁବାର ଗ୍ରାମବାସୀ ହାଟଡିହୀ ତହସିଲ କାର୍ଯ୍ୟାଳୟକୁ ଘେରଉ କରି ତୁରନ୍ତ ଜବରଦଖଲ ହଟାଇବାକୁ ଦାବି କରିଥିଲେ। ଗୋବର୍ଦ୍ଧନ ସାହୁ, ଭାଗୀରଥି ନାୟକ, ସୁଧାଂଶୁ ଶେଖର ଜେନା, କୋଦଣ୍ଡ ଦାସ, ଲଛମନ ବେହେରା, ମାର୍କଣ୍ଡ ବେହେରା, ନବଘନ ସାହୁ, କୈଳାସ ନାୟକ, ଅଖିଳ ଦାସ, ବୀରବର ଦାସ, କୃଷ୍ଣଚନ୍ଦ୍ର ସାହୁ, ଶ୍ରୀଧର ସାହୁ, ରବୀନ୍ଦ୍ର ଦାସ, ନରେନ୍ଦ୍ର ସାମଲ, ସୌଭାଗ୍ୟ ସନ୍ଦୀପ ସାମଲ ଏବଂ ରାମଚନ୍ଦ୍ର ସାହୁ ପ୍ରମୁଖ ଏହି ଦାବିରେ ସାମିଲ ହୋଇଥିଲେ। ଗ୍ରାମବାସୀ କହିଛନ୍ତି, ପ୍ରଶାସନ ନଶୁଣିଲେ ରାଜରାସ୍ତା ଅବରୋଧ ସହ ତହସିଲ ଘେରଉ କରିବେ। ସୂଚନାଯୋଗ୍ୟ, ହାଟଡିହୀ ତହସିଲରେ ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ହିତାଧିକାରୀ ନିଜ କାମ କରାଇ ନପାରି ନିରାଶରେ ଫେରୁଥିବା ବେଳେ ଅନ୍ୟାନ୍ୟ ସମୟରେ ବିଭିନ୍ନ ସରକାରୀ କାର୍ଯ୍ୟ ମଧ୍ୟ ଫାଇଲ ତଳେ ଚାପି ହୋଇ ରହିଛି। ତହସିଲରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି।

# ଟେଙ୍ଗୁଆ ମଙ୍ଗଳପୁର ଆନନ୍ଦାନନ୍ଦ ଶିବମୁନି ଯୋଗାଶ୍ରମର ବାର୍ଷିକ ଉତ୍ସବ




ମାଣତ୍ରୀ,୨୨।୩(ସମିସ): ବଡ଼ସାହି ବ୍ଲକ ଭୀମିଦା ପଞ୍ଚାୟତ ଟେଙ୍ଗୁଆ ମଙ୍ଗଳପୁର ଶିବ ମୁନି ଯୋଗାଶ୍ରମର ୩୨ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ଆଚାର୍ଯ୍ୟ ଯୋଗୀ ହରେକୃଷ୍ଣ ମୁନି ସତ୍ୟ ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଆଶ୍ରମର ସଭାପତି ଯୋଗୀ ମୁରଲୀ ମୁନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଡିଶା ପ୍ରାନ୍ତ ମୁନିସମାଜର ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ଦଶରଥ ପଣ୍ଡା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଯୋଗଦେଇ ବି.ବି. ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ତଥା ଜିଲ୍ଲା ମୁନି ସମାଜର ସଂପାଦିକା ଡ଼ଃ ଅଳକା ମଞ୍ଜରୀ ଭୂୟାଁ, ସମ୍ମାନିତ ବକ୍ତାଭାବେ ଜ୍ଞାନଦୀପ ପତ୍ରିକାର ସଂପାଦକ ଯୋଗୀ ସଞ୍ଜୟ ମୁନି ଯୋଗ ଦେଇଥିଲେ। ଆଶ୍ରମ ଆଚାର୍ଯ୍ୟ ତଥା ଜିଲ୍ଲା ମୁନିସମାଜ ଅଧ୍ୟକ୍ଷ ଯୋଗୀ ହରେକୃଷ୍ଣ ମୁନି ମଞ୍ଚ ପରିଚାଳନା ସହ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ମୁନିସୈନିକ ନରୋତ୍ତମ ଜେନା ଆଶ୍ରମର ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ନିଆଯାଇଥିବା ପଦକ୍ଷେପର ସୂଚନା ପ୍ରଦାନ କରିଥିଲେ। ମୁନିମତୀ ଗୀତାଞ୍ଜଳି ଭୂୟାଁ ପ୍ରାରମ୍ଭିକ ସଂଗୀତ ରଖିଥିବାବେଳେ ମୁନିସଙ୍ଗୀତ ଗାନ କରିଥିଲେ ଯୋଗୀ ନିଳାମ୍ବର ଧିନ୍ଦା, ଆଶ୍ରମର ସଂପାଦକ ଯୋଗୀ ପରମେଶ୍ୱର ମୁନି ବାର୍ଷିକ ବିବରଣୀ ପାଠ କରିଥିଲେ। ସହଯୋଗ କରିଥିଲେ ବାବୁଲା ମୁନି, ରବି ମୁନି, ମୁନିମତୀ ପ୍ରଜ୍ଞାସ୍ମିତା, ମୁନି ଜଗନ୍ନାଥ, ରତିକାନ୍ତ, ନିରଞ୍ଜନ ମୁନି, ବିଶ୍ୱନାଥ ମୁନି ତଥା ଡୁମୁରିଆ ମୁନି ସମାଜର ମୁନି ଓ ମୁନିମତୀଗଣ। ନରୋତ୍ତମ ମୁନି ଧନ୍ୟବାଦ ପ୍ରଦାନ କରିଥିଲେ।

# ମଲଦା ନୋଡାଲ ସ୍କୁଲର ୭୪ତମ ବାର୍ଷିକୋତ୍ସବ



ବାଲିବନ୍ଧ/ଝୁମ୍ପୁରା, ୨୨।୩(ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ମଲଦାସ୍ଥିତ ମୁକ୍ତେଶ୍ୱର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବାର୍ଷିକ ସଭାରେ ଝୁମ୍ପୁରା ବିଡିଓ ହୃଦାନନ୍ଦ ଅଡା ମୁଖ୍ୟଅତିଥି, ଝୁମ୍ପୁରା ବ୍ଲକ ଶିକ୍ଷାଧିକାରୀ ଭଗବାନ ମିଶ୍ର ମୁଖ୍ୟବକ୍ତା ଏବଂ ବ୍ଲକ ସହ ଶିକ୍ଷାଧିକାରୀ ନବକିଶୋର ସାମଲ, ମଲଦା ହାଇସ୍କୁଲ ପ୍ରଧାନଶିକ୍ଷକ ଅକ୍ଷୟ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ସ୍ୱାଧୀନ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଚିନ୍ତାମଣି ରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହିକ୍ରମରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମଲଦା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଇନ୍ଦ୍ରମଣି ସାହୁ, ବରିଷ୍ଠ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରାକାର ବେହେରା, ମିତ୍ରଭାନୁ ବାରିକ, ପଞ୍ଚାୟତ ସମିତିସଭ୍ୟା ଗୀତା ବାରିକ, ଶରତ କୁମାର ବାରିକ, ଅଭିରାମ ବାରିକ, ପ୍ରଫୁଲ୍ଲ ବାରିକ ତଥା ଝୁମ୍ପରା ବ୍ଲକର ବହୁ ବରିଷ୍ଠ ଶିକ୍ଷକ ଏବଂ ଆଞ୍ଚଳିକ ସାଧନ କେନ୍ଦ୍ରର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସାମିଲ ହୋଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ନିହାର ରଞ୍ଜନ ଜେନା, ଶିକ୍ଷୟିତ୍ରୀ ଅଙ୍କିତା ମଲ୍ଲିକ ଓ ଭାଗ୍ୟଶ୍ରୀ ଦାସ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

॥ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ॥



✓ ବାସନ୍ତୀ ମିଶ୍ର
ଚାରିଛକ, ଭୋଦର
ଧରାବତରଣ- ୧୦.୦୩.୧୯୩୭
ସର୍ଗାରୋହଣ- ୧୩.୦୩.୨୦୨୬

ଆପଣଙ୍କ ସ୍ନେହ, ମମତା, ଶ୍ରଦ୍ଧା ଆମେମାନେ ସର୍ବଦା ମନେପକାଉଥିବୁ। ଆପଣଙ୍କ ଶୂନ୍ୟତା ଆମମାନଙ୍କ ପାଇଁ ସର୍ବଦା ଅପୂରଣୀୟ। ଆଜି ଏକାଦଶାହ ଅବସରରେ ଅମର ଆତ୍ମାର ସଦଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ : -
ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ ୦୧.୦୧.୧୯୪୫
ତିରୋଧାନ ୦୧.୦୪.୨୦୨୫

✓ ଧୋବୁଣି ନାହାକ

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗଦର୍ଶନ, ସହନଶୀଳତା ଆମମାନଙ୍କ ଜୀବନର ପାଥେୟ ହେଉ, ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା

ଶୋକସନ୍ତପ୍ତ
ପୁତ୍ର- ଚିତ୍ତରଞ୍ଜନ, ରାମଚନ୍ଦ୍ର, ପୁତ୍ରବଧୂ - ତପସ୍ୱିନୀ ଓ ରିଙ୍କି, ଝିଅ- ବାସନ୍ତୀ, ଦେବକୀ, ସମାପ୍ତି, ଜୋଇଁ - କବି, ସୁରେଶ, କୃଷ୍ଣଚନ୍ଦ୍ର, ନାତି-ନାତୁଣି- ପଦ୍ମନାଭ, ଏଞ୍ଜେଲ, କାହ୍ନା, ବଳରାମ, ଶୁଭଶ୍ରୀ, ସିଲୁ, ଜିଜ୍ଞାସା, ବନ୍ଧୁ ଓ ଆତ୍ମୀୟସ୍ୱଜନ

# କଳାବଜାରରେ ରନ୍ଧନ ଗ୍ୟାସ; ପ୍ରଶାସନ ନିରବ, ଖାଉଟି ଅସହାୟ



ବେତନଟୀ, ୨୨।୩(ସମିସ): ରାଜ୍ୟରେ ରନ୍ଧନ ଗ୍ୟାସ ଅଭାବ ପରିଲକ୍ଷିତ ହେଉଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକରେ ପରିସ୍ଥିତି ଦିନକୁ ଦିନ ଅଣାୟତ୍ତ ହେବାରେ ଲାଗିଲାଣି। ଯୋଗାଣ ବିଭାଗର ତଦାରଖର ଅଭାବ ଓ ପ୍ରଶାସନିକ ଅସଚେତନତା ଯୋଗୁଁ ଗ୍ୟାସ ବିତରଣ ବ୍ୟବସ୍ଥାରେ ବିପର୍ଯ୍ୟୟ ସୃଷ୍ଟି ହୋଇଥିବା ଅଭିଯୋଗ ଆସୁଛି। ଏହାର ସୁଯୋଗ ନେଇ କେତେକ ଗ୍ୟାସ ବିତରକ ଓ ଦଲାଲ ମିଳିତ ଭାବେ କଳାବଜାର କାରବାରକୁ ଜୋରଦାର କରିଛନ୍ତି। ସରକାରଙ୍କ ନିର୍ଦ୍ଧାରିତ ଘରୋଇ ଗ୍ୟାସ ସିଲିଣ୍ଡର ଦର ୯୫୫ ଟଙ୍କା ଥିବାବେଳେ ବେତନଟୀ ଅଞ୍ଚଳରେ ଏହାକୁ ୨୦୦୦ରୁ ୨୨୦୦ ଟଙ୍କା ପର୍ଯ୍ୟନ୍ତ କଳାବଜାରରେ ବିକ୍ରି କରାଯାଉଛି। ସେହିପରି କମର୍ସିଆଲ୍ ସିଲିଣ୍ଡର ଯାହାର ସରକାରୀ ଦର ୨୦୩୦ ଟଙ୍କା, ତାହାକୁ ୩୫୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରୟ ହେଉଥିବା ଅଭିଯୋଗ ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବିତରକମାନେ "ଷ୍ଟକ୍ ନାହିଁ" ବୋଲି ଦେଖାଇ ହିତାଧିକାରୀଙ୍କୁ ଫେରାଇ ଦେଉଛନ୍ତି। ପରେ ସେହି

➤ ଘରୋଇ ସିଲିଣ୍ଡର ୯୫୫ରୁ ୨୨୦୦ ଟଙ୍କା
➤ କମର୍ସିଆଲ୍ ଗ୍ୟାସ ୩୫୦୦ରେ ବିକ୍ରି

ସିଲିଣ୍ଡରଗୁଡ଼ିକୁ ଅଧିକ ଦାମରେ ଦଲାଲ ମାଧ୍ୟମରେ ବଜାରରେ ବିକ୍ରି କରାଯାଉଛି। ଏହାର ଫଳରେ ସାଧାରଣ ଗୃହିଣୀମାନେ ରନ୍ଧନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ, ସ୍କୁଲ, ହଷ୍ଟେଲ ଓ ହୋଟେଲମାନେ ମଧ୍ୟ ସଙ୍କଟରେ ପଡ଼ିଛନ୍ତି। ଏହା ସହିତ ବାରିପଦା, ଉଦଳା, କପ୍ତିପଦା, ତୁକୁରା, ଖୁଣ୍ଟା, ଶରତ, ବେତନଟୀ, ଦାନ୍ତିଆମୁହାଁ, ବୈଶିଙ୍ଗା ଓ ରାସଗୋବିନ୍ଦପୁର ଅଞ୍ଚଳରୁ ବହୁ ପରିମାଣରେ ଗ୍ୟାସ ସଂଗ୍ରହ କରି ପଡ଼ୋଶୀ ବାଲେଶ୍ୱର ସହରକୁ ଚାଲାଣ କରାଯାଉଥିବା ଖବର ବିଶ୍ୱସ୍ତ ସୂତ୍ରରୁ ମିଳିଛି। ଯଦିଓ ବ୍ଲକ ଯୋଗାଣ ଅଧିକାରୀ ଏହି ଅଭିଯୋଗକୁ ସ୍ପଷ୍ଟ ଭାବେ ସ୍ୱୀକାର କରୁ ନଥିବା ସତ୍ତ୍ୱେ ତଦନ୍ତ କିମ୍ବା କଠୋର କାର୍ଯ୍ୟାନୁଷ୍ଠାନର ଅଭାବରୁ ଅବୈଧ ବ୍ୟବସାୟ ଅବାଧ ଭାବେ ଚାଲିଛି। ଫଳସ୍ୱରୂପ, ଖାଉଟିଙ୍କ ସୁରକ୍ଷା ଓ ଅଧିକାର ନିଶ୍ଚିତ କରିବାରେ ବିଭାଗ ବିଫଳ ହୋଇଥିବା ଅଭିଯୋଗ ଉଠିଛି। ""ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି ଯେ, ଉଚ୍ଚ ପ୍ରଶାସନ ତୁରନ୍ତ ଏହି ମାମଲାରେ ହସ୍ତକ୍ଷେପ କରି ସ୍ୱତନ୍ତ୍ର ତଦନ୍ତ କରାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ସହ ଗ୍ୟାସ ଯୋଗାଣ ବ୍ୟବସ୍ଥାକୁ ସୁଚାରୁ କରିବାକୁ ପଦକ୍ଷେପ ନେବା ଆବଶ୍ୟକ।

## ଓଡିଶା ସ୍ୱଚ୍ଛସାଥୀ ଓ ସୁପରଭାଇଜର ସଂଘର ଜିଲ୍ଲାସ୍ତରୀୟ ସମାବେଶ

# ଶ୍ରମିକ ବିରୋଧୀ ୪ ଶ୍ରମ କୋଡ୍‌କୁ ବିରୋଧ

ବ୍ରହ୍ମପୁର,୨୨ ।୩(ସମିସ)




ଗଞ୍ଜାମ ଜିଲ୍ଲାର ସହରାଞ୍ଚଳ ପରିମଳ ସେବାରେ ନିୟୋଜିତ ସ୍ୱଚ୍ଛସାଥି ଓ ସୁପରଭାଇଜରମାନଙ୍କ ଏକ ଜିଲ୍ଲାସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି । ସଂଘର ରାଜ୍ୟ କାର୍ଯ୍ୟକାରୀ ସଦସ୍ୟା ସଂଯୁକ୍ତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଜିଲ୍ଲାର ବିଭିନ୍ନ ପୌରାଞ୍ଚଳର କର୍ମକର୍ତ୍ତା ଯୋଗ ଦେଇଥିଲେ । କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଅଧୀନରେ କାର୍ଯ୍ୟରତ ଏହି କର୍ମଚାରୀମାନେ ଦୀର୍ଘଦିନ ହେବ ସହରାଞ୍ଚଳର ପରିମଳ କାର୍ଯ୍ୟ ସହ ବିଭିନ୍ନ ସରକାରୀ ଯୋଜନା ଗୁଡିକୁ ସଫଳ ରୂପାୟନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛନ୍ତି । ସହରାଞ୍ଚଳରେ ଏହି ଶିକ୍ଷିତ ମହିଳାମାନେ ଅବର୍ଜନା ହଟାଇବା କାମର ତଦାରଖ ସହ ନାଗରିକମାନଙ୍କ ଠାରୁ ପୌର ପ୍ରଶାସନ ପାଇଁ ହୋଲଡିଂ ଟିକସ, ପରିମଳ ବାବଦ ୟୁଜର୍ସ ଫି' ଆଦି ଆଦାୟର ଦାୟିତ୍ୱ ତୁଲାଇ ଆସୁଛନ୍ତି । ତେବେ ପରିତାପର ବିଷୟ ବର୍ଷ ବର୍ଷ ଧରି ଉଭୟ ଅନଲାଇନ ଓ ଅଫ୍‌ଲାଇନ୍ କାମରେ ନିରବଚ୍ଛିନ୍ନ ଭାବେ ଲାଗିଥିଲେ ମଧ୍ୟ ଏଯାଏଁ ସରକାର ତାଙ୍କୁ କର୍ମଚାରୀର ମାନ୍ୟତା କିମ୍ବା ସର୍ବନିମ୍ନ ମଜୁରୀ ଦେଉନାହାନ୍ତି । ଏପରିକି ପୂର୍ବ ସରକାରଙ୍କ ଦ୍ୱାରା ସ୍ୱଚ୍ଛସାଥୀଙ୍କୁ ମାସିକ ପାରିତୋଷିକ ୪ ହଜାର ଟଙ୍କାରୁ ୮ ହଜାର ଟଙ୍କାକୁ ଓ ସୁପରଭାଇଜରଙ୍କ ପାରିତୋଷିକକୁ ମାସିକ ୮ ହଜାର ଟଙ୍କାରୁ ୧୨ ହଜାର ଟଙ୍କାକୁ ବୃଦ୍ଧି କରିବାକୁ ଘୋଷଣା କରିଥିଲେ ମଧ୍ୟ ବର୍ତ୍ତମାନର ସରକାର ତାକୁ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ।

ରାଜ୍ୟ ସରକାର ନିର୍ଦ୍ଦେଶାବଳୀ ନାମରେ ପୂର୍ବ ସରକାରଙ୍କ ଘୋଷଣାକୁ ସବୁ ୟୁଏଲବିରେ ଲାଗୁ କରୁନାହାନ୍ତି । ଅନେକ ଗୁଡ଼ିଏ ସର୍ତ୍ତ ଲାଗୁ କରିଛନ୍ତି । ନାମକୁ ମାତ୍ର ପାରିଶ୍ରମିକ ପାଉଥିବା ଏହି ସ୍ୱଳ୍ପ ବେତନଭୋଗୀ କର୍ମଚାରୀଙ୍କ ଉପରେ ଏକାଧିକ ଅତିରିକ୍ତ କାମକୁ ଲଦି ସେସବୁକୁ କରିବା ପାଇଁ ବାଧ କରାଯାଉଥିବା ବୈଠକରେ ଅଭିଯୋଗ ହୋଇଛି । ଏଭଳି ନୀତିକୁ ବଦଳାଇବା ସଂଘ ବହୁଦିନରୁ ଦାବି କରି ଆସୁଛି । ରାଜ୍ୟରେ କାର୍ଯ୍ୟରତ ହଜାର ହଜାର ସ୍ୱଚ୍ଛସାଥୀ ଓ ସୁପରଭାଇଜରମାନଙ୍କୁ କର୍ମଚାରୀର ମାନ୍ୟତା, ସର୍ବନିମ୍ନ ମଜୁରୀ ପ୍ରଦାନ, ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିବା, ମାସିକ ଚାରି ଦିନ ସବେତନିକ ଛୁଟି, ଇପିଏଫ୍/ଇଏସଆଇର ସୁବିଧା ପ୍ରଦାନ, ପ୍ରସୂତୀକାଳୀନ ଛୁଟି ଆଦି ଦାବି ନେଇ ସଂଘ ଲଗାତାର ଭାବେ ସରକାରଙ୍କ ନିକଟରେ ଦାବି କରି ଆସିଛି । ଉପରୋକ୍ତ ଦାବି ପୁରଣ ପାଇଁ ଆଗାମୀ ଦିନରେ ସଂଘ ପକ୍ଷରୁ ସାରା ରାଜ୍ୟରେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ହେବା ପରିପ୍ରେକ୍ଷୀରେ ଆଜି ସଂଘର ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଘୋଷଣା କରାଯାଇଛି । ସାଧାରଣ ବୈଠକରେ ସଂଘର ନୂତନ ଜିଲ୍ଲା କାର୍ଯ୍ୟକାରୀ କମିଟି ଗଠିତ କରାଯାଇଛି । ୧୬ଜଣିଆ କମିଟି ଗଠନ ସହ ବିଭିନ୍ନ କର୍ମକର୍ତ୍ତା ମଧ୍ୟ ଚୟନ କରାଯାଇଛି । ଆସନ୍ତା ଏପ୍ରେଲ ମାସରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଶ୍ରମିକ ବିରୋଧି ୪ ଶ୍ରମକୋଡ୍ ଲାଗୁ କରିବାକୁ ଘୋଷଣା କରାଯାଇଥିବାରୁ ଆଜିର ବୈଠକରେ ତା'କୁ ବିରୋଧ କରାଯାଇଛି । ବୈଠକରେ ସଂଘର ଉପଦେଷ୍ଟା ଭାଲଚନ୍ଦ୍ର ଷଡ଼ଙ୍ଗୀ, ସର୍ବଭାରତୀୟ ଶ୍ରମିକ ସଂଗଠନ ଆଇଏଫଟିୟୁ (ଇଫଟୁ)ର ରାଜ୍ୟ ସଭାପତି ପ୍ରତାପ ପ୍ରଧାନ, ପୌର କର୍ମଚାରୀ ନେତା ପ୍ରଶାନ୍ତ ପରିଛା, ସ୍ୱଚ୍ଛସାଥୀ ଓ ସୁପରଭାଇଜର ସଂଘର ରାଜ୍ୟ ସମ୍ପାଦିକା ସୁଦସ୍ତା ନାୟକ, ମାମାଲି ଦାସ, ବି. ସଂଗୀତା, ବ୍ରହ୍ମପୁର ମହାନଗର ନିଗମ ଶାଖାର ସଭାନେତ୍ରୀ ସବିତା ପାଢ଼ୀ, ସମ୍ପାଦିକା ମୀତା ପାଢ଼ୀ ଓ ଜିଲ୍ଲାର ବିଭିନ୍ନ ଏନ୍‌ଏସି ଓ ମ୍ୟୁନିସିପାଲିଟିର ସ୍ୱଚ୍ଛସାଥି ଓ ସୁପରଭାଇଜର ଉପସ୍ଥିତ ଥିଲେ ।



## ପିପୁଲ୍ସ ପ୍ରେସ୍ ଟ୍ରଷ୍ଟର ବାର୍ଷିକ ଉତ୍ସବ



ବ୍ରହ୍ମପୁର,୨୨ ।୩(ସମିସ): ପିପୁଲ୍ସ ପ୍ରେସ୍ ଟ୍ରଷ୍ଟ(ପିପିଟ) ପକ୍ଷରୁ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ୬ଷ୍ଠ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପ୍ରଥମ ଅଧିବେଶନରେ ବିଘ୍ନେଶ୍ୱର ସାହୁଙ୍କ ସଭାପତିତ୍ୱ ଅନୁଷ୍ଠିତ କବିତା ପାଠ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିରଞ୍ଜନ ଶତପଥି ଓ ସମ୍ମାନିତ ଅତିଥି ଭାବେ ତ୍ରିଧାରା ସାହିତ୍ୟ ସଂସଦ ସମ୍ପାଦକ ଡ. ଲକ୍ଷ୍ମୀନାରାୟଣ ଦାଶ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଡ. ସ୍ୱାତିଶ୍ରୀ ଦାଶ ଓ ଦେବାଶିଷ ସ୍ୱାଇଁ କବିତା ସଂଯୋଜନା କରିଥିବା ବେଳେ ବହୁ କବି ଓ କବୟିତ୍ରୀ କବିତା ପାଠ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଟ୍ରଷ୍ଟର ଅଧ୍ୟକ୍ଷା ଦେବସ୍ମିତା ପଟ୍ଟନାୟକଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ପାଳନ ହୋଇଥିଲା । ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ସୁରେନ୍ଦ୍ର ନାଥ ପାଣିଗ୍ରାହୀ, ମୁଖ୍ୟ ବକ୍ତା ଭାବେ ଡ. ସଞ୍ଜୟ ପଣ୍ଡା, ବିଶିଷ୍ଟ ଅତିଥି ପ୍ରସାଦ ରାଓ, ସମ୍ମାନିତ ଅତିଥି ଶିକ୍ଷାବିତ ମିହିର କାନ୍ତ ଶତପଥି, ସମରଜିତ୍ ମହାନ୍ତି ଓ ଉପସଭାପତି ବିଘ୍ନେଶ୍ୱର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଗଣମାଧ୍ୟମ ଓ କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ 'ବୌଦ୍ଧ ଚକ୍ର' ସଂସ୍କରଣକୁ ଉନ୍ମୋଚିତ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ କୃତି ଅର୍ଜନ କରିଥିବା ବହୁ ବ୍ୟକ୍ତିଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଟ୍ରଷ୍ଟର ସହ ସମ୍ପାଦକ ନାରାୟଣ ମିଶ୍ର, ଏସ୍. ବିଜୟ ଲକ୍ଷ୍ମୀ, ସ୍ୱପ୍ନେଶ୍ୱର ପାଣିଗ୍ରାହୀ, ଉମାଚରଣ ପଟ୍ଟନାୟକ, ଟି. ଶରତ କୁମାର ସୁବୁଦ୍ଧି ଓ ସନ୍ତୋଷ ପଣ୍ଡା ଉପସ୍ଥିତ ଥିଲେ ।

## ଚା' ଦୋକାନ କରି ପରିବାର ଚଳାଉଛନ୍ତି ଡିପ୍ଲୋମା ଇଞ୍ଜିନିୟରିଂ ଛାତ୍ର

ବ୍ରହ୍ମପୁର,୨୨ ।୩(ସମିସ): ଆଜିର ଦିନରେ ଭାଗ୍ୟ ଯାହା ସହିତ ରୁହେ ସେ ହିଁ ଆଗକୁ ବଢେ, ଅବଶ୍ୟ ଏଥିପାଇଁ ଚେଷ୍ଟା କରିବା ଜରୁରୀ । ବ୍ରହ୍ମପୁର ସହରରେ ଜଣେ ଉଦୀୟମାନ ଯୁବକ ଇଞ୍ଜିନିୟରିଂ କରି ମଧ୍ୟ କୋଭିଡ୍ ପ୍ରଭାବରୁ ଚା' ଦୋକାନ କରି ପରିବାର ଚଳାଉଛନ୍ତି । ସେ ହେଲେ ଗୌତମ ମଲ୍ଲିକ (୩୯) । ତାଙ୍କ ଯୋଗ୍ୟତା ହେଉଛି ସିଭିଲ ଡିପ୍ଲୋମା । ନିଜ ଘର ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୁରୁପଡାରେ । ବ୍ରହ୍ମପୁର ସ୍ଥିତ ବିଏସ୍‌ଇଟି ଶିକ୍ଷାନୁଷ୍ଠାନରେ ସିଭିଲ ଡିପ୍ଲୋମା ହାସଲ କରିଛନ୍ତି । ତେବେ ଡିଗ୍ରୀ ହାସଲ ପରେ ସେ ନିଯୁକ୍ତି ପାଇବେ ବା କ'ଣ ତାଙ୍କୁ ଘାରିଥିଲା ନିଜେ ବଞ୍ଚିବା ଆଉ ନିଜ ପରିବାରକୁ ବଞ୍ଚାଇବା ଭଳି ଆହ୍ୱାନ । ବାପା ଜଣେ ଚାଷୀ । ହେଲେ ଯୁବାବସ୍ଥାରେ ସମସ୍ତଙ୍କ ଭଳି ତାଙ୍କୁ ଓ ତାଙ୍କ ପରିବାର ଉପରେ ମାଡିବସିଥିଲା କୋଭିଡ ଭୟ । ଏହାସତ୍ତ୍ୱେ ହାର ମାନି ନଥିଲେ ଗୌତମ । ଚା' ବିକିବା ସହିତ ଆଜି ମଧ୍ୟ ଗୌତମ ନିଜର ସରକାରୀ ପ୍ୟାନେଲରେ ନିଯୁକ୍ତି ଆଶାରେ ଚାହିଁ ବସିଛନ୍ତି । ଇତି ମଧ୍ୟରେ ତାଙ୍କ ବିବାହ ହୋଇ କନ୍ୟା ସନ୍ତାନଟିଏ ଅଛି । ଫଳରେ ପରିବାର ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି ସହିତ ମାସିକ ଖର୍ଚ୍ଚ ମଧ୍ୟ ବଢ଼ିବାରେ ଲାଗିଛି । ଉଚ୍ଚ ଶିକ୍ଷିତ ସହିତ ମେଳାପି, ଭଦ୍ର ଓ ଶାନ୍ତ ସ୍ୱଭାବର ହୋଇଥିବାରୁ ତାଙ୍କ ନିକଟରେ ଗ୍ରାହକଙ୍କ ଭିଡ ଲାଗିରହୁଛି । ଆଗକୁ ନିଶ୍ଚୟ ତାଙ୍କ ଭାଗ୍ୟ ଖୋଲିବ ଆଉ ପ୍ୟାନେଲରେ ତାଙ୍କୁ ସରକାରୀ ନିଯୁକ୍ତି ମିଳିବ ଏହି ଆଶା ରଖି ଗୌତମ ଜୀବନ ଡଙ୍ଗାକୁ ଚଳାଇଛନ୍ତି ।



### ତଥାପି ମଉଳିନାହିଁ ପ୍ୟାନେଲରେ ସରକାରୀ ନିଯୁକ୍ତି ଆଶା

## ଖବରକାଗଜ ବିତରକଙ୍କ ବିୟୋଗ

ବ୍ରହ୍ମପୁର,୨୨ ।୩(ସମିସ): ଦୀର୍ଘବର୍ଷ ଧରି ଖବର କାଗଜ ବିତରଣ କରୁଥିବା ଜଗଦଳପୁର ଗ୍ରାମର କୃଷ୍ଣଚନ୍ଦ୍ର ପାଢ଼ୀ(୪୮)ଙ୍କ ଅକାଳ ବିୟୋଗ ଘଟିଛି । ରବିବାର କୃଷ୍ଣଚନ୍ଦ୍ର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ମୃତକଙ୍କ ବିୟୋଗରେ ବିଭିନ୍ନ ସାମାଜିକ ସଂଗଠନ ଓ ସ୍ଥାନୀୟ ନାଗରିକମାନେ ଗଭୀର ଶୋକ ପ୍ରକାଶ କରିବା ସହ ଶୋକାକୁଳ ପରିବାରକୁ ସାନ୍ତ୍ୱନା ଜଣାଇଛନ୍ତି । ମୃତ୍ୟୁବେଳେ କୃଷ୍ଣଚନ୍ଦ୍ରଙ୍କ ସ୍ତ୍ରୀ ନୀତୁ, ପୁଅ ଆଦିତ୍ୟ, ସମୀର, ଭାଇ ରାମକୃଷ୍ଣ ଉପସ୍ଥିତ ଥିଲେ । ମୃତ କୃଷ୍ଣଚନ୍ଦ୍ରଙ୍କ ଦୀର୍ଘଦିନ ଧରି ସକାଳୁ ଘରେ ଘରେ ଖବର କାଗଜ ପହଞ୍ଚାଇ ଆସୁଥିଲେ । ତାଙ୍କ ଆକସ୍ମିକ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । 'ସକାଳ' ଖବରକାଗଜ ସଂସ୍କରଣ ବିତରକ ରାଧାକୃଷ୍ଣ ରଥ, ପ୍ରସାରଣ ବିଭାଗର କହ୍ନେଇ ଚରଣ ମହାନ୍ତି, ବ୍ରହ୍ମପୁର ବିତରକ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ଦୋରା, ସମ୍ପାଦକ ଲିଙ୍ଗରାଜ ଆଚାରୀ, କୋଷାଧ୍ୟକ୍ଷ ଭାଗୀରଥି ବେହେରା, ନିରଞ୍ଜନ ନାୟକଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଶେଷ ଦର୍ଶନ କରିଥିଲେ ।



## ରୋଗ ଚିହ୍ନଟ କ୍ଷେତ୍ରରେ ହନ୍ତସନ୍ତ ଏମ୍‌କେସିଜି ମାନସିକ ରୋଗୀ

ବ୍ରହ୍ମପୁର,୨୨ ।୩(ସମିସ): ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସିତ ମାନସିକ ରୋଗୀମାନଙ୍କ ରୋଗ ନିର୍ଣ୍ଣୟ କ୍ଷେତ୍ରରେ ସମ୍ପର୍କୀୟଙ୍କ ଚିନ୍ତା ବଢ଼ିବାରେ ଲାଗିଛି । ମେଡ଼ିକାଲ ପରିସରରେ ଥିବା ମାନସିକ ରୋଗ ବିଭାଗ ଠାରୁ ଆରଡ଼ିସି ଓ ରଶ୍ମୀରଞ୍ଜନ ବିଭାଗ ପ୍ରାୟ ଦେଢ଼ କିଲୋମିଟର । ଏଭଳି କ୍ଷେତ୍ରରେ ରୋଗ ଚିହ୍ନଟ କରିବାରେ ସମ୍ପର୍କୀୟ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏମ୍‌କେସିଜି ମେଡ଼ିକାଲ ପରିସର ତଥା ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ମାନସିକ ବିଭାଗର ଇନଡ଼ୋରରେ ପ୍ରତିଦିନ ୩୦ରୁ ଅଧିକ ରୋଗୀ ଚିକିତ୍ସିତ ହେଉଛନ୍ତି । ଏଭଳି ଭାବେ ବିଭାଗରେ ଗଞ୍ଜାମ, ଗଜପତି, କନ୍ଧମାଳ ଭଳି ଜିଲ୍ଲାର ମାନସିକ ରୋଗୀମାନେ ମାସାଧିକ କାଳ ରହୁଛନ୍ତି । ଚିକିତ୍ସିତ ସମୟରେ ପ୍ରତିଦିନ ଡ଼ାକ୍ତର ରୋଗୀଙ୍କୁ ବିଭିନ୍ନ ପରୀକ୍ଷା କରିବାକୁ ପରାମର୍ଶ କରିଥାନ୍ତି । ରୋଗୀଙ୍କ ରକ୍ତ, ମଳ, ମୂତ୍ର ପରୀକ୍ଷା କିମ୍ବା ଏକ୍ସ-ରେ, ସିଟିସ୍କାନ ଓ ଏମ୍‌ଆରଆଇ ପରୀକ୍ଷା କରିବାକୁ ପରାମର୍ଶ ଦେଉଛନ୍ତି ।

ସେହିକ୍ରମରେ ରୋଗୀଙ୍କ ସମ୍ପର୍କୀୟମାନେ ନିଜ ରୋଗୀଙ୍କୁ ଧରି ଦେଢ଼ କିମି ଦୂରରେ ଥିବା ଏମକେସିଜିର ଆରଡିସି(ଆଞ୍ଚଳିକ ରୋଗ ନିଦାନ କେନ୍ଦ୍ର) ଓ ରଞ୍ଜନରଶ୍ମୀ ବିଭାଗକୁ ଯାଉଛନ୍ତି । ତେବେ ରକ୍ତ ନମୂନା ଦେବା ପରେ ରୋଗୀଙ୍କୁ ଆଣି ବିଭାଗରେ ଛାଡିବା ପରେ ସମ୍ପର୍କୀୟମାନେ ପୁଣିଥରେ ଦେଢ଼ କିମି ଦୂର ଚାଲି ଚାଲି ଯାଇ ପରୀକ୍ଷାର ରିପୋର୍ଟ ଆଣୁଛନ୍ତି । ଏପଟେ ଦୂରଦୂରାନ୍ତରୁ ଆସିଥିବାରୁ ଜଣେ ରୋଗୀଙ୍କ ନିକଟରେ ପ୍ରାୟତଃ ଜଣେ ଲେଖାଏଁ ସମ୍ପର୍କୀୟ ରହୁଥିବାରୁ ଏତେ ବାଟ ଯାଇ ରକ୍ତ ନମୂନା ଦେବା ଓ ରିପୋର୍ଟ ଆଣିବାରେ ସମସ୍ୟା ଉପୁଜୁଛି ।




### ଦେଢ଼ କିଲୋମିଟର ଦୂରରେ ନିଦାନ ସେବା

ବିଭାଗରେ ମାନସକି ରୋଗୀଙ୍କୁ ଏକୁଟିଆ ଛାଡ଼ିଗଲେ ସେମାନେ ନାନାପ୍ରକାର କାର୍ଯ୍ୟକଳାପ କରୁଥିବା ନଜରକୁ ଆସୁଛି । ସେହିପରି ରୋଗୀଙ୍କ ମାସିକ ଅବସ୍ଥା ଠିକ ନଥିବା ବେଳେ ଉକ୍ତ ରୋଗୀଙ୍କୁ ରଞ୍ଜନରଶ୍ମୀ ବିଭାଗକୁ ନେଇ ଏକ୍ସ-ରେ ଓ ସିଟିସ୍କାନ କରିବା ସମ୍ପର୍କୀୟଙ୍କ ପାଇଁ କଷ୍ଟକର ହୋଇଥାଏ । ମାନସିକ ବିଭାଗର ଆନ୍ତଃ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟାଟେରୀ ଗାଡି ନିୟୋଜିତ କରି କେବଳ ସେହି ବିଭାଗର ରୋଗୀଙ୍କୁ ପରୀକ୍ଷାନିରୀକ୍ଷା ପାଇଁ ନେବା ଆଣିବା କରିବାକୁ ଦାବି ହୋଇଛି । ସେହିପରି ରିପୋର୍ଟ ଆଣିବାକୁ ବହୁତ ବାଟ ଯିବାକୁ ପଡୁଥିବାରୁ ସେ ଦିଗରେ ମଧ୍ୟ ପଦକ୍ଷେପ ନେବାକୁ ଦାବି ହୋଇଛି । ମାନସିକ ରୋଗ କ୍ଷେତ୍ରରେ ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଛି । ତେଣୁ ଏଥିପ୍ରତି ଏମ୍‌କେସିଜି ମେଡ଼ିକାଲ କର୍ତ୍ତୃପକ୍ଷ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପ୍ରତିକାର ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

## ଭାଗବତ ଟୁଙ୍ଗି ସୁରକ୍ଷା ସମିତିର ଜିଲ୍ଲାସ୍ତରୀୟ ସମ୍ମିଳନୀ ପାଇଁ ପ୍ରସ୍ତୁତି

ବ୍ରହ୍ମପୁର,୨୨ ।୩(ସମିସ): ଭାଗବତ ଚେତନା ବିନା ସମାଜ ସତ୍‌ମାର୍ଗରେ ପରିଚାଳିତ ହୋଇପାରିବ ନାହିଁ । ତେଣୁ ଭାଗବତ ଟୁଙ୍ଗି ପ୍ରତି ଗ୍ରାମରେ ପ୍ରତିଷ୍ଠା କରିବା ଆବଶ୍ୟକ ରହିଛି । ଏଥିପାଇଁ ଏକ ଜିଲ୍ଲାସ୍ତରୀୟ ସମ୍ମିଳନୀ ଆସନ୍ତା ଡିସେମ୍ବର ମାସରେ ଆୟୋଜନ କରିବା ଲାଗି ଭାଗବତ ଟୁଙ୍ଗି ସୁରକ୍ଷା ସମିତି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଲୋଚାପଡ଼ା ଭାଗବତ ଭବନ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକରେ ଜିଲ୍ଲା ସଭାପତି ମହନ୍ତ ହରିହର ଦାସ ମହାରାଜ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ କୈଳାସ ଚନ୍ଦ୍ର ପାଣିଗ୍ରାହୀ ବିବରଣୀ ପାଠ କରିଥିଲେ । କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ଦାସ ମହାରାଜ ଭାଗବତ ଟୁଙ୍ଗିର ସୁରକ୍ଷା ଦ୍ୱାରା ଗଞ୍ଜାମ ଜିଲ୍ଲାର ଗଉରବ ବୃଦ୍ଧି ହେବ ବୋଲି ଆଶା ପୋଷଣ କରିଥିଲେ । ସଂଗଠନ ସମ୍ପାଦକ କାର୍ତ୍ତିକ ସାହୁ ବର୍ତ୍ତମାନ ସୁଦ୍ଧା ଗଠିତ ସମସ୍ତ ବ୍ଲକର ବିବରଣୀ ପ୍ରଦାନ କରିବା ସହିତ ସମ୍ମିଳନୀ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଗୋପାଳ କୃଷ୍ଣ ପାଢ଼ୀ, ସଂଗଠନ ସମ୍ପାଦକ ଶଙ୍କର୍ଷଣ ପାତ୍ର, କୋଷାଧ୍ୟକ୍ଷ ଡ ବିପିନ୍ ବିହାରୀ ସାହୁ, ସୁଶାନ୍ତ ସାହୁ,ଆଇନ ପରାମର୍ଶଦାତା ସୁଶାନ୍ତ ମହାରଣା, ସୁରେନ୍ଦ୍ର ପାଢ଼ୀ, ଭାସ୍କର ଦୋରା, କାମାକ୍ଷା ପ୍ରସାଦ ରଥ, ଅଲେଖ ବାଉତ୍ୟା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ୧୯ଟି ବ୍ଲକର ଶତାଧିକ ପ୍ରତିନିଧି ଯୋଗ ଦେଇଥିଲେ । ଶେଷରେ ସମସ୍ତଙ୍କ ପାଇଁ ମଠ ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।




## ବିଇଏମ୍‌ସିର ପ୍ରାକ୍ ବଜେଟ ବୈଠକ ଆଜି

# ନିଗମକୁ ମିଳିପାରିନାହିଁ ଗତ ବର୍ଷର ପ୍ରାୟ ୧୫୦ କୋଟିର ପାଣ୍ଠି

ବ୍ରହ୍ମପୁର,୨୨ ।୩(ସମିସ)


୨୦୨୫-୨୬ ଆର୍ଥିକ ବର୍ଷ ଶେଷ ହୋଇ ଆରମ୍ଭ ହେବାକୁ ଯାଉଛି ନୂତନ ଆର୍ଥିକ ବର୍ଷ ୨୦୨୬-୨୭ । ତଥାପି ବିଇଏମ୍‌ସି ବା ବ୍ରହ୍ମପୁର ମହାନଗର ନିଗମର ପ୍ରାକ୍ ବଜେଟ ବୈଠକ ବସିପାରିନି । କେବଳ ଯେ ବିଭିନ୍ନ କାରଣରୁ ବୈଠକ ବସିପାରି ନାହିଁ ଏହା ନୁହେଁ ବରଂ ଗତ ଆର୍ଥିକ ବର୍ଷରେ ସରକାରୀ ସୂତ୍ରରୁ ବିଇଏମସିକୁ ମିଳିବାକୁଥିବା ବହୁ ଅନୁଦାନ ଆସିନଥିବା ବେଳେ ନିଜସ୍ୱ ଉତ୍ସରୁ ଆଦାୟ ରାଜସ୍ୱରେ ମଧ୍ୟ ମିଳିପାରିନି ଆଶାନୁରୂପ ସଫଳତା । ଯାହା ବିଇଏମସି କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି ।

୨୦୨୫-୨୬ ଆର୍ଥିକ ବର୍ଷରେ ବିଇଏମ୍‌ସିର ପ୍ରସ୍ତାବିତ ଆର୍ଥିକ ବଜେଟ ଥିଲା ୫୬୯ କୋଟି ୮୧ ଲକ୍ଷ ୨୦ ହଜାର ଶହେ ଟଙ୍କା । ସେଥିରୁ ୫ମ(ଏସଏଫସି), ୧୫ମ (ଏଫସି) ଏବଂ ଅନ୍ୟାନ୍ୟ ଅନୁଦାନ ଜରିଆରେ ୨୦୧କୋଟି ୫୨ଲକ୍ଷ ୩୨ହଜାର ୭ଶହ ଟଙ୍କା ଏବଂ ସ୍ୱତନ୍ତ୍ର ପ୍ରକଳ୍ପ ପାଇଁ ଅନୁଦାନ ଭାବେ ୧୬୨କୋଟି ୫୨ଲକ୍ଷ ୬୯ହଜାର ୪ଶହ ଟଙ୍କା ଏହିଭଳି ଭାବେ ମୋଟ ୩୬୪କୋଟି ୫ଲକ୍ଷ ୨ହଜାର ଏକ ଶହ ଟଙ୍କା ମିଳିବାକୁ ଥିଲା । କିନ୍ତୁ ଗତ ଆର୍ଥିକ ବର୍ଷରେ ସେଥିରୁ ମାତ୍ର ୨୧୪କୋଟି ୮୪ଲକ୍ଷ ୯ହଜାର ଟଙ୍କା ନିଗମକୁ ହସ୍ତଗତ ହୋଇଥିବା ବିଇଏମସି ସୂତ୍ରରୁ ଜଣାପଡିଛି । ଫଳରେ ସରକାରୀ ସୂତ୍ରରୁ ବା ଅନୁଦାନ ଜରିଆରେ ନିଗମକୁ ବର୍ତ୍ତମାନ ସୁଦ୍ଧା ଅବଶିଷ୍ଟ ୧୪୯କୋଟି ୨୦ଲକ୍ଷ ୯୩ହଜାର ଶହେଟଙ୍କା ମିଳିନଥିବା ଜଣାପଡିଛି । ଅପରପକ୍ଷେ ସରକାରୀ ଅନୁଦାନ ବ୍ୟତିତ ବିଇଏମସିର ନିଜସ୍ୱ ଆୟ ସୂତ୍ରରୁ ଆଦାୟ ପାଇଁ ଲକ୍ଷ୍ୟ ରଖାଯାଇଥିବା ମୋଟ ୩୭କୋଟି ୪୪ଲକ୍ଷ ୨୯ହଜାର ୩ଶହ ଟଙ୍କା ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ଆଦାୟ ହୋଇଛି ମାତ୍ର ୨୩କୋଟି ୫ଲକ୍ଷ ୧୪ହଜାର ୪୯୭ଟଙ୍କା । ଅର୍ଥାତ୍ ଏଥିରେ ମଧ୍ୟ ବିଇଏମସିର ୧୪କୋଟି ୩୯ଲକ୍ଷ ୧୪ହଜାର ୮୦୩ଟଙ୍କାର ରାଜସ୍ୱ ହ୍ରାସ ହୋଇଥିବା ସୂଚନା ମିଳିଛି ।

ଏଭଳି ପରିସ୍ଥିତିରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ବେଳେ ବିଳମ୍ବରେ ହେଲେ ମଧ୍ୟ ଆଜି ବିଇଏମସିର ପ୍ରାକ୍ ବଜେଟ ବୈଠକ ଡାକିଛନ୍ତି ନୂତନ କମିଶନର ଏ. ଶସ୍ୟା ରେଡ୍ଡୀ । ଏଥିରେ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ସମସ୍ତ କର୍ପୋରେଟର ଓ ନିଗମର ବିଭିନ୍ନ ବିଧାଗର ଅଧିକାରୀମାନେ ଉପସ୍ଥିତ ରହିବାକୁ କୁହାଯାଇଛି ।

ବୈଠକରେ ମୁଖ୍ୟତଃ ଆଗାମୀ ୨୦୨୬-୨୭ ଆର୍ଥିକ ବଜେଟ ପ୍ରସ୍ତୁତ କରାଯିବା ସହିତ ନିଜସ୍ୱ ରାଜସ୍ୱ ବୃଦ୍ଧି ଓ ବକେୟା ସରକାରୀ ଅନୁଦାନ କିଭଳି ନିଗମକୁ ଆସିବ ସେନେଇ ବିସ୍ତୃତ ଆଲୋଚନା ହେବ ବୋଲି ଜଣାପଡିଛି । ପ୍ରାକ ବଜେଟ ବୈଠକ ପରେ ତଥା ବିଧାନସଭାର ଅଧିବେଶନ ଶେଷ ହେବାପରେ ଅର୍ଥାତ୍ ଚଳିତ ମାସ ଶେଷ ସୁଦ୍ଧା ନିଗମର ସାଧାରଣ ପରିଷଦ ବୈଠକ ଡକାଯିବା ନେଇ ସୂଚନା ମିଳିଛି । ଆର୍ଥିକ ସଙ୍କଟ ମଧ୍ୟରେ ଗତି କରୁଥିବା ନିଗମକୁ ବର୍ତ୍ତମାନ ପରିସ୍ଥିତିରେ ସରକାରୀ ଅନୁଦାନ ସହିତ ନିଜସ୍ୱ ଆୟ ବୃଦ୍ଧି କରିବା ଜରୁରୀ ହୋଇପଡିଛି ।

- ନିଜସ୍ୱ ଉତ୍ସରୁ ଆଦାୟ ହେବାକୁ ଥିବା ରାଜସ୍ୱରେ ମଧ୍ୟ ମିଳିନି ଆଶାନୁରୂପ ସଫଳତା
- ନିଜସ୍ୱ ରାଜସ୍ୱ ବୃଦ୍ଧି ସହିତ ସରକାରୀ ଅନୁଦାନ ହାସଲ ଉପରେ ଦିଆଯିବ ଗୁରୁତ୍ୱ




## ଛତ୍ରପୁରରେ ଉଗାଦି ପର୍ବ ପାଳିତ

ଛତ୍ରପୁର,୨୨ ।୩(ସମିସ): ସ୍ଥାନୀୟ ଶିବ କୁମାର ପଟ୍ଟନାୟକ ରିଡିଂ ରୁମ୍ ପରିସରରେ ତେଲୁଗୁ କଲଚର ସୋସାଇଟି ପକ୍ଷରୁ ତେଲୁଗୁ ନବବର୍ଷ ''ଉଗାଦି-୨୦୨୬' ପାଳନ କରାଯାଇଛି । ଛତ୍ରପୁର ସହରର ବହୁ ତେଲୁଗୁ ସମ୍ପ୍ରଦାୟର ଲୋକେ ଏଥିରେ ସାମିଲ ହୋଇଥିଲେ । ତେଲୁଗୁ କଲଚର ସୋସାଇଟିର ଉପଦେଷ୍ଟା ବି. ଶ୍ରୀନିବାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭିଜିଲାନ୍ସ ଏସପି (କଟକ) କେ. ବେଣୁଗୋପାଳ ଆଚାରୀ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ବି. ଶ୍ରୀନିବାସ ଆଚାରୀଲୁ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଛତ୍ରପୁର ଏନ୍‌ଏସି ଉପାଧ୍ୟକ୍ଷ ଜି. ପାପାରାଓ ଯୋଗଦେଇ ଆସୋସିଏସନର ପରମ୍ପରା ଉପରେ କହିଥିଲେ । ପ୍ରାରମ୍ଭରେ ଜଲ୍ଲେପାଲି ହରି ଗୋପାଳ ଶାସ୍ତ୍ରୀ ଗରୁଙ୍କ ଦ୍ୱାରା ପ୍ରଭୁ ଗଣପତି ପୂଜା ଏବଂ ପଞ୍ଚାଙ୍ଗ ଶ୍ରାବଣମ୍ ହୋଇଥିବା ବେଳେ ଲଳିତା ସହସ୍ରନାମ୍ଭା ପାରାୟଣମ୍, ଶ୍ଳୋକ ଗାନ, ଛତ୍ରପୁରର ମହିଳା ମଣ୍ଡଳୀ ସଦସ୍ୟଙ୍କ ଦ୍ୱାରା ଭଜନ ଅନୁଷ୍ଠିତ ହୋଇଥିଲା । ଶେଷରେ ଡ୍ରିମ ଡ୍ୟାନ୍ସ ଅନୁଷ୍ଠାନର କୁନି କୁନି ନୃତ୍ୟଶିଳ୍ପୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ବି. ଭେଙ୍କଟ ରାମଣୀ, ଏନ. ପ୍ରଭାକର ରାଓ, କେ. ରାମବାବୁ, ଏ. ରାବଣା ରାଓ ଓ ଇ. ରାଜକୁମାରଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ପରିଚାଳନା କରିଥିଲେ । ଅତିଥିମାନଙ୍କ ଦ୍ୱାରା ପାରମ୍ପରିକ ପୋଷାକ ନେଇ ଜି. ମୋହନି ଓ ଇ. ଭେନି ଶ୍ରୀନିବାସଙ୍କୁ ପୁରସ୍କୃତ କରାଯାଇଥିଲା ।






## ମଙ୍ଗଳପୁର-ବଜରାପାଟ ଗ୍ରାମ୍ୟ ଉନ୍ନୟନ ରାସ୍ତା

# ଅବଧି ସରିଲାଣି, ରାସ୍ତା ନିର୍ମାଣ ସରିନି

**ମଙ୍ଗଳପୁର, ୨୨।୩(ସମିସ)**

ଦଶରଥପୁର ବ୍ଲକ ମଙ୍ଗଳପୁର ପଞ୍ଚାୟତରୁ ଆରମ୍ଭ ହୋଇ କନିକାପଡ଼ା ପଞ୍ଚାୟତକୁ ସଂଯୋଗ କରୁଥିବା ମଙ୍ଗଳପୁର-ବଜରାପାଟ ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣ ହେଉ ନଥିବା ଅଭିଯୋଗ ହୋଇଛି। ଏହି ରାସ୍ତାର ଲମ୍ବ ୧ କିମି ୭୫୦ ମିଟର ହୋଇଥିବା ସୂଚନା ଫଳକରେ ଉଲ୍ଲେଖ ରହିଥିବାବେଳେ ନିର୍ମାଣ ପାଇଁ ୫୫. ୮୪ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ୧ କିମି ୭୫୦ ମିଟର ରାସ୍ତା ମଧ୍ୟରୁ ୧ କିମି ୩୪୦ ମିଟର ରାସ୍ତା ପିଚୁ ହେବା ପାଇଁ ଥିବା ବେଳେ ୪୧୦ ମିଟର ରାସ୍ତା କଂକ୍ରିଟ ହେବା ପାଇଁ ସୂଚନା ଫଳକରେ ଉଲ୍ଲେଖ ରହିଥିଲା। ମାର୍ଚ୍ଚ ୨୦୧୯ରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ସେପ୍ଟେମ୍ବରରେ ଶେଷ ହେବା ପାଇଁ ସୂଚନା ଫଳକରେ ଉଲ୍ଲେଖ ରହିଛି। ରକ୍ଷଣା ବେକ୍ଷଣ ପାଇଁ ୧୨-୧୦-୧୯ ରିଖରୁ ୧୧-୧୦-୨୦୨୪ ତାରିଖ ପର୍ଯ୍ୟନ୍ତ ସମୟ ସୀମା ରହିଥିଲା। ମାତ୍ର ବଜରାପାଟ ଠାରୁ ଆରମ୍ଭ ହୋଇଥିବା ଏହି ରାସ୍ତାଟି କନିକାପଡ଼ା ପଞ୍ଚାୟତର କନିକାଶୁଣୀ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ସମ୍ପୂର୍ଣ୍ଣ ରାସ୍ତାଟିକୁ ଢଳେଇ କରାଯାଇଥିଲା। ପିଚୁ କାର୍ଯ୍ୟ ଆଦୌ କରାଯାଇନଥିବା ବେଳେ ଆହୁରି ପ୍ରାୟ ୭ଶହ ମିଟର ରାସ୍ତା କାର୍ଯ୍ୟ ଆଦୌ କରାଯାଇନଥିଲା। ଯାହା ଫଳରେ ବର୍ତ୍ତମାନ ଉକ୍ତ ରାସ୍ତା ଦେଇ ଯାତାୟତ କରିବାରେ ବହୁ ଅସୁବିଧା ସୃଷ୍ଟି ହେଉଛି। ରାସ୍ତାରେ ବଡ଼ ବଡ଼ ଗାତ ସୃଷ୍ଟି ହେବା ସହ ଉକ୍ତ ଗାତଗୁଡ଼ିକ ଯୋଗୁଁ ବାଇକ୍ ଓ ସାଇକଲ ନେଇ ଯାଉଥିବା ଯାତ୍ରୀମାନେ ଅନେକ ସମୟରେ ପଡ଼ି ଦୁର୍ଘଟଣାର ଶିକାର ହେଉଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ଏପରିକି ଏହି ରାସ୍ତାଟି ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗ ପକ୍ଷରୁ ଅଟକଳ କରାଯାଇଥିବା ବେଳେ କେଉଁ ଉଦ୍ଦେଶ୍ୟ ରଖି ଠିକାଦାର ଜଣକ ରାସ୍ତାର ମୁଖ୍ୟ ଦ୍ୱାରର ୭ଶହ ମିଟର ରାସ୍ତାଟିକୁ ସମ୍ପୂର୍ଣ୍ଣ ନକରି ଛାଡ଼ିଦେଲେ ଓ ଏହାକୁ ବିଭାଗୀୟ ଅଧିକାରୀ କିପରି ଅନୁମୋଦନ କଲେ ତାହାକୁ ନେଇ ଏବେ ଉଠିଛି ଅନେକ ପ୍ରଶ୍ନ। ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବା



ବେଳେ କାର୍ଯ୍ୟ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ କିପରି ଉକ୍ତ ରାସ୍ତା ସମ୍ପୂର୍ଣ୍ଣ କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଲେ ନାହିଁ ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟବସ୍ତୁ ସାଜିଛି। ସେହିପରି ପିଚୁ କରିବା ପାଇଁ ୧ କିମି ୩୪୦ ମିଟର ରାସ୍ତା ରହିଥିବା ବେଳେ ସମ୍ପୂର୍ଣ୍ଣ ରାସ୍ତାଟିକୁ ଢଳେଇ କରିବା ପାଇଁ କିଏ ଅନୁମତି ପ୍ରଦାନ କରିଥିଲେ ତାହାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ରାସ୍ତାର ଏକ ସ୍ଥାନରେ ଦୀର୍ଘଦିନ ହେବ ଢଳେଇ ଭାଙ୍ଗି ଯାଇଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ ମରାମତି କରାଯାଇନାହିଁ। ଉକ୍ତ ରାସ୍ତା ଦେଇ ଯାତାୟାତରେ ବହୁ ବାଧା ସୃଷ୍ଟି ହେଉଛି। ବାକିଥିବା ୭ ଶହ ମିଟର ରାସ୍ତାଟିକୁ ଖୁବଶୀଘ୍ର ନିର୍ମାଣ କରିବା ପାଇଁ ଗ୍ରାମବାସୀ ଙ୍କ ପକ୍ଷରୁ ନରେଶ ରାଉତ, ପର୍ଶୁରାମ ବାଇ, ଗୋବର୍ଦ୍ଧନ ଓଝା, ନରହରି ସାହୁ, ବିଜୟ କୁମାର ସୁତାର, ଅଜୟ ସେଠୀ ପ୍ରମୁଖ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଅନୁରୋଧ କରିଛନ୍ତି।

## ପିଲାଚୋରକୁ ଧରିଲେ ଗ୍ରାମବାସୀ



**ପ୍ରୀତିପୁର, ୨୨।୩(ସମିସ):** ଗ୍ରାମ ଭିତରକୁ ଅତି ସନ୍ତର୍ପଣରେ ମନ୍ଦ ଉଦ୍ଦେଶ୍ୟ ନେଇ ଲୁଚାଛପାରେ ପଶୁଥିବା ଜଣେ ଅଚିହ୍ନା ବ୍ୟକ୍ତିଙ୍କୁ ଧରି ଗ୍ରାମବାସୀ ଅଟକ ରଖିବା ଓ ସରପଞ୍ଚଙ୍କ ଉପସ୍ଥିତିରେ ତାଙ୍କୁ ପୁଲିସକୁ ହସ୍ତାନ୍ତର କରିଥିବା ଜଣାଯାଇଛି। ପ୍ରକାଶ ଯେ ବିଞ୍ଝାରପୁର ବ୍ଲକ ରଣପୁର ପଞ୍ଚାୟତର ନବାକୁଳ ଦଳିତ ସାହି ଭିତରକୁ ଆଜି ସନ୍ଧ୍ୟାରେ ଜଣେ ଅଜଣା ଲୋକ ମୁହଁଟିପା ଦେଇ ପଶିବା କିଛି ଲୋକ ଦେଖିବା ପରେ ତାଙ୍କୁ କାବୁ କରିନେଇଥିଲେ। ପିଲାଚୋର ସନ୍ଦେହରେ ଏହି ଅଜଣା ଲୋକକୁ ଗ୍ରାମବାସୀ ଅଟକ ରଖି ସ୍ଥାନୀୟ ସରପଞ୍ଚ ବନମାଳି ସାମଲଙ୍କୁ ଖବର ଦେଇଥିଲେ। ସରପଞ୍ଚ ବନମାଳି ସାମଲ, ୱାର୍ଡ ସଭ୍ୟା ବନୀତା ମଲିକ, ୱାର୍ଡ ସଭ୍ୟ ବନରାମ ସାମଲ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉକ୍ତ ଲୋକଙ୍କ କବଳରୁ ସନ୍ଦିଗ୍ଧ ଲୋକଙ୍କୁ ଉଦ୍ଧାର କରିବା ସହିତ ବିଞ୍ଝାରପୁର ଥାନାକୁ ଖବର ଦେଇଥିଲେ। ଏଏସଆଇ ସସ୍ମିତା ମଙ୍ଗରାଜ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସନ୍ଦିଗ୍ଧ ଲୋକଙ୍କୁ ଥାନାକୁ ନେଇ ଯାଇଥିଲେ।

## ବାଲାଜୀ ପାଠାଗାରର ବାର୍ଷିକ ଉତ୍ସବ



**ସିଂହପୁର, ୨୨।୩(ସମିସ):** ଆଜି ବରୀ ବ୍ଲକ ଅଙ୍ଗାଲୋ ବାଲାଜୀ ପାଠାଗାରର ୫୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭାପତି ଆଇନଜୀବୀ ଅମ୍ବିକା ପ୍ରସାଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବରୀ ବିଧାୟିକା ସୁନନ୍ଦା ଦାସ, ମୁଖ୍ୟବକ୍ତା ଭାବେ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ବରେଣ୍ୟ ବକ୍ତା ଖରସ୍ରୋତା ପୁସ୍ତକ ମେଳା କମିଟି ସଭାପତି ପଦ୍ମାକର ଗୁରୁ, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଦାମୋଦର ବେହେରା ଓ ସମ୍ବାଦ ପାଠିକା ପୂଜାରାଣୀ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ବିଭୁତି ରାୟ ସମ୍ପାଦକୀୟ ବିବରଣୀ ପାଠ ଓ ମଣ୍ଟୁ ବଳବନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚବିଶ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ତୋଷ କୁମାର ରାଉତ, ଉପେନ୍ଦ୍ର କୁମାର ସାମଲ, ସାଧୁଚରଣ ସାମଲ, ଦିଗାମ୍ବର ପରିଡ଼ା, ରତ୍ନାକର ସାହୁ, ଅଜାମ୍ବର ରାଉତ, ଅଜୟ ମଲିକ ପ୍ରମୁଖ ସହଯୋଗ କରିଥିଲେ। ପାଠାଗାରର ମୁଖପତ୍ର 'ଲେଖା' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଭା ପୂର୍ବରୁ ପ୍ରଥମ ଅଧିବେଶନ ରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସାଇକୃଷ୍ଣ ସାମଲଙ୍କ ସୌଜନ୍ୟରୁ କବିମାନଙ୍କୁ ସତ୍ୟେନ୍ଦ୍ରନାଥ ସାମଲ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଜିତେନ୍ଦ୍ର ବେହେରା, ସନ୍ତୋଷ ବେହୁରିଆ, ସ୍ନେହଲତା ବିଶ୍ୱାଳ ସଂଯୋଜନା କରିଥିଲା ବେଳେ ସାଧୁଚରଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ଚଣାରେ ଇଦ୍-ଉଲ- ଫିତର

**ବଡ଼ଚଣା, ୨୨।୩(ସମିସ):** ମୁସଲମାନ ସମ୍ପ୍ରଦାୟର ପର୍ବ ଇଦ୍-ଉଲ-ଫିତର ବଡ଼ଚଣାର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ମୁସଲମାନ୍ ଭାଇମାନେ ଏକାଠି ହୋଇ ସମୂହ ନମାଜ ପଢ଼ିବା ସହ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଥିଲେ। ଅତିଥିମାନଙ୍କୁ ମିଠା ଫଳ, ଖଜୁରୀ, ଲଛାରେ ପ୍ରସ୍ତୁତ କ୍ଷୀରି ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ ଓ ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ବଡ଼ଚଣା ନିର୍ବାଚନ ମଣ୍ଡଳୀର ମୁସଲମାନ ଭାଇଭଉଣୀ ମାନଙ୍କୁ ଇଦ୍ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ନିଶିମଳା ପଲ୍ଲୀମଙ୍ଗଳ ସଭାପତି ସଞ୍ଜୀବ କୁମାର ସ୍ୱାଇଁ, ସୁଙ୍ଗୁଡା ପଞ୍ଚାୟତ ସଭାପତି ପ୍ରିୟବ୍ରତ ଖିଲାର, ସାମ୍ବାଦିକ ପ୍ରସନ୍ନ ବିଶ୍ୱାଳ, ଯୁବ ସମାଜସେବୀ ଯଚିନ୍ଦ୍ର ନାୟକ, କିଶୋର ପଲେଇ ପ୍ରମୁଖ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ମୌଲାନା ସାକିର୍ ହୋସେନ୍ ହବିବି ନମାଜ ପାଠ କରିଥିଲେ। ବସ୍ତିର ସର୍ଦ୍ଦାର ଅମଜାଦ ହୋସେନ, ସେକ ସବିରୁଦ୍ଦିନ, ମସିର ଅଲମ୍, ସେକ୍ ସିକନ୍ଦର ଆଲାମ, ମହମ୍ମଦ ରୀୟାଜ୍, ରିୟାଯୁଦ୍ଦିନ ଖାଁ, ଅବଦୁଲ ହନାନ, ମହମ୍ମଦ ଅୟାସ, ମୁସ୍ତାକ ଅଲ୍ଲୀ ଖାନ୍, ସମେତ ବସ୍ତି ମୁରବି ସମଦ ହୋସେନ, ଅୟୁବ ହୋସେନ, ମହମ୍ମଦ ଅୟାସ ପ୍ରମୁଖ ପରିଚାଳନା କରିଥିଲେ। ଏଥିସହିତ ଦର୍ପଣୀ, ବାତୋ, ଚାରିନଙ୍ଗଳ, ନଳିପୁର, ଅରଖପୁର ଆଦି ଗ୍ରାମ ମାନଙ୍କରେ ଇଦ୍ ପର୍ବ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି।

## 'ମହକ' ନବମ ସଂସ୍କରଣ ପ୍ରସ୍ତୁତି ବୈଠକ

**କବାଟବନ୍ଧ, ୨୨।୩(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅନ୍ତର୍ଗତ ବୃନ୍ଦାଦେଇପୁର ସ୍ଥିତ ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ପକ୍ଷରୁ ଆସନ୍ତା ଜୁନ ୧୬ ତାରିଖରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ମହକ' ନବମ ସଂସ୍କରଣ ଉନ୍ମୋଚନ ହେବ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠାନର ସଭାପତି ଡ. ଜୟଦେବ ଶତପଥୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ଅନୁଷ୍ଠାନର ଉପଦେଷ୍ଟା ପ୍ରମୋଦ କୁମାର ମଲ୍ଲିକ, ପଦ୍ମନାଭ ଶତପଥୀ, ରାମଚନ୍ଦ୍ର ମହାନ୍ତି, ଉପସଭାପତି ନିର୍ମାଲ୍ୟ କୁମାର ପ୍ରଧାନ, ସମ୍ପାଦକ ମାନସ ରଞ୍ଜନ ପ୍ରଧାନ, ସଦସ୍ୟ ଲାଲମୋହନ ଶତପଥୀ, ତିର୍ଥବାସି ଦଳାଇ, ଅନ୍ତର୍ଯ୍ୟାମୀ ବେହେରା, ସୁନିଲ ନାଥ ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଆଲୋଚନା ଏବଂ କାର୍ଯ୍ୟକର୍ତ୍ତା ଙ୍କ ମତାମତ କ୍ରମେ ଆସନ୍ତା ଅପ୍ରେଲ ୧୦ ସୁଦ୍ଧା ଓଡ଼ିଆ ଗଳ୍ପ, ପ୍ରବନ୍ଧ, କବିତା ସଂଗ୍ରହ କରାଯିବ ବୋଲି ଧାର୍ଯ୍ୟ କରାଯାଇଥିଲା। ମୁଖପତ୍ରର ସମ୍ପାଦିକା ଦାୟିତ୍ୱ ଦମୟନ୍ତୀ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ବିଭିନ୍ନ ସ୍କୁଲ ଏବଂ ମହାବିଦ୍ୟାଳୟ ଭ୍ରମଣ କରାଯାଇ ଲେଖା ସଂଗ୍ରହ ପାଇଁ ଆହ୍ୱାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

## ଅବସରପ୍ରାପ୍ତ କର୍ମଚାରୀଙ୍କ ବୈଠକ

**ଯାଜପୁର, ୨୨।୩(ସମିସ):** ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ ସଂଘର କାର୍ଯ୍ୟାଳୟରେ ଧନଞ୍ଜୟ କେଶରୀ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପ୍ରଦୀପ କୁମାର ଦାସ ଆସନ୍ତା ୨୫ତାରିଖକୁ ପ୍ରତିବାଦ ଦିବସ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାକ୍ତନ ପ୍ରଫେସର ଉଦୟ ନାରାୟଣ ପରିଡ଼ା ଦାବିପତ୍ର ପାଠ କରିଥିଲେ। ବରିଷ୍ଠ ନାଗରିକ ସଂଘର ସଭାପତି ନୃସିଂହ ଚରଣ ମହାପାତ୍ର ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରତି ବୈମାତୃକ ମନୋଭାବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସହ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ, ଯୁଗ୍ମ ସମ୍ପାଦକ ବୃନ୍ଦାବନ ମିଶ୍ର ନିଜ ନିଜ ବକ୍ତବ୍ୟରେ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରତି ଅବହେଳା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିରେ ପ୍ରଦୀପ କୁମାର ସାହୁ, ଜଗବନ୍ଧୁ ଦେବତା, କେଶବ ଚରଣ ସାମନ୍ତ, ରଜତ କୁମାର ମିଶ୍ର, ଭରତ କୁମାର ସାହୁ, ରବୀ ନାରାୟଣ ରାଉତ, ଭରତଚନ୍ଦ୍ର ବାରିକ, ନାରାୟଣ ସେଠୀ, ଗଦାଧର ପରିଡ଼ା, ମିହିର ରଞ୍ଜନ ନାୟକ, ଚନ୍ଦ୍ରଶେଖର ପାଣି, ଜନକ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାନ୍ତ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ସିପିଆଇ କାର୍ଯ୍ୟାଳୟରେ ସ୍ମୃତିଚାରଣ ସଭା

**ଦଶରଥପୁର, ୨୨।୩(ସମିସ):** ମଙ୍ଗଳପୁରସ୍ଥିତ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କାର୍ଯ୍ୟାଳୟରେ ବରିଷ୍ଠ କମ୍ୟୁନିଷ୍ଟ ନେତା ବୈଷ୍ଣବ ଚରଣ ଜେନାଙ୍କ ନବମ ପୁଣ୍ୟତିଥିରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କନିକାପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ବନମାଳୀ ବାଇଙ୍କୁ ବୈଷ୍ଣବ ଜେନା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ସମ୍ମାନିତ ଅତିଥି ଭାବରେ ସିପିଆଇଏମ୍‌ର ବିଜୟ କୁମାର ନାୟକ, ଅମୂଲ୍ୟ ସାମଲ, ସମାଜସେବୀ ମହେଶ୍ୱର ଜେନା, ଚନ୍ଦ୍ରଶେଖର ସାହୁ, ସିପିଆଇ ଜିଲ୍ଲା ସମ୍ପାଦକ ଈଶ୍ୱର ପରିଡ଼ା, ଜିଲ୍ଲା ସହ ସମ୍ପାଦକ ଅଜୟ ବିଶ୍ୱାଳ ଓ ଅଭୟ ପଣ୍ଡା, ବରିଷ୍ଠ କମ୍ୟୁନିଷ୍ଟ ନେତା ନବକିଶୋର ବେହେରା, ଶିବ ଚରଣ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପାର୍ଟିର ଜୋନ୍ ସହ ସମ୍ପାଦକ ବିଜୟ କୁମାର ନାୟକ, ଶିକ୍ଷକ ଶାଖା ସମ୍ପାଦକ ଦୁର୍ଯ୍ୟୋଧନ ବାରିକ, ଶିକ୍ଷାବିତ୍ ଧ୍ରୁବଚରଣ ସାହୁ, ମଳୟ କୁମାର ପଣ୍ଡା, ଚୌଧୁରୀ ଜେନା, ବଂଶୀଧର ଦାସ, ବିଷ୍ଣୁଚରଣ ଦାସ, ରାଧାଶ୍ୟାମ ରାଉତ, କାଳନ୍ଦୀ ମଲ୍ଲିକ, ବନମାଳୀ ଦାସ ସାଥୀମାନେ ସହାୟତା କରିଥିଲେ।

## ଜଳ ଦିବସ ଓ ଆଇନ୍ ସଚେତନତା

**ଯାଜପୁର, ୨୨।୩(ସମିସ):** ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଦଶରଥପୁର ବ୍ଲକ ଅନ୍ତର୍ଗତ ବିରଜାପୁର ଗ୍ରାମ ପଞ୍ଚାୟତ ଗୋଷ୍ଠୀ ତାଲିମ୍ କେନ୍ଦ୍ର ପରିସରରେ ବିଶ୍ୱ ଜଳ ଦିବସ ପାଳନ ସହିତ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ତଥା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ୍ ଅଧ୍ୟକ୍ଷତା କରିଥିଲେ। ଅତିଥି ଆଲୋଚକ ଭାବେ ଯାଜପୁର ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ନିଉଟନ ଦାସ, ସିଡିପିଓ ଶାନ୍ତିଲତା ସେଠୀ ଓ ଡିଏସ୍‌ଓ କୁମାରସେନ୍ ସେନାପତି ପ୍ରମୁଖ ଯୋଗଦେଇ ବାୟୁ ଜଳ ପରିବେଶ ପ୍ରଦୂଷଣ ଓ ନିୟନ୍ତ୍ରଣ, ବିବିଧ ପରିବହନ ଆଇନ୍ ଉପଭୋକ୍ତା ସେବା, ବାଲ୍ୟବିବାହ ନିରୋଧ ଆଇନ ଏବଂ ଏହାର ପ୍ରୟୋଗ, ଜଳଦିବସର ମହତ୍ତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ବିରଜାପୁର ଗ୍ରାମପଞ୍ଚାୟତ ସରପଞ୍ଚ ନିରାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ କର୍ମଚାରୀ ଓ ଗୋଷ୍ଠୀ ତାଲିମ୍ କେନ୍ଦ୍ରର କର୍ମୀମାନେ ସହଯୋଗ କରିଥିଲେ।

## ରବିଧାନ ପଞ୍ଜୀକରଣ ନୀତିକୁ ଚାଷୀଙ୍କ ବିରୋଧ

**ପ୍ରୀତିପୁର, ୨୨।୩(ସମିସ):** ରବି ଋତୁରେ ଅମଳ ହୋଇଥିବା ଡାଲୁଅ ଧାନ ସରକାରୀ ମଣ୍ଡିରେ ବିକ୍ରୟ ପାଇଁ ରାଜ୍ୟ ସରକାର ଚାଷୀ ମାରଣନୀତି ପ୍ରଣୟନ କରିଛନ୍ତି। ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ଖାଲୁଆ ଅଞ୍ଚଳ ଟିଣା, କପିଳା ଆଉଁରୀ ଯେଉଁଠାରେ ଗତ ୨୬ବର୍ଷ ହେବ ଶାରଦ ଧାନ ଚାଷରୁ ଚାଷୀ ମୁହଁ ଫେରାଇ ଛଅ ବର୍ଷ ହେବ ଡାଲୁଅ ଧାନ ଚାଷରେ ମନୋନିବେଶ କରିଛନ୍ତି। ସଫଳ ଧାନ ଅମଳ କରୁଛନ୍ତି। ମାତ୍ର ଦୁଃଖ ଓ ପରିତାପର ବିଷୟ ଚଳିତ ବର୍ଷ ପ୍ୟାକ୍ସରେ ଧାନ ବିକ୍ରୟ ପାଇଁ ନାମ ପଞ୍ଜୀକରଣ କାର୍ଯ୍ୟ ଚାଲିଛି। ଏହି ପଞ୍ଜୀକରଣର ସମୟସୀମା ଚଳିତ ମାସର ୨୫ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଛି। ମାତ୍ର ଦଶରଥପୁର ଓ ବିଞ୍ଝାରପୁର ତହସିଲର ଅନେକ ଗ୍ରାମର ବନ୍ଦୋବସ୍ତ ଚୂଡ଼ାନ୍ତ ହୋଇନାହିଁ। ଯଦ୍ଦ୍ୱାରା ଆର୍‌ଓଆର ପରିବର୍ତ୍ତନ ହୋଇପାରିନାହିଁ। ପଞ୍ଜୀକରଣ ସର୍ତ୍ତାବଳୀରେ ଜମିମାଲିକ ଜୀବିତ ନଥିଲେ ଉତ୍ତରାଧିକାର ପ୍ରମାଣପତ୍ରକୁ ଗୁରୁତ୍ୱ ଦିଆଯାଇଛି। ତେବେ ଦତ୍ତ ସମୟସୀମା ମଧ୍ୟରେ ଲିଗାଲ ହେୟାର ବାହାରିବା ସମ୍ଭବ ହେଉନାହିଁ। ଫଳତଃ ଚାଷୀ ଧାନବିକ୍ରି ପାଇଁ ପଞ୍ଜୀକରଣରୁ ବଞ୍ଚିତ ହେଉଛନ୍ତି। ହଜାରରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେବାର ଆଶଙ୍କା ପ୍ରକାଶ ପାଇଛି। ଚାଷୀ ପଞ୍ଜୀକରଣରୁ ଏହି ଆଇନ ସର୍ତ୍ତକୁ ବାଦ୍ ଦେବା ଓ ଆବଶ୍ୟକୀୟ ପରିବର୍ତ୍ତନ ଦାବି କରି କୃଷକନେତା ବୀରଭଦ୍ର ସାମଲଙ୍କ ନେତୃତ୍ୱରେ ଯାଜପୁର ଜିଲ୍ଲାପାଳ ଓ ସମବାୟ ସମିତିର ଜିଲ୍ଲା ରେଜିଷ୍ଟ୍ରରଙ୍କୁ ସାକ୍ଷାତ କରି ସମସ୍ୟାର ଆଶୁ ପରିବର୍ତ୍ତନ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ରମେଶ ମଲିକ, ସଂଗ୍ରାମ ସାମଲ, ସୁଶାନ୍ତ ମଲିକ, ଶ୍ୟାମସୁନ୍ଦର ସାମଲ, ଜ୍ୟୋତିପ୍ରକାଶ ମଲିକ, ବିଜୟ ପଣ୍ଡା, ବିଜୟ ରାଉତ, ବାସୁଦେବ ନାୟକ, ଦୁର୍ଯ୍ୟୋଧନ ନାୟକ, କୈଳାସ ସାମଲ, କୁଣଳି ଜେନା, ଦୈତ୍ୟାରୀ ପଣ୍ଡା, ଧନେଶ୍ୱର ସାମଲ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।

## ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ମହାମିଶ୍ରଣ ପର୍ବ



**ବଡଚଣା, ୨୨।୩(ସମିସ):** ଚଣ୍ଡିଖୋଲ ନିକଟସ୍ଥ ଧର୍ମଶାଳା ଭବନଠାରେ ନବ ଗଠିତ ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପାର୍ଟିର ପ୍ରତିଷ୍ଠାତା ସଭାପତି ମହମ୍ମଦ ମୋକିମ ଯୋଗଦେଇ ନୀତି ଓ ନୈତିକ ହରାଇଥିବା କଂଗ୍ରେସ ଓ ବର୍ତ୍ତମାନର ବିଜେପି ସରକାର ଓଡ଼ିଶାବାସୀଙ୍କ ଆଶା ଓ ବିଶ୍ୱାସ ହରାଇଛି ବୋଲି କହିଥିଲେ। ଏପରି ସମୟରେ ଓଡ଼ିଶା ଜନତା କଂଗ୍ରେସ ଦଳ ଓଡ଼ିଶାବାସୀଙ୍କ ସେବା ପାଇଁ କାର୍ଯ୍ୟ କରିବ ବୋଲି କହିବା ସହିତ ଆଗାମୀ ଦିନରେ ଦୁର୍ନୀତି ବିରୋଧରେ ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି କହିଥିଲେ। କ୍ଷମତା ପାଇଁ ନୁହେଁ ଓଡ଼ିଶା ବାସୀଙ୍କ ସେବା କରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଶିଳ୍ପ, ଜଳସେଚନ, ଖଣିଖାଦାନ, ଲଘୁ ଖଣିଜ ପଦାର୍ଥର ସୁରକ୍ଷା ପାଇଁ ଓଡ଼ିଶା ଜନତା କଂଗ୍ରେସ ଦଳ କାର୍ଯ୍ୟକରିବ ବୋଲି ସେ କହିଥିଲେ। ଏହି ମହାମିଶ୍ରଣ ପର୍ବରେ ବଡ଼ଚଣା, ଧର୍ମଶାଳା, କୋରେଇ, ସୁକିନ୍ଦା, ଯାଜପୁର, ବିଞ୍ଝାରପୁର, ବରୀ ନିର୍ବାଚନ ମଣ୍ଡଳୀର ବହୁ ମାନେ ଅନ୍ୟ ଦଳ ପରିତ୍ୟାଗ କରି ଓଡ଼ିଶା ଜନତା କଂଗ୍ରେସ ଦଳରେ ଯୋଗ ଦେଇଥିଲେ। ରାଜ୍ୟ ସଭାପତି ମହମ୍ମଦ ମୋକିମ୍ କର୍ମୀ ମାନଙ୍କୁ ଦଳୀୟ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଞ୍ଜୟ ରାୟ, ସଂଗ୍ରାମ ରାୟ, ସୁରେଶଚନ୍ଦ୍ର ସାହାଣୀ, ପ୍ରଦୀପ କୁମାର ଧଳ, ଗିରିବାଳା ବେହେରା, ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରଞ୍ଜିତା ରାଉତ୍, ବିଜୟ କୁମାର ଦାସ, ଦୁର୍ଗା ବାରିକ, ନିକୁଞ୍ଜ ପ୍ରସାଦ ମହାନ୍ତି, ବଦ୍ରୀ ମହାନ୍ତି, ସାଗରିକା ନାୟକ, ମନୋଜ କୁମାର ଜେନା, ଭବାନୀ ଶଙ୍କର ଦେଓ, ମନୋରଞ୍ଜନ ନାୟକ ପ୍ରମୁଖ ମିଶ୍ରଣ ପର୍ବର ନେତୃତ୍ୱ ନେଇଥିଲେ।

## ନୀଳାଚଳରେ ଜରୁରୀକାଳୀନ ମକ୍‌ଡ୍ରିଲ୍



**ଦାନଗଦି, ୨୨।୩(ସମିସ):** ନୀଳାଚଳ ଇସ୍ପାତ ନିଗମ (ଏନ୍‌ଆଇଏନ୍‌ଏଲ)ରେ ଏହାର କଳିଙ୍ଗନଗର ପ୍ଲାଣ୍ଟ ପରିସରରେ ଶିଳ୍ପ ସୁରକ୍ଷା ଏବଂ ଜରୁରୀକାଳୀନ ସତର୍କତା ପାଇଁ ମହଜୁଦ ଥିବା ପ୍ରସ୍ତୁତି ପରଖିବା ଏବଂ ଅଧିକ ଉନ୍ନତ କରିବା ପାଇଁ ଏକ ପୂର୍ଣ୍ଣକାଳୀନ ଅନ୍‌ସାଇଟ୍ ଜରୁରୀକାଳୀନ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। କୋଇଲା ଏବଂ ବାଇ-ପ୍ରଡକ୍ଟ ପ୍ଲାଣ୍ଟର 'ଟାର୍ ଷ୍ଟୋରେଜ୍' ଅଞ୍ଚଳରେ ନିଆଁ ଲାଗିଲେ କିପରି ଉଦ୍ଧାର କରାଯିବ, ସେଥିପାଇଁ ଏକ ମିଳିତ ଅଭ୍ୟାସ କରାଯାଇଥିଲା। ଏହି ମକ୍‌ଡ୍ରିଲ୍ ଯାଜପୁର ଜୋନ୍‌ର କାରଖାନା ଓ ବଏଲର ସହକାରୀ ନିର୍ଦ୍ଦେଶକ ଗଣେଶ୍ୱର ମାର୍ଡିଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଏବଂ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟ ଅଗ୍ନିଶମ ବିଭାଗର କର୍ମଚାରୀ ଓ ଦାନଗଦିର ଅଗ୍ନିଶମ କେନ୍ଦ୍ର ଅଧିକାରୀ ସୁରେଶ କୁମାର ଜେନାଙ୍କ ସମେତ ଆଭ୍ୟନ୍ତରୀଣ ସୁରକ୍ଷା ନେତୃତ୍ୱ ବୃନ୍ଦ ଅଂଶଗ୍ରହଣ କରିଥିଲେ। ଉଚ୍ଚ-ବିପଦପୂର୍ଣ୍ଣ ପରିସ୍ଥିତିକୁ ସମ୍ଭାଳିବା ପାଇଁ ପ୍ଲାଣ୍ଟର ପ୍ରସ୍ତୁତି ଏବଂ ଜରୁରୀକାଳୀନ ସେବାଗୁଡ଼ିକର ସଠିକ୍ ସମନ୍ୱୟର ଏକ ବ୍ୟାପକ ସମୀକ୍ଷା କରିବା ଏହି ମକ୍‌ଡ୍ରିଲର ମୁଖ୍ୟ ଉଦ୍ଦେଶ୍ୟ ଥିଲା।





ଯାଜପୁର ଜିଲ୍ଲା ମହୋତ୍ସବ 'ଯଯାତି'ରେ ସାଂସ୍କୃତିକ କାର୍ଯ୍ୟକ୍ରମ

## ଟେଲରିଂ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବଡ଼ଚଣା, ୨୨।୩(ସମିସ):** ଟ୍ରେଲରିଂ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୋଟ ୧୦୦ ଜଣ ଗ୍ରାମୀଣ ଯୁବତୀ ଓ ମହିଳାମାନେ ଭିଆର୍‌ଓ ଇଣ୍ଡିଆ ଦ୍ୱାରା ଆୟୋଜିତ ୯ ମାସର ସିଲାଇ ଓ ଡିଜାଇନ୍ ଟେଲରିଂ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭିଆର୍‌ଓ ଇଣ୍ଡିଆର ସହ ନିର୍ଦ୍ଦେଶକ ମାରିଆନାୟାଗମ; ଡା. ନିର୍ମଳା, ଭିଆରଓ ଇଣ୍ଡିଆର ସହାୟକ ପ୍ରକଳ୍ପ ପ୍ରବନ୍ଧକ ଜର୍ଜ ଆନ୍ଥୋନୀ, କ୍ଷେତ୍ର ନିର୍ଦ୍ଦେଶକ ହେନ୍‌ରି ଆଲବର୍ଟ, କ୍ଷେତ୍ର ସମନ୍ୱୟ କର୍ତ୍ତା ଓ ସ୍ଥଳ ପ୍ରଭାରୀ ସହ ଦକ୍ଷତା ପ୍ରଶିକ୍ଷକଙ୍କ ସହିତ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଶେଷରେ ପରିଚାଳନା ନିର୍ଦ୍ଦେଶକ ଭେଲାଙ୍ଗାନି ରାଜୁ ଓ ସମସ୍ତ ପ୍ରବନ୍ଧକ ଉପସ୍ଥିତ ଥିଲେ। ଏକ୍ସ ବିଶ୍ୱବିଦ୍ୟାଳୟର ଉପକୁଳପତି କେଶି କାଶ୍ମୀର ପ୍ରମୁଖ ଉପସ୍ଥି ଥିଲେ।

## ବେଣାଗାଡ଼ିଆ-ରାଗଡ଼ି ସାହି ରାସ୍ତା କାମରେ ଅନିୟମିତତା

**କାଳିଆପାଣି, ୨୨।୩(ସମିସ)**

ଟମକା ଉପଖଣ୍ଡ ଖଣି ଅଞ୍ଚଳ ଚିଙ୍ଗୁଡ଼ିପାଳ ପଞ୍ଚାୟତରେ ବେଣାଗାଡ଼ିଆ ଦେହୁରୀ ସାହି ଠାରୁ ରାଗଡ଼ି ସାହି ପର୍ଯ୍ୟନ୍ତ ଚାଲୁଥିବା କଂକ୍ରିଟ ରାସ୍ତା ନିର୍ମାଣ କାମକୁ ନେଇ ଏବେ ଚର୍ଚ୍ଚା ଜୋରଧରିଛି। ସ୍ଥାନୀୟ ଲୋକମାନେ ଏହି କାମର ଗୁଣମାନ ଉପରେ ଗୁରୁତର ପ୍ରଶ୍ନ ଉଠାଇଥିବା ବେଳେ, ଆର୍‌ଡି ବିଭାଗ ଓ ଠିକାଦାରଙ୍କ ଭୂମିକାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି।

ସୂଚନା ଅନୁଯାୟୀ, ଏହି ରାସ୍ତା ନିର୍ମାଣ କାମରେ ନିୟମ ମାନାଯାଉନଥିବା ଅଭିଯୋଗ ଆସୁଛି। କଂକ୍ରିଟ ଲେୟର ଉପରେ ବାଲି ଫିଲିଂ କରାଯାଇ କାମକୁ ଅତ୍ୟନ୍ତ ନିମ୍ନମାନରେ ସମ୍ପାଦନ କରାଯାଉଥିବା କହାଯାଉଛି। ଏହା ସହିତ ଟେଣ୍ଡର ପାଇଥିବା ଠିକାଦାର ସିମେଣ୍ଟର ଠିକ୍ ମାପ ରକ୍ଷା କରୁନଥିବା ଓ ମାଟେରିଆଲ ବ୍ୟବହାରରେ ଅନିୟମିତତା କରୁଥିବା ଅଭିଯୋଗ ଉଠିଛି। ଏହି କାମ ସମ୍ପର୍କରେ କୌଣସି ସୂଚନା ଫଳକ ସ୍ଥାପନ କରାଯାଇନାହିଁ। ରାସ୍ତା କାମ ଚାଲିଥିବା ସମୟରେ ବିକଳ୍ପ ଡାଇଭର୍ସନ ରୋଡ୍ ବ୍ୟବସ୍ଥା ନଥିବାରୁ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହେଉଛି। ଦିନକୁ ଦିନ ଯାତାୟାତ କରୁଥିବା ସ୍ଥାନୀୟ ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏହି ବିଷୟରେ ଆର୍‌ଡି ବିଭାଗର ଜୁନିଅର ଇଞ୍ଜିନିୟର ଦିଲ୍ଲିପ କୁମାର ସାହୁଙ୍କୁ ଯୋଗାଯୋଗ କରିବା ପ୍ରୟାସ କରାଯାଇଥିଲେ ମଧ୍ୟ ସେ ଫୋନ୍ ଧରୁନଥିବାରୁ ସମସ୍ୟାର ସମାଧାନ ହେଉନାହିଁ। ଏହି ପରିସ୍ଥିତିରେ, ଶୀଘ୍ର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ରାସ୍ତା କାମର ଗୁଣମାନ ଯାଞ୍ଚ କରିବା ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସ୍ଥାନୀୟ ଲୋକମାନେ ଦାବି କରୁଛନ୍ତି।



### ପ୍ରସ୍ତାବିତ ନୂଆ ଟ୍ରକ୍ ସଂଘକୁ ବିରୋଧ

# ପୁରୁଣା ଦୁଇ ସଂଘର ମିଳିତ ବୈଠକ, ବିଧାୟକଙ୍କୁ ଭେଟିଲେ

ଜୟପୁର, ୨୨।୩(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ଆଉ ଏକ ନୂଆ ଟ୍ରକ ମାଲିକ ସଂଘ ଗଠିତ ହୋଇଥିବା ବେଳେ ଆସନ୍ତା ୨୮ ତାରିଖରେ ଏହା ବିଧିବଦ୍ଧ ଭାବେ ଶୁଭାରମ୍ଭ ହେବ। କିନ୍ତୁ ଏହାର ଶୁଭାରମ୍ଭ ପୂର୍ବରୁ ଜୟପୁର ଟ୍ରକ୍ ମାଲିକ ସଂଘ ଏବଂ ଜୟପୁର ଲରୀ ଓନର୍ସ ମହାସଂଘ ପକ୍ଷରୁ ଆଜି ମିଳିତ ଭାବେ ଏକ ବୈଠକ ଆୟୋଜିତ ହୋଇ ନୂତନ ସଂଘ ଗଠନକୁ ବିରୋଧ କରାଯାଇଛି। ଆଜି ଉଭୟ ସଂଘର କର୍ମକର୍ତ୍ତା ମାନେ ଏକ ବୈଠକ ମାଧ୍ୟମରେ ମିଳିତ ହୋଇ ଜୟପୁର ସହରରେ ଟ୍ରାନ୍ସପୋର୍ଟସ ଓ୍ୱେଲଫେର ମହାସଂଘ ନାମରେ ଏହି ସଂଘ ଆସନ୍ତା ୨୮ ତାରିଖରେ ଜୟପୁର ସହରର ନିକଟସ୍ଥ ତେଲିଗୁଡ଼ା ଠାରେ ଉଦ୍‌ଘାଟିତ ହେବାକୁ ଥିବା କାର୍ଯ୍ୟାଳୟକୁ ବିରୋଧ କରାଯାଇଛି। ଏହି ବୈଠକରେ ଆଲୋଚନା ସମୟରେ କିଛି କର୍ମକର୍ତ୍ତା ପ୍ରକାଶ କରିଥିଲେ ଯେ, ବର୍ତ୍ତମାନ ସ୍ଥାନୀୟ ଗାଗନାପୁର ପେପର ମିଲ ବନ୍ଦ ରହିବା ଏବଂ ଜୟପୁର ଅଞ୍ଚଳରେ କୌଣସି ବଡ଼ ଶିଳ୍ପ ନଥିବା ଯୋଗୁଁ ଟ୍ରକ୍ ମାଲିକ ମାନେ ନିଜ ନିଜ ଟ୍ରକ୍ ପରିଚାଳନା ଏବଂ ରକ୍ଷଣାବେକ୍ଷଣକୁ ଚିନ୍ତା ବଢାଇଛି। ର୍ ଅଧିକାଂଶ ସମୟରେ ମାଲ ପରିବହନ ହେଉନଥିବା




ଯୋଗୁଁ ଟ୍ରକ୍ ଗୁଡିକ ବିନା ଚଳାଚଳରେ ଖାଲିରେ ରହୁଛି। ତେଣୁ ଟ୍ରକ୍ ମାଲିକ ମାନେ ଡ୍ରାଇଭର ଏବଂ ହେଲପରଙ୍କ ଦରମା ପ୍ରଦାନ କରିବା ସହିତ ନିଜ ନିଜ ଟ୍ରକ୍‌ର ରକ୍ଷଣାବେକ୍ଷଣ ନେଇ ଆର୍ଥିକ ସଂକଟର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ସମୟରେ ପୁଣି ଏକ ସଂଘ ଗଠିତ ହେବା ଯୋଗୁଁ ଏକ ବିଭ୍ରାଟ ସୃଷ୍ଟି ହେବ ବୋଲି ଆଶଙ୍କା ପ୍ରକାଶ କରାଯାଇଥିଲା। ଆଜି ଦୁଇ ସଂଘର ମିଳିତ ବୈଠକର ନିଷ୍ପତି ଅନୁଯାୟୀ ଆସନ୍ତା ୨୮ ତାରିଖରେ ନୂତନ ସଂଘର ଉଦ୍‌ଘାଟନର ମୁଖ୍ୟଅତିଥି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ଜୟପୁର ଠାରେ ତାଙ୍କ ବାସଭବନରେ ଦୁଇ ସଂଘର କର୍ମକର୍ତ୍ତା ମାନେ ସାକ୍ଷାତ କରିବା ସହିତ ଆଲୋଚନା କରିଛନ୍ତି। ତାଙ୍କ ପରିପ୍ରେକ୍ଷୀରେ ନୂତନ ଉଦ୍‌ଘାଟିତ ହେବାକୁ ଟ୍ରକ ମାଲିକ ସଂଘକୁ ନେଇ କୌଣସି ବିବାଦ ନ ହେଉ, ସେଥିନେଇ ଏକ ମିଳିତ ଆଲୋଚନା ନେଇ ବୈଠକ ଆୟୋଜନ ନେଇ ପ୍ରୟାସ ଜାରୀ ରହିଥିବା ନେଇ ସୂଚନା ମିଳିଛି। ଆଜି ସ୍ଥାନୀୟ ଗେଟଗୁଡ଼ା ଲରୀ ଅନର୍ସ ମହାସଂଘର କାର୍ଯ୍ୟାଳୟ ଠାରେ ବୈଠକରେ ସଂଘର ସଭାପତି ସୁରି ବାବୁ, ସମ୍ପାଦକ ମାନକେତନ ଦାଶ, ଉପ ସଭାପତି ଜି. ରମେଶ କୁମାର, ଯୁଗ୍ମ ସମ୍ପାଦକ ସତିଶ କୁମାର, କୋଷାଧ୍ୟକ୍ଷ ଏମ. ରାମକୃଷ୍ଣା ଏବଂ ଜୟପୁର ଟ୍ରକ ମାଲିକ ସଂଘର ଉପ ସଭାପତି କିରଣ କୁମାର ରେଡ୍ଡି, ସମ୍ପାଦକ ଦେବେନ୍ଦ୍ର ଚୌଧୁରୀ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ପଟ୍ଟନାୟକ ଏବଂ ଅନ୍ୟାନ୍ୟ ବରିଷ୍ଠ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଏହି ବୈଠକକୁ ନେଇ ଜୟପୁର ଟ୍ରକ ମାଲିକ ସଂଘର ଯୁଗ୍ମ ସମ୍ପାଦକ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଜୟପୁର ଟ୍ରକ ପରିଚାଳନାଜନିତ ସମସ୍ୟା ଲାଗି ରହିଥିବା ବେଳେ ମାଲିକ ମାନେ ବ୍ୟାପକ ମାତ୍ରାରେ ଆର୍ଥିକ ସଙ୍କଟରେ ରହିଥିବା ବେଳେ ପୁଣି ଏକ ନୂତନ ସଂଘ ଗଠନ ହେଲେ ଏହି ସମସ୍ୟାକୁ ଦ୍ୱିଗୁଣିତ କରିବ। ତେଣୁ ଏଥିନେଇ କୌଣସି ବ୍ୟବସ୍ଥା କରିବା ନିହାତି ଆବଶ୍ୟକ ବୋଲି ଦାବି କରିଛନ୍ତି। ଅନ୍ୟପକ୍ଷରେ ନୂତନ ସଂଘର ସଭାପତି ବାବୁଲା ନାୟକ କହିଛନ୍ତି ଯେ, ସରକାରଙ୍କ ସଂଘ ଗଠନ କରିବାର ସମସ୍ତ ନିୟମ ଅନୁଯାୟୀ ଏହା ପଞ୍ଜିକୃତ ସଂଘ। ତେଣୁ ନୂତନ ସଂଘ ଗଠନ କରିବାର ସ୍ୱାଧୀନତା ରହିଛି। ତେଣୁ ଏହାର ଉଦ୍‌ଘାଟନ ଏବଂ କାର୍ଯ୍ୟକାରୀ ହେବା ସୁନିଶ୍ଚିତ ଏବଂ ପରବର୍ତ୍ତୀ ଅବସ୍ଥାରେ ସମସ୍ତ ଟ୍ରକ୍ ମାଲକଙ୍କ କୌଣସି ସମସ୍ୟା ନ ହେଉ, ସେଥିନେଇ ଆଲୋଚନା ନେଇ ପ୍ରସ୍ତୁତ ବୋଲି କହିଛନ୍ତି।

### ● ହୋଟେଲ, ରେସ୍ତୁରାଁ ବନ୍ଦ

# ବୁଲା କୁକୁରଙ୍କୁ ଖାଦ୍ୟାଭାବ

ରାମନାଗୁଡ଼ା,୨୨।୩ (ସମିସ): ଗ୍ରୀଷ୍ମ ରୁତୁର ଆରମ୍ଭ ସହିତ ଅଞ୍ଚଳରେ ତାପମାତ୍ରା ବଢ଼ିବାକୁ ଲାଗୁଛି। ବୁଲା କୁକୁର ମାନେ ଖାଦ୍ୟ ଓ ପାଣିର ଖୋଜରେ ଏଠି ସେଠି ବୁଲୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ସହର ଓ ଗ୍ରାମାଞ୍ଚଳର ରାସ୍ତାଘାଟ, ବଜାର ଏବଂ ଅବାସିକ ଅଞ୍ଚଳରେ ଏହି କୁକୁରମାନେ ଖାଦ୍ୟ ଅଭାବରେ ଭୋକିଲା ଅବସ୍ଥାରେ ଦେଖାଯାଉଛନ୍ତି। ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଛୋଟ ବଡ଼



ରେଷ୍ଟରାଣ୍ଟ, ହୋଟେଲ ଆଦି ଇନ୍ଧନ ଗ୍ୟାସ ଅଭାବରୁ ବନ୍ଦ ହୋଇ ଯାଇଥିବା ବେଳେ ବୁଲା କୁକୁର ମାନଙ୍କୁ ଖାଦ୍ୟ ମିଳିବା କଷ୍ଟ ହୋଇ ପଡିଛି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ ଗରମ ବଢ଼ିବା ସହ ଖାଦ୍ୟ କମି ଯାଇଥିବାରୁ କୁକୁରମାନେ ଡଷ୍ଟବିନ୍ ଓ ରାସ୍ତା ପାଖରେ ଖାଦ୍ୟ ଖୋଜୁଛନ୍ତି। ଏହା ସହ ପାଣିର ଅଭାବ ମଧ୍ୟ ତାଙ୍କ ପାଇଁ ଗୁରୁତର ସମସ୍ୟା ହେବାରୁ ଦିନେ ଦିନେ ତାଙ୍କ ଅବସ୍ଥା ଅଧିକ ଦୟନୀୟ ହେଉଛି। ପଶୁ ପ୍ରେମୀ ଓ ସମାଜସେବୀ ମାନେ କହୁଛନ୍ତି ଯେ ଏହି ସମୟରେ ବୁଲା ପଶୁମାନଙ୍କ ପାଇଁ ଖାଦ୍ୟ ଓ ପାଣିର ବ୍ୟବସ୍ଥା କରିବା ଆମ ସମାଜର ଦାୟିତ୍ୱ। ସ୍ଥାନୀୟ ପ୍ରଶାସନଙ୍କୁ ମଧ୍ୟ ଏହା ଉପରେ ଗୁରୁତ୍ୱ ଦେବାକୁ ଜନସାଧାରଣ ପକ୍ଷରୁ ଦାବି କରାଯାଉଛି।

# ବଚସାରୁ ଛୁରାମାଡ଼ରେ, ଜଣେ ଗିରଫ



ନବରଙ୍ଗପୁର,୨୨।୩(ସମିସ): ସାମାନ୍ୟ ବଚସାକୁ କେନ୍ଦ୍ର କରି ଛୁରା ମାଡ଼ ଘଟଣାରେ ଜଣକୁ ଗିରଫ କରିଛି ନବରଙ୍ଗପୁର ପୁଲିସ। ଘଟଣା ଅନୁଯାୟୀ, ୨୦୨୬ ମାର୍ଚ୍ଚ ୧୭ ତାରିଖ ସକାଳ ସାଢେ ୧୦ଟା ସମୟରେ କରଣ ବାଗ ନବରଙ୍ଗପୁର ପାଞ୍ଜିଆ ସାହି ଛକ ନିକଟରେ ନବରଙ୍ଗପୁର ଜିଲ୍ଲା ଖାତୀଗୁଡା ଥାନା ଅନ୍ତର୍ଗତ ଖୁଣ୍ଟିଆଗୁଡ଼ା ଗ୍ରାମର ମିନାକେତନ ଗୌଡ଼ାଙ୍କୁ ଏକ ଧାରୁଆ ଛୁରୀ ସାହାଯ୍ୟରେ ଆକ୍ରମଣ କରିଥିଲ।। ନବରଙ୍ଗପୁର ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ କୋରାପୁଟ ଜିଲ୍ଲା ଜୟପୁର ନୂଆସାହି ଚତୁର୍ଥ ଲାଇନ୍‌ରୁ ଅଭିଯୁକ୍ତ କରଣ ବାଗକୁ ଗିରଫ କରାଯାଇ କୋର୍ଟକୁ ପଠାଯାଇଥିବା ଏକ ପ୍ରେସ ବିଜ୍ଞପ୍ତି ସୂଚନା ଦେଇଛନ୍ତି ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ସମ୍ବିତ କୁମାର ବେହେରା।

# କବି ବଳରାମ ପୂଜାରୀଙ୍କ ଜୟନ୍ତୀ ପାଳିତ

### କବି ଚକ୍ରପାଣି ପରିଚ୍ଛାଙ୍କୁ କବି ବଳରାମ ପୂଜାରୀ ସ୍ମୃତି ସମ୍ମାନ

ବୈପାରୀଗୁଡ଼ା,୨୨।୩(ସମିସ): ଓଡ଼ିଆ ଭାଷା ସାହିତ୍ୟର ଉପାନ୍ତ ପ୍ରହରୀ ମାଟିମଗ୍ନା ସ୍ୱର୍ଗତ କବି ବଳରାମ ପୂଜାରୀ ସୁପରିଚିତ। ତାଙ୍କ ରଚନାରେ ମାଲ୍ୟବନ୍ତ ମାଟିର କଥା କୁହେ। ବିଶ୍ୱ କବିତା ଦିବସରେ ଜନ୍ମ ଗ୍ରହଣ କରି ମାଲକାନଗିରି ଜିଲ୍ଲା ତଥା ଓଡିଶା ରାଜ୍ୟକୁ କାବ୍ୟମୟ କରି ପାରିଛନ୍ତି। ସେ ସୃଷ୍ଟି କରିଥିବା ପୁସ୍ତକ ସବୁ ଉତ୍ତର ପିଢିଙ୍କୁ ଦିଗଦର୍ଶନ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। କବିଙ୍କ ଜୟନ୍ତୀ ଅବସରରେ କୁଡୁମୁଲୁଗୁମ୍ମାରେ ଥିବା ପ୍ରତିମୂର୍ତ୍ତିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଓଡିଆ ସାହିତ୍ୟର ଜଣେ ସ୍ୱର୍ଦ୍ଧିତ ସ୍ୱର କବି ବଳରାମ ପୂଜାରୀଙ୍କ ୫୨ତମ ଜୟନ୍ତୀ ସମାରୋହ ଜୟପୁର ସ୍ଥିତ ଏସ୍ ଆର୍ ମଲର କନଭେନସନ୍ ହୋଲରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଅନେକ ସାରସ୍ୱତ ସାଧକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ କବି ଡ. ବାସୁଦେବ ସୁନାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ 'କବିତା ହେଉଛି କରୁଣାର ପ୍ରତିବେଦନ, ଆଉ କବି ବଳରାମ ପୂଜାରୀଙ୍କ କବିତା ବଞ୍ଚିତବର୍ଗର କରୁଣାର କଥା କହୁଛି' ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗବେଷକ




ଡ. ପରମେଶ୍ୱର ମୁଣ୍ଡ ଓ କବି ଡ. ପ୍ରୀତିଧାରା ସାମଲ ଯୋଗଦେଇ ବଳରାମ ପୂଜାରୀଙ୍କ ସାହିତ୍ୟ ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତିତ୍ୱ କରିଥିଲେ କବି ତଥା ପ୍ରଶାସକ ଧର୍ମରାଜ ମାଝୀ। ଏହି ଅବସରରେ ବୈପାରୀଗୁଡାର ବିଶିଷ୍ଟ କବି ଚକ୍ରପାଣି ପରିଚ୍ଛାଙ୍କୁ ପ୍ରଥମ କବି 'ବଳରାମ ପୂଜାରୀ ସ୍ମୃତି ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ସମ୍ମାନ ବାବଦରେ ମାନପତ୍ର, ଉପଢୌକନ ଓ ଅର୍ଥରାଶି ବାବଦକୁ ପାଞ୍ଚ ହଜାର ଟଙ୍କା ପ୍ରଦାନ କରାଗଲା। ଏହି ଅବସରରେ କବି ବଳରାମ ପୂଜାରୀଙ୍କୁ ସମର୍ପିତ କରି 'କବିତା କୋରାପୁଟ' ନାମରେ ଏକ ସ୍ୱତନ୍ତ୍ର କବି ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ସାହିତ୍ୟିକ ହରିହର କରସୁଦ୍ଧା ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ରବି ଶତପଥୀ, ମାଧୁରୀ ପଣ୍ଡା, ଏମ୍. ହିମାଂଶୁ ଆଚାରୀ, ଅଶୋକ ମହାରଣା, ପ୍ରକାଶ ମହାନ୍ତି, ଗୋପାଳକୃଷ୍ଣ ସାମନ୍ତରାୟ, ସବିତା ତ୍ରିପାଠୀ, ମନୋରଞ୍ଜନ ପ୍ରଧାନ କବିତା ପାଠ କରିଥିବା ବେଳେ ଓମ୍‌ପ୍ରକାଶ ମିଶ୍ର ସମୀକ୍ଷା କରିଥିଲେ। ପୁଷ୍ପାଞ୍ଜଳି ରଣା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜୟଲକ୍ଷ୍ମୀ ପାଣିଗ୍ରାହୀ କାର୍ଯ୍ୟକ୍ରମର ସଂଯୋଜନା କରିଥଲେ। ସବ୍ୟସାଚୀ ବିଷୋୟୀ, ନିରଞ୍ଜନ ପାଣିଗ୍ରାହୀ, ଭଗବାନ ସାହୁ, ରୁଦ୍ରାଭିଷେକ ପୂଜାରୀ ଓ ରସରାଜ୍ ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ।

# ସରକାରୀ ଓକିଲଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ନବରଙ୍ଗପୁର,୨୨।୩(ସମିସ):



ସ୍ଥାନୀୟ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଶୋକ ମେହେଟା ସମ୍ମିଳନୀ କକ୍ଷରେ ଦୁଇ ଦିନ ଧରି ଚାଲିଥିବା ନବରଙ୍ଗପୁର ଜିଲ୍ଲାର ସରକାରୀ ଓକିଲ ମାନଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ଚନ୍ଦ୍ର ବର୍ମନ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଅନୁଷ୍ଠାନିକ ଭାବରେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅପରାହ୍ନରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଜିଲ୍ଲା ଓ ଦୌରା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ। ଏହି ପ୍ରଶିକ୍ଷଣ ଶିବିରରେ ଅତିଥି ଭାବରେ ଓଡିଶା ଅଭିଯୋଜନ ବିଭାଗର ଉପ ନିର୍ଦ୍ଦେଶିକା ଶୈଳଜା ପଟ୍ଟନାୟକ, ଗଜପତି ଜିଲ୍ଲାର ଉପ ନିର୍ଦ୍ଦେଶକ ଅଜିତ କୁମାର ପଟ୍ଟନାୟକ, ନିଦର୍ଶିନୀ ରଥ, ସହ-ନିର୍ଦ୍ଦେଶକ ରୁପେଶ ପ୍ରଧାନୀ, ପବ୍ଲିକ ପ୍ରସିକ୍ୟୁଟର ମନୋଜ ଏକ୍କା, ସୁନନ୍ଦା ପ୍ରଧାନ, ବରିଷ୍ଠ ଆଇନଜୀବୀ ବିଷ୍ଣୁ ପ୍ରସାଦ ପାତ୍ର, ଫରେନ୍‌ସିକ ବିଶେଷଜ୍ଞ ତ୍ରିଭୁଜ ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ରହି ନବ ନିଯୁକ୍ତ ସରକାରୀ ଓକିଲଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଆଇନ ସମ୍ବନ୍ଧୀୟ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବା ସହ ଆଇନ ଅନୁସାରେ ଦୋଷୀ ମାନଙ୍କୁ କିଭଳି ଭାବରେ ଅଧିକରୁ ଅଧିକ ଦଣ୍ଡ ବିଧାନ କରାଯାଇପାରିବ ସେଥିନେଇ ଆଲୋଚନା କରାଯାଇଥିଲା । ଏଥିରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ନ୍ୟାୟ ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ସହ ସମସ୍ତ ଆଇନକୁ ତର୍ଜମା କରାଯାଇ ଦୋଷୀକୁ କିଭଳି ଭାବରେ କଠୋର ଦଣ୍ଡ ବିଧାନ କରାଯିବା ସହ ସମସ୍ତ ସାକ୍ଷ୍ୟ ପ୍ରମାଣ ପାଇଁ ଆବଶ୍ୟକୀୟ ପ୍ରମାଣ କୁ ଆଧାର କରି ମାମଲାକୁ ପରିଚାଳନା କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମୃତ୍ୟୁଞ୍ଜୟ ମହାରଣା, ଅଶୋକ କୁମାର ପାଢ଼ୀ, ସରୋଜ କୁମାର ବେହେରା, ସୀମାଞ୍ଚଳ ପାଢ଼ୀ, ଶ୍ରୀକାନ୍ତ କୁମାର ପଣ୍ଡା, ସଞ୍ଜୀବ କୁମାର ଭକ୍ତ, ତପନ କୁମାର ସିଂ, ରାମଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ଗଣ୍ଡ, ଶ୍ରୀନିବାସ ପାତ୍ର, ବିଧୁ ଶେଖର ତ୍ରିପାଠୀ, ଶତାବ୍ଦୀ ପାଳ, ସ୍ୱାଗତିକା ସାମନ୍ତରାୟ, ଅରୁଣ ପ୍ରସନ୍ନ ନାୟକ, ଏକାମ୍ର ବିଷୋୟୀ, ସୁଧୀର କୁମାର ବେହେରା, ସୁବାଷ ପଟ୍ଟନାୟକ, ସୀମାଞ୍ଚଳ ମଲ୍ଲିକ, ଦିବାନ ସିଂ, ଗୋପୀନାଥ ସାହୁ, ଶିବ ଶଙ୍କର ପତି, ଦିବ୍ୟ ରଞ୍ଜନ ପାତ୍ର, କ୍ରିଷ୍ଣା ରାୟ, ହୀରାଧର ମାଳୀ, ପ୍ରଦୀପ ପଟ୍ଟନାୟକ, କିଶୋରୀ ପଟ୍ଟନାୟକ ଓ ସାଇରାମ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ସଭା ଶେଷରେ ମାନ୍ୟବର ଜିଲ୍ଲା ଓ ଦୌରା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ବନ ଦିବସରେ ରାମଗିରି ପଞ୍ଚାୟତ ପୁରସ୍କୃତ

ବୈପାରିଗୁଡ଼ା,୨୨।୩(ସମିସ): ବିଶ୍ୱ ବନ ଦିବସରେ ବୈପାରିଗୁଡା ବ୍ଲକର ରାମଗିରି ପଞ୍ଚାୟତକୁ ପୁରସ୍କୃତ । କୋରାପୁଟ ଫରେଷ୍ଟ



ଡିଭିଜନାଲ୍ ସଭାଗୃହ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ବନ ଦିବସରେ ବନ ସୁରକ୍ଷା ପାଇଁ ରାମଗିରି ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ରାମଗିରି ଅଞ୍ଚଳରେ ଥିବା ବନ ସୁରକ୍ଷା ସମିତି ସଭ୍ୟ ମାନଙ୍କ ଦ୍ୱାରା ଜଙ୍ଗଲ ସୁରକ୍ଷା ସହ ବୃକ୍ଷ ରୋପଣ କରିବା, ଜଙ୍ଗଲରେ ନିଆଁ ନଲଗାଇ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ରାମଗିରି ଅଞ୍ଚଳରେ ବନବିଭାଗ ଦ୍ୱାରା ଯେତିକି ପ୍ଲାଣ୍ଟେସନ କରାଯାଇଛି ସେସବୁର ରକ୍ଷଣାବେକ୍ଷଣ କରିବା ଭଳି ପଦକ୍ଷେପ ନିଆଯାଉ ଥିବାରୁ ରାମଗିରି ପଞ୍ଚାୟତ ସରପଞ୍ଚ କୁମନ ମୁଦୁଲିଙ୍କୁ ୨୦ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏଫଇଏସ ନିର୍ଦ୍ଦେଶକ ପ୍ରଦୀପ ମିଶ୍ର, କୋରାପୁଟ ଡିଏଫଓ କେ.ଭି. ଭାସ୍କର ରାଓ, କୋରାପୁଟ ଏଡିଏମ୍ ନରେଶ କୁମାର ଶବର, ଏସିଏଫ ଜଗନ୍ନାଥ ବିଷୋୟୀ, ଏସିଏଫ ଚନ୍ଦ୍ରସେନ ପୂଜାରୀ, ସ୍ୱେଚ୍ଛାସେବୀ ସିଏଚ୍ ସାନ୍ତା କୁମାର, ପ୍ରାଣୀ ମିତ୍ର ରାମନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମାଁ ଭଣ୍ଡାରଘରଣୀଙ୍କ ବାସନ୍ତୀକ ନବରାତ୍ର ଆରମ୍ଭ

ନବରଙ୍ଗପୁର,୨୨।୩ (ସମିସ) :

ନବରଙ୍ଗପୁର ଠାରେ ଆରମ୍ଭ ହେଉଛି ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀଙ୍କ ବାସନ୍ତୀକ ନବରାତ୍ର ପୂଜା । ପ୍ରତି ବର୍ଷ ଚୈତ୍ର ପ୍ରତିପଦା ତିଥି ଠାରୁ ଆରମ୍ଭ ହୋଇଥାଏ ମାଁଙ୍କ ନବ ଦିନାତ୍ମକ ପୂଜା। ଏହି ନବଦିନାତ୍ମକ ପୂଜା ନୀତିରେ ପ୍ରତ୍ୟେକ ଦିନ ବିଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି ମାଁ ଭଣ୍ଡାରଘରଣୀ। ଏହି ନଅ ଦିନର ପୂଜାରେ ପ୍ରତ୍ୟେକ ଦିନ ମାଁ ଙ୍କୁ ୪ଟି ପର୍ଯ୍ୟାୟରେ ୪ଥର ଶୃଙ୍ଗାର ଦ୍ରବ୍ୟ ଅର୍ପଣ କରାଯାଇଥାଏ ଏବଂ ଦିନରେ ଏବଂ ରାତ୍ରର ସମୟରେ ମଧ୍ୟ ହୋମ ଯଜ୍ଞ କରାଯାଇଥାଏ। ପୂଜା ଶେଷରେ ମଧ୍ୟାହ୍ନ ଏବଂ ରାତ୍ର ସମୟରେ ଅନ୍ନ



ଭୋଗ ହୋଇଥାଏ। ମାଁ ଭଣ୍ଡାର ଘରଣୀଙ୍କ ନବ ଦିନାତ୍ମକ ବାସନ୍ତିକ ପୂଜାର ସମସ୍ତ ନୀତି କାନ୍ତି ନବରଙ୍ଗପୁର ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ହେଉଥିବା ବେଳେ ମାଁ ଭଣ୍ଡାର ଘରଣୀ ମନ୍ଦିର ମୁଖ୍ୟ ପୂଜକ ବାବୁନୁ ରଥ , ରାଜୀବ ଲୋଚନ ପୂଜାରୀ , କୁଞ୍ଜ ରଥ , ପ୍ରସନ୍ନ କୁମାର ରଥଙ୍କ ସମେତ ବରୁଣିଆ ଭାବରେ ବାବୁଲା ତ୍ରିପାଠୀ, ସୁଧାକର ପାଢ଼ୀ, ବିଧୁ ଶେଖର ତ୍ରିପାଠୀ, ଦେବେନ ମିଶ୍ର, ପ୍ରମିଶ ତ୍ରିପାଠୀ, ଗୌର ତ୍ରିପାଠୀ, ସୁରେଶ ତ୍ରିପାଠୀ ଏବଂ ସିଦ୍ଧେଶ୍ୱର ମହାପାତ୍ର ପ୍ରମୁଖ ନବଦିନାତ୍ମକ ପୂଜାରେ ପୂଜା ନୀତି ତୁଲାଇବା ସହିତ ପୂଜାରେ ସମସ୍ତ ପ୍ରକାର ସହଯୋଗ କରିଥାନ୍ତି।

# ଜନଗଣନା ନେଇ ତାଲିମ ଶିବିର

ବିଷମ କଟକ,୨୨।୩(ସମିସ): ଆସନ୍ତା ଏପ୍ରିଲ ମାସରୁ ଆରମ୍ଭ ହେବାକୁ ଥିବା ଜନଗଣନା ନିମନ୍ତେ ଆଜି ରାୟଗଡ଼ା ଜିଲ୍ଲା ବିଷମ କଟକ ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ତରୀୟ ୩ଦିନିଆ ଜନଗଣନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲିମ ଶିବିର ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଦ୍‌ଭାବନା ଗୃହ ପରିସରରେ ଆୟୋଜିତ ହୋଇଛି। ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ବିଜ୍ଞାପିତ ଅଞ୍ଚଳ ପରିଷଦର ଭାରପ୍ରାପ୍ତ କାର୍ଯ୍ୟନିର୍ବାହି ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକଙ୍କ ଅଧକ୍ଷତାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ତହସିଲଦାର ଦିଲେଶ୍ୱରୀ ଦଳେଇ ଉପସ୍ଥିତ ଥିବା ବେଳେ କ୍ଷେତ୍ର ପ୍ରଶିକ୍ଷକ ଭାବେ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ସୁଭପ୍ରଦା ସାସମଲ, ବରିଷ୍ଠ ଶିକ୍ଷକ ରାଜେଶ ବିଶ୍ୱାଳ ଯୋଗଦେଇ ୨୯ ଜଣ ଶିକ୍ଷକ ଏବଂ ସିଆରସିସି ମାନଙ୍କୁ ତାଲିମ ପ୍ରଦାନ କରିଛନ୍ତି। ଏହି ତାଲିମି ଶିବିର ତିନି ଦିନ ଧରି ଚାଲିଥିଲା। ଜନଗଣନା ସମ୍ବନ୍ଧୀୟ ହସ୍ତକ୍ଷେପ ହୋଇଥିବା ସମସ୍ତ ବ୍ୟକ୍ତିଗତ ତଥ୍ୟ ସବୁକୁ ସର୍ବସାଧରଣରେ ପ୍ରକାଶ କରିବାକୁ ବାରଣ କରାଯାଇଛି। ଜନଗଣନା ସମୟରେ ଲୋକଙ୍କ ସହ ଉତ୍ତମ ବ୍ୟବହାର ପଦର୍ଶନ କରିବାକୁ ପରାମର୍ଶ ଦିଆଯିବା ସହ ଭାରତ ସମ୍ବିଧାନର ନିର୍ବାଚନ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥିବାରୁ ଏହାକୁ ଶୃଙ୍ଖଳିତ ଭାବେ ତୁଲାଇବାକୁ ତହସିଲଦାର ପ୍ରଶିକ୍ଷକ ମାନଙ୍କୁ ପରାମର୍ଶ ଦେଇଛନ୍ତି।

# ଜାତୀୟ ଆଦିବାସୀ ପରାମର୍ଶଦାତା ପରିଷଦର ବୈଠକ

ଉମରକୋଟ,୨୨।୩(ସମିସ): ଜାତୀୟ ଆଦିବାସୀ ପରାମର୍ଶଦାତା ପରିଷଦର ନୂଆଦିଲ୍ଲୀ ଠାରେ ବୈଠକରେ ଯୋଗ ଦେଲେ ନବରଙ୍ଗପୁର ଜିଲ୍ଲାର ଦୁଇ ଆଦିବାସୀ ନେତ୍ରୀ ପୂର୍ବତନ ମନ୍ତ୍ରୀ ପରମା ପୂଜାରୀ ଓ ଫାୟାର ବ୍ରାଣ୍ଡ ନେତ୍ରୀ ହାରାବତୀ ଗଣ୍ଡ। ବୈଠକ ନୂଆଦିଲ୍ଲୀ ସ୍ଥିତ ଇନ୍ଦିରା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଭାରତ ବର୍ଷର କୋଣ ଅନୁକୋଣର ଆଦିବାସୀ ମୁଖ୍ୟମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ସବୁଠାରୁ ଉଲ୍ଲେଖନୀୟ କଥା ହେଲା ଦୀର୍ଘ ୨୦ ବର୍ଷ ପରେ ପୂର୍ବତନ ମହିଳା ମନ୍ତ୍ରୀ ତଥା ଉମରକୋଟର ବିଧାୟିକା ପରମା ପୂଜାରୀ। ବୈଠକରେ ଯୋଗଦେଇଥିଲେ । ଯାହା ଜିଲ୍ଲା ରାଜନୀତିରେ ଆଲୋଚନାର ଖୋରାକ ଯୋଗାଇଛି। ପରମା ପୂଜାରୀ ଉମରକୋଟରୁ କଂଗ୍ରେସ ଦଳ ପକ୍ଷରୁ




ଚାରିଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଦୁଇ ଥର ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇଥିଲେ । ତାଙ୍କ ସମୟରେ ନବରଙ୍ଗପୁର ଜିଲ୍ଲା କଂଗ୍ରେସର ଅଭେଦ୍ୟ ଦୁର୍ଗ ଥିଲା । ପରମା ପୂଜାରୀ ରାଜନୀତିରେ ସୁପ୍ତ ହେବା ପରେ ଏକ ପ୍ରକାର କଂଗ୍ରେସ ଦୁର୍ଗ ଭାଙ୍ଗି ପଡିଥିଲା। ପୁଣି ପରମାଙ୍କୁ ଆଦିବାସୀ ନେତ୍ରୀ ଭାବେ ଦାୟିତ୍ୱ ଦିଆଯିବା ପରେ କଂଗ୍ରେସ ଶିବିରରେ ନୂଆ ଶକ୍ତି ମିଳିଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ କଂଗ୍ରେସର ମୁଖ୍ୟ ରାହୁଲ ଗାନ୍ଧୀ ଯୋଗ ଦେଇଥିବା ବେଳେ ଓଡ଼ିଶାରୁ ପୂର୍ବତନ ବିଧାୟିକା ତଥା ମନ୍ତ୍ରୀ ପରମା ପୂଜାରୀ ଓ ଝରିଗାଁର ଆଦିବାସୀ ନେତ୍ରୀ ତଥା ସମାଜସେବୀ ହାରାବତୀ ଗଣ୍ଡ ଯୋଗ ଦେବା ଦିଲ୍ଲୀରେ ଏହି ନେତ୍ରୀମାନଙ୍କୁ ଗୁରୁତ୍ୱ ବଢୁଥିବା ଚର୍ଚ୍ଚା ହେଉଛି।

# ବଦଳି କୁଡୁମା ଗାଁରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟା

ପୋଡ଼ାଗଡ଼,୨୨।୩(ସମିସ): ବୁନ୍ଦାଏ ପାଣି ପାଇଁ ନାହିଁ ନଥିବା ହିନସ୍ତା ହେଉଛନ୍ତି ଅନେକ ଗ୍ରାମବାସୀ। କୋଟି କୋଟି ଟଙ୍କା ବ୍ୟୟରେ ବସୁଧା ଯୋଜନା ମାଧ୍ୟମରେ ଗାଁକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ଗ୍ରାମ ମାନଙ୍କରେ ଟାଙ୍କି ନିର୍ମିତ ହେଇଛି। କିନ୍ତୁ ପାଣି ପାଇ ପାରୁନାହାନ୍ତି ଗ୍ରାମବାସୀ। ଏହିପରି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅଧିନସ୍ଥ ବଦଳି କୁଡୁମା ଗାଁରେ । ଏଠାରେ ପାନୀୟ ଜଳର ଉକ୍ରଟ ସମସ୍ୟା ଦେଖା ଦେଇଛି। ପାଣି ପାଇଁ ଗ୍ରାମବାସୀ ଡହଳ ବିକଳ ହେଉଥିବା ଅଭିଯୋଗ କରିଛନ୍ତି। ଖରାର ପ୍ରକୋପ ଦିନକୁ ଦିନ ଯେତିକି ବଢୁଛି, ଭୁତଳର ଜଳସ୍ତର ସେତିକି ହ୍ରାସ ପାଉଛି। ଶୁଖି ଗଲାଣି, ନାଳ, ପୋଖରୀ ଓ ନଳକୂଅର ପାଣି। ବିଶୁଦ୍ଧ ପାନୀୟ ଜଳ ଟୋପାଏ ପାଇଁ ଘୁରି ବୁଲୁଛନ୍ତି ମହିଳା ଓ ଯୁବତୀ। ଦୂଷିତ ପାଣିରେ ଗାଧୋଇ ବିଭିନ୍ନ ସଂକ୍ରମଣ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଏହି ଗାଁରେ ୨୫୦ ପରିବାର ଲୋକ ବସବାସ କରନ୍ତି। ଜନ ସଂଖ୍ୟା ପାଖାପାଖି ୮୬୦ ଜଣ ଅଛନ୍ତି। ଗୌଡ, ଦଳିତ, ପାଇକ, ପରଜା ଏବଂ କମାର ସଂପ୍ରଦାୟର ଲୋକ ରହନ୍ତି। ଏମାନଙ୍କ ପାଇଁ ୫ଟି ନଳକୂଅ ରହିଥିଲେ ମଧ୍ୟ, କୌଣସି ନଳକୂଅରେ ଠିକ୍ ଭାବେ ପାଣି ବାହାରୁ ନାହିଁ। ଗୋଟିଏ ହାଣ୍ଡି ପାଣି ପାଇଁ ଘଣ୍ଟା ଘଣ୍ଟା ଧରି ଜଗିବାକୁ ପଡୁଛି। ପାଣି ପାଇଁ ବିଭିନ୍ନ ସମୟରେ ମହିଳାଙ୍କ ମଧ୍ୟରେ ପାଟି ତୁଣ୍ଡ ଗଣ୍ଡଗୋଳ ହେବାକୁ ପଡୁଛି ବୋଲ ଗୌରି ଗୌଡ, ତୁଳସା ଗୌଡ, ଗୀତାଞ୍ଜଳି ଗୌଡ଼ ପ୍ରମୁଖ ପ୍ରକାଶ କରିଛନ୍ତି। ଗାଁ ମୁଣ୍ଡରେ ଗତ ଦୁଇ ବର୍ଷ ତଳେ ଜଳ ଓ ପରିମଳ ମିଶନ ବିଭାଗ ପକ୍ଷରୁ ଅଟକଳ ମୂଲ୍ୟ କୋଟି ଟଙ୍କା ବ୍ୟୟ କରି ବସୁଧା ଯୋଜନାର ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ନିର୍ମାଣ କରାଯାଉଛି। ଗାଁ ଦାଣ୍ଡରେ ଷ୍ଟାଣ୍ଡପୋଷ୍ଟ ମଧ ନିର୍ମାଣ ହୋଇଛି। ହେଲେ ଗାଁ ଲୋକଙ୍କୁ ନିୟମିତ ଭାବେ ପାଇପ୍ ପାନୀୟ ଜଳ ମିଳୁନାହିଁ। ନିର୍ମାଣ ହେବା ପରଠାରୁ କେବେ ମଧ୍ୟ ୬ ମାସ ଧରି ନିୟମିତ ଭାବେ ପାନୀୟ ଜଳର ସୁବିଧା ଗାଁ ଲୋକ ପାଇ ନାହାନ୍ତି ବୋଲି କ୍ଷୋଭର ସହ କହିଛନ୍ତି। ଅନ୍ୟ ପଟେ ବାରମ୍ବାର ମୋଟର ଖରାପ ହୋଇଥିବା ପମ୍ପ ଡ୍ରାଇଭର କହୁଛନ୍ତି। ସେ ପଟେ ଅଧିକାରୀ ଓ ଠିକାଦାରଙ୍କ ଦେଖା ମିଳୁନାହିଁ। ଉଭୟ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁ ଚନ୍ଦ୍ରିକାରେ ନିମ୍ନମାନର ସାମଗ୍ରୀ କାର୍ଯ୍ୟ ରେ ବ୍ୟବହାର କରାଯାଇଛି। ତେଣୁ ବାରମ୍ବାର ଖରାପ ହେଉଛି ବୋଲି ଗ୍ରାମବାସୀ କହିଛନ୍ତି। ଆଜକୁ ପ୍ରାୟ ୪ ମାସ ହେଲା ଜଳ ଯୋଗାଣ ବ୍ୟବସ୍ଥା ଠପ୍ ହୋଇଛି ବୋଲି କହିଛନ୍ତି। ଗୁହାରି କଲେ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି କହିଛନ୍ତି। ତେଣୁ ଏବେ ନିଷ୍ପତି ନେଲେଣି, ପାନୀୟ ଜଳ ସୁବିଧା ନ କଲେ ହାଣ୍ଡି ଗରା ଧରି ବିଡିଓଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି। ବିଭାଗୀୟ ଯନ୍ତ୍ରୀ ସଞ୍ଜିବ କୁମାର ଅଲି କହିଛନ୍ତି ଯେ ଖୁବ୍‌ଶୀଘ୍ର ମରାମତି କରି ପାଣି ଯୋଗାଇ ଦିଆଯିବ।

ହେଉନି ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ

# ବିପଦକୁ ଆମନ୍ତ୍ରଣ କରୁଛି ବାଉଁଶ ତୋରଣ ଓ ହୋର୍ଡିଂ

ବାରିପଦା, ୨୨ ।୩(ସମିସ)

ବାରିପଦା ସହରର ବିଭିନ୍ନ ସ୍ଥାନରେ ମାସ ମାସ ଧରି ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ପକ୍ଷରୁ ରାସ୍ତା ଅତିକ୍ରମ କରି ସୁଉଚ୍ଚ ବାଉଁଶ ବିଜ୍ଞାପନ ତୋରଣ ଓ ହୋର୍ଡିଂ ଲାଗି ରହୁଥିବାବେଳେ ତାହା ବିପଦକୁ ଆମନ୍ତ୍ରଣ କରୁଛି । ବର୍ତ୍ତମାନ ଚଇତି ପବନ ଓ ବର୍ଷା ସମୟରେ ତାହା ଭାଙ୍ଗି ରାସ୍ତାରେ ଯାତାୟତ କରୁଥିବା ଯାନବାହନ ଓ ଲୋକଙ୍କ ପ୍ରାଣ ଘାତକ ସାଜିବାର ସମ୍ଭାବନା ସୃଷ୍ଟି କରିଛି । ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସମେତ ରାଜନୈତିକ ବ୍ୟକ୍ତିବିଶେଷ ବେଆଇନ ଭାବେ ନିଜର ବିଜ୍ଞାପନ ବଡ଼ ବଡ଼ ହୋର୍ଡିଂ ବାରିପଦା ସହର ସାରା ଲଗାଇଛନ୍ତି । ହୋର୍ଡିଂ ଅଭାବ ପଡ଼ିବାରୁ ବିଶେଷ କରି ବ୍ୟବସାୟିକ ପ୍ରତିଷ୍ଠାନ ମନଇଚ୍ଛା ବେଆଇନ ଭାବେ ଜନଗହଳି ରାସ୍ତା ପାର୍ଶ୍ୱରେ ବାଉଁଶର ତୋରଣ କରି ବିଜ୍ଞାପନ ପୋଷ୍ଟର ଲଗାଉଛନ୍ତି । ସହରର ପ୍ରବେଶ ଓ ପ୍ରସ୍ଥାନ ପଥ ସହିତ ମୁଖ୍ୟ ସ୍ଥାନମାନଙ୍କରେ ବିଜ୍ଞାପନ ତୋରଣ ଦୁଇଲେନ ରାସ୍ତା ଅତିକ୍ରମ କରି ଗେଟ ଭଳି କରିଛନ୍ତି ।

ସେହିପରି ସହରରେ ବିଭିନ୍ନ ପୂଜା ଅନୁଷ୍ଠିତ ହେବା ପରେ ମଧ୍ୟ ମଣ୍ଡପ, ତୋରଣ, ଲାଇଟ୍ ଗେଟ୍ ବାଉଁଶକୁ ଅପସାରଣ କରାଯାଉନାହିଁ । ଯାହାକି ଅନେକ ଦିନ ଧରି ରହି ରାସ୍ତାରେ ସ୍ଥାନ ଅବରୋଧ କରିରହୁଛି । ସହର ସାରା ବିଦ୍ୟୁତ ଖୁଣ୍ଟରେ ମଧ୍ୟ ଲାଗିଥିବା ଛୋଟ ହୋର୍ଡିଂ ପବନରେ ଉଡି ଯାନବାହନ ଓ ଲୋକଙ୍କ ପାଇଁ ବିପଦପୂର୍ଣ୍ଣ ରହୁଛି । ବେଆଇନ ଭାବେ ସ୍ଥାପନ ପୂର୍ବରୁ ବାରିପଦା ପୌରପାଳିକା ପକ୍ଷରୁ ଅନୁମତି ନେବାର ଆବଶ୍ୟକତା ଥିବାବେଳେ ଅଧିକାଂଶ ମନଇଚ୍ଛା ବେଆଇନ ଭାବେ କରିଛନ୍ତି । ଏ ସମ୍ପର୍କରେ ପୌରପାଳିକାକୁ ମଧ୍ୟ ସୂଚିତ କରିନାହାଁନ୍ତି । ଏହାଦ୍ୱାରା ବିଜ୍ଞାପନ ଜରିଆରେ ପୌରପାଳିକା ଆଦାୟ କରିବାକୁ ଥିବା ରାଜସ୍ୱ ମଧ୍ୟ ହାନୀ ହେଉଛି । ତତସହିତ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି । ଯାହାକି ଲୋକଙ୍କ ଜୀବନ ପାଇଁ ବିପଦ ସାଜିଛି । ବର୍ତ୍ତମାନ ଗ୍ରୀଷ୍ମଋତୁରେ ହଠାତ କାଳବୈଶାଖୀ ବର୍ଷା ଓ ପବନର ସମ୍ଭାବନା ରହିଛୁ । ତେବେ ଜୋରରେ ପବନ ବୋହିବା ଦ୍ୱାରା ଉକ୍ତ ତୋରଣ ଭାଙ୍ଗି ଲୋକଙ୍କ ଉପରେ ପଡ଼ି ଜୀବନ ହାନି ହେବାର ସମ୍ଭାବନା ସୃଷ୍ଟି କରୁଛି । ଯାହାର ଉଦାହରଣ ଚଳିତ ସପ୍ତାହରେ ପ୍ରାୟତଃ ସନ୍ଧ୍ୟାରେ ହୋଇଥିବା ପବନବର୍ଷାରୁ ଜଣାପଡ଼ିଛି । ଜୋରରେ ପବନ ବୋହିବା ଯୋଗୁଁ କୃଷ୍ଣଚନ୍ଦ୍ର ଗୋଲେଇ ଓ ଭଞ୍ଜପୁରଠାରେ ଏକ ବ୍ୟବସାୟିକ ପ୍ରତିଷ୍ଠାନର ବଡ଼ ବିଜ୍ଞାପନ ତୋରଣଟି ଭାଙ୍ଗିଯାଇଥିଲା । ଭାଗ୍ୟବଶତଃ ତୋରଣ ତଳେ କେହି ଲୋକେ କିମ୍ବା ଗାଡି ନ ଥିବାରୁ ଅଳ୍ପକେ ଜୀବନ ବର୍ତ୍ତିଯାଇଛି ।

**ପବନ ଓ ବର୍ଷା ସମୟରେ ଯାନବାହନ ଓ ଜୀବନ ପ୍ରତି ବିପଦ**

**ବେଆଇନ ଭାବେ ମାସ ମାସ ଧରି ସହରରେ ଅସ୍ଥାୟୀ ବିଜ୍ଞାପନ ତୋରଣ**

ସହରର ମୁର୍ଗାବାଡ଼ି, ଦାରୋଗାଡାହି, ବଡ଼ବଜାର, ଷ୍ଟେସନ ବଜାର, କୃଷ୍ଣଚନ୍ଦ୍ର ଗୋଲେଇ, ମଧୁବନ, ପାଲବଣି ଆଦି ଅନେକ ସ୍ଥାନରେ ଏଭଳି ବିଜ୍ଞାପନ ତୋରଣ ରହିଥିବାବେଳେ ଜନସାଧାରଣଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବାଉଁଶ ଗୁଡ଼ିକ ଅନେକ ଦିନ ଧରି ରହୁଥିବାବେଳେ ଦୁର୍ବଳ ଅବସ୍ଥାରେ ଥିବାରୁ ଭାଙ୍ଗି ପଡ଼ିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ । ବର୍ଷା ଓ ଜୋରରେ ପବନ ବୋହିଲେ ବାଉଁଶ ଭାଙ୍ଗି ଲୋକ ଓ ଗାଡି ମୋଟର ଉପରେ ପଡ଼ିବା ପ୍ରାଣଘାତକ ହେବାର ଅନେକ ଆଶଙ୍କା ସୃଷ୍ଟି ହୋଇଛି । ସେହିପରି ବିଦ୍ୟୁତ ତାର ଉପରେ ପଡ଼ି ସର୍ଟସର୍କିଟ ବା ତାର ଛିଣ୍ଡିଲେ ଅଘଟଣ ସୁନିଶ୍ଚିତ ଆଶଙ୍କା ଆଣୁଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ, ପୁଲିସ୍ ଓ ପୌରପାଳିକା ପକ୍ଷରୁ ଦୃଷ୍ଟି ଦେଇ ସେଗୁଡିକ ଅପସାରଣ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି । ତତସହିତ ସରକାରୀ ନିୟମ ମଧ୍ୟରେ କାର୍ଯ୍ୟକାରୀ ହେବା ଜରୁରୀ । ଏନେଇ ବାରିପଦା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କୁ ପଚାରିବାରୁ ଏ ବାବଦରେ ପୌରପାଳିକା ସଚେତନ ରହିଛି । ଏକ ସ୍ୱତନ୍ତ୍ର ଡ୍ରାଇଭ କରାଯାଇ ସହରରେ ଯେଉଁସବୁ ସ୍ଥାନରେ ଏପରି ତୋରଣ ରହିଛି ତାହାକୁ ଅପସାରଣ କରିବାର ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି ।



## ଚୈତ୍ର ନବରାତ୍ର ଚତୁର୍ଥ ସନ୍ଧ୍ୟା



ବାରିପଦାର ମା'ଅମ୍ବିକାଙ୍କ ଭୁବନେଶ୍ୱରୀ ବେଶ

## ରୁଦ୍ରାର୍ଚ୍ଚନ ଓ ସୁନ୍ଦରାକାଣ୍ଡ ପାରାୟଣ

**ରାଇରଙ୍ଗପୁର, ୨୨।୩(ସମିସ):** ଓଡ଼ିଶା ବ୍ରାହ୍ମଣ ମହାସଂଘର ବାମନଘାଟି ଉପଖଣ୍ଡ ଶାଖା ଦ୍ୱାରା ରାଇରଙ୍ଗପୁରର ଅଁଳାଡୁବାସ୍ଥ ଶ୍ରୀଶ୍ରୀ ରଘୁନାଥଜୀଉ ମଠରେ ଏକଦିବସୀୟ ରୁଦ୍ରାଭିଷେକ, ଶ୍ରୀରାମ, ଲକ୍ଷ୍ମଣ, ସୀତାଙ୍କ ସ୍ୱତନ୍ତ୍ର ପୂଜା, ହନୁମାନ ଚାଳିଶା ଓ ଗୀତା ପାଠ ଆୟୋଜନ ହୋଇଛି । ଏ ଅବସରରେ ପଶ୍ଚିମବଙ୍ଗର ଅଭିଜ୍ଞ କଳାକାରଙ୍କ ଦ୍ୱାରା ରାମାୟଣ ସୁନ୍ଦରକାଣ୍ଡ ପାରାୟଣ ଗାନ କରାଯାଇଥିଲା । ଯାହା ସମବେତ ଭକ୍ତଙ୍କ ଦ୍ୱାରା ଆଦୃତ ହୋଇଥିଲା । ବିଶ୍ୱରେ କଲ୍ୟାଣ ଓ ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ଭଗବତ୍ ଉପାସନା ଏକାନ୍ତ ଆବଶ୍ୟକ ବୋଲି ମହାସଂଘ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଗଣେଶ ମିଶ୍ର କହିଥିଲେ । ଉକ୍ତ ବୈଦିକ କାର୍ଯକ୍ରମରେ ଜଗତସିଂହପୁର ନିବାସୀ ପଣ୍ଡିତ ମାନସ ରଞ୍ଜନ ଦାଶ ମୁଖ୍ୟ ପୁରୋହିତ ଭାବେ ଯୋଗ ଦେଇ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ସ୍ଥାନୀୟ ପଣ୍ଡିତ ଜନ ରଞ୍ଜନ ଦାଶ, ମହେଶ ତ୍ରିପାଠୀ, ରାଜାରାମ ଦାଶ ପ୍ରମୁଖ ପୂଜା କାର୍ଯ୍ୟରେ ପୁରୋହିତ ଭାବେ ସହଯୋଗ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ଆୟୋଜନରେ ମହାସଂଘର ବରିଷ୍ଠ ସଦସ୍ୟ ନୃସିଂହ ଚରଣ ଦାଶ, କାର୍ଯ୍ୟକାରୀ ସଭାପତି ଅର୍ଦ୍ଧେନ୍ଦୁ ଶେଖର ରଥ, ସହ ସମ୍ପାଦକ କ୍ରିଷ୍ଣା ଶର୍ମା, ଆଦିତ୍ୟ ଦାଶ, ଉପନଗରପାଳ ମମିତା ଚୌଧୁରୀ, ସତ୍ୟବ୍ରତ ଦାଶ, ଲୋକନାଥ ଦାଶ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସୁମନ୍ତ ମିଶ୍ର, ଜୟନ୍ତ କୁମାର ଦାଶ, ସୁଧନ୍ୟ ମିଶ୍ର, ଭବାନୀ ଶଙ୍କର ଗିରି, ଲିପୁନ ମିଶ୍ର, ରୂପେଶ ମିଶ୍ର, କ୍ଷୀରୋଦ ଚନ୍ଦ୍ର ତ୍ରିପାଠୀ, ସମୀର ଦାଶ, ମିନାକ୍ଷୀ ଦିକ୍ଷୀତ, ଶାନ୍ତଲତା ମିଶ୍ର, କବିତା ପାଣି, ଲିଲିମା ମିଶ୍ର, ମେଘା ମିଶ୍ର, ଅଞ୍ଜଳୀ ଷଡ଼ଙ୍ଗୀ, ଅଳକା ରଥ, ସରୋଜ ଦେବୀ ଶର୍ମା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ପରିଶେଷରେ ସମସ୍ତ ଭକ୍ତ ଅନ୍ନ ପ୍ରସାଦ ସେବନ କରିଥିଲେ ।



ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ପ୍ରତିନିଧି

## ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମସ୍ଥାନକୁ ତୀର୍ଥସ୍ଥଳରେ ପରିଣତ ଦାବି



**ରାଇରଙ୍ଗପୁର, ୨୨।୩(ସମିସ):** ଦାଣ୍ଡବୋଷସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମସ୍ଥାନକୁ ତୀର୍ଥସ୍ଥଳରେ ପରିଣତ କରିବାକୁ ଦାବି ହୋଇଛି । ଏ ନେଇ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ପକ୍ଷରୁ ଏକ ପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କୁ ଭୁବନେଶ୍ୱରଠାରେ ଭେଟିଛନ୍ତି । ଜନ୍ମ ସ୍ଥାନକୁ ତୀର୍ଥସ୍ଥଳରେ ପରିଣତ କରିବା ପାଇଁ ଏକ ଡିପିଆର୍ ପ୍ରସ୍ତୁତ କରାଯାଇଛି । ଯାହାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା । ଉକ୍ତ ପ୍ରକଳ୍ପକୁ ଯଥାଶୀଘ୍ର ସୁନିଶ୍ଚିତ କରିବାକୁ ଅନୁରୋଧ କରାଯାଇଛି । ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ୧୯୨୫ରେ 'ଅଲଚିକି' ଲିପି ସୃଷ୍ଟି କରିଥିଲେ । ସାନ୍ତାଳୀ ଭାଷା କୋଷ ପାଇଁ ଉକ୍ତ ଅବଦାନ ସଦାସ୍ମରଣୀୟ ଅଟେ । ଅଲଚିକି ଲିପି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଏକଶତ ବର୍ଷ ପୂର୍ତ୍ତି ଅବସରରେ ତାଙ୍କ ସ୍ମୃତି ଚାରଣ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଜାତୀୟ ସମେତ ଅନ୍ତର୍ଜାତୀୟ ସ୍ତରରେ ଦୁବାଇର ବୁର୍ଜ ଖଲିପା ଠାରେ ଶତାବ୍ଦୀ ସମାରୋହ ଆୟୋଜନ ହେବ । ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନୀକୁ ନେଇ ଓଲଚିକି ଭାଷାରେ ଚଳଚ୍ଚିତ୍ର ପ୍ରସ୍ତୁତ କରିବା ସହ ମୁଦ୍ରା ଓ ଟିକେଟ ମଧ୍ୟ ଛପାଯାଇଛି । ତେବେ ତାଙ୍କ ଜନ୍ମ ସ୍ଥାନକୁ ତୀର୍ଥସ୍ଥଳରେ ପରିଣତ କରିବା ଦ୍?ାରା ସମ୍ମାନ ପ୍ରଦାନ କରାଯାଇପାରିବ । ବହଳଦା ଘଟଣାରେ ନ୍ୟାୟିକ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି । ପ୍ରତିନିଧି ମଣ୍ଡଳରେ ଅଧ୍ୟକ୍ଷ ଚୁନିୟାନ ମୁର୍ମୁ, କୋଷାଧ୍ୟକ୍ଷ ଆନ୍ତ ଆଲୋକ ବାସ୍କେ, ପଦ୍ମଶ୍ରୀ ଡ ଦମୟନ୍ତୀ ବେଶ୍ରା, ସ୍ମୃତି ଡେଲହା ସୋରେନ, ସ୍ମୃତି ପ୍ରିୟମଣୀ ଟୁଡୁ, ସ୍ମୃତି ଗାୟମଣୀ ବେସରା, ସ୍ମୃତି ଡାଙ୍ଗି ମୁର୍ମୁ, ସ୍ମୃତି ଫୁଲମଣୀ ମାଝି ଓ ସ୍ମୃତି ସଲିମା ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ଏହି ନିବେଦନ ପତ୍ରକୁ ରାଜଗଲ ଜାହେର ଆୟୋ ସମିତିର ମହିଳା ମଣ୍ଡଳ ସମର୍ଥନ କରି ଡିପିଆର ପ୍ରସ୍ତୁତିରେ ସାମିଲ ହୋଇଥିଲେ । ପଦ୍ମଶ୍ରୀ ଡ ବେଶ୍ରା, ଟ୍ରଷ୍ଟର ପରାମର୍ଶଦାତା ଭାରତୀୟ ପ୍ରଶାସନିକ ଅଧିକାରୀ ଧନଞ୍ଜୟ ହେମ୍ବ୍ରମ ଏହାକୁ ସମର୍ଥନ ଜଣାଇଛନ୍ତି ।

## ବିଶ୍ୱ ଜଳ ଦିବସରେ ସଚେତନତା କାର୍ଯ୍ୟକ୍ରମ

**ଉଦଳା, ୨୨।୩(ସମିସ):** ଆଜି ବିଶ୍ୱ ଜଳ ଦିବସ । ଜଳ ହିଁ ଜୀବନ । ଜଳ ବିନା ଜୀବଜନ୍ତୁ, ମାନବ ସମାଜ ବଞ୍ଚିବା କଷ୍ଟକର । ଜଳର ସ୍ୱଚ୍ଛତା ଓ ଜଳ ସଂରକ୍ଷଣ ଆଜିର ଦିନରେ ବିଶେଷ ଆବଶ୍ୟକତା ରହିଛି । ସ୍ୱଚ୍ଛ ତଥା ସୁରକ୍ଷିତ ଜଳର ଆବଶ୍ୟକତା ବିଷୟରେ ଜନସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ଏହି ଦିନକୁ ପ୍ରତିବର୍ଷ ଏକ ବାର୍ଷିକ କାର୍ଯ୍ୟକ୍ରମ ଭାବେ ପାଳିତ ହୋଇଥାଏ । ଗାଁରେ ନଳକୂପ ଓ ପୋଖରୀ ସ୍ୱଚ୍ଛତା ଓ ସଂରକ୍ଷଣ ରହିଲେ ସମସ୍ତେ ଜଳର ଉପକାରିତା ପାଇପାରିବେ । ଏପରି କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ଦୁଗୁଧା ପଞ୍ଚାୟତ ଅଙ୍ଗାରପଡ଼ା ଗ୍ରାମରେ ସଭା ଓ ରିଲିଆନ୍ସ ଫାଉଣ୍ଡେସନ ପକ୍ଷରୁ ଜଳ ଦିବସ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସ୍ୱୟଂସହାୟକ ଗୋଷ୍ଠୀ ମହିଳା ଏକଜୁଟ ହୋଇ ଗାଁ ପୋଖରୀ ଓ ନଳକୂପ ପରିବେଶକୁ ପରିଷ୍କାର କରିବା ସହ ଜଳକୁ କିପରି ସଂରକ୍ଷଣ କରାଯାଇପାରିବ ସେ ନେଇ ଶପଥ ନେଇଥିଲେ ।

ମାଟ୍ରିକ୍ ଖାତା ମୂଲ୍ୟାୟନ

## ମୟୂରଭଞ୍ଜ ଜିଲ୍ଲାର ୩ଟି କେନ୍ଦ୍ରରେ ହେଉଛି ଖାତା ଦେଖା

**ବାରିପଦା/ରାଇରଙ୍ଗପୁର, ୨୨।୩(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ହୋଇଥିବା ମାଟ୍ରିକ ପରୀକ୍ଷାର ଖାତା ମୂଲ୍ୟାୟନ ପ୍ରକ୍ରିୟା ୧୯ ତାରିଖରୁ ଆରମ୍ଭ ହୋଇଛି । ମୟୂରଭଞ୍ଜ ଜିଲ୍ଲାର ୩ଟି ମୂଲ୍ୟାୟନ କେନ୍ଦ୍ରରେ ଶିକ୍ଷକ/ଶିକ୍ଷୟିତ୍ରୀ ମୂଲ୍ୟାୟନ ଦାୟିତ୍ୱରେ ରହିଛନ୍ତି । ବାରିପଦା ଓ କପ୍ତିପଦା ଉପଖଣ୍ଡ ପାଇଁ ବାରିପଦାର ମହାରଣୀ ପ୍ରେମକୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାଞ୍ଚପିଢ଼ ଉପଖଣ୍ଡର କରଞ୍ଜିଆସ୍ଥ ପିଏମଶ୍ରୀ କରଞ୍ଜିଆ ସରକାରୀ ଉଚ୍ଚବିଦ୍ୟାଳୟ ଓ ବାମନଘାଟି ଉପଖଣ୍ଡର ପିଏମଶ୍ରୀ ରାଇରଙ୍ଗପୁର ସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି । ସମ୍ପୃକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ମୂଲ୍ୟାୟନ କେନ୍ଦ୍ରର ସୁପରଭାଇଜର ଭାବେ ଦାୟିତ୍ୱରେ ରହିଛନ୍ତି । କେନ୍ଦ୍ରରେ କଡ଼ା ସୁରକ୍ଷା ମଧ୍ୟରେ ଉତ୍ତର ଖାତା ପହଞ୍ଚିବା ପରେ ମାଟ୍ରିକ୍, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ଖାତା ମୂଲ୍ୟାୟନ ଆରମ୍ଭ ହୋଇଛି । ଏଥିପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ସମସ୍ତ ସୁବିଧା ବ୍ୟବସ୍ଥା କରାଯାଇଛି । ପ୍ରତି କେନ୍ଦ୍ରରେ ପ୍ରତି ବିଷୟ ପାଇଁ ଏକ ମୂଲ୍ୟାୟନ ଟିମ କରାଯାଇଛି । ଜଣେ ମୁଖ୍ୟ ପରୀକ୍ଷକ, ୨ ଜଣ ଉପପରୀକ୍ଷକ, ୨୦ ଜଣ ସହକାରୀ ପରୀକ୍ଷକ ଓ ୨ ଜଣ ଯାଞ୍ଚକାରୀ ରହିଛନ୍ତି । ଯାହାକୁ ନେଇ ୯ଟି ବିଷୟରେ ପ୍ରତି କେନ୍ଦ୍ରରେ ୨୦୦ରୁ ଅଧିକ ଶିକ୍ଷକ/ଶିକ୍ଷୟିତ୍ରୀ ମୂଲ୍ୟାୟନ ଦାୟିତ୍ୱରେ ରହିଛନ୍ତି । ପ୍ରତି ମୂଲ୍ୟାୟନ କେନ୍ଦ୍ରରେ ୧୦ ଜଣ ମୂଲ୍ୟାୟନକାରୀଙ୍କୁ ରିଜର୍ଭରେ ରଖାଯାଇଛି । ଆବଶ୍ୟକ ସ୍ଥଳେ ଜିଲ୍ଲା ଶିକ୍ଷାଧିକାରୀ ଅଧିକ ଶିକ୍ଷକଙ୍କୁ ଏହି ମୂଲ୍ୟାୟନ ପ୍ରକ୍ରିୟାରେ ସାମିଲ କରିପାରିବେ । ମୂଲ୍ୟାୟନ ପ୍ରକ୍ରିୟା ଚଳିତ ମାସ ଶେଷ ପର୍ଯ୍ୟନ୍ତ ଜାରି ରହିବ ବୋଲି ସୂଚନା ପ୍ରଦାନ କରାଯାଇଛି । ମୂଲ୍ୟାୟନ ବ୍ୟବସ୍ଥାରେ ସ୍ୱଚ୍ଛତା ବଜାୟ ରଖିବା ଓ ତ୍ରୁଟିଶୂନ୍ୟ କରିବା ଲାଗି ବୋର୍ଡ କର୍ତ୍ତୃପକ୍ଷଙ୍କ ସହ ଜିଲ୍ଲା ଶିକ୍ଷାଧିକାରୀଙ୍କ ପୂର୍ବରୁ ବୈଠକ ଅନୁଷ୍ଠିତ ହୋଇଛି । ନିୟୋଜିତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅନ୍ୟ କର୍ମଚାରୀ ସକାଳ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମୂଲ୍ୟାୟନ କରୁଛନ୍ତି । ଅବହେଳା କଲେ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସତର୍କତା ଜାରି କରାଯାଇଛି । ଏଥିରେ ଖିଲାପ କଲେ ସମ୍ପୃକ୍ତ ମୂଲ୍ୟାୟନକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି । ଜଣେ ଶିକ୍ଷକଙ୍କୁ କେବଳ ନିର୍ଦ୍ଦିଷ୍ଟ ଗୋଟିଏ ପ୍ରଶ୍ନର ଉତ୍ତର ମୂଲ୍ୟାୟନ କରିବାର ବ୍ୟବସ୍ଥା ରହିଛି । ଏପରି ସମ୍ପୃକ୍ତ ଶିକ୍ଷକ ଦିନକୁ ୧୦୦ଟି ପ୍ରଶ୍ନର ଉତ୍ତର ମୂଲ୍ୟାୟନ କରି ପ୍ରତିଦିନ ମାର୍କ ଅନଲାଇନ ଅପଲୋଡ କରିବେ ବୋଲି ସୂଚନା ମିଳିଛି । ଏ ନେଇ ବୋର୍ଡ ପକ୍ଷରୁ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ମଧ୍ୟ ନିୟୋଜିତ କରାଯାଇଛି ।

## ମହାରାଜା ପୂର୍ଣ୍ଣଚନ୍ଦ୍ର ହାୟର ସେକେଣ୍ଡାରୀ ସ୍କୁଲ ସ୍ଥାନାନ୍ତର ପାଇଁ ସାଂସଦ ମମତାଙ୍କ ପ୍ରସ୍ତାବ

ବାରିପଦା, ୨୨ ।୩(ସମିସ): ରାଜ୍ୟସଭା ସାଂସଦ ମମତା ମହାନ୍ତ ମୟୂରଭଞ୍ଜ ରାଜପ୍ରାସାଦରେ ଚାଲିଥିବା ମହାରାଜା ପୂର୍ଣ୍ଣଚନ୍ଦ୍ର ହାୟର ସେକେଣ୍ଡାରୀ ସ୍କୁଲକୁ ମହାରାଜପୁର ରାଜସ୍ୱ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଜିଲ୍ଲାପାଳଙ୍କୁ ପ୍ରସ୍ତାବ ଦେଇ ପତ୍ର ଲେଖିଛନ୍ତି । ଶ୍ରୀମତୀ ମହାନ୍ତ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଏହି ଜୁନିୟର କଲେଜ ରାଜପ୍ରସାଦରେ ଚାଲୁଛି । ପୂର୍ବରୁ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱାୟଂଶାସିତ ମହାବିଦ୍ୟାଳୟ ମଧ୍ୟ ଏହି ରାଜପ୍ରାସାଦରେ ଚାଲୁଥିଲା । ଏବେ ଏହି କଲେଜ ତଖତପୁରରେ ମହାରାଣୀ ତଖତ କୁମାରୀଙ୍କ ଦ୍ୱାରା ଦାନ କରାଯାଇଥିବା ଜମିରେ ଚାଲୁଛି । ବର୍ତ୍ତମାନ ରାଜପ୍ରାସାଦ ବିପଦପୂର୍ଣ୍ଣ ହୋଇଥିବାରୁ ଏହା ଐତିହ୍ୟ ସଂରକ୍ଷଣ ପାଇଁ ଖାଲି କରାଯିବ । ଏଣୁ ଜୁନିୟର କଲେଜ ଅନ୍ୟତ୍ର ଉଠିବ । ମହାରାଜା ପୂର୍ଣ୍ଣଚନ୍ଦ୍ର ଏଜ୍ୟୁକେଶନାଲ ଟ୍ରଷ୍ଟର ବହୁ ଜମି ମହାରାଜପୁରରେ ଅଛି । ଏହାବ୍ୟତୀତ ମହାରାଜପୁର ରାଜସ୍ୱ ଗ୍ରାମରେ ସରକାରୀ ଜମି ମିଳିବାର ସମ୍ଭାବନା ମଧ୍ୟ ରହିଛି । ଯେଉଁଠାରେ କି ଜୁନିୟର କଲେଜ ସ୍ଥାପନ ପାଇଁ ଉପଯୁକ୍ତ ଅଟେ । ଏମପିସି ସ୍ୱାୟଂଶାସିତ ମହାବିଦ୍ୟାଳୟକୁ ଲାଗି ମହାରାଜପୁରରେ ଥିବା ଜମି ଅଣବ୍ୟବହୃତ ହୋଇ ପଡ଼ି ରହିବା ଯୋଗୁଁ ଦୈନନ୍ଦିନ ବହୁ ଟ୍ରାକ୍ଟର ଆସି ମାଟି ଉତ୍ତୋଳନ କରି ନେଇଯିବା ଫଳରେ ଖାଲ ସୃଷ୍ଟି ହୋଇ ଚାଷ ଅନୁପଯୁକ୍ତ ହୋଇଯାଉଛି । ଏହି ଜମିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏମପିସି ହାୟର ସେକେଣ୍ଡାରୀ ସ୍କୁଲ ସ୍ଥାପନ ହୋଇପାରିଲେ ଏହାର ସୁଦୁପଯୋଗ ହୋଇପାରନ୍ତା ବୋଲି ଶ୍ରୀମତୀ ମହାନ୍ତ ତାଙ୍କ ପତ୍ରରେ ଦର୍ଶାଇଛନ୍ତି । ତଖତପୁର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ମହାରାଜପୁର ରାସ୍ତାରେ ମଧ୍ୟ ଶହ ଶହ ଟ୍ରାକ୍ଟର ଚାଲିବା ଫଳରେ ଦିନକୁ ଦିନ ଅଧିକ ଖାଲ ସୃଷ୍ଟି ହୋଇ ଛାତ୍ରଛାତ୍ରୀଙ୍କ ପାଇଁ ବିପଦସଂକୁଳ ହୋଇପଡ଼ିଛି । ଏଥିପ୍ରତି ଦୃଷ୍ଟିଦେବାକୁ ସେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି । ଏହି ଅଞ୍ଚଳରେ ବିଶ୍ୱବିଦ୍ୟାଳୟ ସମେତ ବହୁ ଶିକ୍ଷାନୁଷ୍ଠାନ, ଛାତ୍ରାବାସ, ଦୋକାନ ବଜାର ଥିବାରୁ ପିଲାଙ୍କ ଗମନାଗମନ, ମାର୍କେଟିଂ ଆଦିର ସୁବିଧା ଅଛି । ତେଣୁ ଜୁନିୟର କଲେଜ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପଛ ପଟେ ତଥା ମହାରାଜପୁରସ୍ଥ ସରକାରୀ ଜମିରେ ସ୍ଥାପନ ହୋଇପାରିଲେ +୨ କଳା, ବାଣିଜ୍ୟ ଓ ବିଜ୍ଞାନ ଛାତ୍ରଛାତ୍ରୀ ଏକ ଶିକ୍ଷାର ପରିବେଶ ପାଇପାରନ୍ତେ ବୋଲି ସାଂସଦ ଶ୍ରୀମତୀ ମମତା ମହାନ୍ତ ପ୍ରସ୍ତାବ ଦେଇଛନ୍ତି ।


## ମୁନି ସମାଜର ଚତୁର୍ଥ ବାର୍ଷିକ ପ୍ରାନ୍ତୀୟ ଅଧିବେଶନ




**ଗୋପବନ୍ଧୁନଗର/ଉଦଳା, ୨୨।୩ (ସମିସ):** ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ଚତୁର୍ଥ ବାର୍ଷିକ ପ୍ରାନ୍ତୀୟ ଅଧିବେଶନ ଉଦଳାସ୍ଥ ତୁଳସୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁନି ସମାଜ ଆଜକୁ ୯୦ ବର୍ଷ ଧରି ଯୋଗ, ସ୍ୱାସ୍ଥ୍ୟ, ଆତ୍ମଜ୍ଞାନ ଓ ସ୍ୱତନ୍ତ୍ର ବିଚାରର ପ୍ରଚାର କରି ମାନବ ଜୀବନର ମହାଉପକାର ସାଧନ କରିଆସୁଛି । ଏ ଅବସରରେ ୨ଦିନ ଧରି ସମୂହ ପ୍ରଣବ ଓ ଶୁଭଭାବନା, ନଗର ପରିକ୍ରମା, ନୂତନ ସଦସ୍ୟଙ୍କ ପଞ୍ଜୀକରଣ, କ୍ରିୟାତ୍ମକ ଯୋଗ ପ୍ରଦର୍ଶନ ଓ ସତସଙ୍ଗର ପର୍ବ ଅନୁଷ୍ଠିତ ହୋଇଯାଇଛି । ଗୋରଖପୁରର ମୁନିଶ୍ୱର ପଣ୍ଡିତ ନିରଞ୍ଜନ ଶାସ୍ତ୍ରୀ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁନି ସମାଜର ଦର୍ଶନ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଓଡ଼ିଶା ପ୍ରାନ୍ତିୟ ମୁନି ସମାଜର ସମ୍ପାଦକ ପ୍ରଶାନ୍ତ କୁମାର ସିଂହ ଦୁଇଦିନ ଧରି ଚାଲିଥିବା ଏହି ଅଧିବେଶନରେ ଅଧ୍ୟକ୍ଷତା ଦାୟିତ୍ୱ ତୁଲାଇଥିବାବେଳେ ଯୋଗାଚାର୍ଯ୍ୟ ବସନ୍ତ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଓଡ଼ିଶାର ବିଭିନ୍ନ ଅଞ୍ଚଳ ସମେତ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ବହୁସଂଖ୍ୟାରେ ଭାଇଭଉଣୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପୃଥିବୀ ତୃତୀୟ ବିଶ୍ୱଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିବାବେଳେ ମୁନି ସମାଜର ଏପରି ଏକ ସତ୍‌ସଙ୍ଗ ଏକ ଭିନ୍ନ ସ୍ୱାଦର ବାତାବରଣ ଖେଳାଇଦେଇଛି ବୋଲି ଅଧ୍ୟାପିକା ଆରତୀବାଳା ସାହୁ କହିଛନ୍ତି ।

ରାଜ୍ୟସ୍ତରୀୟ ସିନିୟର ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତା

## କିସ୍‌କୁ ହରାଇ ଫ୍ୟୁଚର ଷ୍ଟାର୍ ମହିଳା ଦଳ ଚାମ୍ପିଅନ୍




**ବାରିପଦା, ୨୨।୩(ସମିସ):** ଚଳିତ ମାସ ୧୬ ଓ ୧୭ ତାରିଖ ଦୁଇଦିନ ଧରି କେନ୍ଦୁଝରର ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବରିଷ୍ଠ ରଗବୀ ସେଭେନ୍ସ ପ୍ରତିଯୋଗିତାରେ ମୟୂରଭଞ୍ଜର ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀର ମହିଳା ଦଳ ଚିତ୍ତାକର୍ଷକ ଫାଇନାଲ୍ ମ୍ୟାଚ୍‌ରେ ଶକ୍ତିଶାଳୀ କିସ୍ ଦଳକୁ ୧୨-୧୦ ପଏଣ୍ଟରେ ପରାସ୍ତ କରି ଚାମ୍ପିଅନ୍ ହୋଇଛି । ପୂର୍ବରୁ ଫ୍ୟୁଚର ସ୍ପୋର୍ଟ୍ସ ଦଳ ବାଲେଶ୍ୱରକୁ ୫୨-୦୦, କେନ୍ଦ୍ରାପଡ଼ାକୁ ୫୯-୦୦, ଜଗତସିଂହପୁରକୁ ୪୫-୦୦, ସେମିଫାଇନାଲରେ ମୟୂରଭଞ୍ଜକୁ ୨୬-୦୦ ବ୍ୟବଧାନରେ ପରାସ୍ତ କରି ନିଜର ଦବଦବା ବଜାୟ ରଖିଥିଲା । ଏଥିସହିତ ଏକାଡେମୀର ପୁରୁଷ ଦଳ ମଧ୍ୟ କ୍ୱାର୍ଟରଫାଇନାଲରେ ସାହସିକତାର ସହ ଲଢି ସମସ୍ତଙ୍କ ପ୍ରଶଂସା ସାଉଁଟିଛି । ଏ ଅବସରରେ ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ରଗବୀ ଫୁଟବଲ ସଂଘ ସଭାପତି, ସମ୍ପାଦକ ଓ ସମସ୍ତ କର୍ମକର୍ତ୍ତାଙ୍କୁ ବିଶେଷ ଭାବେ ଧନ୍ୟବାଦ ଅର୍ପଣ କରାଯାଇଛି । ସଂଘର ପ୍ରୋତ୍ସାହନ ଓ ସହଯୋଗ ଯୋଗୁଁ ଏକାଡେମୀ ପ୍ରଥମ ଥର ପାଇଁ ନିଜସ୍ୱ ନାମରେ ଏହି ରାଜ୍ୟସ୍ତରୀୟ ମଞ୍ଚରେ ଖେଳିବାକୁ ସୁଯୋଗ ପାଇଥିଲା । ଖେଳାଳିଙ୍କ ଏହି କଠିନ ପରିଶ୍ରମ ଓ ସମର୍ପଣ ପାଇଁ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ମୟୂରଭଞ୍ଜ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦା, ସହପ୍ରତିଷ୍ଠାତା ରୂପାଲୀ ସୋରେନ, ସାଇ କିରଣ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ, କୋଚ୍ ଚନ୍ଦନ ସିଂ ଓ ଅଜିତ କୁମାର ହାଁସଦା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଓଡ଼ିଶା ରଗବୀ ସଂଘ ଓ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗର ଏଭଳି ସୁଯୋଗ ପ୍ରଦାନ ପାଇଁ ଏକାଡେମୀର ସମସ୍ତ ଖେଳାଳି ଓ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ୪୫ ବର୍ଷରେ ମା' ଶୀତଳା ପୂଜା

ବଡ଼ସାହି, ୨୨।୩(ସମିସ)

ବଡ଼ସାହି ବ୍ଲକ ଅଧୀନ ବଳଭଦ୍ରପୁର ପଞ୍ଚାୟତର ଛେଳିଆ(ବି) ଗ୍ରାମରେ ଦୀର୍ଘ ୪୫ ବର୍ଷ ଧରି ମା' ଶୀତଳାଙ୍କ ପୂଜା ଧୂମଧାମରେ ପାଳନ ହେବା ସହିତ ଉଦଯାପିତ ହୋଇଛି । ୧୨ ମାସରେ ତେର ପର୍ବ ସହିତ ଓଡ଼ିଶାର ସମସ୍ତ ସଂସ୍କୃତି ଓ ପରମ୍ପରା ଏଠାରେ ପାଳନ ହେଉଥିବା ଦେଖିବାକୁ ମିଳେ । ଛେଳିଆ(ବି) ଗ୍ରାମ ଉନ୍ନୟନ କମିଟି ସମସ୍ତ ଗ୍ରାମର ଲୋକଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିପାରିଥିବାରୁ ଏହା ସମ୍ଭବ ହୋଇପାରିଛି । କମିଟି ଚଳିତ ବର୍ଷ ତା'ର ୪୫ତମ ପୂଜା ପାଳନ କରିଛି । ଏହି ପୂଜା ପାଇଁ ସଂକୀର୍ତ୍ତନ ମଣ୍ଡଳୀ, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସହାୟତାରେ ଗାଁ ପୋଖରୀରୁ ଘଟ ଉତ୍ତୋଳନ ହୋଇଥିବାବେଳେ ସପ୍ତମୀ, ଅଷ୍ଟମୀ, ନବମୀ ଓ ଶନିବାର ଦଶମୀ ପୂଜା ଅନୁଷ୍ଠିତ ହୋଇ ବିସର୍ଜନ ସରିଛି ।

ଗ୍ରାମରେ ଭାଇଚାର ପ୍ରତିଷ୍ଠା ତଥା ସମସ୍ତଙ୍କ ମନରେ ଭାତୃତ୍ୱ ଓ ଆଧ୍ୟାତ୍ମିକତା ଭାବ ଜାଗ୍ରତ କରିବା ପାଇଁ ତତ୍କାଳୀନ ସମୟରେ ଗ୍ରାମର ବୟସ୍କ ବ୍ୟକ୍ତି ସ୍ୱର୍ଗତ ଦୀନବନ୍ଧୁ ସାତୁଆ, ଲକ୍ଷ୍ମୀଧର ବେହେରା, କେଶରୀ ଚନ୍ଦ୍ର ବେହେରା, ହରିହର ପଣ୍ଡା ଓ ଶ୍ୟାମସୁନ୍ଦର ନାୟକ ପ୍ରମୁଖ ନେତୃତ୍ୱ ନେଇ ଏହି ପୂଜାକୁ ଆରମ୍ଭ କରିଥିବା ଜଣାଯାଇଛି । ଯାହାକି ଆଜି ପର୍ଯ୍ୟନ୍ତ ଚାଲୁ ରହିଛି । ପ୍ରତି ବର୍ଷ ଏହି ପୂଜାକୁ ମଧ୍ୟ ଗ୍ରାମବାସୀ ଉତ୍କଣ୍ଠାର ସହିତ ଅପେକ୍ଷା କରିଥା'ନ୍ତି ମା' ଶୀତଳାଙ୍କ ସାନିଧ ଲାଭ କରିବା ପାଇଁ । ଏହି ପୂଜାରେ ସୁନ୍ଦର ମୂର୍ତ୍ତି ସହିତ ଆକର୍ଷଣୀୟ ମେଢ ଓ ରଙ୍ଗ ବେରଙ୍ଗର ଆଧୁନିକ ଆଲୋକ ସଜ୍ଜା ବେଶ ଚିତ୍ତାକର୍ଷକ ହୋଇଛି । ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶରେ ଏହି ପୂଜା ୫ଦିନ ଧରି ଧୂମଧାମରେ ପାଳିତ ହୋଇଛି । ଏହି ପୂଜା ପାଇଁ ଚଳିତ ବର୍ଷ ୫ ଲକ୍ଷ ଟଙ୍କାର ବଜେଟ ଥିବା ଜଣାଯାଇଛି । ଖର୍ଚ୍ଚ ବାବଦକୁ ଏହି ଅର୍ଥ କମିଟିର ସିଦ୍ଧାନ୍ତ ଅନୁସାରେ ଗ୍ରାମବାସୀଙ୍କଠାରୁ ସହାୟତା ଆକାରରେ ଗ୍ରହଣ କରାଯାଇଥାଏ । ଏତଦ୍‌ବ୍ୟତୀତ ନିମନ୍ତ୍ରିତ ଅତିଥି ଓ ବଦାନ୍ୟ ବ୍ୟକ୍ତି ମା'ଙ୍କ ଉଦ୍ଦେଶ୍ୟରେ କିଛି କିଛି ଆର୍ଥିକ ସହାୟତା ପ୍ରଦାନ କରିଥା'ନ୍ତି । ବିଭିନ୍ନ ଦିବସରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା, ଡ୍ୟାନ୍ସ ଓ ଯାତ୍ରା ପରିବେଷଣ ହୋଇଛି । ମୁଖ୍ୟ ପୂଜକ ଚନ୍ଦ୍ରଭାନୁ ପାଢ଼ୀଙ୍କ ସହିତ ବ୍ରାହ୍ମଣ ମଣ୍ଡଳୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିବାବେଳେ ମୁଖ୍ୟ କର୍ତ୍ତା ଭାବେ ବିଶ୍ୱରଞ୍ଜନ ପତି, ମନୋରଞ୍ଜନ ନାଏକ ଓ ବିଟା ବେହେରା ନିଜ ନିଜର ଦାୟିତ୍ୱ ତୁଲାଇଛନ୍ତି । କମିଟି ପକ୍ଷରୁ ସଭାପତି ସତ୍ୟଜିତ ବେହେରା, ଉପସଭାପତି ଯୋଗେନ୍ଦ୍ର ବେହେରା, ସମ୍ପାଦକ ବିଶ୍ୱରଞ୍ଜନ ପତ, ରୁଦ୍ରନାରାୟଣ ମହାପାତ୍ର, ପ୍ରଦୀପ ନାୟକ, ଜିତେନ୍ଦ୍ର ବେହେରା, ଅଶ୍ୱନୀ ବେହେରା ଓ ଭବାନୀଶଙ୍କର ସାହୁ ପ୍ରମୁଖ ନେତୃତ୍ୱ ନେଇଥିବାବେଳେ ସମସ୍ତ ଗ୍ରାମବାସୀ ସହଯୋଗ କରିଛନ୍ତି ।



## ରାଉରକେଲାରେ ପ୍ରବୀଣ ତୋଗାଡ଼ିଆ

# ‘ଜନଜାତିର ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ବୃଦ୍ଧି ପାଇଁ ହିନ୍ଦୁ ସମାଜ କାର୍ଯ୍ୟ କରିବା ଉଚିତ’

**ରାଉରକେଲା, ୨୨।୩(ସମିସ)**



ସୁରକ୍ଷିତ ହିନ୍ଦୁ, ସମୃଦ୍ଧ ହିନ୍ଦୁ ଏବଂ ହିନ୍ଦୁ ସମାଜକୁ ସମ୍ମାନ ଓ ହିନ୍ଦୁ ସମାଜର ବିକାଶ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ମୂଳ ଲକ୍ଷ୍ୟ। ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଅଧ୍ୟକ୍ଷ ଡ. ପ୍ରବୀଣ ତୋଗାଡ଼ିଆ ରାଉରକେଲା ଗସ୍ତ ଅବସରରେ ଏପରି କହିଛନ୍ତି। ଶ୍ରୀ ତୋଗାଡ଼ିଆଙ୍କ ରାଉରକେଲାରେ ପହଞ୍ଚିବା ପରେ ତାଙ୍କୁ ବେଦବ୍ୟାସରୁ ଏକ ବିଶାଳ ଶୋଭାଯାତ୍ରାରେ କୋଏଲ ନଗର ସ୍ଥିତ ସଭା ସ୍ଥଳକୁ ନିଆଯାଇଥିଲା। ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ବଜରଙ୍ଗ ଦଳ ଓ ରାଷ୍ଟ୍ରୀୟ ମହିଳା ପରିଷଦର କର୍ମକର୍ତ୍ତା ତାଙ୍କୁ ସ୍ୱାଗତ କରିଥିଲେ। କେଏଲ ନଗରସ୍ଥିତ ସଭାରେ ସେ ସମସ୍ତ ହିନ୍ଦୁଙ୍କୁ ସମ୍ବୋଧିତ କରି ଶ୍ରୀ ତୋଗାଡିଆ କହିଥିଲେ, ଯେ ପର୍ଯ୍ୟନ୍ତ ଭାରତରେ ହିନ୍ଦୁଙ୍କ ସଂଖ୍ୟା ଗରିଷ୍ଠତା ରହିବ, ସେ ପର୍ଯ୍ୟନ୍ତ ହିନ୍ଦୁଙ୍କ ଘର ସୁରକ୍ଷିତ ଅଛି। ବହୁ ମାତ୍ରାରେ ଏଠାରେ ଧର୍ମାନ୍ତୀକରଣ ଦୁର୍ଭାଗ୍ୟପୂର୍ଣ୍ଣ। ଏହାକୁ ବନ୍ଦ କରିବା ପାଇଁ ଆଇନ ରହିଛି। ଓଡ଼ିଶାରେ ବିଜେପି ସରକାର ଥିବାରୁ ଆଇନକୁ ଉପଯୋଗ କରି ଏହାକୁ ବନ୍ଦ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ଉପରେ ତାଙ୍କ ବିଶ୍ୱାସ ଥିବା ସେ କହିଥିଲେ। ଏଥିସହ ଜନଜାତିର ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ବୃଦ୍ଧି ପାଇଁ ହିନ୍ଦୁ ସମାଜ କାର୍ଯ୍ୟ କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଦ୍ୱାରା ଗ୍ରାମମାନଙ୍କରେ ମଙ୍ଗଳବାର ଓ ଶନିବାର ସନ୍ଧ୍ୟାରେ ହନୁମାନ ଚାଳିଶା ପାଠ ଆରମ୍ଭ ହେଉଛି। ଏହି ପାଠ ହେଉଥିବା ସ୍ଥାନରେ ଗରିବ ମାଗଣାରେ ଖାଦ୍ୟ, ସୁସ୍ଥ ରହିବା ପାଇଁ ତାଲିମ, ଶାରିରୀକ ପରୀକ୍ଷା, ଅର୍ଥ ନ ଥିଲେ ଘରୋଇ ଡାକ୍ତରଖାନାରେ ନିଃଶୁଳ୍କ ଚିକିତ୍ସା ଆଦି ସମଗ୍ର ଦେଶରେ ଆରମ୍ଭ କରାଯାଇଛି। ଯାହା ଏବେ ଓଡ଼ିଶାର ଆରମ୍ଭ କରାଯିବ। ୪ରୁ ୬ ମାସ ମଧ୍ୟରେ ହନୁମାନ ଚାଳିଶା କେନ୍ଦ୍ର ମାଧ୍ୟମରେ ନିଯୁକ୍ତି ସୁଯୋଗ ବୃଦ୍ଧି କରାଯିବ। ରାଉରକେଲା ରେଳଷ୍ଟେସନ ଆଖପାଖ ଅଞ୍ଚଳରେ ଦଖଲ କରି ରହିଥିବା ବାଂଲାଦେଶୀଙ୍କୁ ପ୍ରଶାସନ ଚିହ୍ନଟ କରି ବାଂଲାଦେଶକୁ ପଠାଇବା ପାଇଁ ବ୍ୟବସ୍ଥା କରିବା ଉଚିତ। ଏଠାରେ ହେଉଥିବା ଅପରାଧରେ ଏହି ବାଂଲାଦେଶୀଙ୍କ ବଡ଼ ଭୂମିକା ରହିଛି। ଓଡ଼ିଶାର ଶାନ୍ତ ପରିବେଶ ପାଇଁ ସେମାନେ ବିପଦ ସୃଷ୍ଟି କରୁଛନ୍ତି। ଦେଶର ୟୁନିଫର୍ମ ବା କମନ ସିଭିଲ କୋର୍ଡ଼ ଲାଗୁ ହେବା ଉଚିତ। ସମଗ୍ର ଦେଶରେ ଏହାକୁ ଲାଗୁ କରିବା ପାଇଁ ପ୍ରଧାନମନ୍ତ୍ରୀ ପଦକ୍ଷେପ ନେବେ ବୋଲି ବିଶ୍ୱାସ ରହିଥିବା ସେ କହିଥିଲେ। ଏଥିସହ ବିଭିନ୍ନ ମନ୍ଦିରର ପରିଚାଳନା ଦାୟିତ୍ୱ ହିନ୍ଦୁମାନଙ୍କୁ ପ୍ରଦାନ କରାଯିବା ଓ ଓଡ଼ିଶା ସରକାର ହିନ୍ଦୁମାନଙ୍କର ବିକାଶ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେ ନିଜ ବକ୍ତବ୍ୟରେ କହିଥିଲେ। ଏଥିସହ ସମସ୍ତଙ୍କୁ ଶିକ୍ଷା, ରୋଜଗାର ଓ କୃଷକଙ୍କୁ ଫସଲର ମୂଲ୍ୟ ମିଳିବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

## ଜଡିବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହୀରକ ଜୟନ୍ତୀ



**ଲହୁଣୀପଡ଼ା, ୨୨।୩(ସମିସ):** ଲହୁଣୀପଡ଼ା ବ୍ଲକ ଖୁଣ୍ଟୁଗାଁ ପଞ୍ଚାୟତ ଜଡିବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳିତ ହୋଇଛି। ପୂର୍ବତନ ଛାତ୍ର ପରିଷଦ ସଭାପତି ରହିନୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସିହିଡିଆ କଲେଜ ଅଧ୍ୟାପକ ପ୍ରଶାନ୍ତ କିଶୋର ଚଇନି ଏବଂ ସମ୍ମାନିତ ଅତିଥି ଭାବେ ଲହୁଣୀପଡ଼ା ବିଇଓ ଭଗବାନ ବଙ୍କିରା, ଜିଲ୍ଲାପରିଷଦ ସଭ୍ୟା ସୁଶିଳା ନାୟକ, ପୂର୍ବତନ ଜିଲ୍ଲାପରିଷଦ ଚେୟାରମ୍ୟାନ ରଣଜିତ କିଷାନ ଯୋଗ ଦେଇଥିଲେ। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ସଭା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଲିକୋଟ ରେଜିଷ୍ଟ୍ରାର ପାର୍ବତୀ ମଞ୍ଜୁରୀ ମହାଳିକ, ମୁଖ୍ୟବକ୍ତା ଭାବେ ଖୁଣ୍ଟୁଗାଁ ସରପଞ୍ଚ ସୁମିତ୍ରା ଚାରଦିଆ, ସମ୍ମାନିତ ଅତିଥି ଖୁଣ୍ଟୁଗାଁ ପିବିଡିଏ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ଜେନା, ହଳଦୀକୁଦର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଝୁନୁବାଳା ମାହାନ୍ତ, ଖୁଟୁଗା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସାହୁ ଯୋଗ ଦେଇଥିଲେ। ଜଡିବାହାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ବିଶ୍ୱାଳଙ୍କ ଆବାହକରେ ଅତିଥିମାନଙ୍କୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହିତ ନୃତ୍ୟ ପରିବେଷଣ କରି ସ୍ୱାଗତ କରିଥିଲେ। ଏହି ହୀରକ ଜୟନ୍ତୀ ଅବସରରେ ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ କୃତି ଓ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ତଥା ସ୍ମୃତି ଫଳକ ପ୍ରଦାନ କରି ସମ୍ମାନିତ କରିଥିଲେ। ଖୁଣ୍ଟୁଗାଁ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଗଣନାଥ ବାରିକ ମଞ୍ଚ ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ବିଶ୍ୱାଳ ବିବରଣୀ ପାଠ କରିଥିଲେ।


## କୋକ୍ ଓଭନ୍ସ ବ୍ୟାଟେରୀ-୭ରେ ସୁରକ୍ଷା ନାଟକ ମଞ୍ଚସ୍ଥ



**ରାଉରକେଲା, ୨୨।୩(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କୋକ୍ ଓଭନ୍ସ ବ୍ୟାଟେରୀ-୭ (ସିଓବି-୭) ପ୍ରକଳ୍ପ କ୍ଷେତ୍ରରେ ଜାତୀୟ ସୁରକ୍ଷା ମାସ-୨୦୨୬ ପାଳନ ଉପଲକ୍ଷେ ଠିକା ଶ୍ରମିକଙ୍କ ଦ୍ୱାରା ସୁରକ୍ଷା ନାଟକ ମଞ୍ଚସ୍ଥ କରାଯାଇଥିଲା। ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର ଏବଂ ସିସିଡି ବିଭାଗର ସିଜିଏମ ରାକେଶ ଯୋଶୀ, ସୁରକ୍ଷା ବିଭାଗର ଜିଏମ ଅବକାଶ ବେହେରାଙ୍କ ସହ ଆରଏସପି ଏବଂ ଏଲଆଣ୍ଡଟି ଲିମିଟେଡର ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ପଲାଇ ପ୍ରକଳ୍ପ କ୍ଷେତ୍ରରେ ସୁରକ୍ଷା ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ଷେତ୍ରରେ ପ୍ରତ୍ୟେକଙ୍କ ପାଇଁ ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା ବୋଲି ଉଲ୍ଲେଖ କରି ସମସ୍ତ କର୍ମଚାରୀ ଏବଂ ଠିକା କର୍ମଚାରୀଙ୍କୁ ସୁରକ୍ଷା ଅଭ୍ୟାସ ଏବଂ ଏହାର ପ୍ରକ୍ରିୟାଗୁଡ଼ିକୁ କଡ଼ାକଡ଼ି ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ପଲାଇ ସମସ୍ତ କଳାକାରଙ୍କୁ ସୂଚକ ଉପହାର ପ୍ରଦାନ କରିଥିଲେ। ପରେ ପ୍ରକଳ୍ପ କ୍ଷେତ୍ରରେ ବିକଶିତ ପରିବେଶ, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପ୍ରଦର୍ଶନୀ ପରିଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ଠିକା ଶ୍ରମିକମାନଙ୍କ ଦ୍ୱାରା ପ୍ରଦର୍ଶିତ ଏହି ସୁରକ୍ଷା ନାଟକ, ସୁରକ୍ଷା ନିୟମ ପାଳନର ଗୁରୁତ୍ୱକୁ ପ୍ରଭାବଶାଳୀ ଚିତ୍ରଣ କରିଥିଲା ଏବଂ କିପରି ଅବହେଳା ଓ ଅସୁରକ୍ଷିତ ଅଭ୍ୟାସ ଦୁର୍ଘଟଣାର କାରଣ ହୋଇପାରେ ତାହା ପ୍ରଦର୍ଶିତ କରିଥିଲା। ଉକ୍ତ ନାଟକ ସର୍ବଦା ସତର୍କ ରହିବା ଏବଂ ସୁରକ୍ଷିତ କାର୍ଯ୍ୟ ପଦ୍ଧତି ଅବଲମ୍ବନ କରିବା ଉପରେ ଏକ ଗଭୀର ବାର୍ତ୍ତା ପ୍ରଦାନ କରିଥିଲା।

## ଏନ୍‌ଆଇଟିରେ ସେଲିବ୍ରିଟି ନାଇଟ୍ } ଝୁମାଇଲେ ବଲିଉଡ୍ ଗାୟକ ଶାନ୍

**ରାଉରକେଲା, ୨୨।୩(ସମିସ):** ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍‌ଆଇଟି) ରାଉରକେଲାର ବାର୍ଷିକ ସେଲିବ୍ରିଟି ନାଇଟ୍-୨୦୨୬ରେ ପ୍ରସିଦ୍ଧ ବଲିଉଡ୍ ଗାୟକ ଶାନ୍ ଯୋଗ ଦେଇ ତାଙ୍କ ସଙ୍ଗୀତ ଯାଦୁରେ ସମସ୍ତଙ୍କୁ ମତୁଆଲା କରିଥିଲେ। ଏନ୍‌ଆଇଟି ରାଉରକେଲାର ଦିଲୀପ ତିର୍କୀ ଗ୍ରାଉଣ୍ଡରେ ଛାତ୍ର କାର୍ଯ୍ୟକଳାପ କେନ୍ଦ୍ର ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ଶାନ୍‌ଙ୍କ ସଙ୍ଗୀତ ପ୍ରଦର୍ଶନ କ୍ୟାମ୍ପସକୁ ଏକ ଜୀବନ୍ତ କରି ଦେଇଥିଲା। ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଶାନ୍ ‘ଚାନ୍ଦ ସିତାରେ’, ‘ହମ୍ ଜୋ ଚଲ୍‌ନେ ଲଗେ’, ‘ଏ ଶୋନା’, ‘ଇଟ୍ସ ଟାଇମ୍ ଟୁ ଡିସ୍କୋ’, ‘ହମ୍ ଦମ୍ ସୁନିୟୋ ରେ’ ଏବଂ ଅନେକ ଓଡ଼ିଆ ଗୀତ ଗାଇ ଦର୍ଶକମାନଙ୍କୁ ମତୁଆଲା କରି ଦେଇଥିଲେ। ଦର୍ଶକମାନେ ଏହି ସନ୍ଧ୍ୟାକୁ ବେଶ ମନଭରି ଉପଭୋଗ କରିଥିଲେ। ଏହି ଅବସରରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଶାନଙ୍କୁ ସମ୍ମାନିତ କରିଥିଲେ। ଅତିଥି ଭାବରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଆରଏସପି ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଏବଂ ଏସସିଏଫ ଜିପି ମାଥୁର ଯୋଗ ଦେଇଥିଲେ।



## ସିଆଇଟିୟୁର ସମ୍ପାଦକ ମଣ୍ଡଳୀ ବୈଠକ

# ଶ୍ରମିକଙ୍କୁ ଗ୍ୟାସ ସିଲିଣ୍ଡର, କୋଇଲା ଯୋଗାଇବାକୁ ଦାବି

**ରାଉରକେଲା, ୨୨।୩(ସମିସ):** ଶ୍ରମିକ ଭବନଠାରେ ବରିଷ୍ଠ ସମ୍ପାଦକ ଜୀବନ ବାରିହାଙ୍କ ସଭାପତିତ୍ୱରେ ସିଆଇଟିୟୁ ସମ୍ପାଦକ ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାମ୍ରାଜ୍ୟବାଦୀ ଆମେରିକା ଓ ଇସ୍ରାଏଲର ଇରାନ ଉପରେ ଆକ୍ରମଣକୁ ବିରୋଧ କରାଯାଇଥିଲା। ଯୁଦ୍ଧ ଯୋଗୁଁ ସାରା ବିଶ୍ୱର ଅର୍ଥନୀତି ପ୍ରଭାବିତ ହୋଇଛି। ବିଶ୍ୱରେ ଭୟଙ୍କର ଅର୍ଥନୈତିକ ସଂକଟ ଦେଖାଦେଇଛି। ତୁରନ୍ତ ଏହି ଅନୈତିକ ଓ ମାନବ ବିରୋଧ ଯୁଦ୍ଧ ବନ୍ଦ ପାଇଁ ସିଆଇଟିୟୁ ବୈଠକରେ ଦାବି କରିଛି। ବର୍ତ୍ତମାନ ସମୟରେ ଦେଖାଦେଇଥିବା ଇନ୍ଧନ ସଙ୍କଟକୁ ଦୃଷ୍ଟିରେ ରଖି ସେଲ୍‌ଫ କର୍ତ୍ତୃପକ୍ଷ ଯୁଦ୍ଧକାଳୀନ ଭିତ୍ତିରେ ଇସ୍ପାତ ଶ୍ରମିକଙ୍କ ପରିବାର ପାଇଁ ରନ୍ଧନଗ୍ୟାସ ସିଲିଣ୍ଡର ସହ ଏକ କ୍ୱିଣ୍ଟାଲ ଜାଳେଣି କୋଇଲା ଯୋଗାଇ ଦେବାପାଇଁ ସାଧାରଣ ସମ୍ପାଦକ ବସନ୍ତ ନାୟକ ଦାବି କରିଛନ୍ତି। ଭାରତ ସରକାର ଗୋଷ୍ଠୀ ନିରପେକ୍ଷତା ନୀତି ଅବଲମ୍ବନ କରିବା ସହ ମଧ୍ୟପ୍ରାଚ୍ୟରେ ଚାଲିଥିବା ଏହି ଯୁଦ୍ଧ ବନ୍ଦ କରିବା ପାଇଁ ଉଭୟ ଆମେରିକା ଓ ଇସ୍ରାଏଲ ଉପରେ ଚାପ ପକାଇବା ପାଇଁ ସିଆଇଟିୟୁ ଦାବି କରିଛି। ଏନେଇ ଆୟୋଜିତ ବୈଠକରେ ଏସିଏସବିଏଫ, ଆଇଜିଏଚ୍ ଓ ସହର ସେବାର ପ୍ରସଙ୍ଗରେ ଆଲୋଚନା କରାଯାଇ ଆଗାମୀ ଦିନରେ ବିକ୍ଷୋଭ ସହ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି। ବିଶେଷ କରି ଏସିଏସବିଏଫ ଫଣ୍ଡକୁ ରକ୍ଷା କରାଯାଇ ପ୍ରତ୍ୟେକ ଶ୍ରମିକର ପ୍ରାୟ ୧୦ ଲକ୍ଷ ଟଙ୍କାର ଜମାକୁ ସୁରକ୍ଷା ଦେବା ଓ ଏହାପାଇଁ ପ୍ରତ୍ୟେକ ଶ୍ରମିକମାନଙ୍କର ମତାମତ ନେବାପାଇଁ ସିଆଇଟିୟୁ ଦାବି କରିଛି। ବୈଠକରେ ପ୍ରଦୀପ ସେଠି, ବିମାନ ମାଇତି, ରତ୍ନାକର ନାୟକ, ଯଜ୍ଞେଶ୍ୱର ସାହୁ, ସଂଗ୍ରାମ ସାମଲ, ସନ୍ତୋଷ ବେହେରା, ଶିବରାମ ବେହେରା, ପିତାମ୍ବର ବେହେରା, କୁଳମଣୀ ରାଉତ ପ୍ରମୁଖ ଆଲୋଚନା କରିଥିଲେ।

# ଆସ୍ଥା ପକ୍ଷରୁ ‘ଅନନ୍ୟା ନାରୀ’




**ରାଉରକେଲା, ୨୨।୩(ସମିସ):** ରାଉରକେଲାର ଅଗ୍ରଣୀ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ଆସ୍ଥା ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ସ୍ଥାନୀୟ ସିଭିକ ସେଣ୍ଟର ପ୍ରେକ୍ଷାଳୟଠାରେ ଏକ ନାରୀ ଭିତ୍ତିକ କାର୍ଯ୍ୟକ୍ରମ ଅନନ୍ୟା ନାରୀ ଶନିବାର ଆୟୋଜିତ ହୋଇଥିଲା। ଉକ୍ତ ସମାରୋହରେ ଆରଏସପି ନିର୍ବାହୀ ନିର୍ଦ୍ଦେଶକ (ଖଣି) ମୁନ୍ନା ପ୍ରସାଦ ସିଂହ ମୁଖ୍ୟଅତିଥି, ଡା. ହରିଶ ଦାସ ସମ୍ମାନିତ ଅତିଥି, ସୁଦୂର ଭୁବନେଶ୍ୱରରୁ ଆସିଥିବା ସିଏସଆର ମୁଖ୍ୟ ଡା. ଲୋପମୁଦ୍ରା ପ୍ରିୟଦର୍ଶିନୀ ସେଲିବ୍ରିଟୀ ଅତିଥି, ଲାୟନ୍ସ କ୍ଲବର ସଭାପତି ବୈଶାଳୀ ଖେଡିଆ, ସୁରଭି ସଙ୍ଗୀତ ଅନୁଷ୍ଠାନର ମୁଖ୍ୟ ସ୍ମିତା ମିଶ୍ର ଓ ସମ୍ବଲପୁରର ବିଶିଷ୍ଟ ସଙ୍ଗୀତକାର ମମତା ଜେନା ନିମନ୍ତ୍ରିତ ଅତିଥି ରୂପେ ଯୋଗ ଦେଇଥିଲେ। ଆସ୍ଥା ଅନୁଷ୍ଠାନର ସଭାପତି ବିଷ୍ଣୁ ମୋହନ ମିଶ୍ର, ଉପସଭାପତି ରାଜକୁମାର ପଣ୍ଡା, ସାଧାରଣ ସମ୍ପାଦକ ଆଲୋକ ଜେନା ଓ ସାଂସ୍କୃତିକ ସମ୍ପାଦିକା ଶିବାନୀ ରଣା ମଞ୍ଚରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଆସ୍ଥାର ସାମାଜିକ ମାଧ୍ୟମ ଅଧିକାରୀ ପ୍ରତୀକ୍ଷା ସାହୁ ସ୍ୱାଗତ ଭାଷଣ ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ସାଧାରଣ ସମ୍ପାଦକ ଆଲୋକ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କୁନୁ ରାନୀ ବିଶ୍ୱାଳ ଓ ମୋନାଲିସା ସାହୁ ସଞ୍ଚାଳନ କରିଥିଲେ। ଡାକ୍ତରୀ, ଶିକ୍ଷା, ସମାଜସେବା, ଖେଳାଳି, ଗାୟିକା ଓ ଫ୍ୟାଶନ ପରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବିଶିଷ୍ଟ ନାରୀ ସମ୍ମାନରେ ଲୋପମୁଦ୍ରା ପ୍ରିୟଦର୍ଶିନୀ, ମମତା ଜେନା, ଜନନୀ ମିଶ୍ର, ଉର୍ମିଳା ବେହେରା, ନୀତା କର, ଶ୍ରୀୟା ଗୁପ୍ତାଙ୍କୁ ଅନନ୍ୟା ନାରୀ ସମ୍ମାନ, ଉପଢୌକନ ସହ ଉପହାର ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ ସନ୍ଧ୍ୟାରେରେ ସଙ୍ଗୀତ ଏବଂ ରୋଜା ନୃତ୍ୟାନୁଷ୍ଠାନ ନୃତ୍ୟ ପରିବେଷିତ ହୋଇଥିଲା। ନୃତ୍ୟ ନିର୍ଦ୍ଦେଶିକା ସସ୍ମିତା ଜେନା, ସୋମେଶ୍ୱରୀଙ୍କ ଅଧ୍ୟକ୍ଷତାରେ ଏକ ଚିତାକର୍ଷକ ଫ୍ୟାସନ ସୋ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପର୍ଶୁରାମ ମଲ୍ଲିକ, ମଧୁମିତା ପଣ୍ଡା, ମନୀଷା ଜେନା, ରାଜା ଭଗତ, ସରୋଜିନୀ ପତି, ପ୍ରାଞ୍ଜଳୀ ନାଗ, ସୁକାନ୍ତି ପ୍ରଧାନ, ସୁଜାତା ଖଟୁଆ, ମଧୁସ୍ମିତା ମହାନ୍ତି, ବିଷ୍ଣୁ ପ୍ରିୟା ସ୍ୱାଇଁ, ବିପ୍ଳବିନୀ ବ୍ରହ୍ମା, କାର୍ତ୍ତିକ ଖଣ୍ଡୁଆଳ, ପୂର୍ଣ୍ଣିମା ଭଟ୍ଟାଚାର୍ଯ୍ୟ, ଶୁଭଲକ୍ଷ୍ମୀ ପାତ୍ର, ସୁରେଶ ରାଉତରାୟ, ହରେନ୍ଦ୍ର ନାୟକ, ବିଭୁତି ସେଠି, ଆନ୍ତର୍ଯ୍ୟାମୀ ରାଉତ, ପ୍ରଜ୍ଞା ପରିମିତା ଦାସ, ତପନ ବେହେରା ଏବଂ କ୍ଷିତିଶ ଜେନା ସହଯୋଗ କରିଥିଲେ।

## ଜନତା ସରକାରୀ ଉଚ୍ଚ ବିଦ୍ୟାଳୟକୁ ‘ବିଶ୍ୱ ବନ ପୁରସ୍କାର’



**ବଣାଇଁ, ୨୨।୩(ସମିସ):** ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ସୁନ୍ଦରଗଡ଼ ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ପାଳନ ଅବସରରେ ବଣାଇଁ ବ୍ଲକ ଅନ୍ତର୍ଗତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ରୁଗୁଡ଼ାକୁ ବିଶ୍ୱ ବନ ପୁରସ୍କାର ୨୦୨୬’ ପ୍ରଦାନ କରାଯାଇଛି। ପ୍ରମାଣ ପତ୍ର ସହ ଦଶ ହଜାର ଟଙ୍କାର ଚେକ୍‌କୁ ସୁନ୍ଦରଗଡ଼ ଜିଲ୍ଲା ବନଖଣ୍ଡ ଅଧିକାରୀ ମିରାଜ୍ ପି. ଦେବଦାସ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁରଲୀଧର ବାଙ୍କଙ୍କୁ ବିଶ୍ୱ ବନଦିବସ ପାଳନ ଅବସରରେ ପ୍ରଦାନ କରିଥଲେ। ଏହି ସଫଳତା ପାଇଁ ପ୍ରଧାନ ଶିକ୍ଷକ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ରୁଗୁଡ଼ାର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ପରିବେଶ ସୁରକ୍ଷା ତଥା ବୃକ୍ଷରୋପଣ ପ୍ରତି ଥିବା ବିଶେଷ ଅନୁରକ୍ତି, ବଣାଇଁ ଉପଖଣ୍ଡ ବନବିଭାଗର ସହଯୋଗ ପାଇଁ ବିଶେଷ କୃତଜ୍ଞତା ଜ୍ଞାପନ କରିଥିଲେ।

## ଆଭା- ଅନ୍ୱେଷର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



**ରାଉରକେଲା, ୨୨।୩(ସମିସ):** ଶିକ୍ଷାର୍ଥୀ ଓ ଶିକ୍ଷକ ସାମାଜିକ କଲ୍ୟାଣ ସଂଗଠନ ଆଭା ଅନ୍ୱେଷର ୧୦ତମ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଡେଲି ମାର୍କେଟସ୍ଥ ସହର ସହକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଆର୍ତ୍ତତ୍ରାଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଗଠନର ସମ୍ପାଦକ ତଥା ପୂର୍ବତନ କୁତ୍ରା ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ପତି ବାର୍ଷିକ ବିବରଣୀ ପାଠ କରିବା ସହ ଅନୁଷ୍ଠାନର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଡ୍ରଗ୍ ଇନସ୍ପେକ୍ଟର ମନୋଜ ମହାପାତ୍ର ଉତ୍ସବକୁ ଉଦ୍‌ଘାଟନ କରି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶରେ ସହାୟକ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବୀର ବିଶ୍ରାମୁଣ୍ଡା ସୀମାନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରସନ୍ନ କୁମାର ଧଳ, ରଞ୍ଜିତ କୁମାର ବିଶ୍ୱାଳ ଯୋଗ ଦେଇ ଆଗାମୀ ଦିନରେ ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। କ୍ରୀଡାବିତ୍ ଭାସ୍କର ନନ୍ଦ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ସହଯୋଗ କରିବେ ବୋଲି ନିଜର ମତ ପ୍ରକାଶ କରିଥିଲେ। ବରିଷ୍ଠ ସଦସ୍ୟ ବଳରାମ ଶତପଥି ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ କ୍ଲଷ୍ଟରର ସିଆରସିସି, ଶିକ୍ଷକ ଓ ଶିକ୍ଷୟିତ୍ରୀ, ଅନୁଷ୍ଠାନର କର୍ମକର୍ତ୍ତା, ଅଭିଭାବକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅନୁଷ୍ଠାନର ସଭାପତି ଆର୍ତ୍ତତ୍ରାଣ ଜେନା ଧନ୍ୟବାଦ ଦେଇଥିଲେ।

## ବ୍ରାହ୍ମଣୀ ନଦୀରେ ବୁଡ଼ି ବୃଦ୍ଧ ମୃତ

**ବଣାଇଁ, ୨୨।୩(ସମିସ):** ବଣାଇଁ ଥାନା ଅନ୍ତର୍ଗତ ଫଳସାଘାଟ ଗ୍ରାମର ବୃଦ୍ଧ କୃଷ୍ଣ ଚନ୍ଦ୍ର ରଣା (୬୮)ଙ୍କ ବ୍ରାହ୍ମଣୀ ନଦୀରେ ବୁଡି ମୃତ୍ୟୁ ହୋଇଛି। କୃଷ୍ଣ ଚନ୍ଦ୍ର ରଣା ପେଶାରେ ଜଣେ କୁମ୍ଭାର ଥିବା ବେଳେ ସେ ମାଟିର ଜିନିଷ ବିକ୍ରି କରି ଜୀବିକାର୍ଜନ କରୁଥିଲେ। ସେ ଆଜି ବିକ୍ରି କାମ ସାରି ଘରକୁ ଫେରିବା ପରେ ସନ୍ଧ୍ୟା ୫ଟା ସମୟରେ ଗାଧେଇବା ପାଇଁ ବ୍ରାହ୍ମଣୀ ନଦୀକୁ ଯାଇ ଫେରି ନଥିଲେ। ପରିବାର ଲୋକେ ଖୋଜାଖୋଜି ସମୟରେ ତାଙ୍କର କପଡ଼ା ନଦୀ କୂଳରେ ଥିବା ସହ ପିନ୍ଧିଥିବା ଲୁଙ୍ଗି ପାଣିରେ ଭାସୁଥିବା ଦେଖାଯାଇଥିଲା। ପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ପାଣିରୁ ଉଦ୍ଧାର କରାଯାଇ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଆଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଣାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି।

## ବସନ୍ତୋତ୍ସବର ଦ୍ୱିତୀୟ ଦିବସ

# ମନମୋହିଲା ବାରିପଦାର ଛଉ ନୃତ୍ୟ

**ରାଉରକେଲା, ୨୨।୩(ସମିସ)**



ମ୍ୟୁଜିକ୍ ସର୍କଲ ପକ୍ଷରୁ ଆୟୋଜିତ ୪୯ତମ ବସନ୍ତୋତ୍ସବର ଦ୍ୱିତୀୟ ଦିବସରେ ବାରିପଦାର ଛଉ ନୃତ୍ୟ ଦର୍ଶକଙ୍କ ମନମୋହିଥିଲା। ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ ଆନ୍ତଃ ବିଦ୍ୟାଳୟ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ଏକକ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଉଭୟ ବର୍ଗରେ ସାମୂହିକ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଶାରଦା ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂଧ ଅଧିବେଶନକୁ ବରେଣ୍ୟ ଅତିଥି ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ଶିଳ୍ପପତି ବିପିନ ଗୁପ୍ତା, ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ, ଉପଦେଷ୍ଟା ବାଲଗୋପାଳ ମହାପାତ୍ର, ଡ. ସମର ମୁଦାଲି ପ୍ରମୁଖ ଉଦ୍‌ଘାଟନ କରିଥିବା ବେଳେ ମ୍ୟୁଜିକ୍ ସର୍କଲର କଳାକାରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶାରଦା ପ୍ରସାଦ ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅଭୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବରେଣ୍ୟ ଅତିଥି ବୃନ୍ଦ ଅନୁଷ୍ଠାନର କଳା ଓ ସଂସ୍କୃତି ପ୍ରତି ୪୯ ବର୍ଷର ନିରବଚ୍ଛିନ୍ନ ଅବଦାନର ଭୂୟସୀ ପ୍ରଶଂସା କରିବା ସହ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ପ୍ରଥମ ଅଧିବେଶନରେ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ସାଂଧ ଅଧିବେଶନରେ ଅତିଥିମାନେ ପ୍ରମାଣ ପତ୍ର ଏବଂ ଫଳକ ସହ ଆର୍ଥିକ ପ୍ରୋତ୍ସାହନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ମ୍ୟୁଜିକ୍ ସର୍କଲର କଳାକାରମାନଙ୍କ ଦ୍ୱାରା ନୃତ୍ୟ ନାଟିକା ମଧୁ ବସନ୍ତ ଏବଂ ଉତ୍ତର ସାହି, ବାରିପଦାର ଛଉ ନୃତ୍ୟ ପ୍ରତିଷ୍ଠାନର କଳାକାରମାନଙ୍କ ଦ୍ୱାରା ଛଉ ନୃତ୍ୟ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ମ୍ୟୁଜିକ୍ ସର୍କଲର ସମସ୍ତ କର୍ମକର୍ତ୍ତାଙ୍କ ସହ ସ୍ପ୍ରିଂ ଭେଲି ସ୍କୁଲର ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ସହାୟତା କରିଥିଲେ।

# ବେଆଇନ ବାଲି ଚାଲାଣ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ

ଅସୁରାଳି,୨୨।୩(ସମିସ)

ଧାମନଗର ତହସିଲ୍ ଅଞ୍ଚଳରେ ପ୍ରବାହିତ ବୈତରଣୀ ଓ କୋଚିଲା ନଦୀର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବାଲିଘାଟ ଖୋଲାଯାଇ ପ୍ରତିଦିନ ଶହଶହ ଟ୍ରକ୍ ଓ ଟ୍ରାକ୍ଟରରେ ଅହରହ ବାଲି ଚାଲାଣ ହେଉଛି। ବାଲିମାଫିଆ ପ୍ରଶାସନର କିଛି ଦୁର୍ନୀତିଖୋର୍ କର୍ମଚାରୀଙ୍କୁ ମୋଟା ଅଙ୍କର ଲାଞ୍ଚ ଦେଇ ଏଭଳି ଚୋରା ବାଲି ବେପାର କରି ବିପୁଳ ଅର୍ଥ ରୋଜଗାର କରୁଥିବାବେଳେ ଏହାଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ ଘଟୁଥିବା ଅଭିଯୋଗ ହୋଇଛି। ବେଆଇନ ବାଲି ଚାଲାଣ ଯୋଗୁଁ ନଦୀ ବନ୍ଧରେ ବହଳେ ମୋଟର ବାଲି ପଡ଼ିଛି। ଯାହା ଫଳରେ ମୋଟର ସାଇକଲ, ସାଇକଲ ଆରୋହୀମାନେ ପ୍ରତିଦିନ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅନଭିଜ୍ଞ ଚାଳକ ଟ୍ରାକ୍ଟର ଚଳାଉଥିବାରୁ ଏଭଳି ବାଲି ପଡୁଥିବା ଅଭିଯୋଗ ହେଉଛି। ରାସ୍ତାରେ ଛୋଟ ଛୋଟ ସ୍କୁଲ ପିଲାମାନଙ୍କର ଯିବାଆସିବା ପାଇଁ ବଡ଼ ବାଧା ସୃଷ୍ଟି ହେଉଛି।

ପ୍ରକାଶ ଯେ, ନଦୀ ଗର୍ଭରୁ ବାଲି ଉଠାଣ ହେବା ଦ୍ୱାରା ନଦୀର ଗତିପଥ ବଦଳୁଛି। ସେହିପରି



ନଦୀରୁ ବାଲି ଉଠାଇବା ନିମନ୍ତେ ବିଭିନ୍ନ ସ୍ଥାନରେ ନଦୀବନ୍ଧ କଟିଯିବା ଦ୍ୱାରା ବନ୍ଧ ଦୁର୍ବଳ ହେଉଛି। ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ପରିମାଣରେ ବାଲି ବୋଝେଇ ହୋଇ ଭାରୀଯାନ ନଦୀ ବନ୍ଧ ଓ ରାସ୍ତାରେ ଚାଲିବା ଦ୍ୱାରା ନଦୀ ଓ ରାସ୍ତା ନଷ୍ଟ ହେଉଛି। ବାଲି ଚାଲାଣବେଳେ ଗାଡ଼ିରୁ ଖସୁଥିବା ପାଣିମିଶା ବାଲି ପାଇଁ ଦୁର୍ଘଟଣା ମଧ୍ୟ ଘଟୁଛି। ସେହିପରି ବାଲି ବୋଝେଇ ଗାଡ଼ିରେ ପାଲ ଢଙ୍କାଯାଉ ନ ଥିବାରୁ ବାଲି ଉଡ଼ି ପଥଚାରୀଙ୍କ ଆଖିରେ ପଡୁଛି। ଅଧିକାଂଶ ସମୟରେ ବାଲି ଗାଡ଼ି ପାଇଁ ରାସ୍ତାରେ ଗହଳି

**ରାସ୍ତାରେ ପଡ଼ିଛି ବହଳେ ବାଲି**

ହୋଇ ଦୁର୍ଘଟଣା ଘଟୁଛି। ଗତ ୮ ଦିନ ଆଗରୁ ଖଣି ବିଭାଗ ବିଭିନ୍ନ ବାଲି ଘାଟକୁ ଜେସିବି ସାହାଯ୍ୟରେ ବନ୍ଦ କରିଥିଲେ। କିନ୍ତୁ ବାଲି ମାଫିଆମାନେ ଗୋଟିଏ ଦିନ ପରେ ଉକ୍ତ ଘାଟକୁ ଖୋଲି ପୁଣି ବାଲି ଉଠାଇଥିଲେ। ବାଲି ମାଫିଆମାନେ ଏକପ୍ରକାର ପ୍ରଶାସନକୁ ବେଖାତିର୍ କରୁଥିବା ପରିଲକ୍ଷିତ ହେଉଛି। ପ୍ରତିବର୍ଷ ନଦୀ ଗର୍ଭରୁ ଏଭଳି ବେଆଇନ ଭାବେ ବାଲି ଉଠାଣ ଯୋଗୁଁ ଅଞ୍ଚଳବାସୀ ସମସ୍ୟା ଭୋଗୁଛନ୍ତି। ଏ ବାବଦରେ ଲୋକେ ତହସିଲ୍, ଏସ୍‌ଡିଓଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଏବଂ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଆସୁଥିଲେ ହେଁ ସମସ୍ୟାର କୌଣସି ସମାଧାନ ହୋଇ ନ ଥିବାରୁ ଅସନ୍ତୋଷ ବଢୁଛି। ବାଲିପାଟଣା, ବାସୁଦେବ ପୀଠ, ଅର୍ଜୁନପୁର, ହସନାବାଦ, ଅସ୍ତକ, ମମାଦୁଲା, ପଙ୍ଗଟାଘାଟ, ସଇଲୋ ଘାଟରେ ଅନବରତ ବାଲି ଖୋଳି ନଦୀବନ୍ଧ ଦୁର୍ବଳ କରିବା ଯୋଗୁଁ ଯାତାୟାତରେ ବାଧା ଉପୁଜୁଛି। ପୁଣି ନଦୀବନ୍ଧ ଦୁର୍ବଳ ହେବା ଯୋଗୁଁ ନଦୀର ଗତିପଥ ବଦଳାଇ ଗାଁ ଆଡ଼କୁ ମୁହାଁଇଛି। ଏହାକୁ ନେଇ ଗ୍ରାମବାସୀ ଆତଙ୍କିତ। ଦିନରେ ଶହଶହ ଗାଡ଼ିରେ ସେହି ବାଲି ବାହାରକୁ ଚାଲାଣ ହେଉଛି। ମାତ୍ର ଏସବୁ ଦେଖି ବି ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ବାଲି ମାଫିଆଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି। ଏ ବାବଦରେ ଖଣି ବିଭାଗ ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ରାଷ୍ଟ୍ରୀୟ ଏକତା ଦିବସ ଓ ରାମନବମୀ ଉପଲକ୍ଷେ ଗଣଦୌଡ଼




ଭଦ୍ରକ,୨୨।୩(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ଘଣ୍ଟେଶ୍ୱରଠାରେ ରାଷ୍ଟ୍ରୀୟ ଏକତା ଦିବସ ଓ ରାମନବମୀ ଉପଲକ୍ଷେ ଭଦ୍ରକ ଜିଲ୍ଲାର ସମସ୍ତ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ରାମ ନାମରେ ପ୍ରକମ୍ପିତ ହେଉଛି ପୂରପଲ୍ଲୀ। ଭଦ୍ରକ ସହର ତଥା ଜିଲ୍ଲାର ପ୍ରତ୍ୟେକ ଛକ ଗଳିରେ ରାମ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଶନିବାର ସକାଳ ୮.୩୦ରୁ ଘଣ୍ଟେଶ୍ୱରର ଡାକୁଆ ଦେବତା ମହିମାମଣିଙ୍କ ମନ୍ଦିର ପ୍ରାଙ୍ଗଣରୁ ହିନ୍ଦୁତ୍ୱ ଜାଗରଣ ଗଣଦୌଡ଼ ଆରମ୍ଭ ହୋଇ ସମଗ୍ର ଘଣ୍ଟେଶ୍ୱର ପରିକ୍ରମା ସାରି ଘଣ୍ଟେଶ୍ୱର ବସ୍‌ଷ୍ଟାଣ୍ଡଠାରେ ୧୦ଟା ୩୦ରେ ସମାପ୍ତ ହୋଇଥିଲା। ଏହି ଗଣଦୌଡ଼ରେ ବରିଷ୍ଠ ନେତା ତଥା ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଋତୁରାଜ ଦାସ, ଅମୂଲ୍ୟ ମାଝୀ, ତ୍ରିବିକ୍ରମ ଦାସ, ମିତ୍ରଭାନୁ ଦାସ, ବିବେକାନନ୍ଦ ଦୀକ୍ଷିତ, ସିଦ୍ଧାନ୍ତ ବାରିକ, ସୁଜିତ୍ ପଣ୍ଡା, ଓମ୍‌ପ୍ରକାଶ ନାୟକ, ପୂର୍ବତନ ଘଣ୍ଟେଶ୍ୱର ଅଧ୍ୟକ୍ଷ ଗୋପାଳ ମହାପାତ୍ର, ଆଠ ପଞ୍ଚାୟତର ସୁଦକ୍ଷ ଯୁବ ଗୋଷ୍ଠୀ ଏହି ଗଣଦୌଡ଼ରେ ସାମିଲ୍ ହୋଇ ଗଣଦୌଡ଼କୁ ସଫଳ କରିବା ସହିତ ଭଦ୍ରକ ଅଭିମୁଖେ ନଗର କୀର୍ତ୍ତନ, ୧୦୮ କଳସ ଶୋଭାଯାତ୍ରା ସୁଚାରୁ ରୂପେ ସମାପନ କରିଥିଲେ।

## ଗୁହାଳ ଘରେ ଅଗ୍ନିକାଣ୍ଡ ଘଟି ଗାଈ ଜୀବନ୍ତ ଦଗ୍ଧ

ବନ୍ତ/ଆଗରପଡ଼ା,୨୨।୩(ସମିସ): ଶନିବାର ବିଳମ୍ବିତ ରାତିରେ ଗୁହାଳ ଘରେ ଅଗ୍ନିକାଣ୍ଡ ଘଟି ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ଅନ୍ୟ ଗୋଟେ ଗାଈ ପୋଡ଼ିଯାଇ ଗୁରୁତର ଭାବେ ଆହତ ହୋଇଥିବାର ଜଣାପଡ଼ିଛି। ସୂଚନାନୁଯାୟୀ, ଆଗରପଡ଼ା ଥାନା ଅନ୍ତର୍ଗତ ଓଡ଼ଙ୍ଗ ପଞ୍ଚାୟତସ୍ଥିତ ଏରଖାଟିଆ ଗ୍ରାମର ରଘୁନାଥ ମହାନ୍ତି ଓ ନିରାକାର ମହାନ୍ତିଙ୍କ ଗୁହାଳ ଘରେ ଅଗ୍ନିକାଣ୍ଡ ଘଟିଥିଲା। ବିଳମ୍ବିତ ରାତିରେ ଏହା ଘଟିଥିବାରୁ ଲୋକେ ପ୍ରଥମେ କିଛି ଜାଣିପାରି ନ ଥିଲେ। ବିଦ୍ୟୁତ୍ ସର୍ଟସର୍କିଟରୁ ଗୁହାଳ ଘରେ ନିଆଁ ଲାଗିଥିଲା ବୋଲି ଅନୁମାନ କରାଯାଉଛି। ଆଗରପଡ଼ା ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲା। ଗୁରୁତର ଗାଈକୁ ପ୍ରାଣୀ ନିରୀକ୍ଷକ ପ୍ରିୟବ୍ରତ ରାଉତ ଅବିଳମ୍ବେ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା କରିଥିଲେ। ତାଙ୍କର ଏତାଦୃଶ କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଛନ୍ତି।

## ଆଦର୍ଶ ଶିକ୍ଷକ ଶମ୍ଭୁନାଥ ଓ ଶାନ୍ତିଲତାଙ୍କ ପ୍ରତିମୂର୍ତ୍ତି ଅନାବରଣ



ଦୋବଲ,୨୨।୩(ସମିସ): ଧାମନଗର ବ୍ଲକ୍ ଖଡ଼ିପଦା ପଞ୍ଚାୟତ ଅନ୍ତର୍ଗତ କୋରକଦା ଗ୍ରାମରେ ଆଦର୍ଶ ଶିକ୍ଷକ ସ୍ୱର୍ଗତ ଶମ୍ଭୁନାଥ ସାମଲ ଓ ତାଙ୍କ ଧର୍ମପତ୍ନୀ ସ୍ୱର୍ଗତା ଶାନ୍ତିଲତା ନାୟକଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଅନାବରଣ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅନାବରଣ ସମାରୋହରେ ହେମେନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିବାବେଳେ ସଭାକୁ ହେମେନ୍ଦ୍ରନାଥ ମହାନ୍ତି ସଞ୍ଚାଳନ କରିଥିଲେ। ପୁଅ ଦେବାଶିଷ ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସେ ତାଙ୍କ ପିତା ସ୍ୱର୍ଗତ ଶମ୍ଭୁନାଥ ସାମଲଙ୍କୁ ଏକ ନିଷ୍ଠାବାନ ଶିକ୍ଷକ ଓ ସମାଜପ୍ରେମୀ ବ୍ୟକ୍ତିତ୍ୱ ଭାବେ ସ୍ମରଣ କରିଥିବାବେଳେ ମାତା ସ୍ୱର୍ଗତା ଶାନ୍ତିଲତା ନାୟକ ତାଙ୍କ ସେବାଭାବ ଓ ସରଳ ଚରିତ୍ର ପାଇଁ ସେ ମଧ୍ୟ ସମସ୍ତଙ୍କ ମନରେ ସ୍ମରଣୀୟ ହୋଇ ରହିଛନ୍ତି ବୋଲି କହିଥିଲେ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ ପ୍ରତିମୂର୍ତ୍ତି ଅନାବରଣ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଡ. ରାମଚନ୍ଦ୍ର ପଣ୍ଡା ଯୋଗଦେଇ କହିଥିଲେ ଯେ ଏପରି ମହାନ ବ୍ୟକ୍ତିତ୍ୱଙ୍କ ସ୍ମୃତି ସଂରକ୍ଷଣ ନୂତନ ପିଢ଼ିକୁ ପ୍ରେରଣା ଦେଇଥାଏ। ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ତାଙ୍କ ଅଭିଭାଷଣରେ ସାମଲ ଦମ୍ପତିଙ୍କ ଆଦର୍ଶମୟ ଜୀବନ ଉପରେ ଆଲୋକପାତ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଡ. ରାଜକିଶୋର ପାଢ଼ୀ, ସମ୍ମାନିତ ଅତିଥି ଭାବେ ପ୍ରଫେସର ମନୋରଞ୍ଜନ ମହାନ୍ତି, କିଶୋର ସାମଲ, କୃତିବାସ ତ୍ରିପାଠୀ, ହୃଦାନନ୍ଦ କର, ରବୀନ୍ଦ୍ର ବେହୁରିଆ, ହୃଦାନନ୍ଦ ମହାନ୍ତି, ଅବନୀ ପ୍ରଧାନ, ରବିନାରାୟଣ ନନ୍ଦ, ନିତ୍ୟାନନ୍ଦ ବିଶ୍ୱାଳ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ମଲ୍ଲିକ, ଅଭିଷେକ ରାଉତ, ପ୍ରତାପ ସାମଲ, ଅରବିନ୍ଦ ପତି ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଶେଷରେ ବିଶ୍ୱକେତନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷୟିତ୍ରୀଙ୍କ ସ୍ମୃତିସଭା ଓ ସ୍ମୃତିଗ୍ରନ୍ଥ ଉନ୍ମୋଚିତ

ଦୋବଲ,୨୨।୩(ସମିସ): ଦୋବଲ ନିକଟସ୍ଥ ସୋହଡ଼ା ପଞ୍ଚାୟତ ଅଧୀନ ପିତେଇପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ବାସନ୍ତୀଲତା ପରିଡ଼ା(୫୯)ଙ୍କ ସ୍ମୃତିରେ ତାଙ୍କ ବାସଭବନରେ ନିରାକାର ଧଳଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଏବିଇଓ ନିରାକାର ଜେନା, ହେମେନ୍ଦ୍ର ମହାନ୍ତି, ରେଣୁବାଳା ନାୟକ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ହୃଦାନନ୍ଦ କର, ସମାଜସେବୀ ପ୍ରତାପ ସାମଲ, ସାମ୍ବାଦିକ ପ୍ରଦୀପ ମହାପାତ୍ର, ନିରାକାର ତରାଇ ପ୍ରମୁଖ ସ୍ୱର୍ଗତ ପରିଡ଼ାଙ୍କ ଶିକ୍ଷା ସେବା, ତ୍ୟାଗ ଓ ଛାତ୍ରପ୍ରେମ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଅତିଥିମାନଙ୍କ ଦ୍ୱାରା 'ତ୍ୟାଗର ପୂଜାରିଣୀ' ନାମକ ସ୍ମୃତିଗ୍ରନ୍ଥର ଉନ୍ମୋଚନ କରାଯାଇଥିଲା। ବକ୍ତାମାନେ କହିଥିଲେ ଯେ ବାସନ୍ତୀଲତା ପରିଡ଼ା ଜଣେ ଆଦର୍ଶ, କର୍ତ୍ତବ୍ୟନିଷ୍ଠ ଓ ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ଭାବେ ସବୁବେଳେ ସ୍ମରଣୀୟ ରହିବେ। ଅବସର ଗ୍ରହଣ ପୂର୍ବରୁ ସେ ଏକ ରୋଗରେ ପୀଡ଼ିତ ହୋଇ ପରଲୋକ ଗମନ କରିଥିଲେ। ତାଙ୍କ ଅକାଳ ବିୟୋଗରେ ଶିକ୍ଷା ମହଲ ସହ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ମହାବୀର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଟାଇଗର ୧୧ ଚାମ୍ପିଅନ



ଭଣ୍ଡାରିପୋଖରୀ,୨୨।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମଣିନାଥପୁର(ନୂଆସାହି) ମହାବୀର କପ୍ ରାତ୍ରକାଳୀନ ସୀମିତ ଓଭର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ପ୍ରତ୍ୟୁଷରେ ଉଦ୍‌ଯାପିତ ହୋଇଯାଇଛି। କୋଣାର୍କ ୱାରିଅରକୁ ହରାଇ ଟାଇଗର ୧୧ ଚାମ୍ପିଅନ ହୋଇଛି। ଶିକ୍ଷକ ଶରତ ଚନ୍ଦ୍ର ଥାଟୋଇଙ୍କ ସଂଯୋଜନାରେ ଶନିବାର ରାତ୍ରରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଅଧ୍ୟାପକ ଅନାଦି ଚରଣ ସାହୁ ମୁଖ୍ୟ ଅତିଥି ଭବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିଲେ। ଏଥିରେ ଷୋଳମପୁର ଶିଶୁ ମନ୍ଦିର ସମ୍ପାଦକ ବିଶ୍ୱମ୍ଭର ରାଉତ ମୁଖ୍ୟବକ୍ତା, ଶିକ୍ଷକ ସୂର୍ଯ୍ୟକାନ୍ତ ବରାଳ, ଅବସରପ୍ରାପ୍ତ ଶିକ୍ଷକ ଯଦୁମଣି ସାମଲ, ଟୁର୍ଣ୍ଣାମେଣ୍ଟ ପୃଷ୍ଠପୋଷକ ପ୍ରତାପ ବେଉରିଆ, ନରେନ୍ଦ୍ର କୁମାର ବେଉରିଆ, ବିବେକାନନ୍ଦ ମଲ୍ଲିକ, ଅଜୟ ମହାଳିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରାମରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ଆହ୍ୱାନ ଦେଇଥିଲେ। ୫ ଓଭର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଲିଗ୍ ପର୍ଯ୍ୟାୟରେ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଟାଇଗର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୪ ୱିକେଟ ହରାଇ ୩୨ ରନ୍ ସଂଗ୍ରହ କରିଥିଲା। ଜବାବରେ କୋଣାର୍କ ୱାରିଅର ୫ ଓଭରେ ୭ ୱିକେଟ ହରାଇ ୨୭ ରନ୍ କରି ପରାସ୍ତ ହୋଇଥିଲା। ସାହାଣୀ କୁମାର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଚିତ୍ତନ ସାହୁ ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ। ବିଶ୍ୱମ୍ଭର ସାହୁ ଓ ସନ୍ତୋଷ ସେଠୀ ଅମ୍ପାୟାର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ବିକାଶ କୁମାର ବେଉରିଆ ଓ ଜାନକୀ ବଲ୍ଲଭ ଥାଟୋଇ ସ୍କୋରର ଏବଂ ସତ୍ୟଜିତ୍ ବେଉରିଆ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କଲେ ମନ୍ତ୍ରୀ



ଅସୁରାଳି,୨୨।୩(ସମିସ): ରବିବାର ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ଅଞ୍ଚଳ ଗସ୍ତ କରି ସ୍ୱାସ୍ଥ୍ୟ, ଗମନାଗମନ ଏବଂ ପାନୀୟ ଜଳ କ୍ଷେତ୍ରରେ ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ସାଂସଦଙ୍କ ପ୍ରତିନିଧି ମନୋଜ ମଲ୍ଲିକ, ଜିଲ୍ଲା ଉପସଭାପତି ଚତୁର୍ଭୁଜ ନାୟକ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ବାଦଲ ବିଶ୍ୱାଳ, ପ୍ରଦୀପ ମାଝୀ, ସତ୍ୟବ୍ରତ ବାରିକ, ଅମୂଲ୍ୟ ସାହୁ, ବିଦ୍ୟାଧର ରାଉତ, ହରିହର ସାହୁ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଥମେ ଗୋବିନ୍ଦପୁର ଓ ଧାମନଗରରେ ସେତୁ ଗୋବିନ୍ଦପୁର ପଞ୍ଚାୟତରେ ଏଲ୍-୭୧ରୁ ଇଛାପୁର ରାସ୍ତାର କପାଳି ନଦୀ ଉପରେ ନିର୍ମିତ ନୂତନ ସେତୁକୁ ମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ଏହି ସେତୁ ଦ୍ୱାରା ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଯୋଗାଯୋଗ ସମସ୍ୟାର ସମାଧାନ ହୋଇଛି। ସେହିପରି ଗଡ଼ିଆଳି ପଞ୍ଚାୟତର ରେବ ନଦୀ ଉପରେ ପ୍ରତୀକ୍ଷିତ କାକୁଡ଼ିଗଡ଼ିଆ ସେତୁର ଶିଳାନ୍ୟାସ କରାଯାଇଛି। ଏହି ସେତୁ ନିର୍ମିତ ହେଲେ ସ୍ଥାନୀୟ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ବାଣିଜ୍ୟ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।

ପୁନଶ୍ଚ ବିଶ୍ୱ ଜଳ ଦିବସ ଅବସରରେ ଖପରପଦା ପଞ୍ଚାୟତରେ 'ଜଳ ଜୀବନ ମିଶନ' ଅଧୀନରେ ନିର୍ମିତ ୧ ଲକ୍ଷ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ନୂତନ ପାଣିଟାଙ୍କିର ଶୁଭ ଉଦ୍‌ଘାଟନ ହୋଇଯାଇଛି। ''ଜଳ ହିଁ ଜୀବନ' ମନ୍ତ୍ରକୁ ସାର୍ଥକ କରି ପ୍ରତି ପରିବାରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହ ସ୍କୁଲ ପରିସରରେ ଆୟୋଜିତ 'ଜଳ ଅର୍ପଣ ଦିବସ'ରେ ସାମିଲ୍ ହୋଇ ଜଳ ସଂରକ୍ଷଣ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସ୍ୱାସ୍ଥ୍ୟ ସେବାରେ ସେହିପରି ନୂଆ ମାଇଲ୍ ଖୁଣ୍ଟ ସ୍ଥାପନ କରାଯାଇଛି। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ଅସୁରାଳିଠାରେ ୭୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଶୁଭ ଉଦ୍‌ଘାଟନ କରାଯାଇଛି। ଗ୍ରାମାଞ୍ଚଳର ଲୋକମାନେ ଯେପରି ନିଜ ନିକଟରେ ଉନ୍ନତ ଚିକିତ୍ସା ସୁବିଧା ପାଇପାରିବେ, ସେଥିପାଇଁ ଏହି କେନ୍ଦ୍ରଟି ବିଶେଷ ସହାୟକ ହେବ। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ସୂରଜ ପ୍ରତିଟି ଗାଁକୁ ମୁଖ୍ୟ ସ୍ରୋତରେ ସାମିଲ୍ କରିବା ଓ ଜନସାଧାରଣଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଆମ ସରକାରଙ୍କ ପ୍ରାଥମିକତା ବୋଲି କହିଛନ୍ତି।

## ଇଂରାଜୀ ବ୍ୟାକରଣ ପୁସ୍ତକ ଲୋକାର୍ପଣ ଓ ବନ୍ଧୁ ମିଳନ

ଭଦ୍ରକ,୨୨।୩(ସମିସ): ଭାଷା ସଂଯୋଜନାର ଶୃଙ୍ଖଳା ହିଁ ବ୍ୟାକରଣ। ଏହା ଭାଷାକୁ ଅର୍ଥପୂର୍ଣ୍ଣ କରିବା ସହ ସାର୍ଥକତା ପ୍ରଦାନ କରିଥାଏ। ବ୍ୟାକରଣ ବିନା ଯେ କୌଣସି ଭାଷା ଅର୍ଥହୀନ। ଦୁଃଖ ସହ ଲୁହ, ଆନନ୍ଦ ସହ ହସର ସମ୍ପର୍କ ପରି ବ୍ୟାକରଣ ସହ ଶବ୍ଦ, ଭାବ, ଭାଷା ଓ ସାହିତ୍ୟର ସମ୍ପର୍କ ବୋଲି ଶିକ୍ଷାବିତ୍ ବିନୟ କୁମାର ପଣ୍ଡାଙ୍କ 'ଏ ହ୍ୟାଣ୍ଡବୁକ୍ ଅଫ୍ ଇଂଲିଶ ଗ୍ରାମାର' ପୁସ୍ତକ ଲୋକାର୍ପଣ ଉପଲକ୍ଷେ ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ବହୁ ବିଶିଷ୍ଟ ଅତିଥି ମତ ପୋଷଣ କରିଛନ୍ତି। ପ୍ରେମ ପୃଥିବୀ ପରିବାର ପକ୍ଷରୁ ଆରଡ଼ି ଛକସ୍ଥିତ ପ୍ରେମ ନଗରଠାରେ କଥାକାର ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପୁସ୍ତକ ଲୋକାର୍ପଣ ପର୍ବରେ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ବରେଣ୍ୟ ଅତିଥି ଭାବେ ଡ. ବ୍ରଜମୋହନ ମିଶ୍ର, ଡ. ଗୋଲକ ବିହାରୀ ସାହୁ, ପ୍ର. ବାସୁଦେବ ବାରିକ ଓ ଡ. ଗୁରୁପ୍ରସାଦ ମହାପାତ୍ର ଯୋଗ ଦେଇଥିବାବେଳେ ଅଧ୍ୟାପକ କିଶୋର ପାଣିଗ୍ରାହୀ ଉନ୍ମୋଚିତ ପୁସ୍ତକର ସମୀକ୍ଷା କରିଥିଲେ। ଶିକ୍ଷାବିତ୍ ବିନୟ ପଣ୍ଡା ଲେଖକୀୟ ଅଭିବ୍ୟକ୍ତି ଓ 'ପ୍ରେମ ପୃଥିବୀ' ପତ୍ରିକାର ସମ୍ପାଦକ କୈଳାସ ଚନ୍ଦ୍ର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଚୈତାଳୀ ଖିଲାର ସ୍ୱାଗତ ଭାଷଣ, ସଂଯୁକ୍ତା ବଳ ଅତିଥି ପରିଚୟ ଓ ଶରତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ନପୂର୍ଣ୍ଣା ପଣ୍ଡା, ଅମିତାଭ ପଣ୍ଡା, ଅବିନାଶ ପଣ୍ଡା, ଅନନ୍ତ ନାରାୟଣ ପଣ୍ଡା, ସାଇସୌମ୍ୟ ଘଡ଼େଇ, ପ୍ରିୟଙ୍କା ପଣ୍ଡା, ଅନୁରାଧା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦେଇପୁର କପିଳମୁନୀ ମହୋତ୍ସବ ଉଦ୍‌ଘାଟିତ



ବାସୁଦେବପୁର,୨୨।୩(ସମିସ): ବାସୁଦେବପୁର ବ୍ଲକ୍‌ର ବିଦେଇପୁରଠାରେ କପିଳମୁନୀ ମହୋତ୍ସବ-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ସଭାର ଏକପାଦ ନୃତ୍ୟ ଗୁରୁ ନିତ୍ୟାନନ୍ଦ ଦାସ, ସାମାଜିକ କର୍ମୀ ବୈଲୋଚନ ଜେନା, ଶ୍ୱେତପଦ୍ମା ଦାସ ଓ ବରିଷ୍ଠ ସାମ୍ବାଦିକ ରମାକାନ୍ତ ଡାଙ୍ଗୁଆ ଯୋଗଦେଇ କଳାକୁ ଗାଁ ଗାଁରେ ପହଞ୍ଚାଇବା କପିଳମୁନୀ ମହୋତ୍ସବର ଲକ୍ଷ୍ୟ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ବିଶ୍ୱଜିତ ବଲିୟାରସିଂ ସଂଯୋଜନା କରିଥିଲେ। ପୁରୀ ମଙ୍ଗଳପୁର ବୀଣା କେଶରୀ ନୃତ୍ୟ ମଞ୍ଜରୀ କଳାକାର ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରିଥିଲେ। ଭଦ୍ରକର ମନ୍ଦିରା ଏ ସ୍କୁଲ ଅଫ୍ ଓଡ଼ିଶୀ ଡ୍ୟାନ୍ସ ଏକାଡେମୀର କଳାକାର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଯାଜପୁରର ସତ୍ୟ ଆର୍ଟ ଏଣ୍ଡ କଲ୍‌ଚର ଦିବ୍ୟାଙ୍ଗ କଳାକାର ନୃତ୍ୟ ଉପସ୍ଥିତ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅଦିନିଆ ବର୍ଷା କାର୍ଯ୍ୟକ୍ରମ ପରିବେଷଣରେ ପ୍ରତିବନ୍ଧକ ସାଜିଥିଲା। ବର୍ଷା ଲାଗିରହିବାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଥିଲା।

## ରବି ଧାନରେ ବୋଡ଼ା ପୋକ ଉପଦ୍ରବ

ବାରିକପୁର,୨୨।୩(ସମିସ): ଘୋର୍ ଅସୁବିଧା ମଧ୍ୟରେ ଚଳିତ ବର୍ଷ ଖରିଫ ଧାନ କ୍ରୟ ଏଯାଏଁ ସମ୍ପୂର୍ଣ୍ଣ ହୋଇନାହିଁ। ଏହାରି ଭିତରେ ରବି ଧାନ ବିକ୍ରି ସକାଶେ ଚାଷୀ ପଞ୍ଜୀକରଣ ପାଇଁ ସରକାର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ପରିତାପର ବିଷୟ ଯେଉଁ ଚାଷୀ ଭାଇମାନେ ରବି ଧାନ ଚାଷ କରିଥିଲେ ସେମାନେ ଶସ୍ୟ ଅମଳ କରିପାରିବେ କି ନାହିଁ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।



ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍‌ର ରାଜେନ୍ଦ୍ରପୁର, ପାଟୁଳି, ରାମଚନ୍ଦ୍ରପୁର, ରହଣିଆ ପ୍ରମୁଖ ପଞ୍ଚାୟତ ଅଞ୍ଚଳରେ ରବି ଧାନ ଚାଷ ହୋଇଛି। ଚାଷୀମାନେ ଜାନୁଆରୀ ମାସରେ ଜମି ବେଉଷଣ କରି ଧାନ ରୁଆ ପୋତା କାର୍ଯ୍ୟ କରିଥିଲେ। ଏପ୍ରିଲ୍ ଓ ମେ' ମାସରେ ଶସ୍ୟ ଅମଳ ପାଇଁ ଆଶା ରହିଥିବାବେଳେ ଏବେ ଚାଷ ଉଜୁଡ଼ି ଯିବ ବୋଲି ଜଣାପଡ଼ିଛି। ଧାନ ରୁଆ ପରେ କାଣ୍ଡ ବିନ୍ଧା ଓ ବୋଡ଼ା ପୋକ ଉପଦ୍ରବ ବୃଦ୍ଧି ପାଉଛି। ଯେତେ ଯାହା କିଟନାଶକ ଔଷଧ ପ୍ରୟୋଗ କଲେ ମଧ୍ୟ ପୋକ ଉପଦ୍ରବ ବଢ଼ିବାରେ ଲାଗିଛି। ଏପଟେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କ ପାଇଁ କିଛି ସାହାଯ୍ୟ ସହଯୋଗ ମିଳୁନାହିଁ। ଏପରିକି ରବି ଚାଷ ପାଇଁ ବିଭାଗ ପକ୍ଷରୁ କିଛି ପରାମର୍ଶ ମଧ୍ୟ ମିଳୁ ନ ଥିବା ଚାଷୀ ଚିରଞ୍ଜିବୀ ନାୟକ କହିଛନ୍ତି। ସରକାରୀ ଭାବେ କେବଳ ଖରିଫ ଧାନ ଚାଷକୁ କିଛି ପ୍ରୋତ୍ସାହନ ମିଳୁଥିବାବେଳେ ରବି ଚାଷୀମାନେ ନିରାଶ ହେଉଛନ୍ତି। ଏହା ଉପରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ବିଭିନ୍ନ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

# ଭଦ୍ରକ ସାହିତ୍ୟ ପରିଷଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ଭଦ୍ରକ,୨୨।୩(ସମିସ)



ରାଜ୍ୟ ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରଯୋଜନାରେ ଭଦ୍ରକର ପ୍ରାଚୀନ ସାହିତ୍ୟ ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହ ସ୍ଥାନୀୟ ସହିଦ୍ ସ୍ମୃତି ଭବନରେ ସଭାପତି ରାଧାରାଣୀ ମହାପାତ୍ରଙ୍କ ପୌରୋହିତ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିବସର ପ୍ରଥମ ଅଧିବେଶନକୁ ଝରଣା ପଟ୍ଟନାୟକ ଶୁଭାରମ୍ଭ କରିଥିବାବେଳେ ରୁଦ୍ରମାଧବ ବାରିକ ଏବଂ ସାଥି କାନ୍ତସଙ୍ଗୀତ ପରିବେଷଣ କରିଥିଲେ। ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ ଉଷାରାଣୀ ଜେନା, ସ୍ୱାଗତ ସମ୍ଭାଷଣ ଜଣାଇଥିଲେ ଡ. ବ୍ରଜ ମୋହନ ମିଶ୍ର ଏବଂ ପରିଚୟ ପ୍ରଦାନ କରିଥିଲେ ଡ. ସୁକାନ୍ତି ମହାପାତ୍ର।

ବିଶିଷ୍ଟ ସମାଲୋଚକ ବୈଷ୍ଣବ ସାମଲ ଓଡ଼ିଆ ସାହିତ୍ୟର ଦିଗ ଦିଗନ୍ତ ବିଷୟରେ ଆଲୋଚନା କରିଥିବାବେଳେ ଶଶଧର ଦାସ ଉପନ୍ୟାସ ଜଗତକୁ ଭଦ୍ରକର ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ରାଜୀବ ଷଡ଼ଙ୍ଗୀ ସାହିତ୍ୟରେ ସଂଗଠନର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶିଷ୍ଟ କବି ଡ. ଅର୍ଚ୍ଚନା ନାୟକଙ୍କୁ ଭଦ୍ରକ ସାହିତ୍ୟ ପରିଷଦ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଡ. ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କୁ ରାଖାଲ ଦାସ ସ୍ମୃତି ସମ୍ମାନ, ଡ. ମନୀନ୍ଦ୍ର ମହାନ୍ତିଙ୍କୁ ମୁକୁନ୍ଦପ୍ରସାଦ ମହାନ୍ତି ସ୍ମୃତି ସମ୍ମାନ, ବାସୁଦେବ ବାରିକଙ୍କୁ ନାରାୟଣ ପ୍ରସାଦ ସ୍ମୃତି ସମ୍ମାନ, ପ୍ରାକ୍ତନ ସମ୍ପାଦକ ଜନ୍ମେଜୟ ଦ୍ୱିବେଦୀଙ୍କୁ ଭଦ୍ରକ ସାହିତ୍ୟ ପରିଷଦ ସମ୍ପାଦକ ସମ୍ମାନ, ନାଟ୍ୟଶ୍ରୀ ନିର୍ମଳ ରାଉତ ଓ ବସନ୍ତ ମିଶ୍ରଙ୍କୁ ସାହିତ୍ୟ ପରିଷଦକୁ ଅମୂଲ୍ୟ ଅବଦାନ ନିମିତ ସମ୍ମାନିତ କରାଯାଇ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା।

ଏହି ଅଧିବେଶନକୁ ବରିଷ୍ଠ ଗାଳ୍ପିକ ରଜନୀକାନ୍ତ ମହାନ୍ତି, ବିଜୟ ବହଳୀ ସଞ୍ଚାଳନ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ କବିତାପାଠ ଉତ୍ସବରେ ପୌରୋହିତ୍ୟ କରିଥିଲେ ପ୍ରଭାତ ନଳିନୀ ମହାପାତ୍ର, କବି ହୃଦାନନ୍ଦ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ କବିତା ପାଠ ଶୁଭାରମ୍ଭ କରିଥିବାବେଳେ ଦୈନିକ ଧ୍ୱନି ପ୍ରତିଧ୍ୱନୀର ସମ୍ପାଦିକା ସୌରିନ୍ଦ୍ରୀ ବାରିକ ମୁଖ୍ୟବକ୍ତା ଭାବେ ଏବଂ ଉମାକାନ୍ତ ରାଉତ, ନିହାର ରଞ୍ଜନ କର ଅତିଥି ଭାବେ ଯୋଗଦେଇ ଓଡ଼ିଆ କବିତାର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। କବିତାଗୁଡ଼ିକୁ ସଂଯୁକ୍ତା ବଳ ନାୟକ, ଉଷାରାଣୀ ଜେନା, ଡ. ମମତା ସାହୁ, ମନୋରମା ରାୟ, ନିଳୀମା ପଣ୍ଡା ସଂଯୋଜନା କରିଥିଲେ। ଭଦ୍ରକ ଜିଲ୍ଲାର ପ୍ରତି ବ୍ଲକ୍‌ରୁ ଶତାଧିକ କବି ଏଥିରେ କବିତା ପାଠ କରି ସମ୍ବର୍ଦ୍ଧିତ ହୋଇଥିଲେ। ଏହାକୁ ରତିକାନ୍ତ ବେହେରା, ଗୌତମ ମହାରଣା, ବିଜୟଶ୍ରୀ ଗୋକୁଳ ରାଉତ, ଶରତ ନାୟକ, ଗୌରାଙ୍ଗ ବାରିକ, ରମେଶ ଦାସ, ବିପ୍ଳବ ହୋତା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କବି ଲକ୍ଷ୍ମୀକାନ୍ତ ବାରିକ ଧନ୍ୟବାଦ ଦେଇଥିଲେ।

# ଅପପୁଷ୍ଟି ମୁକ୍ତ ହେବ ମାଲକାନଗିରି



## ପୋଷଣ-୧୫ ଶୁଭାରମ୍ଭ

ମାଲକାନଗିରି,୨୨।୩(ସମିସ): ମାଲକାନଗିରି ଜିଲ୍ଲାରୁ ଅପପୁଷ୍ଟିର ସମ୍ପୂର୍ଣ୍ଣ ନିରାକରଣ ଏବଂ ଶିଶୁମାନଙ୍କ ସୁସ୍ଥ ଭବିଷ୍ୟତ ଗଠନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ 'ପୋଷଣ-୧୫'ର ଶୁଭାରମ୍ଭ କରାଯାଇଛି। ଅଭିଯାନକୁ ସଫଳ କରିବା ପାଇଁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧକ୍ଷତାରେ ଏକ ଭିଡିଓ କନଫରେନ୍ସିଂ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ଶିଶୁମାନଙ୍କ ମଧ୍ୟରେ ଥିବା ଅପପୁଷ୍ଟି ଓ ବାମନତା ସମସ୍ୟା ଦୂର କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା। ଏଥିରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଛନ୍ତି। ଏହି ଅଭିଯାନ ଅଧୀନରେ ପ୍ରଶାସନ ପକ୍ଷରୁ ୧୫ଟି ପ୍ରଭାବଶାଳୀ ସ୍ଲୋଗାନ ପ୍ରସ୍ତୁତ କରାଯାଇଛି। ଏହି ସ୍ଲୋଗାନଗୁଡ଼ିକ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଏବଂ ଅଙ୍ଗନବାଡି କେନ୍ଦ୍ର ମାଧ୍ୟମରେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ନିକଟରେ ପହଞ୍ଚାଯିବ। ସୁସ୍ଥ ଶରୀର, ସୁସ୍ଥ ମନ, ସଠିକ ପୋଷଣ ଆମର ଧନ ଭଳି ବାର୍ତ୍ତା ଦେଇ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରତି ଆକୃଷ୍ଟ କରାଯିବାର ଯୋଜନା ରହିଛି। ଖୁବ୍‌ଶୀଘ୍ର ପ୍ରତ୍ୟେକ ବ୍ଲକରେ ବିଡିଓ ମାନଙ୍କ ନେତୃତ୍ୱରେ ବ୍ଲକ ଶିକ୍ଷା ଅଧିକାରୀ ଓ ଅଙ୍ଗନବାଡି କର୍ମୀମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ। ଏହି ଅଭିଯାନରେ ଅଙ୍ଗନବାଡି କର୍ମୀମାନେ ଘରକୁ ଘର ବୁଲି ମା ଏବଂ ଶିଶୁମାନଙ୍କୁ ସଠିକ ପୋଷଣର ମହତ୍ତ୍ୱ ବୁଝାଇବେ। ଜିଲ୍ଲାର ପିଲାମାନେ ଯେପରି ଶାରୀରିକ ଓ ମାନସିକ ଭାବେ ସୁଦୃଢ଼ ହେବେ, ସେଥିପାଇଁ ଜିଲ୍ଲା ପ୍ରଶାସନ ଏହି ବଡ଼ ପଦକ୍ଷେପ ଗ୍ରହଣ କରିଛି। ସୁସ୍ଥ ଶିଶୁ, ସୁସ୍ଥ ମାଆ, ବିକଶିତ ହେବ ଆମ ଓଡ଼ିଶା - ଏହି ନାରାକୁ ପାଥେୟ କରି ମାଲକାନଗିରିକୁ ଏକ ମଡେଲ ଜିଲ୍ଲାରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ଦୁଇ ଦୁର୍ଘଟଣାରେ ୨ ମୃତ, ୭ ଆହତ





ବିଷମ କଟକ,୨୨।୩(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକର ଆଜି ଦୁଇଟି ସ୍ଥାନରେ ପୃଥକ ପୃଥକ ଭାବେ ମୋଟରସାଇକଲ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ଯୁବକ ଆଉ ଜଣେ ଯୁବତୀର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ୭ଜଣ ଆହତ ହୋଇଛନ୍ତି। ଖବର ନେବାରୁ ଜଣାପଡିଛି ଯେ, ଆଜି ଅପରାହ୍ନରେ ରାୟଗଡ଼ା ଅଞ୍ଚଳର ଯୁବକ ଯୁବତୀ ଏକ ପଲସର ମଟର ସାଇକଲ ( ଓଡି ୧୮ ପି ୯୪୦୨)ରେ ବିଷମ କଟକ ବୁଲିବା ପାଇଁ ଆସି ଅପରାହ୍ନରେ ରାୟଗଡା ଫେରୁଥିଲେ। ବାଟରେ ଚାଟିକୋଣା ସ୍ଥିତ ୩୨୬ ରାଜ୍ୟ ରାଜ୍ୟପଥରେ ଅଜଣା ଗାଡ଼ି ଧକ୍କାରେ ଉଭୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇଥିବା ଗାଡିଟି ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ବେଳେ ସେ ରାସ୍ତା ଦେଇ ଯାଉଥିବା ଲୋକେ ଘଟଣା ସଂକ୍ରାନ୍ତରେ ପୁଲିସ୍‌କୁ ଖବର ଦେଇଥିଲେ। ଖବର ପାଇ ବିଷମ କଟକ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇ ଶବକୁ ଜବତ କରିବା ସହ ସେମାନଙ୍କ ପରିଚୟ ସଂଗ୍ରହ କରିଛି। ମୃତ ଯୁବକ ଜଣକ ରାୟଗଡା ଅଞ୍ଚଳର ଆକାଶ ନାୟକ (୨୫) ଏବଂ ରାୟଗଡା କଲ୍ୟାଣସିଂହପୁର ବ୍ଲକ ସେରିଗୁମ୍ମା ଗ୍ରାମପଞ୍ଚାୟତର କଣ ଗ୍ରାମର ପୁର୍ଣ୍ଣାଲୁ ମିଣିଆକା (୨୧) । ଦୁଇ ମୃତକ ଙ୍କ ମୃତ ଦେହ କୁ ଖ୍ରୀଷ୍ଟିଆନ ହସ୍ପିଟାଲର ଫ୍ରିଜରରେ ରଖାଯାଇଛି। ମୃତକଙ୍କ ପରିବାର ଲୋକେ ଆସିଲେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡିବ ବୋଲି ବିଷମ କଟକ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ସୂଚନା ଦେଇଛନ୍ତି। ସେହିପରି ଅନ୍ୟ ଏକ ଦୁର୍ଘଟଣା ବିଷମ କଟକ ସଦର ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ଘଟିଛି। ଗୋଟିଏ ମଟର ସାଇକଲରେ ସ୍ୱାମୀ-ସ୍ତ୍ରୀ ୨ଟି ଝିଅକୁ ନେଇ ବିଷମ କଟକରୁ ନିରଗୁଣ୍ଡି ଯାଉଥିବା ବେଳ ବିପରିତି ଦିଗରୁ ତିନି ଜଣ ଯୁବକ ଏକ ମଟର ସାଇକଲରେ ବିଷମ କଟକ ଅଭିମୁଖେ ଆସୁଥିବା ବେଳେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଜଣକର ଗୋଡ଼ ଭାଙ୍ଗିଯାଇଥିବା ବେଳେ ଅନ୍ୟ ଅନ୍ୟ ୬ଜଣ ଆହତ ହୋଇଛନ୍ତି। ଅଗ୍ନିଶମ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଆହତ ମାନଙ୍କୁ ଉଦ୍ଧାର କରି ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ତେବେ ୪ଜଣ ଆହତଙ୍କୁ ରାୟଗଡା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ତିନିଜଣ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଆହତମାନେ ହେଲେ ଝିଗିଡି ଗ୍ରାମପଞ୍ଚାୟତ ନିରଗୁଣ୍ଡି ଗ୍ରାମର ପ୍ରଧାନ କରକରିଆ ଓ ଗୁଲାପି କରକରିଆ ଏବଂ ଦୁଇ ଛୋଟ ଝିଅ। ସେହିପରି ଅନ୍ୟ ଆହତମାନେ ହେଲେ ରାଶିକୋଲା ଗ୍ରାମ ପଞ୍ଚାୟତ ଟଗାପଦର ଗ୍ରାମର ଚିଣ୍ଟୁ କିଲାକା, ସିମନ କିଲାକା ଓ ହାବାଲା କିଲାକା ବୋଲି ଜଣାପଡିଛି।

# ଚଳନ୍ତା ଟ୍ରେନ୍‌ରୁ ଖସି ପଡୁଥିବା ଯାତ୍ରୀଙ୍କ ଜୀବନ ବଞ୍ଚାଇଲେ ଆରପିଏଫ୍ କନେଷ୍ଟବଳ



ରାୟଗଡ଼ା, ୨୨।୩(ସମିସ): ଚଳନ୍ତା ଟ୍ରେନ୍‌ରେ ଯାତ୍ରା କରୁଥିବା ସମୟରେ ଆଜି ରାୟଗଡ଼ା ରେଳ ଷ୍ଟେସନ ପ୍ଲାଟଫର୍ମ ନମ୍ବର ୧ରେ ଜଣେ ଯାତ୍ରୀ ଅସାବଧାନତାବଶତଃ ଟ୍ରେନ୍‌ରୁ ଖସି ପଡୁଥିବା ବେଳେ ସେଠାରେ ଉପସ୍ଥିତ ଆରପିଏଫ୍‌ର କନେଷ୍ଟବଳ ତୁରନ୍ତ ତତ୍ପରତା ଦେଖାଇ ନିଜ ଜୀବନକୁ ବିପଦରେ ପକାଇ ଯାତ୍ରୀଙ୍କୁ ଧରି ସୁରକ୍ଷିତ ଭାବେ ଟ୍ରେନ୍ ବାହାରକୁ ଟାଣି ଆଣିଥିଲେ। ଫଳରେ ଏକ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ଯାତ୍ରୀ ଜଣକ । ଘଟଣା ସମୟରେ ଷ୍ଟେସନରେ ଥିବା ଅନ୍ୟ ଲୋକମାନେ ମଧ୍ୟ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ ଏବଂ କନେଷ୍ଟବଳଙ୍କୁ ସାହାସିକତାକୁ ପ୍ରଶଂସା କରିଥିଲେ। ସୂଚନା ପ୍ରକାରେ ରବିବାର ଅପରାହ୍ନ ପ୍ରାୟ ୫ଟା ସମୟରେ ଜଣେ ଯାତ୍ରୀ ରାୟଗଡ଼ା ଠାରୁ ବିଶାଖାପାଟଣା ଅଭିମୁଖେ ଯାଉଥିବା ନାଗାବଳୀ ଏକ୍ସପ୍ରେସ(୨୦୮ ୯୦) ଟ୍ରେନ୍‌ରେ ଚଢିବା ବେଳେ ଅସାବଧାନତା ଯୋଗୁଁ ହଠାତ୍ ଟ୍ରେନ୍‌ରୁ ଖସି ପଡୁଥିଲେ। ତେବେ ସେଠାରେ କାର୍ଯ୍ୟରତ କନେଷ୍ଟବଳ ଅଙ୍କୁର ଚୌଧୁରୀ ଏହା ଦେଖି ଯାତ୍ରୀଙ୍କୁ ଧରି ନେଇଥିଲେ। ଯାହାଫଳରେ ଟ୍ରାକ୍‌ରେ ପଡ଼ିବା ଭଳି ଅଘଟଣରୁ ବର୍ତି ଯାଇଥିଲେ ଯାତ୍ରୀ ଜଣକ। କନେଷ୍ଟବଳ ଚୌଧୁରୀ ପୂର୍ବରୁ ମଧ୍ୟ ଏହିଭଳି ଅନେକଥର ଯାତ୍ରୀଙ୍କ ଜୀବନ ବଞ୍ଚାଇବାର ନଜିର ରହିଛି। ତାଙ୍କର ଦାୟିତ୍ୱ ଓ କର୍ତବ୍ୟପରାୟଣ ପାଇଁ ସେ ସାଧାରଣରେ ପ୍ରଶଂସାର ପାତ୍ର ହୋଇଛନ୍ତି ଏବଂ ଚଳନ୍ତା ଟ୍ରେନରେ ଚଢ଼ିବା ବା ଓହ୍ଲାଇବା ସମୟରେ ସଦା ସାବଧାନ ରହିବା ଆବଶ୍ୟକ ବୋଲି ରେଳବାଇ ପୁଲିସ ସବୁବେଳେ ଯାତ୍ରୀ ମାନଙ୍କୁ ସଚେତନ କରୁଛନ୍ତି । ଆରପିଏଫ୍ କର୍ମଚାରୀମାନଙ୍କ ତତ୍ପରତା ଓ ସାହସ ନିଶ୍ଚୟ ଭାବେ ପ୍ରଶଂସାର ଯୋଗ୍ୟ ବୋଲି ବୁଦ୍ଧିଜୀବୀ ମାନେ ମତ ରଖିଛନ୍ତି।

# ଏଡିଇଓ ସଂଘ କର୍ମକର୍ତ୍ତା ଚୟନ

ରାୟଗଡ଼ା,୨୨।୩(ସମିସ): ରାୟଗଡ଼ା ଜିଲ୍ଲା ହିସାବ ରକ୍ଷକ ତଥା - ତଥ୍ୟ ନିକ୍ଷେପଣ ପରିଚାଳକ (ଏଡିଇଓ) ସଂଘର ନୂତନ କର୍ମକର୍ତା ଚୟନ ଅନୁଷ୍ଠିତ ହୋଇଛି। କୋଲନରା ବ୍ଲକ ସଦର ଠାରେ ଥିବା କଲ୍ୟାଣ ମଣ୍ଡପ ଠାରେ ରବିବାର ଅନୁଷ୍ଠିତ ବୈଠକରେ ଜିଲ୍ଲାର ସମସ୍ତ ଏଡିଇଓ ଯୋଗଦାନ କରିଥିଲେ। ସର୍ବସମ୍ମତି କ୍ରମେ ସଭାପତି ଭାବେ ଏନ. ମୁରଲୀ ମୋହନ, ସମ୍ପାଦକ ଭାବେ ମିଶାଲା ଦିବାକର, ଉପସଭାପତି ଭାବେ ଅଶୋକ ନାୟକ, କୋଷାଧକ୍ଷ କମଳାକାନ୍ତ ଖୁଣ୍ଟିଆ ଏବଂ ସରୋଜ ଚୌଧୁରୀ, କୋର କମିଟି ସଦସ୍ୟ ଭାବେ ଅଶୋକ ଚୌଧୁରୀ, ରାଧାନାଥ ଷଡ଼ଙ୍ଗୀ, ପ୍ରଶାନ୍ତ ନାୟକ, ଭାଗିରଥି ପ୍ରଧାନ, ଇପିଲା ଶ୍ରୀନୁ, ବଳରାମ ମିଶ୍ର, ବାଡ଼ିଙ୍ଗି ପ୍ରଧାନଙ୍କୁ ଚୟନ କରାଯାଇଛି। ନୂତନ କର୍ମକର୍ତ୍ତା ଚୟନ ପରେ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଆଗାମୀ ଦିନରେ ସଂଘ କିଭଳି ସୁଦୃଢ଼ ହେବ ତାହା ଆଲୋଚନା ହୋଇଥିଲା।

## ● ଦଶମନ୍ତପୁର ପ୍ରାଥମିକ ଶିକ୍ଷକ ସଂଘ

# ସହ ସଂପାଦକ ଭାବେ ମନୋନୀତ ହେଲେ ସଦାଶିବ



ପୋଡ଼ାଗଡ଼,୨୨।୩(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସହ ସମ୍ପାଦକ ଭାବରେ ସଦାଶିବ ପ୍ରଧାନୀ ମନୋନୀତ ହୋଇଛନ୍ତି। ସୂଚନା ଅନୁସାରେ ଏହି ପଦବୀରେ କୋରାପୁଟ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦାମ କନ୍ଦପାନ ଥିଲେ। କିନ୍ତୁ ଦାମ କନ୍ଦପାନ ଜିଲ୍ଲା ସଭାପତି ଭାବେ ନିର୍ବାଚିତ ହେଲା ପରେ ବ୍ଲକ ସହ ସଂପାଦକ ପଦବୀ ଦୀର୍ଘ ଦିନ ହେବ ଖାଲି ପଡ଼ିଥିଲା। ସେଥିପାଇଁ ଆଜି ଦଶମନ୍ତପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତିଙ୍କ ଦ୍ୱାରା ଏକ ନିର୍ବାଚନୀ ସଭା କରାଯାଇଥିଲା। କିନ୍ତୁ ଏହି ସଭାରେ ନିର୍ବାଚନ ନ କରି ସଂଘର ଶତ ପ୍ରତିଶତ ଶିକ୍ଷଙ୍କ ସଦାଶିବଙ୍କୁ ସମ୍ପାଦକ ଭାବରେ ସମର୍ଥନ କରି ଥିଲେ। ବର୍ତ୍ତମାନ ସଦାଶିବ ଦଶମନ୍ତପୁର ସଦର ଅଧିନସ୍ଥ ଗଉଡ କାନ୍ତି ବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି।

# କର୍ଲାଘାଟି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଗୁଡାରୀ,୨୨।୩(ସମିସ): ଗୁଡାରୀ ବ୍ଲକ୍ କର୍ଲାଘାଟି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ରବିବାର ଦିନ ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ପ୍ରଦିପ କୁମାର ଦଳେଇ ଉପସ୍ଥିତ ଥିବା ବେଳେ ଗୁଣପୁର ବ୍ଲକ୍ ଫୁଟାସିଂ ବାଳକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୋନଜ କୁମାର ପାଢି, ବୃନ୍ଦାବନ ଚନ୍ଦ୍ର ସାହୁ ଏଲଏସଡିଏ ସ୍ୱତନ୍ତ୍ର ଅଧିକାରୀ ପ୍ରଦୀପ କୁମାର ଦଳେଇ, ସିଆରସି ଅନିଲ କୁମାର ବେହେରା, ମୁଳିପୁଟ ପ୍ରଧାନ ଶିକ୍ଷକ ଭାଗିରଥି ଶବର, ପେଣ୍ଡିଲି ଶ୍ରେବାଶ୍ରମର ପ୍ରଧାନଶିକ୍ଷକ ପି.ରବିକୁମାର,ଏଲଏଲ ପୁର ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦିଲ୍ଲିପ ଚୈଧୁରି,ଏହା ବ୍ୟତିତ ବିଦ୍ୟାଳୟର ସଭାପତି ମୋଦନ ବଳିଆରସିଂ ତଥା କର୍ଲା ଘାଟିର ବରିଷ୍ଠ ବ୍ୟକ୍ତି ବିଶେଷଙ୍କୁ ମଞ୍ଚାର ଉପସ୍ଥିତ ଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ଛାତ୍ରଛାତ୍ରୀମାନଙ୍କୁ ପ୍ରଧାନଶିକ୍ଷକ ଶ୍ରୀ ସାହୁ, ଅନ୍ୟ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ବିଦ୍ୟାଳୟର ରଶ୍ମିରଞ୍ଜନ ଶବର। ଶେଷରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ନୃତ୍ୟ ବେଶ ଉଚ୍ଚକୋଟୀର ହୋଇଥିଲା।

# ଜାତୀୟ ମାନବିକ ଅଧିକାର କମିଶନ ସଦସ୍ୟଙ୍କ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ



## ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ସ୍ମାରକପତ୍ର ପ୍ରଦାନ

କୋରାପୁଟ/ସୁନାବେଡ଼ା,୨୨।୩(ସମିସ): ରାଷ୍ଟ୍ରୀୟ ମାନବାଧିକାର ଆୟୋଗର ବିଶେଷ ମନିଟର ପ୍ରଫେସର କହ୍ନେୟା ତ୍ରିପାଠୀ ରବିବାର ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ପ୍ରଫେସର ତ୍ରିପାଠୀ, କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା, କୁଳସଚିବ ଡ଼. ରାକେଶ କୁମାର ଲେଙ୍କା, ଅର୍ଥ ଅଧିକାରୀ ଦୁର୍ଯ୍ୟୋଧନ ସେଠୀ, ଆଣ୍ଟି-ରାଗିଂ କମିଟି ଅଧକ୍ଷ ଡ. ରଥୀକାନ୍ତ କୁମ୍ଭାର, ଡିଏସଡବ୍ଲ୍ୟୁ ଡ. ରମେନ୍ଦ୍ର କୁମାର ପାଢୀ, ମୁଖ୍ୟ ୱାର୍ଡେନ ଡ. ନିର୍ଝରିଣୀ ତ୍ରିପାଠୀ, ଆଇସିସି ପ୍ରେସାଇଡିଂ ଅଫିସର ଡ. ମିନତି ସାହୁ ଓ ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇଙ୍କ ସମେତ ପ୍ରଫେସର, ବିଭାଗ ମୁଖ୍ୟ ଏବଂ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ସଭାକୁ ସମ୍ବୋଧିତ କରି ପ୍ରଫେସର ତ୍ରିପାଠୀ ମାନବାଧିକାର ଓ ମାନବୀୟ ମର୍ଯ୍ୟାଦାର ଅବିଚ୍ଛେଦ୍ୟ ସମ୍ପର୍କ ଉପରେ ଗୁରୁତ୍ୱ ଦେଇଥିଲେ। ସେ ମାନବାଧିକାର କେନ୍ଦ୍ର ସ୍ଥାପନ, ଡିଗ୍ରୀ ଓ ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ, ବହୁ-ଶାଖାଭିତ୍ତିକ କୋର୍ସ, ମାନବାଧିକାର କ୍ଲବ ଗଠନ ସହିତ ଜର୍ନାଲ, ସେମିନାର, ସମ୍ମିଳନୀ ଓ କାର୍ଯ୍ୟଶାଳା ଆୟୋଜନ ପାଇଁ ପ୍ରସ୍ତାବ ରଖିଥିଲେ। ବିଭାଜନମୂଳକ ଧାରଣାକୁ ନିନ୍ଦା କରି ପ୍ରୋଫେସର ତ୍ରିପାଠୀ କହିଥିଲେ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଅଧିକାର ସୁରକ୍ଷା କରିବାର ଅଧିକାର ଅଛି, କିନ୍ତୁ ଅନ୍ୟମାନଙ୍କର ଅଧିକାରକୁ ସମ୍ମାନ ଓ ସୁରକ୍ଷା କରିବା ସମାନ ଭାବେ ଦରକାର। ଆଲୋଚନା ସମୟରେ ଶିକ୍ଷକମାନେ ଶିକ୍ଷା ପରିବେଶରେ ମାନବାଧିକାର ସମ୍ପର୍କିତ କିଛି ସମସ୍ୟା ଉଠାଇଥିଲେ। କାର୍ଯ୍ୟକ୍ରମର ଶେଷରେ କୁଳପତି ପ୍ରଫେସର ପଣ୍ଡା ଘୋଷଣା କରିଥିଲେ ଯେ ବିଶ୍ୱବିଦ୍ୟାଳୟ ମାନବାଧିକାର ଶିକ୍ଷାକୁ ପ୍ରୋତ୍ସାହନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବ। ସେହିପରି ସମ୍ମିଳନୀ, ସେମିନାର ଓ ଏକ ନିର୍ଦ୍ଦିଷ୍ଟ ଜର୍ନାଲ ମଧ୍ୟ ଆରମ୍ଭ କରାଯିବ। ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ଼. ଫଗୁନାଥ ଭୋଇ ଜଣାଇଛନ୍ତି ଯେ ପରିଦର୍ଶନ ସମୟରେ ପ୍ରଫେସର ତ୍ରିପାଠୀ ଛାତ୍ରାବାସରେ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରି ତାଙ୍କ ସମସ୍ୟା ଶୁଣିଥିଲେ। ସେ ବିଶ୍ୱବିଦ୍ୟାଳୟ ପ୍ରଶାସନକୁ ଛାତ୍ରଛାତ୍ରୀଙ୍କ ସମସ୍ୟାର ଶୀଘ୍ର ସମାଧାନ କରିବାକୁ ଅନୁରୋଧ କରିଥିଲେ। ଯାହା ଫଳରେ କ୍ୟାମ୍ପସରେ ଏକ ସୁରକ୍ଷିତ ଓ ସମାନ୍ତାମୂଳକ ପରିବେଶ ନିଶ୍ଚିତ ହେବ। କାର୍ଯ୍ୟକ୍ରମର ଆରମ୍ଭରେ ଡ଼. ରମେନ୍ଦ୍ର କୁମାର ପାଢୀ ସ୍ୱାଗତ ଭାଷଣ ଦେଇଥିଲେ ଓ ଶେଷରେ ଡ଼. ନିର୍ଝରିଣୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିଦର୍ଶନର ସମନ୍ୱୟ ଦର୍ଯ୍ୟୋଧନ ସେଠୀ କରିଥିଲେ। ସେହିପରି ବିଶ୍ୱବିଦ୍ୟାଳୟର ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରଛାତ୍ରୀ କୁଳପତିଙ୍କ ଉପସ୍ଥିତିରେ ସେମାନଙ୍କର ଦୀର୍ଘଦିନର ସମସ୍ୟା ଉଠାଇ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ମେସ୍ ଦେୟ ଯୋଗୁଁ ଆର୍ଥିକ ଚାପ, ଡ ଆମ୍ବେଡକର ସେଣ୍ଟର ଫର ଏକ୍ସିଲେନ୍ସ କାର୍ଯ୍ୟକାରୀ କରିବା, ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଓରିଏଣ୍ଟେସନ୍ ପ୍ରୋଗ୍ରାମ ସେଲ୍ ଠିକ୍ ଭାବେ କାମ ନକରିବା, ଆରକ୍ଷିତ ପୋଷ୍ଟଗୁଡ଼ିକ ଖାଲି ରହିବା, ହୋଷ୍ଟେଲ୍ ସୁବିଧାର ଅଭାବ, କୃଷି ବିଭାଗର ୫ ଜଣ ଛାତ୍ରଙ୍କୁ ବିନା କାଉନସେଲିଂ ବାହାର କରାଯାଇଥିବା ଘଟଣାକୁ ଗୁରୁତର ଭାବେ ଉଠାଇଥିଲେ। ଏହା ସହିତ ବିଶ୍ୱବିଦ୍ୟାଳୟ ପରିସରରେ ଆମ୍ବେଦକରଙ୍କ ମୂର୍ତ୍ତି ସ୍ଥାପନ ପାଇଁ ଦାବି ମଧ୍ୟ କରାଯାଇଥିଲା।

# 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ

ରାୟଗଡା,୨୨।୩(ସମିସ): ଶନିବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାୟତ୍ରୀ ନଗର, ରାୟଗଡା ଠାରେ ଶିଶୁ ବାଟିକା ବିଭାଗର 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ପରିଚାଳନା ସମିତିର ସମ୍ପାଦକ ଚିତ୍ତ ରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥି ସହିତ ବିଦ୍ୟାଳୟର ପରିଚାଳନା ସମିତିର ସମ୍ପାଦକ ପ୍ରମୋଦ କୁମାର ମହାନ୍ତି, ସଦସ୍ୟା ସସ୍ମିତା ପାଢ଼ୀ, ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ଓ ଶିଶୁବାଟିକା ପ୍ରମୁଖ ନିର୍ମଳା ବେହେରା ମଞ୍ଚାସିନ ଅତିଥି ରୂପେ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ଅତିଥି ମାନଙ୍କ ପରିଚୟ ପ୍ରଦାନ କରାଯାଇଥିଲା। ଏହାପରେ ମୁଖ୍ୟ ଅତିଥି ଶିଶୁର ଶାରୀରିକ ଓ ମାନସିକ ବିକାଶ ତଥା ଆହାର ବିହାର ଉପରେ ଦୃଷ୍ଟି ଆକର୍ଷଣ କରି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥି ସହିତ 'କଣ୍ଢେଇ ଦିବସ' ମଧ୍ୟ ପାଳନ କରାଯାଇଥିଲା। ଧନ୍ୟବାଦ ପ୍ରଦାନ ପରେ ଦୁଇଟି କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

# ନାଗାବଳୀ ଉପକୂଳସ୍ଥ ଘାଟି ଅଞ୍ଚଳ ବିକାଶ ବୈଠକ



ରାୟଗଡା, ୨୨।୩(ସମିସ): ୨୮ଟି ଗ୍ରାମ ପଞ୍ଚାୟତକୁ ନେଇ ରାୟଗଡା ବ୍ଲକ ଓ ତହସିଲ ଗଠିତ। ଏହି ୨୮ ଗୋଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ପ୍ରାୟ ୧୦ ଗୋଟି ଗ୍ରାମ ପଞ୍ଚାୟତ ରାୟଗଡା ସହର ଉପକଣ୍ଠରେ ପ୍ରବାହିତ ନାଗାବଳୀ ଉପକୂଳସ୍ଥ ଘାଟି ଅଞ୍ଚଳ ସହ ଜଡ଼ିତ। ଅଞ୍ଚଳର ବିକାଶ ଓ ସମସ୍ୟାର ସମାଧାନ ଦୀର୍ଘ ବର୍ଷ ଧରି ସମାଧାନ ହୋଇ ପାରୁ ନ ଥିବାରୁ ଆଜି ଦୁର୍ଗାପାଡୁ, ମୀରାବାଲି, ପିପଲଗୁଡା, ଡାଙ୍ଗଲେଡ଼ି, କାରୁବାଇ, ବାଇସିଙ୍ଗ, ବୈରାଗୀ ହଲୁଆ,ବଡ ଆଲୁବାଡି କୁଲି ଓ ମାଲିଗାଁ ଭଳି ଦଶ ଗୋଟି ପଂଚାୟତର ନିର୍ବାଚିତ ଜନ ପ୍ରତିନିଧି ସରପଞ୍ଚ, ସମିତି ସଭ୍ୟ ସଭ୍ୟାଙ୍କ ସମତେ ଶତାଧିକ ଗ୍ରାମବାସୀ ଆଜି କୁଣ୍ଡମ ହାଟପଦା ଠାରେ ଏକତ୍ରିତ ହୋଇ ଏକ ଆଲୋଚନା ବୈଠକ କରିଥିଲେ । ରାୟଗଡା ଜିଲ୍ଲା ସଦର ମହକୁମାରେ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଅବସ୍ଥାପିତ ହେତୁ ନାଗାବଳୀ ଉପକୂଳସ୍ଥ ଘାଟି ଅଞ୍ଚଳ ସହ ଜଡ଼ିତ ଉପରୋକ୍ତ ୧୦ ଗୋଟି ଗ୍ରାମ ପଞ୍ଚାୟତର ଲୋକମାନଙ୍କ ପାଖରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନ କଲ୍ୟାଣ ଯୋଜନା ଗୁଡିକର ବିକାଶମୂଳକ ସେବାଗୁଡିକ ସଠିକ ସମୟରେ ସଠିକ ଭାବରେ ପହଞ୍ଚିବାରେ ଅସୁବିଧା ହେଉଛି। ଅଧିକାରୀ ମାନେ ଉଚିତ ସରକାରୀ ସେବା ଯୋଗାଇ ପାରୁ ନ ଥିବା ଏବଂ ଜିଲ୍ଲା ସଦର ମହକୁମା ଅତ୍ୟଧିକ ଦୂରତାରେ ଥିବାରୁ ନାଗାବଳୀ ଉପକୂଳସ୍ଥ ଘାଟି ଅଞ୍ଚଳ ସହ ଜଡ଼ିତ ୧୦ ଗୋଟି ଗ୍ରାମ ପଞ୍ଚାୟତର ଶିକ୍ଷିତ ବୁଦ୍ଧିଜୀବୀ ଭଦ୍ରବ୍ୟକ୍ତି ଓ ଲୋକ ପ୍ରତିନିଧିମାନଙ୍କୁ ନେଇ ଆଜିର ବୈଠକ ଆୟୋଜନ ମାଧ୍ୟମରେ ସେଥିରୁ ଏକ ସୁପରିଚାଳିତ କମିଟି ଗଠନ କରି ଉକ୍ତ କମିଟି ଦ୍ୱାରା ଏହି ଅଞ୍ଚଳର ସମସ୍ତ ପ୍ରକାର ବିକାଶ ଉଦ୍ଦେଶ୍ୟରେ ୧୦ ଦଫା ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ପ୍ରଦାନ କରିବା ପାଇଁ ନିଷ୍ପତି ନିଆଯାଇଛି। ଏହି ୧୦ ଦଫା ଦାବୀ ଗୁଡିକ ମଧ୍ୟରେ ନାଗାବଳୀ ଉପକୂଳସ୍ଥ ଘାଟି ଅଞ୍ଚଳ ସହ ଜଡ଼ିତ ୧୦ ଗୋଟି ଗ୍ରାମ ପଞ୍ଚାୟତକୁ ନେଇ ପିପଲିଗୁଡା ଠାରେ ଏକ ନୂତନ ପଞ୍ଚାୟତ ସମିତି ଓ ତହସିଲ ଗଠନ କରିବା, ଅଞ୍ଚଳବାସିଙ୍କ ସ୍ୱାସ୍ଥ୍ୟ ସେବାର ବିକାଶ ପାଇଁ ଜାଙ୍ଗିଲି ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏକ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୂପାନ୍ତରି କରଣ କରିବା, ଅଞ୍ଚଳର ଶିକ୍ଷାର ବିକାଶ ନିମନ୍ତେ ପେନିକଣାରେ ଥିବା ଉଚ୍ଚ ବିଦ୍ୟାଳୟକୁ ଏକ ନୂତନ ମହା ବିଦ୍ୟାଳୟରେ ରୂପାନ୍ତରି କରଣ କରିବା, ଅଞ୍ଚଳର ଲୋକଙ୍କ ଶାନ୍ତି ଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥା ନିମନ୍ତେ ପିପଲିଗୁଡା ଠାରେ ଏକ ନୂତନ ପୋଲିସ ଥାନାର ସ୍ଥାପନ କରିବା, ଆର୍ଥିକ କାରବାରର ସୁବିଧା ନିମନ୍ତେ ପିପଲଗୁଡା ଠାରେ ଏକ ଜାତୀୟ ସ୍ତରୀୟ ବ୍ୟାଙ୍କ ସ୍ଥାପନ କରିବା, ଲୋକଙ୍କ ନ୍ୟାୟ ବ୍ୟବସ୍ଥାର ସୁବିଧାକରଣ ନିମନ୍ତେ ପିପଲିଗୁଡା ଠାରେ ଏକ ନୂତନ ପ୍ରଥମ ଶ୍ରେଣୀର ନ୍ୟାୟଳୟ ସ୍ଥାପନ, କୁଲିରୁ ସାନ ସାନ୍ଧୁବାଡ଼ି ପର୍ଯ୍ୟନ୍ତ ଜଡ଼ିତ ରାସ୍ତାର ଉନ୍ନତି କରଣ କରିବା, ଜେମାଦେଇପେଣ୍ଠ ରୁ ପିପଲିଗୁଡା ଏବଂ ଚେକାଗୁଡା ରୁ ପିପଲିଗୁଡା ପର୍ଯ୍ୟନ୍ତ ରାସ୍ତାର ବିକାଶ କରଣ, ଦୁର୍ଗାପାଡୁରେ ଅବସ୍ଥିତ ଜଳ ପ୍ରପାତର ସୌନ୍ଦର୍ଯ୍ୟରେ ବୃଦ୍ଧି କରଣ, ଯୁବପ୍ରତିଭାଙ୍କ କ୍ରୀଡାର ବିକାଶ ନିମନ୍ତେ ବାଲୁମତି ଠାରେ ଏକ ଷ୍ଟାଡିଅମର ନିର୍ମାଣ ଭଳି ଦାବି ନେଇ ଏକ ଦାବି ପତ୍ର ଦେବା ନିମନ୍ତେ ନିଷ୍ପତି ହୋଇଛି। ଆଜିର ଏହି ବୈଠକରେ ସଙ୍ଘର କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ପୁଆଲା ପରିଚାଳନା କରିଥିବା ବେଳେ ମଞ୍ଚରେ ସଙ୍ଘର ସଭାପତି ଗୋପୀନାଥ ସାରକା, ସାଧାରଣ ସମ୍ପାଦକ ଶଙ୍କର ଜିଲ୍ଲକାରା, ଯୁଗ୍ମ ସମ୍ପାଦକ ସତ୍ୟବାନ ମାଣ୍ଡାଙ୍ଗୀ,ଅଶୋକ ପୁଆଲା, ସୁବାସ ବିଡ଼ିକା ମଞ୍ଚାସୀନ ଥିଲେ। ପିପଲିଗୁଡାକୁ ଏକ ବ୍ଲକ ଗଠନ ଆମର ମୁଖ୍ୟ ଦାବି ବୋଲି ଗୋପୀନାଥ ସାରକା କହିଛନ୍ତି । କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ନିଜର ବକ୍ତବ୍ୟରେ କହିଛନ୍ତି ଯେ ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ଏହି ଦଶ ଗୋଟି ପଞ୍ଚାୟତର କିଛି ଉନ୍ନତି ହୋଇନାହିଁ। ସେଥିପାଇଁ ପିପଲିଗୁଡା ଠାରେ ଏକ ବ୍ଲକ ନିର୍ମାଣ ହେଲେ ଏହି ଦଶ ଗୋଟି ପଂଚାୟତର ଜନସାଧାରଣଙ୍କ ଉନ୍ନତି ହେବ ବୋଲି କହିଥିଲେ।

# ମାନସିକ ସ୍ୱାସ୍ଥ୍ୟ ପାଇଁ ଯୋଗ, ଧ୍ୟାନ କର୍ମଶାଳା

ରାୟଗଡ଼ା,୨୨।୩(ସମିସ): ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୁବୁଲି ସମ୍ମିଳନୀ କକ୍ଷରେ ୭ ଦିନ ବ୍ୟାପି ଚାଲିଥିବା 'ମାନସିକ ସ୍ୱାସ୍ଥ୍ୟ ପାଇଁ ଯୋଗ ଓ ଧ୍ୟାନ 'କର୍ମଶାଳା ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳା ଶକ୍ତିଶ୍ରୀ ସଶକ୍ତିକରଣ କୋଷ ତରଫରୁ ଆୟୋଜିତ ହୋଇଥିଲା ସଂଯୋଜିକା ଡ. ଲିଜାରାଣୀ ଶତପଥିଙ୍କ ପ୍ରଚେଷ୍ଟାରେ। ପ୍ରତିଦିନ ଛାତ୍ରୀଛାତ୍ରଙ୍କୁ ଏକ ଘଣ୍ଟା ଧରି ଆସନ, ପ୍ରାଣାୟାମ, ଧ୍ୟାନ ସହ ବିଭିନ୍ନ ମନସ୍ତାତ୍ତ୍ୱିକ ପ୍ରକ୍ରିୟାର ପ୍ରଶିକ୍ଷଣ ଦିଆଯାଉଥିଲା। ଏଥିରେ ବିଶେଷଜ୍ଞ ଭାବରେ ଆର୍ଟ ଅଫ୍ ଲିଭିଂ ପ୍ରଶିକ୍ଷିକା ଜି. ପଦ୍ମାବତୀ କର ଯୋଗ ଦେଇଥିଲେ। ଅଧ୍ୟକ୍ଷା ଡ. ସରସ୍ୱତୀ ରାୟ କର୍ମଶାଳାର ପ୍ରତ୍ୟେକ ଅଧିବେଶନରେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ମାନସିକ ଚାପ ଓ ଉଦ୍‌ବେଗରୁ ମୁକ୍ତ ରହିବାର ଏକମାତ୍ର ଅସ୍ତ୍ର ଯୋଗ, ଧ୍ୟାନ ବୋଲି ଦର୍ଶାଇ ଥିଲେ। ଉଦ୍‌ଯାପନୀ ଉତ୍ସବରେ ସମସ୍ତ ସହାଭାଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସହାଭାଗୀ ମାନେ ନିଜର ସାତଦିନର ଅନୁଭବ ବାଣ୍ଟିଥିଲେ। କର୍ମଶାଳା ଆୟୋଜନରେ ଡ. ଲିଜାରାଣୀଙ୍କୁ ଶକ୍ତିଶ୍ରୀ ସାଥି ପ୍ରଗତି, ମୈତ୍ରୀ, ଚୁମକି, ସୁଶାନ୍ତ ଓ ଅନ୍ୟମାନେ ସାହାଯ୍ୟ କରିଥିଲେ। କର୍ମଶାଳାରେ ଉପସ୍ଥିତ ରହି ଏହାକୁ ସଫଳ କରିବାରେ ଭବେଶ ମହାନ୍ତି, ସୁବ୍ରତ ପ୍ରଧାନ, ଲେଫ୍ଟନାଣ୍ଟ ଉଦୟ ନାୟକ, ରମେଶ ହୁଇକା, ପ୍ରିୟଦର୍ଶିନୀ ବଳ, ପ୍ରତିମା ପତି, ସାଗରୀକା ସାହୁ ସାହାଯ୍ୟ କରିଥିଲେ।

# ଶ୍ରୀଅରବିନ୍ଦ ପାଠଚକ୍ରର ସ୍ୱାସ୍ଥ୍ୟ ସଚେତନ ସମ୍ମିଳନୀ

ମାଲକାନଗିରି,୨୨।୩(ସମିସ): ମାଲକାନଗିରି ଜିଲ୍ଲା ସଂଗଠନ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ସଚେତନ ସମ୍ମିଳନୀ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ସଭାପତି ଭାବେ ଦିଲ୍ଲିପ କୁମାର ଓଝା, ମୁଖ୍ୟବକ୍ତା ବିଜୟ କୁମାର ଦାସ, ସମ୍ମାନିତ ବକ୍ତା ଡ. ଦୁର୍ଗା ପ୍ରସାଦ ରାଜ, ସମ୍ମାନିତ ଅତିଥି ସୀତାଂଶୁ ବେହେରା ଓ ସଂଯୋଜକ ବିଚିତ୍ରାନନ୍ଦ ରାଉତ ମଞ୍ଚାସୀନ ଥିଲେ। ଆଲୋଚନାରେ ସମସ୍ତ ବକ୍ତା ପୂର୍ଣାଙ୍ଗ ନିରାମୟତା ଓ ପୂର୍ଣ୍ଣ ଯୋଗ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରୋଗ ମନୁଷ୍ୟ ଶରୀରର ଦୁର୍ବଳତା ଅଟେ। ଔଷଧ ଦ୍ୱାରା ଶରୀରରେ ଥିବା ରୋଗ ପ୍ରତିଷେଧକ ଶକ୍ତିକୁ ଜାଗ୍ରତ କରେ ଏବଂ ସୁସ୍ଥ ହୁଏ କିନ୍ତୁ ମନୁଷ୍ୟ ଯୋଗ ଅଭ୍ୟାସ ଦ୍ୱାରା ସଂପୂର୍ଣ୍ଣ ସୁସ୍ଥ ରହି ପାରିବ ବୋଲି କହିଥିଲେ। ଶିବ ଲକ୍ଷ୍ମୀ ପଣ୍ଡା, ପ୍ରତିଭା ଦାସ ଓ ପ୍ରୀୟ ଦର୍ଶନୀ ମାତୃବନ୍ଦନା ଆବୃତି କରିଥିଲେ। ଶରୀରର ସ୍ୱାସ୍ଥ୍ୟ ପରୀକ୍ଷା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡ. ଅଶୋକ କୁମାର କଂସରାଲି କରିଥିବା ବେଳେ ରୋଗୀମାନଙ୍କୁ ଡ. ପ୍ରପତ୍ତି ମହାରଣା ହୋମିଓପ୍ୟାଥି ଔଷଧ ଦେଇଥିଲେ। ପ୍ରାୟ ୩୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ପ୍ରଦାନ କରାଯାଇଥିଲା। ଅନ୍ୟ ସହଯୋଗୀମାନଙ୍କ ମଧ୍ୟରେ ଏନ୍ ସନ୍ତୋଷ ରାଓ, ରବିନ୍ଦ୍ର କୁମାର ମହାରଣା, ଗଣେଶ କୁମାର ଜେନା, କଳ୍ପତରୁ ନାୟକ, ଲକ୍ଷ୍ମୀଧର ମହାନ୍ତ ଓ ସନ୍ତୋଷ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ।

## ଦୀନଦୟାଲ ପ୍ରଶିକ୍ଷଣ ମହାଭିଯାନ



କଣିହାଁ,୨୨ ।୩(ସମିସ): କଣିହାଁ ବ୍ଲକ ରେଙ୍ଗାଳି ମଣ୍ଡଳ ଦଳକ ପଞ୍ଚାୟତ ନାଳମ ଶିଶୁମନ୍ଦିର ନିକଟରେ ରବିବାର ଦୀନଦୟାଲ ପ୍ରଶିକ୍ଷଣ ମହାଭିଯାନ ଅନୁଷ୍ଠିତ ହୋଇଛି। ଜିଲ୍ଲା ଉପସଭାପତି ନୃସିଂହ ବରାଳ ଓ ବିଧାନସଭା ସଂଯୋଜକ ପ୍ରହ୍ଲାଦ ସାମଲ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଶିବିରରେ ଶତାଧିକ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଛନ୍ତି। ପ୍ରଶିକ୍ଷକ ଭାବେ ଲିଙ୍ଗରାଜ ଦାସ, ଶୋଭାଞ୍ଜଳି ପ୍ରଧାନ, ତ୍ରିପୁରାରୀ ପ୍ରଧାନ, ନୃସିଂହ ବରାଳ, ଧର୍ମେନ୍ଦ୍ର ସାହୁ, ପ୍ରହ୍ଲାଦ ସାମଲ ଓ ଧର୍ମେନ୍ଦ୍ର ମହନ୍ତ ଯୋଗଦେଇ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦେଇଛନ୍ତି। ରେଙ୍ଗାଳି ମଣ୍ଡଳରେ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଶିବିରରେ ଉପସ୍ଥିତ ଥିଲେ। ମଣ୍ଡଳ ପ୍ରଭାରୀ ଦିଲେଶ୍ୱର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଟିକନ ପ୍ରଧାନ, କବିରାମ ନାୟକ, ଉପସଭାପତି ନିଶାକର ପ୍ରଧାନ, ବିରଞ୍ଚି ସାମଲଙ୍କ ସମେତ ବିନୟ ପ୍ରଧାନ, ଧ୍ରୁବଚରଣ ଧାର, ଅଞ୍ଜଳି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ବିଶ୍ୱ ବନ ଦିବସ ପାଳିତ



କିଶୋରନଗର,୨୨ ।୩(ସମିସ): ବିଶ୍ୱ ବନ ଦିବସ ଓ ବିଶ୍ୱ ଯୁବକେନ୍ଦ୍ରର ୪୦ତମ ସେବା ବର୍ଷ ଉପଲକ୍ଷେ ଆଠମଲ୍ଲିକ ବ୍ଲକ ମହେନ୍ଦ୍ରପୁର ବନ ସୁରକ୍ଷା ସମିତିରେ ଜଙ୍ଗଲ ସୁରକ୍ଷା, ଅର୍ଥ ଓ ଜୀବନ ଜୀବିକା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ଆଠମଲ୍ଲିକ ବନାଞ୍ଚଳ ଅଧିକାରୀ, ସୁନୀଲ କୁମାର ସାହୁ ଯୋଗଦେଇ ଜଙ୍ଗଲର ଭୂମିକା ଓ ଜୀବଜନ୍ତୁଙ୍କ ସୁରକ୍ଷା ବିଷୟରେ ଅବଗତ କରାଇଥିଲେ। ଆଠମଲ୍ଲିକ ବନଖଣ୍ଡ ଅଧୀନ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ବିଶେଷଜ୍ଞ ଗିରିଜା ଶଙ୍କର ଦାସ, ସଭ୍ୟ ସମ୍ପାଦକ କବିତା ସାହୁ ଜଙ୍ଗଲ ସୁରକ୍ଷା, ଜଙ୍ଗଲ ଉପରେ ନିର୍ଭରଶୀଳ ବ୍ୟକ୍ତିମାନଙ୍କ ଜୀବନ ଜୀବିକାର ଉନ୍ନତି, ବନ୍ୟପ୍ରାଣୀମାନଙ୍କ ବାସସ୍ଥାନ, ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା ଉପରେ ଗ୍ରାମବାସୀଙ୍କୁ ବୁଝାଇଥିଲେ। ସମସ୍ତ ଗ୍ରାମବାସୀ ଜଙ୍ଗଲ ସୁରକ୍ଷା ପ୍ରତି ଯତ୍ନବାନ ହେବେ ବୋଲି ଶପଥ ପାଠ କରିଥିଲେ। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଆଠମଲ୍ଲିକ କ୍ଷେତ୍ର ପରିଚାଳନା ଏକକର ସହଯୋଗୀ ସଂସ୍ଥା ବିଶ୍ୱ ଯୁବକେନ୍ଦ୍ରର ଟିମ୍ ଲିଡର ସୁମିତ କୁମାର ବଳିଆରସିଂ, ବିକାଶ ଅଧିକାରୀ ଶ୍ୱେତାମ୍ବୃତ ମଲ୍ଲିକ, ଗୁଲସନ ମାଝୀ ଓ ବନ ସହାୟକ ଅଳକା ଜାନି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଠମଲ୍ଲିକ କ୍ଷେତ୍ରୀୟ ସୁଦ ସମାଜର ବାର୍ଷିକ ବୈଠକ



କିଶୋରନଗର,୨୨ ।୩(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ତିଳେଶ୍ୱର ଗ୍ରାମରେ ରବିବାର ଆଠମଲ୍ଲିକ କ୍ଷେତ୍ରୀୟ ସୁଦ ସମାଜର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଛି। ପ୍ରଥମେ ଇଷ୍ଟଦେବୀ ମା' ପାଞ୍ଚଖଣ୍ଡାଙ୍କ ମନ୍ଦିରରେ ପୂଜାକରି ଗ୍ରାମ ପରିକ୍ରମା କରି ସଭା ମଣ୍ଡପକୁ ଆଣି ସ୍ଥାପନ କରିଥିଲେ। ଏଥିରେ ଏଗାର ପୁଞ୍ଜିର ସଭାପତି, ସମ୍ପାଦକ, ସଭ୍ୟ ଯୋଗଦେଇଥିଲେ। ସୁଦ ସମାଜର ରୀତିନୀତି, ନିଶା ନିବାରଣ, ଶିକ୍ଷା ଉପରେ ଗୁରୁତ୍ୱ ଦେବା ପାଇଁ ଆଲୋଚନା ହୋଇଥିଲା। ସଭାପତି ତପନ କୁମାର ବେହେରାଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ସମ୍ପାଦକ ମଦନ ସୁନ୍ଦର ଦେହୁରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ରେଢ଼ାଖୋଲ ପୁଞ୍ଜି ସଭାପତି ଅଶ୍ୱିନୀ ଦେହୁରୀ, ନାକଚି ସଭାପତି ଦୁର୍ଯ୍ୟୋଧନ ଦେହୁରୀ, ଆମ୍ବସରମୁଣ୍ଡା ସଭାପତି ସୁଦାମ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୨୦ତମ ବାସନ୍ତୀ ଦୁର୍ଗାପୂଜା ପ୍ରସ୍ତୁତି ଶେଷ

# ୨୪ରେ ଷଷ୍ଠୀ ପୂଜା, ୨୯ରେ ଭସାଣି

ଅନୁଗୋଳ,୨୨ ।୩(ସମିସ): ସ୍ଥାନୀୟ ଅମଲାପଡ଼ା ମା' ବାସନ୍ତୀ ଦୁର୍ଗାପୂଜା କମିଟି ପକ୍ଷରୁ ବିଂଶତମ ବାସନ୍ତୀ ଦୁର୍ଗାପୂଜା ପାଳନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। କଟକର କାରିଗର ଶିତନ କୁମାର ବେହେରା ଏବଂ ତାଙ୍କ ସହଯୋଗୀ ମୂର୍ତ୍ତିରେ ଶେଷସ୍ପର୍ଶ ଦେଉଛନ୍ତି। ଚଳିତ ବର୍ଷ ପୂଜାକୁ ସରସ ସୁନ୍ଦର କରିବା ପାଇଁ କମିଟି ପକ୍ଷରୁ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମାର୍ଚ୍ଚ ୨୪ ତାରିଖ ଷଷ୍ଠୀରେ ମା'ଙ୍କ ବିଲ୍ୱବରଣ, ଅଧିବାସ, ସନ୍ଧ୍ୟାରେ ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ୨୫ ତାରିଖ ଦେବୀଙ୍କ ପ୍ରାଣ ପ୍ରତିଷ୍ଠା ଅପରାହ୍ନରେ ବାଳିକା କବାଡ଼ି ଓ ପରେ ସାଂସ୍କୃତିକ ବିଚିତ୍ରା ଓ ମହାସପ୍ତମୀ ପୂଜା, ୨୬ ତାରିଖ ମହାଷ୍ଟମୀ ପୂଜା, ଅପରାହ୍ନରେ ମାର୍ଶାଲ ଆର୍ଟ ପ୍ରଦର୍ଶନ, ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ୨୭ ତାରିଖ ମହାନବମୀ ପୂଜା, ନବକୁମାରୀ ପୂଜା, ପୂର୍ବତନ ସୈନିକ ସଂଘ ଓ ବାସନ୍ତୀ ଭଲିବଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର, ସନ୍ଧ୍ୟାରେ ସାମୂହିକ ଦାଣ୍ଡିଆ ଅନୁଷ୍ଠିତ ହେବ। ୨୮ ତାରିଖ ପୂର୍ଣ୍ଣାହୁତି, ଘଟ ବିସର୍ଜନ ସନ୍ଧ୍ୟାରେ ମେଲୋଡି ଓ ୨୯ ତାରିଖ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ପୂଜା ସମୟରେ ଅନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ପିଲାଙ୍କ ପାଇଁ ଦୋଳି, ଫନ୍ ପ୍ଲେ, ଫୁଡ୍ ଷ୍ଟଲ୍ ଏବଂ କମିଟି ପକ୍ଷରୁ ପ୍ରତିଦିନ ଅନ୍ନ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ରହିବ। କମିଟିର ୨୦ ବର୍ଷର ସ୍ମୃତିରେ ଫଟୋ ପ୍ରଦର୍ଶନୀ ମଧ୍ୟ ରହିବ ବୋଲି ସଭାପତି ଶକ୍ତିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଅନୁପ କୁମାର ମହାନ୍ତି, ଉପସଭାପତି ଯତୀନ ସେଠୀ, ସହସମ୍ପାଦକ ଗୋପାଳ ରଞ୍ଜନ ପଟ୍ଟନାୟକ, କୋଷାଧ୍ୟକ୍ଷ ତାପସ ରଞ୍ଜନ ରାୟ, ରଶ୍ମିରଞ୍ଜନ ପ୍ରଧାନ, ଉପଦେଷ୍ଟା ଆଇନଜୀବୀ ପ୍ରଦୀପ କୁମାର ଦେବତା ପ୍ରେସ ବାର୍ତ୍ତାରେ ଜଣାଇଛନ୍ତି।



## ଗୋତମରା ଉପରସାହିରେ ବାର୍ଷିକ ହରିହାଟ ମହୋତ୍ସବ



ବଅଁରପାଳ,୨୨ ।୩(ସମିସ): ବଅଁରପାଳ ବ୍ଲକ ଗୋତମରା ଉପରସାହିରେ ଶନିବାର ଆଧ୍ୟାତ୍ମିକ ପରିବେଶରେ ବାର୍ଷିକ ବଡ଼ମେଳା ହରିହାଟ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ହଜାରହଜାର ଭକ୍ତଙ୍କ ଭିଡ଼ ଲାଗିଥିଲା। ସକାଳ ୭ଟାରେ ଦୁଡ଼ିଆ ପୁଷ୍କରିଣୀରୁ ଶତାଧିକ ମହିଳା କଳସ ଯାତ୍ରା କରି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ପୂର୍ବାହ୍ନ ୧୦ଟାରେ ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଅପରାହ୍ନ ୧ଟା ପରେ ରାଧାକୃଷ୍ଣଙ୍କ ବିଗ୍ରହକୁ ସୁସଜ୍ଜିତ ପାଲିଙ୍କିରେ ବସାଇ ଭବ୍ୟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। କୋଲକାତାର ପ୍ରସିଦ୍ଧ କାଳୀ ନୃତ୍ୟ, ବିଭିନ୍ନ ପାରମ୍ପରିକ ନୃତ୍ୟ, ମହିଳାମାନଙ୍କ ବାଦ୍ୟ ପରିବେଷଣ, ଡିଜେ ସଙ୍ଗୀତ ଓ ଛଡି ପ୍ରଦର୍ଶନ ଶୋଭାଯାତ୍ରାକୁ ଅଧିକ ଆକର୍ଷଣୀୟ କରିଥିଲା। ସନ୍ଧ୍ୟା ୭ଟାରୁ ହରିନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ରାତି ୮ଟାରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ଜଣେ ମୃତ

ଅନୁଗୋଳ,୨୨ ।୩(ସମିସ): ଅନୁଗୋଳ ସଦର ଥାନା ଖଲାରୀ ଜମ୍ବୁବନ୍ଧ ଛକ ନିକଟରେ ଦୁଇ ବାଇକ୍ ମୁହାମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଟାଉନ ଥାନା ମିଶ୍ରପଡ଼ା ଅଞ୍ଚଳର ଅମିତ୍ କୁମାର ପାଲଶର୍ମା। ଅମିତ୍ ଜଣେ ଟିପିସିଓଡିଏଲ୍ କର୍ମଚାରୀ। ରବିବାର ସକାଳେ ସେ ବିଲ୍ ଆଦାୟ କରିବା ପାଇଁ ବାଇକ୍ ଯୋଗେ କାଙ୍ଗୁଲା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ମୁହାମୁହିଁ ଧକ୍କା ହୋଇଥିଲା। ଫଳରେ ଅମିତ୍ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ସାପୋଇନାଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସିଙ୍କୁଲାପାଟ ଚାମ୍ପିଅନ



ଛେଣ୍ଡିପଦା,୨୨ ।୩(ସମିସ): ଛେଣ୍ଡିପଦା ବ୍ଲକ୍ ଶିମିଳିପାଳ ପଞ୍ଚାୟତ ସାପୋଇନାଳୀ ଗ୍ରାମ ଖେଳ ପଡ଼ିଆରେ ଆୟୋଜିତ ଏକଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ମୋଟ ୪ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ସିଙ୍କୁଲାପାଟ ଓ ସାପୋଇନାଳୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସିଙ୍କୁଲାପାଟ ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଯୁବ ସମାଜସେବୀ ତଥା ପୂର୍ବତନ ଛାତ୍ର ସଭାପତି ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ବରୁଣ, ସୁବ୍ରତ, କାହ୍ନା, ପିନୁ, ଲିପନ, ସିଦ୍ଧାନ୍ତଙ୍କ ସମେତ ଆୟୋଜକ ବଜରଙ୍ଗୀ କ୍ରିକେଟ୍ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବିଶ୍ୱ ବନ ଦିବସରେ ଜଙ୍ଗଲ ସୁରକ୍ଷା ସଚେତନତା



କଣିହାଁ,୨୨ ।୩(ସମିସ): କଣିହାଁ ବନ ବିଭାଗ ପକ୍ଷରୁ ବିଶ୍ୱ ବନ ଦିବସ-୨୦୨୬ ଅବସରରେ ଡେରେଙ୍ଗ ସେବାଶ୍ରମ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବନାଞ୍ଚଳ ଅଧିକାରୀ ଶୁଭ୍ରା ସୁଚିସ୍ମିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡେରେଙ୍ଗ ସରପଞ୍ଚ ସଞ୍ଜୁକ୍ତା ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସମେତ ସ୍ଥାନୀୟ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଯୋଗଦେଇଥିଲେ। ବନ ସୁରକ୍ଷା, ପରିବେଶ ସଂରକ୍ଷଣ ଓ ଚାରାରୋପଣର ଗୁରୁତ୍ୱ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଫରେଷ୍ଟର ଦୀପକ କୁମାର ସେଠୀ, ପ୍ରଦୀପ କୁମାର ପ୍ରଧାନ ଓ ଚନ୍ଦନ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଗଡ଼ନାୟକ, ଶିକ୍ଷକ ସଂଗ୍ରାମ କିଶୋର ସାହୁ, ଦିଲୀପ କୁମାର ପ୍ରଧାନ ଉପସ୍ଥିତ ଥିଲେ।

## ତଳମୂଳପାଟଣାରେ ମାଗଣା ସ୍ୱାସ୍ଥ୍ୟ ଶିବିର



ଅନୁଗୋଳ,୨୨ ।୩(ସମିସ): ତଳମୂଳପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାରତୀୟ ଚିକିତ୍ସକ ସଂଘ ଓ ରୋଟାରୀ ଅନୁଗୋଳ ରୟାଲ ତରଫରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଭାରତୀୟ ଚିକିତ୍ସକ ସଂଘ ଅନୁଗୋଳ ଶାଖା ସଭାପତି ଡା. ବିଚ୍ଛନ୍ଦ ଚରଣ ପ୍ରଧାନ, ସମ୍ପାଦକ ଡା. ବିଶ୍ୱଜିତ ସାମଲ, କୋଷାଧ୍ୟକ୍ଷ ଡା. ଟଙ୍କଧର ସିଂ, ଭେଷଜ ବିଶେଷଜ୍ଞ ଡା. ପ୍ରଫୁଲ୍ଲ କୁମାର ସାହୁ, ଶିଶୁ ବିଶେଷଜ୍ଞ ଡା. ନୀଳକଣ୍ଠ ସାହୁ, ଡା. ପ୍ରଭାତ କୁମାର ପଣ୍ଡା, କର୍ଣ୍ଣ-ନାସା-ଗଳା ବିଶେଷଜ୍ଞ ଡା. ପ୍ରସନ୍ନ କୁମାର ମହାନ୍ତି, ମାନସିକ ରୋଗ ବିଶେଷଜ୍ଞ ଡା. ରଶ୍ମିତା ଭଞ୍ଜଦେଓ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଶିବାଶିଷ ଗଡ଼ନାୟକ ଓ ରୋଟାରୀ ଅନୁଗୋଳ ରୟାଲ ତରଫରୁ ସଭାପତି ଡା. ସୌମ୍ୟକାନ୍ତ ବିଶୋଇ, ଡା. ଅଶୋକ କୁମାର ମାଣ୍ଡୋଠିଆ, ଦନ୍ତ ଚିକିତ୍ସକ ଡା. ମାଇକେଲ୍ ଜନ୍, ଡା. ସସ୍ମିତା ପ୍ରଧାନ, ବାଣୀ ଦେବ, ଅମ୍ବିକା ପ୍ରସାଦ ସାହୁ, ମୁରାରୀଲାଲ ଅଗ୍ରୱାଲ ଯୋଗଦେଇଥିଲେ। ତଳମୂଳପାଟଣା ପପୁଲାର କ୍ଲବ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଥିଲା। ଶିବିରରେ ୩୦୦ ଲୋକଙ୍କ ଚିକିତ୍ସା ଓ ପରାମର୍ଶ ଦିଆଯାଇଥିଲା।

## ରାଣୀଗୋଡ଼ା ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



ଅନୁଗୋଳ,୨୨ ।୩(ସମିସ): ସହର ଉପକଣ୍ଠ ରାଣୀଗୋଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଛି। ପରିଚାଳନା କମିଟି ସଭାପତି ଅନିଲ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ପ୍ରକାଶ ଚନ୍ଦ୍ର ଦେହୁରୀ, ମୁଖ୍ୟବକ୍ତା ଭାବେ ପଞ୍ଚସଖା ଶିକ୍ଷାସେତୁ ସଭାପତି ପୂର୍ଣ୍ଣଚନ୍ଦ୍ର ସିଂହ ସାମନ୍ତ ଓ ସମ୍ମାନିତ ଅତିଥି ଭାବେ ସିଆରସିସି କୁମୁଦ ଚନ୍ଦ୍ର ଭୋଇ, ସମାଜସେବୀ ନୀର ସାହୁ, ବରିଷ୍ଠ ନାଗରିକ ମଞ୍ଚ ସଂଗଠନ ସମ୍ପାଦକ ତ୍ରେତାନନ୍ଦ ସାମନ୍ତ ମଞ୍ଚାସୀନ ଥିଲେ। ଛାତ୍ରୀମାନେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ପ୍ରଦାନ କରି ସ୍ୱାଗତ ଜଣାଇବା ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ପ୍ରଧାନଶିକ୍ଷକ ନିରୋଦ କୁମାର ସେନାପତି ଅତିଥି ପରିଚୟ ପ୍ରଦାନ, ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ରଞ୍ଜିତାରାଣୀ ପଣ୍ଡା ପାଣିଗ୍ରାହୀ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିବା ବେଳେ ଶିକ୍ଷୟିତ୍ରୀ ନିରୁପମା ସାହୁ, ବବିତା ସାହୁ, ବିନୋଦିନୀ ସାହୁ ଓ ଶୀମନ୍ତିନୀ ଜଗତ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନେ ଉତ୍ତମ ଶିକ୍ଷା ଆହରଣ କରିବା ସହ ଖେଳକୁଦ, ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଧଳାଜହର କବ୍‌ଜାରେ ଯୁବପିଢ଼ି



ତାଳଚେର,୨୨ ।୩(ସମିସ): ସହରରେ ଧଳାଜହର (ବ୍ରାଉନସୁଗର) କବଳରେ ଏବେ ଯୁବପିଢ଼ି। ଏହାର ପ୍ରଭାବରେ ଯୁବ ଓ ଛାତ୍ରଗୋଷ୍ଠୀ ପଥଭ୍ରଷ୍ଟ ହେବାରେ ଲାଗିଛନ୍ତି। ପୁଲିସର ବାରମ୍ବାର ଚଢ଼ଉ ସତ୍ତ୍ୱେ ଏହି ନିଶା କାରବାରରେ ଲାଗି ପାରୁନି ରୋକ୍। ଏବେ ଧଳାଜହର ସେବନକାରୀଙ୍କ ପାଇଁ ନିକାଞ୍ଚନ ସ୍ଥାନ ବେଶ୍ ସୁହାଉଛି। ସଞ୍ଜ ହେବା ମାତ୍ରେ ବାଇକ୍ ଛିଡ଼ା କରି ୨ରୁ ୫ଜଣ ଯୁବକ ମୋବାଇଲ ଫୋନ୍ ଦେଖିବା ଆଳରେ ବ୍ରାଉନସୁଗର ସେବନ କରୁଛନ୍ତି। ନାବାଳକମାନେ ମଧ୍ୟ ଏଥିପ୍ରତି ଆକର୍ଷିତ ହେଉଛନ୍ତି। ୧୫ରୁ ୨୦ବର୍ଷ ବୟସ୍କ ଯୁବକଙ୍କ ମଧ୍ୟରେ ଏଭଳି ନିଶା ସେବନର ଉଦାମତା ଦେଖିବାକୁ ମିଳିଛି। ତାଳଚେର ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ପୁଲିସ୍ ପକ୍ଷରୁ ଚଢ଼ଉ କରି ଧଳାଜହର ବେପାରୀଙ୍କୁ ଧରାଯାଉଥିବା ବେଳେ ଅବକାରୀ ବିଭାଗ ହାତ ଖାଲି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଏହି ଧଳାଜହର ଅଞ୍ଚଳକୁ କେମିତି ଆସୁଛି ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅବକାରୀ ବିଭାଗ ଚଢ଼ଉ କରି ଖୁଚୁରା କାରବାର କରୁଥିବା କିଛି ଅଭିଯୁକ୍ତଙ୍କୁ ଗିରଫ କରି ବାହାବା ନେଉଥିବା ବେଳେ ବଡ଼ମୁଣ୍ଡ ଧରାପଡୁ ନାହାନ୍ତି। ବେପାରରେ ସମ୍ପୃକ୍ତ ମୁଖ୍ୟ କାର୍ଟେଲଦାରଙ୍କୁ ଧରିଲେ ର୍ୟାକେଟର ପର୍ଦ୍ଦାଫାସ ହୋଇପାରନ୍ତା ବୋଲି ମତ ପ୍ରକାଶ ପାଉଛି। ଏହି ନିଶା ସେବନ କରି ଯୁବଗୋଷ୍ଠୀ ବିଭିନ୍ନ ଅପରାଧ ଘଟାଇବାକୁ ପଛାଉନାହାନ୍ତି। ଏଥପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।


## ୧୪ନଂ ଜୋନ୍ ବିଜେଡିର କର୍ମୀ ସମ୍ମିଳନୀ



ଛେଣ୍ଡିପଦା,୨୨ ।୩(ସମିସ): ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ଆଗାମୀ ରଣନୀତି ପାଇଁ ସଜବାଜ ହେଉଛି ବିଜୁ ଜନତା ଦଳ। ବିରୋଧୀଙ୍କ ମିଛ ପ୍ରତିଶ୍ରୁତି ଏବଂ ଭୁଆଁ ବୁଲାଇବା ନୀତି ବିରୋଧରେ ଏବେ ଏକଜୁଟ୍ ହୋଇଛନ୍ତି ଶଙ୍ଖ ବାହିନୀର କର୍ମକର୍ତ୍ତା। ଛେଣ୍ଡିପଦା ବ୍ଲକ ୧୪ ନମ୍ବର ଜିଲ୍ଲା ପରିଷଦ ଜୋନ୍‌ରେ ରବିବାର ଦଳ ପକ୍ଷରୁ ବିରାଟ ଶକ୍ତି ପ୍ରଦର୍ଶନ କରାଯାଇଛି। ବ୍ଲକ ସଭାପତି ବିଜୟ ଗଡ଼ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୭ ପଞ୍ଚାୟତର ଶତାଧିକ ଛାମୁଆ କର୍ମୀ ଯୋଗଦେଇଥିଲେ। ପୂର୍ବତନ ବିଧାୟକ ସୁଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେପି ଉପରେ ଶାଣିତ ଆକ୍ରମଣ କରିଛନ୍ତି। ବିଜେପି କେବଳ ଧୂଆଁବାଣ ମାରି ଲୋକଙ୍କୁ ଭୁଆଁ ବୁଲାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଜିଲ୍ଲା ଉପସଭାପତି ଅମରେଶ ନାଥ ଏବଂ ଜିଲ୍ଲା ପରିଷଦ ସଭ୍ୟ ନଗେନ୍ଦ୍ର କୁମାର ପ୍ରଧାନଙ୍କ ଉପସ୍ଥିତିରେ ଆଗାମୀ ଦିନରେ ଦଳକୁ କିଭଳି ତୃଣମୂଳ ସ୍ତରରୁ ଅଧିକ ସଶକ୍ତ କରାଯିବ ସେ ନେଇ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ସବୁ ପଞ୍ଚାୟତର ସଭାପତି ଓ କର୍ମୀମାନେ ବୈଠକରେ ଯୋଗଦେଇ ବିଜେଡି ସରକାରର ବିକାଶଧାରାକୁ ଘରେ ଘରେ ପହଞ୍ଚାଇବା ପାଇଁ ସଙ୍କଳ୍ପ ନେଇଛନ୍ତି।

## ରାତି ଅଧରେ ନିମ୍ନମାନର ରାସ୍ତା କାମ; ତଦନ୍ତ ଦାବି

ଅନୁଗୋଳ,୨୨ ।୩(ସମିସ): କଣିହାଁ ବ୍ଲକ ଜରଡ଼ା ପଞ୍ଚାୟତ ଗୁଣ୍ଡୁରୀନାଳି ଗ୍ରାମରେ ବ୍ଲକ ପ୍ରଶାସନ ଅଧିକାରୀ ଓ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ରାତି ଅଧରେ ସିସି ରୋଡ୍ ନିର୍ମାଣ ଚାଲିଥିବା ଅଭିଯୋଗ ହେଉଛି। ଏହାସହ ନିମ୍ନମାନର କାର୍ଯ୍ୟ ହେଉଥିବା ଓ ସରକାରଙ୍କ ନିର୍ଦ୍ଧାରିତ ସିସି ରୋଡ୍ ପ୍ରଣାଳୀକୁ ଅମାନ୍ୟ କରି କାମ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଗ୍ରାମର ବାଣାପାଣି ମଣ୍ଡପଠାରୁ ମଙ୍ଗଳା ଘର ପର୍ଯ୍ୟନ୍ତ ଏହି ରାସ୍ତା କାମ ଚାଲିଥିବା ବେଳେ କୌଣସି ସୂଚନାଫଳକ ଲଗାଯାଇନାହିଁ। ଏହି ସମ୍ପର୍କରେ ପ୍ରତିକ୍ରିୟା ପାଇଁ କନିଷ୍ଠ ଯନ୍ତ୍ରୀ ତପନ କୁମାର ପଣ୍ଡାଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ। ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି କଣିହାଁ ବିଡିଓ, ତାଳଚେର ଉପଜିଲ୍ଲାପାଳ ଓ ଅନୁଗୋଳ ଜିଲ୍ଲାପାଳ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



# ପ୍ରାକୃତିକ ସମ୍ପଦ, ପ୍ରକୃତି ଓ ପରିବେଶ ସୁରକ୍ଷା ପାଇଁ ଜନ ଅଧିକାର ଯାତ୍ରା



ଛେଣ୍ଡିପଦା,୨୨ ।୩(ସମିସ): ଜଳ, ଜମି ଓ ଜଙ୍ଗଲ ମଣିଷର ମୌଳିକ ଅଧିକାର। ପ୍ରକୃତି ଓ ପରିବେଶର ସୁରକ୍ଷା ପାଇଁ ଓଡ଼ିଶାର କୋଣ ଅନୁକୋଣରେ ଏବେ ଗୁଞ୍ଜରିତ ହେଉଛି ଅଧିକାରର ସ୍ୱର। ଗତ ଫେବୃଆରୀ ୨୫ରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପବିତ୍ର ଜନ୍ମପୀଠ ସତ୍ୟଭାମାପୁରରୁ ଆରମ୍ଭ ହୋଇଥିବା "ଲୋକାଧିକାର ଯାତ୍ରା' ଏବେ ତା'ର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଓଡ଼ିଶାର କଟକ, ଯାଜପୁର, ସୁନ୍ଦରଗଡ଼ରୁ ଆରମ୍ଭ କରି କୋରାପୁଟ ଓ ମାଲକାନଗିରି ପର୍ଯ୍ୟନ୍ତ ୨୪ ଜିଲ୍ଲାରେ ଶହ ଶହ କିଲୋମିଟର ଅତିକ୍ରମ କରିଛି ଏହି ପଦଯାତ୍ରା। ବିଭିନ୍ନ ଜନ ଆନ୍ଦୋଳନ, ରାଜନୈତିକ ସଂଗଠନ ଏବଂ ସାମାଜିକ କର୍ମୀମାନେ ଯାତ୍ରାକୁ ଭବ୍ୟ ସ୍ୱାଗତ ଜଣାଇବା ସହ "ବିକଳ୍ପ ବିକାଶ'ର ଧାରା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଅନୁଗୋଳ ଜିଲ୍ଲା ଛେଣ୍ଡିପଦାଠାରେ ଏହି ଯାତ୍ରା ପହଞ୍ଚିବା ପରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ସହ ସଭା ଅନୁଷ୍ଠିତ ହୋଇଛି। କଂଗ୍ରେସ ନେତ୍ରୀ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାମାନେ ଯାତ୍ରାର ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସବୁଜ ନୋବେଲ ବିଜେତା ତଥା ଜନନେତା ପ୍ରଫୁଲ୍ଲ ସାମନ୍ତରା ଯୋଗଦେଇ ପ୍ରକୃତି ଓ ପରିବେଶ ସୁରକ୍ଷା ପାଇଁ ଜନତାଙ୍କୁ ସଜାଗ ହେବାକୁ ଆହ୍ୱାନ ଦେଇଥିଲେ। ବିକାଶ ନାଁରେ ପ୍ରକୃତିର ବିନାଶକୁ କେବେ ସହ୍ୟ କରାଯିବ ନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ।


॥ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ॥



୬ ବାସନ୍ତୀ ମିଶ୍ର
ତାଳିଛକ, ଭୋଦର
ଧରାବତରଣ- ୧୦.୦୩.୧୯୩୭
ସ୍ୱର୍ଗାରୋହଣ- ୧୩.୦୩.୨୦୨୬
ଆପଣଙ୍କ ସ୍ନେହ, ମମତା, ଶ୍ରଦ୍ଧା ଆମେମାନେ ସର୍ବଦା ମନେପକାଉଥିବୁ।
ଆପଣଙ୍କ ଶୂନ୍ୟତା ଆମମାନଙ୍କ ପାଇଁ ସର୍ବଦା ଅପୂରଣୀୟ।
ଆଜି ଏକାଦଶାହ ଅବସରରେ ଅମର ଆତ୍ମାର ସଦଗତି ନିମନ୍ତେ
ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ : -
ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ ୦୧.୦୧.୧୯୪୫
ତିରୋଧାନ ୦୧.୦୪.୨୦୨୫
୬ ଧୋବୁଣି ନାହାକ
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗଦର୍ଶନ, ସହନଶୀଳତା ଆମମାନଙ୍କ ଜୀବନର ପାଥେୟ ହେଉ, ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ
ପୁତ୍ର- ଚିତ୍ତରଞ୍ଜନ, ରାମଚନ୍ଦ୍ର, ପୁତ୍ରବଧୂ - ତପସ୍ୱିନୀ ଓ ରିଙ୍କି, ଝିଅ- ବାସନ୍ତୀ, ଦେବକୀ, ସମାପ୍ତି, ଜୋଇଁ - କବି, ସୁରେଶ, କୃଷ୍ଣଚନ୍ଦ୍ର, ନାତି-ନାତୁଣି- ପଦ୍ମନାଭ, ଏଞ୍ଜେଲ, କାହ୍ନା, ବଳରାମ, ଶୁଭଶ୍ରୀ, ସିଲୁ, ଜିଜ୍ଞାସା, ବନ୍ଧୁ ଓ ଆତ୍ମୀୟସ୍ୱଜନ

## ପାଇପ୍ ବିଛା ପାଇଁ ଖୋଳାଯାଉଛି ରାସ୍ତା

# ମରାମତି ହେଉନି; ଯାତାୟାତରେ ସମସ୍ୟା

**ନିଶ୍ଚିନ୍ତକୋଇଲି,୨୨ ।୩(ସମିସ):**

ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ଘରେ ଘରେ ପାଇପ୍ ଦ୍ୱାରା ପାନୀୟଜଳ ଯୋଗାଣ ପାଇଁ ଠିକାଦାର ପକ୍ଷରୁ ପାଇପ ପକା କାର୍ଯ୍ୟ କରାଯାଉଛି । ରାସ୍ତା ପାର୍ଶ୍ୱରେ ପାଇପ୍ ପକାଇବା ପାଇଁ ଠିକାସଂସ୍ଥା ଦ୍ୱାରା ବିଭିନ୍ନ ରାସ୍ତାର ପାର୍ଶ୍ୱକୁ ଜେସିବି ଦ୍ୱାରା ଖୋଳାଯାଉଥିବାରୁ ଯାତାୟାତରେ ସମସ୍ୟା ଉପୁଜୁଛି । ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଚୟନ କରାଯାଇଥିବା ଠିକାଦାର ବର୍ତ୍ତମାନ ନିଶ୍ଚିନ୍ତକୋଇଲି ସଦର ମହକୁମାରେ



ପାଇପ୍ ପକାଇବା କାର୍ଯ୍ୟ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ନିଶ୍ଚିନ୍ତକୋଇଲି ବଜାରରୁ ବିଭିନ୍ନ ସ୍ଥାନକୁ ବାହାରିଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ଓ ଜଳସେଚନ ବିଭାଗର ରାସ୍ତାକୁ ମଧ୍ୟ ଜେସିବି ଦ୍ୱାରା ତାଡ଼ି ପକାଇଛନ୍ତି । ବିଶେଷକରି ନିଶ୍ଚିନ୍ତକୋଇଲି-କାଜିହାଟ ଗ୍ରାମ୍ୟ ଉନ୍ନୟନ ବିଭାଗର କଂକ୍ରିଟ ରାସ୍ତାକୁ ତାଡି ଦେଇଥିବାରୁ ଲୋକମାନେ ଯାତାୟାତ ପାଇଁ ବହୁ ହୀନସ୍ତା ହେଉଛନ୍ତି ।

ନିୟମାନୁଯାୟୀ ରାସ୍ତା ପାଶ୍ୱର୍ରେ ଜଳଯୋଗାଣ ପାଇଁ ପାଇପ ବିଛାଇବା ସମୟରେ ଯେତିକି ରାସ୍ତା ଖୋଳାଯିବ ତାହାକୁ ସଙ୍ଗେ ସଙ୍ଗେ ପୂର୍ବରୁ ଯେଭଳି ରାସ୍ତା ରହିଛି ତାହା କରିବା ପାଇଁ ନିର୍ଦ୍ଦେଶ ରହିଥିଲା । ହେଲେ ଠିକାଦାରଙ୍କ ବେପରୁଆ ମନୋଭାବ ଯୋଗୁଁ ଅନେକ ସ୍ଥାନରେ ରାସ୍ତାକୁ ଖୋଳିଦେଇ ମାସ ମାସ ପକାଇ ରଖାଯାଇ ମରାମତି କରାଯାଉନାହିଁ । ଦୀର୍ଘ ଦିନ ହେବ ରାସ୍ତା ପାଶ୍ୱର୍ରେ ଖୋଳାଯାଇଥିବା ସିମେଣ୍ଟ କଂକ୍ରିଟ ପଡି ରହୁଛି । ଫଳରେ ଯାତାୟାତ ସମୟରେ ବାଇକ୍ ଓ ସାଇକଲ ଆରୋହୀ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି । ଲୋକଙ୍କୁ ଘରେ ଘରେ ପାନୀୟଜଳ ଯୋଗାଣ ନାଁରେ ଜଳଯୋଗାଣ ବିଭାଗର ଠିକାଦାର ବହୁ ରାସ୍ତାକୁ ତାଡ଼ି ନଷ୍ଟ କରିଦେଇଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପାଇପ୍ ବିଛାଇବା ପାଇଁ ତଡ଼ା ଯାଇଥିବା ରାସ୍ତାଗୁଡିକୁ ତୁରନ୍ତ ମରାମତି କରି ଯାତାୟାତ ଉପଯୋଗୀ କରିବା ପାଇଁ ସାଧାରଣରେ ଦାବି ହୋଇଛି ।

## ମହାପୁରୁଷ ଅଚ୍ୟୁତାନନ୍ଦ ମିନି ଷ୍ଟାଡିୟମ ଚାବି ନେମାଳ କଲେଜକୁ ହସ୍ତାନ୍ତର

**ନିଶ୍ଚିନ୍ତକୋଇଲି/ନେମାଳ, ୨୨।୩ (ସମିସ):** ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ତତ୍କାଳୀନ କ୍ରୀଡ଼ା ମନ୍ତ୍ରୀ ତଥା ସେତେବେଳର କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କ ଉଦ୍ୟମକ୍ରମେ କଟକସଦର ବିଧାନସଭା କ୍ଷେତ୍ର ନିଶ୍ଚିନ୍ତକୋଇଲି ବ୍ଲକ ନେମାଳଠାରେ



ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ନାମରେ ଗୋଖରା ଷ୍ଟାଡ଼ିୟମ୍ ନିର୍ମାଣ କରାଯାଇଥିଲା । ବର୍ତ୍ତମାନ ଏହି ଷ୍ଟାଡ଼ିୟମଟି ଶ୍ରୀ ଅଚ୍ୟୁତାନନ୍ଦ ମିନି ଷ୍ଟାଡ଼ିୟମ ନାମରେ ପରିଚିତ କିନ୍ତୁ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଷ୍ଟାଡ଼ିୟମର ଚାବି ନିଜ ଅକ୍ତିଆରରେ ରଖିବାକୁ ଚେଷ୍ଟା କରୁଥିଲେ । ଉକ୍ତ ଷ୍ଟାଡ଼ିୟମର ଦାୟିତ୍ୱ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟକୁ ପ୍ରଦାନ କରିବାକୁ ମହାବିଦ୍ୟାଳୟର ଛାତ୍ର ସଂସଦ ପୂର୍ବତନ ସଭାପତି ରତନ କୁମାର କର, କ୍ଷମାନିଧି ପୂଝାରୀ, ହିମାଂଶୁଶେଖର ଦାସ, ସୂର୍ଯ୍ୟକାନ୍ତ ଜେନା, ନିର୍ମଳ ପଢିହାରୀ, ବଳଦେବାନନ୍ଦ ଦାସ, ଗୋବିନ୍ଦଚନ୍ଦ୍ର ଦାସ, ତୁଷାରକାନ୍ତ ସାମଲ, ସରୋଜ କୁମାର ସିଂହ, ଦେବାଶିଷ ନାୟକ, ଅମିତ୍ ମହାନ୍ତି, କିଶନ ଭୂୟାଁ, କମଳାକାନ୍ତ ଦାଶ ଓ ପୂର୍ବତନ ସମ୍ପାଦକ ଜାନକୀବଲ୍ଲଭ ମହାନ୍ତି ପ୍ରମୁଖଙ୍କ ସମେତ ମହାବିଦ୍ୟାଳୟର ବହୁ ପୁରାତନ ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀ ଓ ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଇଥିଲେ । ପ୍ରଶାସନ ପକ୍ଷରୁ ଉକ୍ତ ଘଟଣାକୁ ଗୁରୁତର ସହ ନେଇ ଗୋଖରା ଷ୍ଟାଡ଼ିୟମର ରକ୍ଷଣାବେକ୍ଷଣ ଓ ଉକ୍ତ ଷ୍ଟାଡ଼ିୟମ୍‌କୁ ମହାବିଦ୍ୟାଳୟ କ୍ରୀଡ଼ା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିବା ପାଇଁ ଦାୟିତ୍ୱ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ପକ୍ଷରୁ ଜାରି ଚିଠି ଅନୁସାରେ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ତାଲା ଚାବି ପ୍ରଦାନ କରିବା ସହ ଦାୟିତ୍ୱ ପ୍ରଦାନ କରିଛନ୍ତି । ଦୀର୍ଘ ଦିନ ପରେ ଷ୍ଟାଡ଼ିୟମ୍‌ଟି ପ୍ରଶାସନ ପକ୍ଷରୁ ମହାବିଦ୍ୟାଳୟକୁ ପ୍ରଦାନ କରାଯାଇଥିବାରୁ ମହାବିଦ୍ୟାଳୟର ସମସ୍ତ ପୂର୍ବତନ ଛାତ୍ର ସଂସଦ କର୍ମକର୍ତ୍ତା ଓ ବର୍ତ୍ତମାନର ଛାତ୍ରଛାତ୍ରୀମାନେ କୃତଜ୍ଞତା ଜଣାଇଛନ୍ତି ।

## ମା’ କୋଟିଲେଇଙ୍କ ବାର୍ଷିକ ମହୋତ୍ସବ



**କନ୍ଦରପୁର,୨୨।୩(ସମିସ):** କଟକ ସଦର ଅନ୍ତର୍ଗତ ପରମହଂସ ସଫିପୁରସ୍ଥିତ ମା’କୋଟିଲେଇ ଠାକୁରାଣୀଙ୍କ ପୀଠରେ ୧୭ତମ ୩ଦିନିଆ ମହୋତ୍ସବ ଉଦଯାପିତ ହୋଇଯାଇଛି । ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ୩୦୦ରୁ ଉର୍ଦ୍ଧ୍ୱ ମହିଳା ଏକ କଳସ ଶୋଭାଯାତ୍ରାରେ କାଠଯୋଡ଼ିରୁ ପାଣି ଉତ୍ତୋଳନ କରି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ଏହି ଅବସରରେ ଶ୍ରଦ୍ଧା ସବୁରି ଶିରିଡ଼ି ସାଇବାବାଙ୍କ ଚଭାଡି ଶୋଭାଯାତ୍ରା ସାହି ପରିକ୍ରମା କରାଯାଇଥିଲା । ଉଦଯାପନ ଦିବସରେ ଆଜି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହିତ ଖ୍ୟାତନାମା କଣ୍ଠଶିଳ୍ପୀଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ହୋଇଥିଲା । ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ପୁରୋଧା ପ୍ରଫୁଲ୍ଲ ସିଂହ ପତ୍ନୀ ନିବେଦିତା ସିଂହ ଓ ସୁମନ୍ତ ପଣ୍ଡା ପତ୍ନୀ ନମିତା ପଣ୍ଡା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ପରିଚାଳନାରେ ହୃଷିକେଶ ରଣା, ସୁବୋଧ ବେହେରା, ଅନିରୁଦ୍ଧ ରାଉଳ, ସୁରେଶ ସାହୁ, କିଶୋର ହରି ପୁଷ୍ପରାଜ ପ୍ରଧାନ, ଅର୍ଚ୍ଚନା ମହାନ୍ତି ପ୍ରମୁଖଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

## ବିଶ୍ୱ ପଖାଳ ଦିବସର କାର୍ଯ୍ୟକ୍ରମ

**ସାଲେପୁର,୨୨ ।୩(ସମିସ):** ଆଜି ସାଲେପୁର ମଧୁମଣ୍ଡପଠାରେ ଲୋକସେବା ଫାଉଣ୍ଡେସନ୍ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି । ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ତଥା କଟକ ଜିଲା ଗ୍ରାମୀଣ ବିଜେପି ଉପସଭାପତି ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର



ମଣ୍ଡଳ ସଭାପତି ଅସିତ ମହାନ୍ତି, ସନାତନ ଦାଶ, ତ୍ରିଲୋଚନ ପାତ୍ର, ନନ୍ଦିନୀ ଶତପଥୀ, ସଂଗୀତା ଜେନା, ସମରେନ୍ଦ୍ର ଷଡ଼ଙ୍ଗୀ, ମନୋଜ ବିଶ୍ୱାଳ, ତାପସ ଜେନା, ମୀନକେତନ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଶଶିକାନ୍ତ ମହାନ୍ତି, ଅନନ୍ତ ପାତ୍ର, ମୁରଲୀଧର ମଲ୍ଲିକ, ଅଜୟ ସ୍ୱାଇଁ, ସୁକାନ୍ତ ବେହେରା, ରେଣୁବାଳା ରାଉତ, ତୁଳସୀ ଦାସ, ଜାନକୀ କାଣ୍ଡି, ମିଳନ ସାହୁ, କିଶୋର ସାହୁ, ଅନ୍ତର୍ଯ୍ୟାମୀ ସାହୁ, ରାଜୀବ ଦ୍ୱିବେଦୀ, ପ୍ରଭାତ ସ୍ୱାଇଁ ସହଯୋଗ କରିଥିଲେ ।

## କଟକ ଜିଲ୍ଲା କର୍ମଜୀବୀ ସାମ୍ବାଦିକ ସଂଘର ବୈଠକ



**କଣ୍ଟାପଡ଼ା,୨୨।୩(ସମିସ):** କଟକ ଜିଲ୍ଲା କର୍ମଜୀବୀ ସାମ୍ବାଦିକ ସଂଘର ବୈଠକ କଣ୍ଟାପଡ଼ା ବ୍ଲକ ଓଲଟପୁର ବାଇରୋଇସ୍ଥିତ ସୌଦାମିନୀ ପାଠାଗାର ସମ୍ମିଳନୀ କକ୍ଷରେ ଜିଲ୍ଲା ସଭାପତି ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ଓ ସର୍ବଭାରତୀୟ ସ୍ତରୀୟ ସାମ୍ବାଦିକ ସଂଘର ସାଧାରଣ ସଂପାଦକ ସୁଜ୍ଞାନ ଚୌଧୁରୀ, ରାଜ୍ୟ ସାଧାରଣ ସମ୍ପାଦକ ପବିତ୍ର କୁମାର ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକାଶ ନନ୍ଦ, ବୟାଳିଶ ମୌଜା ସାମ୍ବାଦିକ ସଂଘର ସଭାପତି ଅନିଲ କୁମାର ଦାସ ଓ ଅମିତ୍ କୁମାର ପରିଜା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଆସନ୍ତା ଏପ୍ରିଲ ମାସ ଶେଷ ସୁଦ୍ଧା ଜିଲ୍ଲାର ବାର୍ଷିକ ଉତ୍ସବ ପାଳନ କରାଯିବା ନିମନ୍ତେ ବୈଠକରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଶଶିଭୂଷଣ ଦାଶ, ପୂର୍ଣ୍ଣଚନ୍ଦ୍ର ଦଳାଇ, ଚିନ୍ମୟ ମହାରଣା, ଦୀପ୍ତିରଞ୍ଜନ ଶତପଥୀ, ଗୌରାଙ୍ଗ ଚରଣ ରାଉତ, ପ୍ରତାପ କୁମାର ମଲ୍ଲିକ, ମହେଶ୍ୱର ପାତ୍ର, ଦୁଃଶାସନ ସାହୁ, ବିଶ୍ୱରଂଜନ ଦାସ, ସୁଧୀର କୁମାର ଶତପଥୀ, ଶିବାନୀ ମୁଦୁଲି, ବିନୋଦ ଭୋଇ, ରାକେଶ ହୋତା, ହେମନ୍ତ ମଲ୍ଲିକ, ରାଜକିଶୋର ଦାଶ, ବୁଲୁ ପାତ୍ର, କୈଳାଶଚନ୍ଦ୍ର ସ୍ୱାଇଁ, ଶୈଳଜା ମହାପାତ୍ର, ସନ୍ତୋଷ ମିଶ୍ର, ଜୀବନ ଦାସଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗ ଦେଇଥିଲେ ।

## କରାଟେ ଚାମ୍ପିଅନସିପରେ କୃତିତ୍ୱ ପାଇଁ ଦୁଇ ଭଉଣୀଙ୍କୁ ସମ୍ବର୍ଦ୍ଧନା



**କିଶନନଗର,୨୨ ।୩(ସମିସ):** ଭାରତୀୟସେନାରେ ଥିବା କଟକ ସଦର ଅନ୍ତର୍ଗତ ବୋଧପୁର ଗ୍ରାମର ରଞ୍ଜିତ ଦାସଙ୍କ ଦୁଇ ଝିଅ ରୋଶନି ଦାସ ଓ ରାଗିନି ଦାସ କରାଟେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତର ପ୍ରତିଯୋଗିତାରେ ଗୋଲ୍ଡ, ସିଲଭର, ବ୍ରୋଞ୍ଜ ମେଡାଲର ହାସଲ କରିଛନ୍ତି । ନିଜ ଗ୍ରାମ ବୋଧପୁରକୁ ଗୌରବାନ୍ୱିତ କରିଥିବାରୁ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସେମାନେ ଏହି ସଫଳତା ବାପା ମା’ଙ୍କ ପ୍ରେରଣା ଓ ଆଶୀର୍ବାଦ ଯୋଗୁଁ ହୋଇପାରିଛି ବୋଲି କହିଛନ୍ତି । ଓଡ଼ିଶା ରାଷ୍ଟ୍ରବାଦୀ ସଂଘର ସଭାପତି ଇଂ ଗିରିଜା ଶଙ୍କର ପତିଙ୍କ ନିର୍ଦ୍ଦେଶକ୍ରମେ ସଂଘ ପକ୍ଷରୁ ଦୁଇ ଭଉଣୀଙ୍କୁ ବୋଧପୁରସ୍ଥିତ ବାସଭବନରେ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ଭାରତୀୟ କିଶାନ ସଂଘ ରାଜ୍ୟ ସଂପାଦକ ବେବୀପ୍ରସାଦ ପତି, ରବିନ୍ଦ୍ର ପାତ୍ର, ନାଟ୍ୟକାର ଅଶୋକ ପଟ୍ଟନାୟକ, ଶ୍ରୀକାନ୍ତ ବେଉରା, ବିଜେପି ବୋଧପୁର ପଞ୍ଚାୟତ ପ୍ରମୁଖ ଅରବିନ୍ଦ ମହାନ୍ତି, ଦୁଲାଲ ଭୋଇ, ଯୁବରାଜ ପଣ୍ଡା, ବିଷ୍ଣୁଚରଣ ପଣ୍ଡା ଓ ନିର୍ମଳ ଦାସ ଦୁଇ ଭଉଣୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ଜଗନ୍ନାଥଙ୍କ ପଟଚିତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ବଡମ୍ବା ପୂର୍ବ ରାଜ୍ୟ କୈବର୍ତ୍ତ ସମାଜର ସାଧାରଣ ବୈଠକ

**ବଡମ୍ବା, ୨୨।୩ (ସମିସ):** ବଡମ୍ବା ନିଜିଗଡସ୍ଥ କାଁଥିତଳସାହି ବିଳାସିନୀ ମଣ୍ଡପରେ ବଡମ୍ବା ପୂର୍ବ ରାଜ୍ୟ କୈବର୍ତ୍ତ ସମାଜର ୨୦ତମ ସାଧାରଣ ସଭା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ପୂର୍ବ ରାଜ୍ୟ ସଭାପତି ବୈକୁଣ୍ଠ ନାଥ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ନିଖିଳ ଓଡିଶା କୈବର୍ତ୍ତ ମହାସଂଘର କାର୍ଯ୍ୟକାରୀ ସଭାପତି ମନୋଜ କୁମାର ବେହେରା, ସମ୍ମାନିତ ଅତିଥିଭାବେ ଓଡିଶା ମତ୍ସ୍ୟଜୀବୀ ସଂଗଠନର ସଭାପତି ପ୍ରସନ୍ନ କୁମାର ବେହେରା ଉପସ୍ଥିତ ଥିଲେ । ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଉପସଭାପତି ରମେଶଚନ୍ଦ୍ର ବେହେରା ଦେଇଥିବା ବେଳେ ଶିକ୍ଷାକମିଟି ଅଧ୍ୟକ୍ଷ ଭାଗୀରଥି ବେହେରା ୨୦୨୧ରୁ ୨୦୨୫ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷାରେ ୧୪ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ସହ ସହଯୋଗ



ରାଶି ପ୍ରଦାନ କରିବାରେ ସହଯୋଗ କରିଥିଲେ । ଆସନ୍ତା ୨ ବର୍ଷ ପାଇଁ ଅର୍ଥାତ ୨୦୨୮ ପର୍ଯ୍ୟନ୍ତ ନୂତନ କମିଟି ଗଠନ କରାଯାଇଛି । ସଭାପତି ଭାବେ ପୁନର୍ବାର ବୈକୁଣ୍ଠନାଥ ବେହେରା, ଉପସଭାପତି ଭାବେ ରମେଶଚନ୍ଦ୍ର ବେହେରା, ସମ୍ପାଦକ ଭାବେ ବ୍ରଜକିଶୋର ରାଉତ, ସହସମ୍ପାଦକ ଭାବେ ସଦାଶିବ ବେହେରା, ସଦର ବେହେରା ଭାବେ ରବୀନ୍ଦ୍ର କୁମାର ବେହେରା, କୋଷାଧକ୍ଷ ଭାବେ ଗୁରୁବାରୀ ବେହେରା, ଶିକ୍ଷା କମିଟି ଅଧ୍ୟକ୍ଷ ଭାବେ ଭାଗୀରଥି ବେହେରା ଓ ଉପଦେଷ୍ଟା ଭାବେ କୁଳମଣି ବେହେରା ନିର୍ବାଚିତ ହୋଇଥିଲେ । ବଡମ୍ବା ନିଜିଗଡ ଥାନୀ ଦୟାନନ୍ଦ ଦଳେଇ, ଫଗୁ ବେହେରାଙ୍କ ପୂର୍ଣ୍ଣ ସହଯୋଗରେ ବଡମ୍ବା ପୂର୍ବ ରାଜ୍ୟର ୩୩ ଜଣ ଥାନୀ ସହଯୋଗ କରିଥିଲେ । ପୂର୍ବ ରାଜ୍ୟର ବରିଷ୍ଠ ସଭ୍ୟ ତଥା ତ୍ରୟୋଦଶ ରାଜ୍ୟର ପ୍ରାକ୍ତନ କୋଷାଧକ୍ଷ ଚରଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୁବନେଶ୍ୱରୀ ବେଶରେ ମା’ ବୁଢ଼ୀ ମଙ୍ଗଳା



**ତିଗିରିଆ, ୨୨।୩ (ସମିସ):** ତିଗିରିଆ ବ୍ଲକ ବିନ୍ଧାଣିମା ପଞ୍ଚାୟତ ଆରାଧ୍ୟ ଠାକୁରାଣୀ ମା’ ବୁଢ଼ୀ ମଙ୍ଗଳାଙ୍କ ପୀଠରେ ଚାଲିଥିବା ବାସନ୍ତିକ ଦୁର୍ଗାପୂଜାର ଚତୁର୍ଥ ଦିବସରେ ମା’ ଆଜି ନିଜର ଭକ୍ତମାନଙ୍କୁ ଭୁବନେଶ୍ୱରୀ ବେଶରେ ଦର୍ଶନ ଦେଇଛନ୍ତି । ଏହି ଅବସରରେ ଆଜି ମା’ଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମଙ୍ଗଳ ଆଳତୀ, କଳସ ପୂଜା, ଅଗ୍ନି ସ୍ଥାପନ, ଚଣ୍ଡୀ ପାଠ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଆଳତୀ ଆଦି ନୀତି ସମ୍ପନ୍ନ ହୋଇଥିଲା । ସନ୍ଧ୍ୟାରେ ମା’ଙ୍କ ପୀଠରେ ଭଜନ, କୀର୍ତ୍ତନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

## ବିଶ୍ୱ ବନ ଦିବସ

**ନରସିଂହପୁର,୨୨।୩(ସମିସ):** ନରସିଂହପୁର ବନାଞ୍ଚଳ ପୂର୍ବ ରେଞ୍ଜ ଆନୁକୂଲ୍ୟରେ ବିଶ୍ୱ ବନ ଦିବସ ଶିକ୍ଷା ଅନୁଷ୍ଠାନ ପ୍ରାଇମି ପରିସରରେ ଅନୁଷ୍ଠିତ ହୋଇଛି । ବନାଞ୍ଚଳ ଅଧିକାରୀ ସନ୍ତୋଷ ସାହୁ, ରେଞ୍ଜର କୁଳେଶଚନ୍ଦ୍ର ସାହୁ, ବନପାଳ ନୂଆଗଡ଼ ପ୍ରଦୀପ ପରିଡା, ବନପାଳ ସେରମୁଣ୍ଡା ନିରଞ୍ଜନ ମଲ୍ଲିକ, ବନପାଳ ରଣସିଂହପୁର ଶରତ ସାହୁ ଆଲୋଚନା କରିଥିଲେ । ସାଧାରଣ ଜ୍ଞାନ ଓ ବକ୍ତୃତା ପରିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ରାଧେଶ୍ୟାମ ପଣ୍ଡା, ରାଜାରାମ ପଣ୍ଡା, ବାବୁ ମହାକୁଡ଼ଙ୍କ ସମେତ ବନରକ୍ଷୀ ସହଯୋଗ କରିଥିଲେ ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

**ଚୌଦ୍ୱାର,୨୨।୩(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଆଗ୍ରାହାଟ ପଞ୍ଚାୟତ ନୂଆଗାଁ ନିବାସୀ ଆଦର୍ଶ ଶିକ୍ଷକ ନିରଞ୍ଜନ କର(୮୭)ଙ୍କ ପରଲୋକ ହୋଇଯାଇଛି । ସେ ଚୌଦ୍ୱାର ମ୍ୟୁନିସିପାଲ ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରି ଉକ୍ତ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ । ଜଣେ ଛାତ୍ର ବତ୍ସଳ, ମିଷ୍ଟଭାଷୀ ତଥା ଆଦର୍ଶ ଶିକ୍ଷକ ଥିଲେ । ତାଙ୍କର ବହୁ ଛାତ୍ରଛାତ୍ରୀ ତଥା ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ନୂଆଗାଁସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ମରଶରୀରକୁ ଶୋଭାଯାତ୍ରାରେ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା । ମଝିଆ ପୁଅ କ୍ଷୀତିଶ କର ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ସମେତ ମ୍ୟୁନିସିପାଲ ସରକାରୀ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ସଦସ୍ୟ ଶୋକ ବ୍ୟକ୍ତ କରିଛନ୍ତି ।

## ରକ୍ତଦାନ ଶିବିର: ୧୨୫ ୟୁନିଟ୍ ସଂଗ୍ରହ



**ଚୌଦ୍ୱାର,୨୨।୩(ସମିସ):** ଚୌଦ୍ୱାର ରୋଟାରୀ କ୍ଲବ୍ ଆୟୋଜନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାର ରକ୍ତଦାତା ସଂଘ ଓ ଆମ ଓଡ଼ିଶା ସହଯୋଗରେ କପାଳେଶ୍ୱରସ୍ଥିତ ଆର.ଡି. ହାଉସ୍‌ରେ ଆୟୋଜିତ ଏହି ଶିବିରକୁ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ, ଶିକ୍ଷାବିତ୍ ତ୍ରିଦେବ ବେହେରା, ଅଧ୍ୟାପିକା ସସ୍ମିତା ପଟ୍ଟନାୟକ ପ୍ରମୁଖ ଉଦ୍‌ଘାଟନ କରିଥିଲେ । ଶିବିରରୁ ମୋଟ ୧୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । କଟକ ରେଡ଼କ୍ରସ୍ ବ୍ଲଡ଼ ବ୍ୟାଙ୍କର କର୍ମକର୍ତ୍ତାମାନେ ରକ୍ତ ସଂଗ୍ରହ କରିଥିଲେ । ରୋଟାରିଆନ୍ ସଂଜିତ ଜେନା, ରବିନ୍ଦ୍ର କୁମାର ସାହୁ, କାଉନସିଲର ସୁବ୍ରତ ସାମଲ, ରାଜକିଶୋର ସାମନ୍ତରାୟ, ବିକାଶ କୁମାର ଗିରି, ବିଶ୍ୱକଲ୍ୟାଣ ଦାସ, କ୍ଷୀତିନ୍ଦ୍ରନାଥ କାନୁନଗୋ, ରମେଶ ବରାଳ, ପ୍ରତାପ ଶତପଥୀ, ଜୟଶ୍ରୀ ମହାନ୍ତି, ଭାରତୀ ମହାନ୍ତି ଶିବିର ପରିଚାଳନା କରିଥିଲେ ।

## ତାଳପତ୍ର ବୋଝେଇ ଟ୍ରାକ୍ଟର ଜବତ

**ଆଠଗଡ,୨୨ ।୩(ସମିସ):** ରବିବାର ଆଠଗଡ଼ ବନବିଭାଗ ପକ୍ଷରୁ ଜଙ୍ଗଲ ଭିତରୁ ଗୋଟିଏ ତାଳପତ୍ର ବୋଝେଇ ଟ୍ରାକ୍ଟର ଜବତ କରାଯାଇଥିବା ଜଣାପଡିଛି । ଆଗକୁ ଶ୍ରୀରାମନବମୀ ଥିବାରୁ ଆଠଗଡ଼ର ପ୍ରାୟ ପ୍ରତ୍ୟେକ ଗ୍ରାମରେ ରାମ ନବମୀ ଉତ୍ସବ ପାଳିତ ହୋଇଥାଏ । ନବଦିନ ବ୍ୟାପୀ ପାଳିତ ହେଉଥିବା ଏହି ଉତ୍ସବରେ ତାଳ ଛାମୁଡିଆ କରିବା ପାଇଁ ବ୍ୟବହୃତ ତାଳପତ୍ର ଜଙ୍ଗଲରୁ ସଂଗ୍ରହ କରିବାକୁ ଥିବା ବେଳେ ଏଥିପାଇଁ ବନବିଭାଗଠାରୁ ଅନୁମତି ଆଣିବା ବାଧ୍ୟତାମୂଳକ; କିନ୍ତୁ ଆଜି ଏଭଳି ବିନା ଅନୁମତିରେ ଆଠଗଡ଼ ସଦର ରେଞ୍ଜ ସୁକାଶନ ସଂରକ୍ଷିତ ଜଙ୍ଗଲରେ ଗୋଟିଏ ତାଳପତ୍ର ବୋଝେଇ ହୋଇ ଥିବା ଟ୍ରାକ୍ଟର ଆଠଗଡ଼ ପର୍ଶୁରାମପୁର ରାମ ନବମୀ ଉତ୍ସବ ପାଇଁ ଆସୁଥିବା ବେଳେ ବନବିଭାଗ ଦ୍ୱାରା ଏହାକୁ ଜବତ କରା ଯାଇଥିବା ସଦର ବନପାଳ ଆଶିଷ କୁମାର ନାଏକ ସୂଚନା ଦେଇଛନ୍ତି । ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବରେ ପଶି ଶାଳ ଭଳି ମୂଲ୍ୟବାନ ଗଛର ତାଳପତ୍ର ଆଣିବାକୁ ସାଧାରଣ ରେ ନାପସନ୍ଦ କରାଯାଇଛି । ଆଠଗଡ଼ ଅଞ୍ଚଳରୁ ବିପୁଳ ପରିମାଣର ଜଙ୍ଗଲ ଜାତ ଦ୍ରବ୍ୟ ର ଚୋରା ଚାଲାଣ ହେଉଥିବା ବେଳେ ଏଭଳି କିଛି ଛୋଟ ଛୋଟ ଘଟଣାରେ ବନବିଭାଗ ବାହାଦୁରୀ ନେଉଥିବା ଆଠଗଡ଼ ଜନ ଜାଗରଣ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି ।

## ‘ପଲିଫେଷ୍ଟ-୨୦୨୬’ରେ ଡ୍ରିମ୍‌ସ ଛାତ୍ରଛାତ୍ରୀଙ୍କ ସଫଳତା

**କଟକ,୨୨ ।୩(ସମିସ):** ୬ଷ୍ଠ ରାଜ୍ୟସ୍ତରୀୟ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଭା ଅନ୍ୱେଷଣ ପର୍ବ ‘ପଲିଫେଷ୍ଟ-୨୦୨୬’ରେ ଡ୍ରିମ୍‌ସ ପଲିଟେକ୍‌ନିକ (ସ୍ୱୟଂଶାସିତ)ର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି । ଓଡିଆ ବକ୍ତୃତା ପ୍ରତିଯୋଗିତାରେ ଇଏନ୍‌ଟିସି (ପ୍ରଥମ ବର୍ଷ)ର ଛାତ୍ରୀ ଅଞ୍ଜୁମ୍ ପରୱିନ୍ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଦଳଗତ ଭାବରେ ନାଟକ ‘ଏ ହାତ ପାପ ସେ ହାତ ନିଏନା’ ପରିବେଷଣ କରି ପ୍ରଥମ ହେବାର ଗୋ÷ରବ ହାସଲ କରିଛନ୍ତି । ସେହିପରି ଲମ୍ବ ଡିଆଁରେ ମେକାନିକାଲ ଇଂଜିନିୟରିଂ (୩ୟ ବର୍ଷ)ଛାତ୍ର ଅରୁଣ କୁମାର ମହାନ୍ତ ଦ୍ୱିତୀୟ, ସଟ୍‌ପୁଟ୍ ଥ୍ରୋରେ କମ୍ପ୍ୟୁଟର ସାଇନ୍ସର(୩ୟ ବର୍ଷ) ଛାତ୍ରୀ ତନିଷା ପ୍ରଧାନ ୩ୟ ସ୍ଥାନ ଅଧିକାର କରିଛନ୍ତି । ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ସିଭିଲ ଇଂଜନିୟରିଂ (ପ୍ରଥମ ବର୍ଷ)ର ଛାତ୍ରୀ ଶ୍ରୀମୟୀ ପ୍ରିୟଦର୍ଶିନୀ ୩ୟ ସ୍ଥାନ ଅଧିକାର କରିଛନ୍ତି । ଏହି ସଫଳତା ପାଇଁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ସଫଳ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଗାମୀ ଦିନରେ ପ୍ରତିଭା ପ୍ରଦର୍ଶନ ଦ୍ୱାରା ଶିକ୍ଷାନୁଷ୍ଠାନର ଗୋ÷ରବ ବୃଦ୍ଧି କରିବାକୁ ଦିଗଦର୍ଶନ ଦେଇଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ, ପଲିଟେକ୍‌ନିକ ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଂଜନ ମହାନ୍ତି, ଅଧ୍ୟକ୍ଷା ଡ.ତପସ୍ୱିନୀ ସାହୁ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଅଧ୍ୟାପକ କୁଞ୍ଜବିହାରୀ ସାହୁ, ସିନ୍ଧୁସୂତା ରାଉତ, ଜ୍ୟୋତିରଂଜନ ନାୟକ, ଆଲୋକ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ (ଡିଟିଇଟି) ଆନୁକୂଲ୍ୟରେ ଦୁଇଦିନ ବ୍ୟାପୀ ଆୟୋଜିତ ପ୍ରତିଯୋଗିତାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ହଜାରରୁ ଉଦ୍ଧ୍ୱର୍ ଛାତ୍ରଛାତ୍ରୀ ଭାଗ ନେଇଥିଲେ ।

# କଟକ-ଚାନ୍ଦବାଲି ରାସ୍ତାକଡ଼ରେ ଗୋଡ଼ି ବାଲି ବେପାର

**ନିଶ୍ଚିନ୍ତକୋଇଲି,୨୨ ।୩(ସମିସ):**

କଟକ-ଚାନ୍ଦବାଲି ମୁଖ୍ୟ ରାଜ୍ୟ ରାଜପଥ ପାଶ୍ୱର୍ରେ ଥିବା ଏକ ତେଲଟାଙ୍କି ନିକଟରେ ରାସ୍ତା ପାଶ୍ୱର୍ରେ ହାଇୱାରେ ଟ୍ରିପ୍ ଟ୍ରିପ୍ ବାଲିଗୋଡି ଆସି ବ୍ୟବସାୟ

**● ବଢୁଛି ଦୁର୍ଘଟଣା**

କରାଯାଉଥିବା ଦେଖାଯାଇଛି । ବ୍ୟବସାୟୀ ନିଜର ସ୍ୱାର୍ଥକୁ ଚରିତାର୍ଥ କରି ରାସ୍ତା ପାଶ୍ୱର୍ରେ ବାଲିଗୋଡି ଗଦା କରି ବ୍ୟବସାୟ କରୁଥିଲେ ମଧ୍ୟ ପ୍ରଶାସନ ସବୁଦେଖି ଚୁପ୍ ରହିଛି । ଫଳରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ରାସ୍ତାରେ ଯାତାୟାତ



କରୁଥିବା ବାଟୋଇମାନେ ଦୁର୍ଘଟଣାର ଶିକାର ହେଉଛନ୍ତି । ନିଶ୍ଚିନ୍ତକୋଇଲି ଥାନା ଓ ତହସିଲ କାର୍ଯ୍ୟାଳୟ ମଧ୍ୟ ଭାଗରେ ରହିଥିବା ବାହାବଳପୁର ତେଲଟାଙ୍କି ନିକଟରେ ଏଭଳି ଘଟଣା ଦେଖାଯାଇଛି । ଏହି ରାସ୍ତାଦେଇ ତହସିଲଦାରଙ୍କଠାରୁ ଆରମ୍ଭ କରି ଥାନା ଆଇଆଇସିଙ୍କ ପର୍ଯ୍ୟନ୍ତ ସବୁବେଳେ ଯାତାୟାତ କରୁଥିଲେ ମଧ୍ୟ କ’ଣ ପାଇଁ ସଂପୃକ୍ତ ବାଲିଗୋଡି ବ୍ୟବସାୟିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି ସେନେଇ ପ୍ରଶ୍ନ ଉଠିଛି । ତେଲ ଟାଙ୍କି ପରିସରରେ ମୁଖ୍ୟରାସ୍ତାକୁ ଲାଗି ବାଲିଗୋଡି ବ୍ୟବସାୟ କରାଯାଉଥିବା ଘଟଣା ଟାଙ୍କିର ମାଲିକ ଗୋଚରରେ କରାଯାଉଛି ନା ଅଗୋଚରରେ ଏଭଳି କରାଯାଉଛି ସେନେଇ ସାଧାରଣରେ ଆଲୋଚନା ହେଉଛି । ବ୍ୟବସାୟୀ ଜଣକ ହାଇୱା ଦ୍ୱାରା ବେଆଇନ ଭାବେ ଟ୍ରିପ୍ ଟ୍ରିପ୍ ବାଲି ଏଠାରେ ଗଦାକରି ପରେ ଟ୍ରାକ୍ଟରରେ ଗାଁ ଗହଳିକୁ ପଠାଇ ବେପାର କରୁଛନ୍ତି । ଟ୍ରାକ୍ଟରରେ ବାଲି ଗୋଡି ଲୋଡ ହେଉଥିବା ସମୟରେ ରାସ୍ତା ଉପରେ ଟ୍ରାକ୍ଟର ରହୁଥିବାରୁ ରାସ୍ତା ଅବରୋଧ ହେବା ଦ୍ୱାରା ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି ହେଉଛି । କେବଳ ବାହାବଳପୁର ଛକରେ ନୁହେଁ ଏହି କଟକ ଚାନ୍ଦବାଲି ରାସ୍ତା ପାଶ୍ୱର୍ରେ ଅନେକ ସ୍ଥାନରେ ମଧ୍ୟ ବହୁ ମୁନାଫାଖୋର ବ୍ୟବସାୟୀମାନେ ବାଲିଗୋଡି ଟ୍ରିପ୍ ଟ୍ରିପ୍ ଗଦାକରି ବ୍ୟବସାୟ କରୁଛନ୍ତି । ଯାହାଦ୍ୱାରା ସାଧାରଣ ଲୋକେ ଯାତାୟାତରେ ବହୁ ସମସ୍ୟାରେ ପଡୁଥିଲା ବେଳେ ଅନେକ ସମୟରେ ଦୁର୍ଘଟଣାଘଟି ପ୍ରାଣହାନି ହେଉଥିବାର ଦେଖିବାକୁ ମିଳୁଛି । ତୁରନ୍ତ ରାସ୍ତା ପାଶ୍ୱର୍ରେ ଗଦା ହୋଇଥିବା ବାଲିଗୋଡିକୁ ହଟାଇବା ପାଇଁ ତହସିଲ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି ।

### ସପ୍ତାହ ହେଲା ଅନ୍ଧାରରେ ନୂଆଗାଁ ପଡ଼ାବାସୀ

# ବାମରା ବିଦ୍ୟୁତ୍ ସେକ୍ସନ୍ ଅଫିସରେ ଗ୍ରାମବାସୀଙ୍କ ବିକ୍ଷୋଭ

**କୁଚିଣ୍ଡା, ୨୨ ।୩(ସମିସ)**

ବାମରା ବ୍ଲକ ଉଜକାପାଟ ପଞ୍ଚାୟତ ଅଧୀନ ଭଗପଡ଼ା ନୂଆଗାଁଠାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଗତ ୮ ଦିନହେଲା ପୋଡ଼ି ଯାଇଥିବା ବେଳେ ଏନେଇ ଗ୍ରାମବାସୀ ବିଦ୍ୟୁ ବିଭାଗରେ ଅଭିଯୋଗ କରିଥିଲେ। ହେଲେ ଗ୍ରାମବାସୀଙ୍କ ଅଭିଯୋଗକୁ ବିଦ୍ୟୁ ବିଭାଗ ଶୁଣିଲା ନାହିଁ। ଫଳରେ ଗ୍ରାମବାସୀ ଶନିବାର ବାମରା ବିଦ୍ୟୁତ୍ ସେକ୍ସନ ଅଫିସକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।




ସୂଚନା ଅନୁସାରେ ଗତ ପ୍ରାୟ ୮ ଦିନ ରୁ ଭଗପଡ଼ା ନୂଆଗାଁ ଠାରେ ଥିବା ୧୫ ରୁ ଅଧିକ ପରିବାର ଅନ୍ଧାର ରେ ରହିବା କୁ ବାଧ ହେଉଛନ୍ତି। ବର୍ତ୍ତମାନ୍ କାଳ ବୈଶାଖୀ ପ୍ରଭାବରେ ବର୍ଷା ହୋଇଥିବାରୁ ପରିସ୍ଥିତି ଆହୁରି ଜଟିଳ ହୋଇଛି। ଗ୍ରାମବାସୀ ବିଦ୍ୟୁ ବିଭାଗର ଟୋଲ୍ ଫ୍ରି ନମ୍ବର୍ ରେ ବାରମ୍ବାର ଅଭିଯୋଗ ଜଣାଇବା ସହ ବାମରା ଠାରେ ଥିବା ସେକ୍ସନ ଅଫିସ ଠାରେ ମଧ ଅଭିଯୋଗ କରିଥିଲେ। ମାତ୍ର ୮ ଦିନ ବିତି ଯାଇଥିଲେ ମଧ ସମସ୍ୟା ସମାଧାନ ନହେବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାକୁ ନେଇ ସେମାନେ ବାମରା ସେକ୍ସନ ଅଫିସ କୁ ଆସି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଶୀଘ୍ର ବିଦ୍ୟୁତ୍ ଯୋଗାଇବାକୁ ଦାବି କରିଥିଲେ। ଏହି ସମୟ ରେ ବିନତା ମିଞ୍ଜ, ସୁଭଦ୍ରା ମିଞ୍ଜ, କଳ୍ପନା କେର୍କେଟ୍ଟା, ଗୁଲାପୀ କେର୍କେଟ୍ଟା, ସଂଯୁକ୍ତା ମିଞ୍ଜ, ସାବିତ୍ରୀ ମିଞ୍ଜ, ସୈରେନ୍ଦ୍ରୀ ବାଗ, ସୁମତି କେର୍କେଟ୍ଟା, ପାର୍ବତୀ କେର୍କେଟ୍ଟା, ବନ୍ଧୁରାମ ବାଗ, ସମୀର ମିଞ୍ଜ ଓ ରମେଶ କେର୍କେଟ୍ଟାଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ରହିଥିଲେ। ଶୀଘ୍ର ଟ୍ରାନ୍ସଫର୍ମର ମରାମତି କରି ବିଦ୍ୟୁତ୍ ଯୋଗାଣ କରାଯିବ ବୋଲି ଉପସ୍ଥିତ ସେକ୍ସନ ଅଧିକାରୀ ସୌରଭ ପଟେଲ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଫେରି ଯାଇଥିଲେ।

## ଚୋରି ଆମ୍ବୁଲାନ୍ସ ଉଦ୍ଧାର; ୩ ଅଭିଯୁକ୍ତ ଗିରଫ

**ସମ୍ବଲପୁର, ୨୨।୩(ସମିସ):** ବୁର୍ଲା ଥାନା ପୁଲିସର ବଡ଼ ସଫଳତା। ଆମ୍ବୁଲାନ୍ସ ଚୋରି ହୋଇଥିବା ଅଭିଯୋଗକ କିଛି ଘଣ୍ଟା ଭିତରେ ଗାଡ଼ିକୁ ପୁଲିସ ଉଦ୍ଧାର କରିବାକୁ ସଫଳ ହୋଇଛି। ଏହା ସହ ୩ ଅଭିଯୁକ୍ତକୁ ଗିରଫ କରିଛି। ସେମାନେ ହେଲେ ଭୂୟାପଡ଼ାର ରାମ ଅବତାର ସିଂ ଓରଫ ରାଜ(୩୪), ବିହାରୀ ପଡ଼ାର ରାଜେଜ ଗୁପ୍ତା(୩୨) ଓ ଭରତ ଗନ୍ତିଆ ଓରଫ ବିଶାଳ(୨୩)। ସମସ୍ତ ଅଭିଯୁକ୍ତ କ୍ଷେତରାଜପୁର ଥାନା ଅଞ୍ଚଳର। ଶନିବାର ସନ୍ଧ୍ୟାରେ ବୁର୍ଲା ଡେଲି ମାର୍କେଟ ଅଞ୍ଚଳର ଛୋଟେଲାଲ ପ୍ରସାଦ ଆମ୍ବୁଲାନ୍ସ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ଶୁକ୍ରବାର ରାତି ୯ଟା ବେଳେ ଭିମସାର ରୋଡ ପଛପାର୍ଶ୍ୱରେ ସେ ଆମ୍ବୁଲାନ୍ସ ପାର୍କ କରିଥିଲେ। ପ୍ରତିଦିନ ପରି ଗାଡ଼ି ଲକ୍ କରି ଘରକୁ ଯାଇଥିଲେ। ଶନିବାର ସକାଳୁ ଗାଡ଼ି ନଥିବା ଜାଣିବାକୁ ପାଇଥିଲେ। ବିଭିନ୍ନ ସ୍ଥାନରେ ଗାଡ଼ି ଖୋଜାଖୋଜି ପରେ ନ ପାଇ



ବୁର୍ଲା ଥାନାରେ ଅଭିଯୋଗ କରିଥିଲେ। ସେପଟେ ପୁଲିସ ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ ସୋନପୁର ପୁଲିସ ସହାୟତାରେ ଗିରଫ କରିଛି। ୩ ଅଭିଯୁକ୍ତ ଶୁକ୍ରବାର ରାତିରେ ଭିମସାର ଆଡକୁ ଯାଇଥିଲେ। ମଧ୍ୟରାତିରେ ଶୁନଶାନ ରାସ୍ତାରେ ଥିବା ଉକ୍ତ ଗାଡ଼ିକୁ ଦେଖିଥିଲେ। ପରେ ନକଲି ଚାବିରେ ଗାଡିକୁ ନେଇ ପଳାଇ ଆସିଥିଲେ। ଗାଡିକୁ ପ୍ରଥମେ କ୍ଷେତରାଜପୁର ଅଞ୍ଚଳରେ ରଖିଥିଲେ। ବୌଦ୍ଧ ଅଞ୍ଚଳରେ କବାଡିରେ ଗାଡ଼ି କୁ ବିକ୍ରି କରିବା ଯୋଜନା କରିଥିଲେ। ବୁର୍ଲା ପୁଲିସ କିଛି ଡ୍ରାଇଭରଙ୍କ ସହାୟତାରେ ଚୋରି ଗାଡ଼ିଟି ବିନିକା ଅଞ୍ଚଳରେ ଥିବା ଖବର ପାଇଥିଲା। ପରେ ଗାଡ଼ି ଉଦ୍ଧାର କରିବା ସହ, ଦୁଇଟି ମୋବାଇଲ ଜବତ କରିଛି। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

## ଶ୍ରୀ ଗୋପାଳ ଗୋସେବକ ସଂଗଠନ ପକ୍ଷରୁ ରକ୍ତଦାନ ଶିବିର




**ସମ୍ବଲପୁର, ୨୨।୩ (ସମିସ):** ହୀରାକୁଦ ଦୁର୍ଗାମନ୍ଦିର କଲ୍ୟାଣ ମଣ୍ଡପଠାରେ ଆଜି 'ହୀରାକୁଦ ପରିଚିତ ସାମାଜିକ ସଙ୍ଗଠନ' ଏବଂ 'ଶ୍ରୀ ଗୋପାଳ ଗୋସେବକ' ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରକୁ ସମ୍ବଲପୁର ସିଟି ଜିଏସ୍‌ଟି ସର୍କଲ ମୁଖ୍ୟ ଆଶିଷ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମୋଟ ୧୦୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ସୂଚନାଯୋଗ୍ୟ ଯେ, ଶ୍ରୀ ଗୋପାଳ ଗୋସେବକ ସଙ୍ଗଠନ ଆଜି ସମ୍ବଲପୁର ଜିଲ୍ଲାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ବିଶେଷକରି ରାସ୍ତାକଡ଼ରେ ପଡ଼ି ରହୁଥିବା ଅସହାୟ ଗୋମାତାଙ୍କୁ ଉଦ୍ଧାର କରିବା, ସେମାନଙ୍କ ଚିକିତ୍ସା କରିବା ଏବଂ ସେମାନଙ୍କୁ ନୂତନ ଜୀବନଦାନ ଦେବାରେ ଏହି ସଙ୍ଗଠନ ଅହରହ କାର୍ଯ୍ୟ କରୁଛି। 'ସମ୍ବଲ' ଅନୁଷ୍ଠାନରୁ ରାମଦାସ ପଣ୍ଡା, 'ପରିଚୟ' ଅନୁଷ୍ଠାନରୁ ବିପିନ ବିହାରୀ ପଣ୍ଡା ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ସୋମଦତ୍ତ ଦାସ, ଅବିନାଶ ସେନାପତି, ସୁମିତ କୁମାର ସାହୁ, ଆକାଶ ନନ୍ଦ, ବାଲାଜୀ ପାତ୍ର, ଶିବ ରାଉତ, ପ୍ରିୟାଂଶୁ ପାତ୍ର, ଚିନ୍ମୟ ଲୁହାର, ବିକାଶ ନନ୍ଦ, ବିନୀତ ମହାନ୍ତି, ଋଷି ଖଟାଇ, ଅମିଷ ରାଜନ, ରୋହନ ମହାନ୍ତି, ସୌମ୍ୟ ସାମଲଙ୍କ ସମେତ ସଙ୍ଗଠନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

**୧୦୧ ୟୁନିଟ୍ ସଂଗ୍ରହ**

## ମହାବିଦ୍ୟାଳୟସ୍ତରୀୟ ଲଘୁ ନାଟିକା ପ୍ରତିଯୋଗିତା

**ସମ୍ବଲପୁର, ୨୨।୩(ସମିସ):** ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ମହାବିଦ୍ୟାଳୟସ୍ତରୀୟ ଲଘୁ ନାଟିକା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସମୁଦାୟ ଆଠଟି ଶିକ୍ଷାନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ସାଂସ୍କୃତିକ ସମାଜ ଭବନଠାରେ ଆୟୋଜିତ ଏହି ପ୍ରତିଯୋଗିତାକୁ ପରିଷଦର ସଭାପତି ଡ. ସୁରୁବାବୁ ମେହେର ଉଦ୍‌ଘାଟନ କରିବା ସହ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସମଗ୍ର ପ୍ରତିଯୋଗିତାକୁ ସଦସ୍ୟ ସୂର୍ଯ୍ୟ ପାଣିଗ୍ରାହୀ ପରିଚାଳନା କରିଥିଲେ। ନାଟ୍ୟବିତ ପ୍ରଦୀପ କୁମାର ପଣ୍ଡା, ନରେନ୍ଦ୍ର ବେହେରା ଓ ମୀନାକ୍ଷି ସୂପକାର ବିଚାରକ ଭାବରେ ରହିଥିଲେ। ସହ ସମ୍ପାଦକ ବିରୁପାକ୍ଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ସଦସ୍ୟ ଭବାନୀ ଶଙ୍କର ଦାଶ, ଅଶୋକ କୁମାର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଦାଶ, ଦୀନବନ୍ଧୁ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ୨୭ ତାରିଖରେ ପରିଷଦ ପକ୍ଷରୁ ପାଳିତ ହେବାକୁ ଥିବା ବିଶ୍ୱ ନାଟ୍ୟ ଦିବସ ଉତ୍ସବରେ ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

## ପୋଖରୀରୁ ମହିଳାଙ୍କ ଶବ ଉଦ୍ଧାର

**କୁଚିଣ୍ଡା, ୨୨ ।୩(ସମିସ):** ରବିବାର ଭୋର ଏନ୍‌ଏସି ୱାର୍ଡ ନଂ ୪ ନିକଟସ୍ଥ କାଳୀମନ୍ଦିର ପୋଖରୀରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ଏକ ମୃତଦେହ ପାଣିରେ ଭାସୁଥିବା ଦେଖି ଲୋକେ କୁଚିଣ୍ଡା ପୁଲିସ ଓ ଦମକଳ ବାହିନୀକୁ ଖବର ଦେଇଥିଲେ। କୁଚିଣ୍ଡା ପୁଲିସ ଓ ଦମକଳ ବାହିନୀ ଙ୍କ ସହାୟତାରେ ଉକ୍ତ ମୃତଦେହ ଉଦ୍ଧାର କରାଯାଇଥିଲା। ମହିଳା ଙ୍କ ସମ୍ପୂର୍ଣ୍ଣ ଠିକଣା ଜଣା ପଡ଼ିନାହିଁ। ମୃତ ଶରୀର କୁ ଶବ ଗୃହରେ ରଖାଯାଇଛି।

## କଲମ ପରିବାର ଟ୍ରଷ୍ଟ ପକ୍ଷରୁ ବିଶ୍ୱ କବିତା ଦିବସ

**ସମ୍ବଲପୁର, ୨୨।୩(ସମିସ):** କଲମ ପରିବାର ଟ୍ରଷ୍ଟ ପକ୍ଷରୁ ସାମ୍ବାଦିକ ଭବନରେ ବିଶ୍ୱ କବିତା ଦିବସ ପାଳନ ହୋଇଛି। ଟ୍ରଷ୍ଟ ସଭାପତି ତଫିଜୁଲ ହୁସେନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଟ୍ରଷ୍ଟର ଉପଦେଷ୍ଟା ପ୍ରଫେସର ପ୍ରଦୀପ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ କିଶୋର କୁମାର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଡିଏସ୍‌ଏସ୍‌ଓ ସୌରଚନ୍ଦ୍ର ପାଣି ଯୋଗ ଦେଇ ସାହିତ୍ୟର ବିଭିନ୍ନ ଦିଗ ବାବଦରେ ମତାମତ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ କ୍ଷେତ୍ରମଣି ବିଭାର ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ତାଙ୍କ ସଂଯୋଜନାରେ ବହୁଭାଷୀ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଉପସଭାପତି ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ନ୍ୟୁଷ୍ଟାର କ୍ଲବ୍ ପକ୍ଷରୁ ଲଣ୍ଡାବିର କପ୍ ଉଦ୍‌ଘାଟିତ




**ସମ୍ବଲପୁର, ୨୨।୩(ସମିସ):** ନିଉଷ୍ଟାର କ୍ଲବ ପକ୍ଷରୁ ଶାସନ ଷଣ୍ଢାସିଂଘାରେ ଲଣ୍ଡାବିର କପ୍ ଉଦ୍‌ଘାଟିତ ହୋଇଛି। ୧୬ ବର୍ଷ ବୟସରୁ କମ୍ ଖେଳାଳିଙ୍କୁ ନେଇ ୫ ଦିନ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିନ ମୁଖ୍ୟ ଅତିଥି ଭାବେ ଦୁଲାଲ ପ୍ରଧାନ, ସମ୍ମାନିତ ଅତଥି ଭାବେ ଦୁସ୍ମନ୍ତ ହୋତା, ଶ୍ରୀମନ୍ତ ହୋତା, ପ୍ରତାପ ହୋତା ଓ କ୍ଲବର ସଭାପତି ମନୋଜ ସ୍ୱାଇଁ, ସମ୍ପାଦକ ପ୍ରଭାତ ବଡେଇ ଯୋଗ ଦେଇଥିଲେ।

## ଟ୍ରକ-ଲୁହା ଛଡ଼ ବୋଝେଇ ପିକ୍‌ଅପ୍ ଦୁର୍ଘଟଣା

### ଚିକିତ୍ସାଧୀନ ଅବସ୍ଥାରେ ଟ୍ରକ୍ ଚାଳକ ମୃତ

**ସମ୍ବଲପୁର, ୨୨।୩(ସମିସ):** ଗତକାଲି ଧନକଉଡା ସିଟି ଷ୍ଟେସନ ନିକଟରେ ଏକ ଟ୍ରକ ସହ ଲୁହାଛଡ଼ ବୋଝେଇ ପିକଅପର ମୁହାମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଲୁହା ଛଡ଼ ଟ୍ରକ ଭିତରେ ପସିଯାଇଥିଲା। ଗତକାଲି ଉଭୟ ଗାଡ଼ିର ଡ୍ରାଇଭର ଗୁରୁତର ହୋଇଥିଲେ। ଆଜି ଚିକିତ୍ସାଧିନ ଅବସ୍ଥାରେ ଟ୍ରକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ଚାଳକ ହେଉଛନ୍ତି ରାଜସ୍ଥାନର ଶୌକାତ ଅଲ୍ଲି(୪୧)।

## ସମଲେଶ୍ୱରୀ ମନ୍ଦିରରେ ଭଜନ ସନ୍ଧ୍ୟା



**ସମ୍ବଲପୁର, ୨୨।୩(ସମିସ):** ରବିବାର ଚୈତ୍ର ନବରାତ୍ରିର ଚତୁର୍ଥ ଦିନରେ ସମ୍ବଲପୁରର ଶ୍ରୀଶ୍ରୀ ସମଲେଶ୍ୱରୀ ମନ୍ଦିର ପରିସରରେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଦ୍ୱାରା ଏକ ଭକ୍ତିମୟ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଗୁରୁ ପ୍ରଫୁଲ୍ଲ ମିତ୍ରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ସମ୍ବଲପୁରର ପ୍ରସିଦ୍ଧ କଣ୍ଠଶିଳ୍ପୀ ବିଭୂତି ପଟ୍ଟନାୟକ, ସୁପ୍ରଭା ପାଢ଼ୀ, ଏମ୍. ଶାନ୍ତିସୁଧା ସହ ଆକାଶବାଣୀ ସ୍ୱୀକୃତ କଳାକାର ଦିଲୀପ ସୁନା, ରବୀନ୍ଦ୍ର ପଣ୍ଡା, ନିର୍ମଳ ଚାନ୍ଦ, ମାନସ ଷଡ଼ଙ୍ଗୀ, ଶୁଭକାନ୍ତ ପଟ୍ଟନାୟକ, ମଳୟ ଦାଶ, କଳ୍ପନା ପତି, କଲ୍ୟାଣୀ ରଥ, ଅର୍ପିତା ବେହେରା, ରଞ୍ଜିତ ଚନ୍ଦ୍ର, ବିଶ୍ୱଜିତ ନାଗ, ବେଦ ମତି, ଭୂମି ସୂତା ଓ ଲୋପାମୁଦ୍ରା ବାଗ ଭଜନ ପରିବେଷଣ କରିଥିଲେ। ମଞ୍ଚ ପରିଚାଳନା ଏମ୍.ଆର୍.କେ. ରାଓ କରିଥିଲେ। ହାର୍ମୋନିଅମ୍‌ରେ ପ୍ରଫୁଲ୍ଲ ମିତ୍ର, କିବୋର୍ଡରେ ଦେବାଶିଷ ପାଢ଼ୀ, ତବଲାରେ ସୁରେନ୍ଦ୍ରନାଥ ବାଗ, ଢୋଲରେ କୃଷ୍ଣ ଚନ୍ଦ୍ର ବାଗ, ନିଶାନରେ ଖିତିଶ ଚନ୍ଦ୍ର ବାଗ, ତାସାରେ ସୁମିତ ପ୍ରଧାନ, ଗିଟାରରେ ପ୍ରମିତ କୁମାର ମିତ୍ର ଏବଂ ପ୍ୟାଡ୍‌ରେ ଭାଗୀରଥୀ ସିଂହଦେଓ ନିଜନିଜ କଳାଦକ୍ଷତା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ କୁମାର ବାବୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା ଓ ଦେବ କୁମାର ଅଜମେରୀଆ ଉପସ୍ଥିତ ଥିଲେ। ମୋହନ ସାହୁ, ଶ୍ୟାମ ସୁନ୍ଦର ଧର, ତ୍ରିଲୋଚନ ତ୍ରିପାଠୀ, ପଦ୍ମିନୀ ଦୋରାଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଥିଲେ।

### ଶ୍ରୀ ରଙ୍ଗ ସମାଗମର ଦ୍ୱିତୀୟ ସନ୍ଧ୍ୟା

# ଦର୍ଶକଙ୍କୁ ବାନ୍ଧି ରଖିଲା ବଙ୍ଗଳା ନାଟକ ଡଲିୟା

**ସମ୍ବଲପୁର, ୨୨।୩(ସମିସ)**

ଶ୍ରୀ କଲ୍‌ଚରାଲ ଆସୋସିଏସନ ସମ୍ବଲପୁର ଦ୍ୱାରା ଆୟୋଜିତ ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମର ଆଜି ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅତିଥି ଭାବେ ଡ. ଶ୍ୟାମସୁନ୍ଦର ଧର, ଓଡ଼ିଶା ସାଂସ୍କୃତିକ ସମାଜର ସଭାପତି ଡ. ପରେଶ ଚନ୍ଦ୍ର ଦାନୀ ଓ ବରିଷ୍ଠ ସାମ୍ବାଦିକ ଶିବଶଙ୍କର ନନ୍ଦ ଯୋଗ ଦେଇଥିଲେ। ଆଜି ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫେକଟୁଏଲ ଥିଏଟର ଆର୍ଟସ କୋଲକାତର ବଙ୍ଗଳା ନାଟକ 'ଡଲିୟା' ପ୍ରଦର୍ଶିତ ହୋଇଥିଲା। ନାଟକଟି ପ୍ରେମର ବିଜୟ ଉପରେ ରହିଥିଲା। ପ୍ରେମ ଆଗରେ ପ୍ରତିଶୋଧ ବି ଦିନେ ହାର୍ ମାନି ଯାଏ। ଔରଙ୍ଗଜେବଙ୍କ ଭୟରେ ଶାହ ସୁଜା ଦେଶାନ୍ତର ହୋଇ ଆରାକାନ୍ ରାଜାଙ୍କ ଆଶ୍ରୟ ନିଅନ୍ତି। ହେଲେ ସେଠାରେ ତାଙ୍କ ପାଇଁ ପରିସ୍ଥିତି ହୁଏ ଭିନ୍ନ। ଆରାକାନ୍ ରାଜା ସୁଜାଙ୍କ କନ୍ୟାକୁ ବିବାହ କରିବା ପାଇଁ ଚାହାଁନ୍ତି। ହେଲେ ଏ ପ୍ରସ୍ତାବରେ ସୁଜା ଅସମ୍ମତ ହୁଅନ୍ତି। ଫଳତଃ ରାଜା ସପରିବାରକୁ ନଦୀରେ ବୁଡାଇ ମାରିଦେବା ପାଇଁ ଆଦେଶ ଦିଅନ୍ତି। ସୁଜାଙ୍କ ବଡ଼ ଝିଅ ଆତ୍ମହତ୍ୟା କରେ। ଦ୍ୱିତୀୟ ଝିଅ ଜୁଲିକା ସୁଜାଙ୍କ ଏକ ବିଶ୍ୱସ୍ତ କର୍ମଚାରୀ ରେହେମତ୍‌ଙ୍କ ସହିତ ପଳାୟନ କରେ ଏବଂ ସାନଝିଅ ଅମିନା ନଦୀରେ ଭାସି ଯାଇ ଏକ ଧିବର ଦ୍ୱାରା ରକ୍ଷା ପାଏ। ଅମିନା ବଡ଼ ହୁଏ ଏବଂ ଡଲିୟା ନାମକ ଏକ ଯୁବକର ପ୍ରେମରେ ପଡ଼ିଯାଏ। ପିତୃହତ୍ୟାର ନିଆଁରେ ଜଳୁଥିବା ଜୁଲିକା ସମୟ କ୍ରମେ ଅମିନାର ସାକ୍ଷାତ୍ ପାଏ। ଅମିନା ଜୁଲିକା ପାଖରୁ ପିତାଙ୍କ ସମସ୍ତ ଖବର ଜାଣିବା ପରେ





ଉଭୟେ ରାଜବଂଶର ସମସ୍ତଙ୍କୁ ହତ୍ୟା କରିବା ପାଇଁ ଯୋଜନା କରନ୍ତି। ଦୈବାତ୍ ବଶତଃ ଆରାକାନ୍ ରାଜକୁମାର ଅମିନାଙ୍କୁ ବିବାହ କରିବା ପାଇଁ ପ୍ରସ୍ତାବ ଦିଅନ୍ତି ଏ ଖବର ପାଇଲା ପରେ ଅମିନା ଓ ଜୁଲିକା ରାଜକୁମାରଙ୍କୁ ହତ୍ୟା କରିବାର ଯୋଜନା କରନ୍ତି। ହେଲେ ବିବାହ ପରେ ଅମିନା ଜାଣିବାକୁ ପାଏ ଯେ, ତା'ର ପ୍ରେମିକ ଡଲିୟା ହିଁ ଆରକାନ୍ ରାଜବଂଶର ରାଜକୁମାର। ପ୍ରତିଶୋଧର ନିଆଁ ସେହି କ୍ଷଣି ନିର୍ବାପିତ ହୋଇଯାଏ ଏବଂ ପ୍ରେମର ବିଜୟ ହୁଏ। ଏହିପରି ଏକ ବାର୍ତ୍ତାକୁ ନେଇ ପ୍ରସ୍ତୁତ ହୋଇଥିଲା ଦ୍ୱିତୀୟ ସନ୍ଧ୍ୟାର ବଙ୍ଗଳା ନାଟକ ଡଲିଆ। କଳାକାରମାନଙ୍କ ନିଖୁଣ ଅଭିନୟକୁ ଦର୍ଶକମାନେ ଭରପୁର୍ ଉପଭୋଗ କରିବା ସହିତ ଭୁରି ଭୁରି ପ୍ରଶଂସା କରିଥିଲେ ଏବଂ ନାଟକଟି ଶେଷ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖି ପାରିଥିଲା। ରବୀନ୍ଦ୍ର ନାଥ ଟେଗୋରଙ୍କ ମୂଳ ଗଳ୍ପକୁ ଆଧାର କରି ନାଟକଟିକୁ ରଚନା କରିଥିଲେ ହୃଷିକେଶ ସୁଲଭ ଓ ନାଟକର ନିର୍ଦ୍ଦେଶନା ଦେଇଥିଲେ ଦେବାଶିଷ ଦତ୍ତ। ନାଟକର ବିଭିନ୍ନ ଭୂମିକାରେ ଦେବାଶୀଷ, ସୌମ୍ୟାଶଙ୍କର, ଗୋପାଳ ବିଶ୍ୱାସ, ଅଙ୍କିତା ଘୋଷ, ରେଶ୍ମା ଦାଶ, ସହସ୍ରା ଦାଶ, ଅହିରି ଦତ୍ତ, ଶାନ୍ତନୁ ନସ୍କାର, ରୋହିତ ଠାକୁର ଓ ସୁରିନ୍ଦର ସିଂ ଅଭିନୟ କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ କ୍ରିଷାନୁ ବାନାର୍ଜୀ ଓ ଆଲୋକ ସମ୍ପାତର ଦାୟିତ୍ୱରେ ଥିଲେ ପ୍ରସନ୍ଜିତ୍ ଭଟ୍ଟାଚାର୍ଯ୍ୟ। ଏହି ଅବସରରେ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଦୀପ ପଣ୍ଡାଙ୍କୁ ଶ୍ରୀ ନାଟ୍ୟ ସମ୍ମାନ, ସୁନ୍ଦରଗଡ଼ର ଅଭିନେତା ବିଜୟ ମହାରଣାଙ୍କୁ ଡ. ପଞ୍ଚାନନ ମିଶ୍ର ସ୍ମୃତି ସମ୍ମାନ, ଓ ବରଗଡ଼ର ଅଭିନେତ୍ରୀ କନକ ଦନସନାଙ୍କୁ ସାଧନା ସମ୍ମାନରେ ସମ୍ମାନିତ କରା ଯାଇଥିଲା। ସଭାକାର୍ଯ୍ୟ ସତ୍ୟ ନାରାୟଣ ସାହୁ ପରିଚାଳନା କରିଥିଲେ।

## ରାମନବମୀ ଲାଗି ଶ୍ରୀରାମ ଜନ୍ମୋତ୍ସବ ସମିତିର ବୈଠକ

**ସମ୍ବଲପୁର, ୨୨।୩(ସମିସ):** ଆସନ୍ତା ୨୭ ତାରିଖରେ ପବିତ୍ର ରାମ ନବମୀ ଅବସରରେ ଆୟୋଜିତ ହେବାକୁ ଥିବା ବିଶାଳ ଧାର୍ମିକ ଶୋଭାଯାତ୍ରାକୁ ଦୃଷ୍ଟିରେ ରଖି ଶ୍ରୀରାମ ଜନ୍ମୋତ୍ସବ ସମିତି ପକ୍ଷରୁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ଏହି ଅବସରରେ ଶୋଭାଯାତ୍ରାର ସଫଳ ଆୟୋଜନ ପାଇଁ ମହିଳା ଶକ୍ତିକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ସମିତିର ଉପଦେଷ୍ଟା ଭାବରେ ପୂର୍ବତନ ବିଜେପି ମହିଳା ମୋର୍ଚ୍ଚା ନେତ୍ରୀ ଅନପୂର୍ଣ୍ଣା ବାରିକ, ଜୟନ୍ତୀ ପଣ୍ଡା ଓ ଭାରତୀ ପଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ଉପ ସଭାପତି ଭାବେ ମାନସୀ ମିଶ୍ର, ଶକୁନ୍ତଳା ମହାପାତ୍ର, ପୁଷ୍ପାଞ୍ଜଳି ଜେନା, ଲକ୍ଷ୍ମୀ ମହାରଣା ଓ ତପସ୍ୱିନୀ ବିଭାର ଦାୟିତ୍ୱ ନେଇଛନ୍ତି। ଏହାସହିତ ସମିତିର ସଚିବମଣ୍ଡଳୀ ଭାବେ ସୁମି ପରିଡ଼ା, ସୁଜାତା ଗୁରୁ, ଅରୁନ୍ଧତୀ ପାତ୍ର, ଫୁଲ ସ୍ୱାଇଁ, ଖିରାବ୍ଦୀ ରଣା, ଇନ୍ଦ୍ରାଣୀ କ୍ଷେତ୍ରୀ, ଇତିଶ୍ରୀ ବେହେରା ଓ ମଞ୍ଜୁ ପଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ସମିତି ପକ୍ଷରୁ ଦିଆଯାଇଥିବା ଏହି ସମସ୍ତ ଦାୟିତ୍ୱକୁ ସଫଳତାର ସହ ନିର୍ବାହ କରିବା ପାଇଁ ସଭ୍ୟମାନେ ଦୃଢ଼ ପ୍ରତିବଦ୍ଧତା ବ୍ୟକ୍ତ କରିଛନ୍ତି।

## ସାଥୀ ଚାରିଟେବୁଲ ତରଫରୁ ହ୍ୱିଲଚେୟାର ପ୍ରଦାନ



**ସମ୍ବଲପୁର, ୨୨।୩ (ସମିସ):** ସାଥୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଦୁର୍ଘଟଣାଗ୍ରସ୍ତ ଜଣେ ବ୍ୟକ୍ତିଙ୍କୁ ହ୍ୱିଲଚେୟାର ପ୍ରଦାନ କରାଯାଇଛି। ସୂଚନା ଅନୁସାରେ ମହାନଗର ନିଗମ ବୈଜାମୁଣ୍ଡା ଆମ୍ବପଡ଼ା ନିବାସୀ ଚକ୍ରଧର ବାରିକ ବାଇକ ଦୁର୍ଘଟଣା ପରେ ଚାଲିବୁଲି ପାରୁ ନ ଥିଲେ। ଏ ସମ୍ପର୍କରେ ସାଥୀ ଚାରିଟେବୁଲ ଟ୍ରଷ୍ଟ ଖବର ପାଇଥିଲା। ପରେ ଟ୍ରଷ୍ଟର ସଦସ୍ୟ ଆଦିନନ୍ଦ କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ସାହାଙ୍କୁ ଜଣାଇଥିଲେ। ଆଦି ନନ୍ଦା ସୌଜନ୍ୟରେ ସ୍ଥାନୀୟ କଳାମାଟି ସରପଞ୍ଚ ଡ. ସୁଷମା ସାହୁଙ୍କ ଉପସ୍ଥିତରେ ତାଙ୍କୁ ଏକ ହ୍ୱିଲଚେୟାର ପ୍ରଦାନ କରାଯାଇଥିଲା। ପିଙ୍କୁ ସିଂ, ସୁଜିତ ଡାକୁଆ, ରଞ୍ଜନ ଦାସ, ବ୍ରଜ ସାହୁ, ମଣ୍ଟୁ ମହାନ୍ତି, ଦାସରଥି ପ୍ରଧାନ, ଦୀନବନ୍ଧୁ ପ୍ରଧାନ, ବିଜୟ ପ୍ରଧାନ ପ୍ରଦୀପ ସାହୁ ସମାଜ ସେବୀ ବାଳକୃଷ୍ଣ ସାହୁ, ରାମକୁମାର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

॥ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ॥



୰ ବାସନ୍ତୀ ମିଶ୍ର
ଚାରିଛକ, ଭୋଦର
ଧରାବତରଣ- ୧୦.୦୩.୧୯୩୭
ସ୍ୱର୍ଗାରୋହଣ- ୧୩.୦୩.୨୦୨୬
ଆପଣଙ୍କ ସ୍ନେହ, ମମତା, ଶ୍ରଦ୍ଧା ଆମେମାନେ ସର୍ବଦା ମନେପକାଉଥିବୁ।
ଆପଣଙ୍କ ଶୂନ୍ୟତା ଆମମାନଙ୍କ ପାଇଁ ସର୍ବଦା ଅପୂରଣୀୟ।
ଆଜି ଏକାଦଶାହ ଅବସରରେ ଅମର ଆତ୍ମାର ସଦଗତି ନିମନ୍ତେ
ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ : -
ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ
୦୧.୦୧.୧୯୪୫
ତିରୋଧାନ
୦୧.୦୪.୨୦୨୫
୰ ଧୋବୁଣି ନାହାକ
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗଦର୍ଶନ, ସହନଶୀଳତା ଆମମାନଙ୍କ ଜୀବନର ପାଥେୟ ହେଲ , ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ
ପୁତ୍ର- ଚିତ୍ତରଞ୍ଜନ, ରାମଚନ୍ଦ୍ର, ପୁତ୍ରବଧୂ - ତପସ୍ୱିନୀ ଓ ରିଙ୍କି, ଝିଅ- ବାସନ୍ତୀ, ଦେବକୀ, ସମାପ୍ତି, ଜୋଇଁ - କବି, ସୁରେଶ, କୃଷ୍ଣଚନ୍ଦ୍ର, ନାତି-ନାତୁଣି- ପଦ୍ମନାଭ, ଏଞ୍ଜେଲ, କାହ୍ନା, ବଳରାମ, ଶୁଭଶ୍ରୀ, ସିଲୁ, ଜିଜ୍ଞାସା, ବନ୍ଧୁ ଓ ଆତ୍ମୀୟସ୍ୱଜନ

## ସ୍କୁଲର ନାଁ ରଖିଲେ ରୁକସା



**ପାଇକମାଲ, ୨୨।୩(ସମିସ):** ହୀରାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରୀ ରୁକସା ବରିହା ନବୋଦୟ ପ୍ରବେଶିକାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏନେଇ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ରୁକସାଙ୍କ ବାପା ସୌକିଲାଲ ବରିହା ଜଣେ ଚାଷୀ। ମା' ଅନୀତା ବରିହା ଗୃହୀଣି। ପ୍ରଧାନ ଶିକ୍ଷକ ଅଶୋକ ସାହୁ, ପରିଚାଳନା କମିଟି ସଭାପତି ମଧୁସୂଦନ ପ୍ରଧାନ, ସିଆରସିସି ସୁଶାନ୍ତ ସେଠ, ଶିକ୍ଷକ ମାଧବ ସାହୁ, ଚିତ୍ରସେନ ସାହୁ, କାର୍ତ୍ତିକ ପରିଡ଼ା, ଶିକ୍ଷୟିତ୍ରୀ ଦୀପାଞ୍ଜଳୀ ସୁନା, ସରସ୍ୱତୀ ଭୋଇ, ପଙ୍କଜିନୀ ଛତ୍ରିଆ, ପିଙ୍କି ମହାକୁଡ଼ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## କଳସଯାତ୍ରାକୁ ସ୍ୱାଗତ



**ଝାରବନ୍ଧ, ୨୨।୩(ସମିସ):** ଛତିଶଗଡ଼ର ରାୟପୁର ଜିଲ୍ଲା ଗଡ଼ଫୁଲଝରରେ ନିର୍ମିତ ଶ୍ରୀ ରଣେଶ୍ୱର ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ପୂର୍ବରୁ କଳସଯାତ୍ରାକୁ ଝାରବନ୍ଧରେ ଭବ୍ୟ ସ୍ୱାଗତ କରାଯାଇଛି। ବାବା ବିଶାଶହେ କୁଳ କୁଳତା ସମାଜ, ରାୟପୁର ପକ୍ଷରୁ ଆୟୋଜିତ ଏହି ପ୍ରାଣ ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୩ରୁ ଆରମ୍ଭ ହେବ। ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିରରୁ ଆରମ୍ଭ ହୋଇଥିବା ଏହି କଳସଯାତ୍ରାରେ ପ୍ରାୟ ୨୦୦୦ରୁ ଅଧିକ କଳସଯାତ୍ରୀ ଅଂଶଗ୍ରହଣ କରିଥିଲେ। ଝାରବନ୍ଧ ବ୍ଲକ ବିଶା ଶହେ କୁଳତା ସମାଜ ପକ୍ଷରୁ ଶଙ୍ଖ, ଘଣ୍ଟ, ଗିନି ଓ ମୃଦଙ୍ଗ ଧ୍ୱନିରେ ଯାତ୍ରାକୁ ସ୍ୱାଗତ କରାଯାଇଥିଲା। ପରେ ଯାତ୍ରାକୁ ଝାରବନ୍ଧ ବଜାର ପ୍ରାଙ୍ଗଣ ପର୍ଯ୍ୟନ୍ତ ଅଣାଯାଇଥିଲା। ଝାରବନ୍ଧ ବ୍ଲକ ସଭାପତି ବାସୁଦେବ ପ୍ରଧାନ, ସମ୍ପାଦକ ଶ୍ୟାମ ସୁନ୍ଦର ବେହେରା, ଉପ-ସଭାପତି ତୁଳାରାମ ଭୋଇ, ମାନଭଞ୍ଜନ ବେହେରା, ତୁଳସୀରାମ ପ୍ରଧାନ, ହାରାଧନ ପ୍ରଧାନ ଓ ଗୋପବନ୍ଧୁ ସାହୁ ଉପସ୍ଥିତ ଥିଲେ। ଅତିଥି ଭାବେ ପଦ୍ମପୁର ଉପଖଣ୍ଡ ସ୍ତରୀୟ ସଭାପତି ଯୋଗେନ୍ଦ୍ର ଭୋଇ, ସଭ୍ୟ ଟାଇଲ ଚନ୍ଦ୍ର ଭୋଇ ଓ ମହିଳା କମିଶନ ସଦସ୍ୟା ମୁକ୍ତା ସାହୁ, ଯୁବ ସଂଗଠକ ସତ୍ୟମ ପ୍ରଧାନ ଯୋଗଦେଇ କଳସଯାତ୍ରାକୁ ସ୍ୱାଗତ କରିଥିଲେ।

### ବିଶ୍ୱ ଜଳ ଦିବସରେ ସମର୍ପଣ କାର୍ଯ୍ୟକ୍ରମର ଶୁଭାରମ୍ଭ

# ବରଗଡ଼ ପୌର ପରିଷଦର ସମୂହ ସଫେଇ ଅଭିଯାନ

**ବରଗଡ଼, ୨୨।୩(ସମିସ)**


କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଅଭିବୃଦ୍ଧି ସହ ଦୈନନ୍ଦିନ ଚାହିଦା ବୃଦ୍ଧି, ସହରର ସ୍ୱଚ୍ଛତା ପରିଚାଳନା ବ୍ୟବସ୍ଥା ଉପରେ ଅଧିକ ଚାପ ସୃଷ୍ଟି କରିବା ସହ ପରିବେଶ ପ୍ରଦୂଷଣ ଏକ ଚିନ୍ତାର କାରଣ ହୋଇଛି। ଏଭଳି ପରିସ୍ଥିତିରେ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ସ୍ଥାନୀୟ ପ୍ରଶାସନ ସହିତ ସାଧାରଣ ଲୋକଙ୍କ ସକ୍ରିୟ ଅଂଶଗ୍ରହଣ ଅତ୍ୟନ୍ତ ଜରୁରୀ। ଭାରତ ସରକାରଙ୍କ ସ୍ୱଚ୍ଛ ସର୍ବେକ୍ଷଣ ଅଭିଯାନର ୧୦ମ ସଂସ୍କରଣ ଅବସରରେ ବରଗଡ଼ ପୌର ପରିଷଦ ପକ୍ଷରୁ ସମର୍ପଣ ନାମକ ଏକ ବିଶେଷ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରାଯାଇଛି। ଏହାର ଅର୍ଥ ହେଉଛି ନିଷ୍ଠା ଏବଂ ଉତ୍ସର୍ଗୀକୃତ ଭାବନା ସହିତ ସହରକୁ ସ୍ୱଚ୍ଛ ରଖିବା ଏବଂ ସୁସ୍ଥ ପରିବେଶର ସଂରକ୍ଷଣ କରିବା। ଏହି ପରିପ୍ରେକ୍ଷୀରେ ଆଜି ବିଶ୍ୱ ଜଳ ଦିବସ-୨୦୨୬ ଅବସରରେ ବରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ବୀର ସୁରେନ୍ଦ୍ର ସାଏ ଛକ ପର୍ଯ୍ୟନ୍ତ ଏକ ସାମୂହିକ ସଫେଇ ତଥା ସଚେତନତା ଶୋଭାଯାତ୍ରା ଆୟୋଜନ ସହ ଏହି ଅଭିଯାନକୁ ଶୁଭାରମ୍ଭ କରାଯାଇଛି। ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମିନା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତି କାନ୍ତ ସାହୁ, ବିଶିଷ୍ଟ ସମାଜସେବୀ ନିମାଇ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସ୍ଥାନୀୟ ଚାଷୀ, ବୁଣାକାର, କଳାକାର, ସମାଜସେବୀ,




ବ୍ୟବସାୟୀ, ଛାତ୍ରଛାତ୍ରୀ ଏବଂ ଯୁବଗୋଷ୍ଠୀ ଏହି ଅଭିଯାନରେ ସାମିଲ ହୋଇଥିଲେ। ସହରକୁ ସ୍ୱଚ୍ଛ-ସୁନ୍ଦର କରିବା ପାଇଁ ସକ୍ରିୟ ଭାଗୀଦାରୀରେ ଏକ ଜନ ଆନ୍ଦୋଳନର ରୂପ ଦେବା ପାଇଁ ବିଧାୟକ ଆହ୍ୱାନ ଦେଇଥିଲେ। ସହରର ସମସ୍ତ ନାଗରିକ ତଥା ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ, ସମାଜସେବୀ ଏବଂ ସ୍ଥାନୀୟ ସଂଗଠନକୁ ଅଭିଯାନରେ ଅନ୍ତର୍ଭୁକ୍ତ କରି ନିଜ ଅଞ୍ଚଳକୁ ସ୍ୱଚ୍ଛ ରଖିବା ପାଇଁ ସମସ୍ତଙ୍କ ମଧ୍ୟରେ ଦାୟିତ୍ୱବୋଧ ଉତ୍ପନ୍ନ କରିବାକୁ ଜିଲ୍ଲାପାଳ ଶ୍ରୀ ଗୋୟଲ କହିଥିଲେ। ଜନସହଭାଗିତା ଓ ସାମୂହିକ ପ୍ରଚେଷ୍ଟାରେ ବରଗଡ଼ ସହରକୁ ଏକ ଆଦର୍ଶ ସ୍ୱଚ୍ଛ ସହରରେ ପରିଣତ କରିବାକୁ ସେ କହିଥିଲେ। ବର୍ଜ୍ୟବସ୍ତୁର ବିଭାଜନ, ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ ଓ ସହରର ସ୍ୱଚ୍ଛତା ପ୍ରତି ଦୈନନ୍ଦିନ ଅଭ୍ୟାସ ବିଷୟରେ ସଚେତନତା ବୃଦ୍ଧି କରିବାକୁ ସେ କହିଥିଲେ। ଆବର୍ଜନାର ସଂଗ୍ରହ, ବିଭାଜନ, ପୁନଃବ୍ୟବହାର ଓ ବୈଜ୍ଞାନିକ ପ୍ରକ୍ରିୟାରେ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବା ସମୂହ ସଫେଇ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ଏହି ଅବସରରେ ସମର୍ପଣ ଅଭିଯାନକୁ ପ୍ରୋତ୍ସାହିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ମଳ ଓ ସୁଗନ୍ଧା ନାମକ ଦୁଇଟି ସ୍ୱତନ୍ତ୍ର ମାସ୍କଟ ଏବଂ ସମ୍ବଲପୁରୀ ବାସ୍ତ୍ରାଳୟ ତରଫରୁ ସ୍ଥାନୀୟ ବୁଣାକାରଙ୍କ ଦ୍ୱାରା ନିର୍ମିତ ସମର୍ପଣ କପଡ଼ା ବ୍ୟାଗକୁ ଲୋକାର୍ପଣ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ଦ୍ୱାରା ଦାୟିତ୍ୱପୂର୍ଣ୍ଣ ଭାବେ ଆବର୍ଜନାର ସୁପରିଚାଳନା କରି ବରଗଡ଼ ସହରକୁ ସ୍ୱଚ୍ଛ, ସୁନ୍ଦର ଓ ଉର୍ବର ରଖିବା ପାଇଁ ସାମୂହିକ ପ୍ରତିବଦ୍ଧ ହେବାକୁ ଲକ୍ଷ୍ୟ ରଖାଯାଇଛି। ସହରର ସମସ୍ତ ପୋଖରୀ ଏବଂ କେନାଲ ଭଳି ସମସ୍ତ ଜଳଧାରାକୁ ପ୍ଲାଷ୍ଟିକ-ଆବର୍ଜନା ପ୍ରଦୂଷଣରୁ ମୁକ୍ତ ରଖିବା ପାଇଁ ନିୟମିତ ପରିଷ୍କାର ଓ ସୁରକ୍ଷା କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରତ୍ୟେକ ଘର ଓ ଦୋକାନରେ ପ୍ଲାଷ୍ଟିକ ବ୍ୟାଗ ବା ପଲିଥିନ ବ୍ୟବହାର ପରିବର୍ତ୍ତେ ସ୍ଥାନୀୟ କପଡ଼ା/ହାଣ୍ଡଲୁମ୍ ବ୍ୟାଗ୍ ବ୍ୟବହାରକୁ ପ୍ରୋତ୍ସାହନ ଦେବାକୁ ଲକ୍ଷ୍ୟ ରହିଛି। ଏହାଦ୍ୱାରା ପରିବେଶ ସଂରକ୍ଷଣ ହେବା ସଙ୍ଗେ ସଙ୍ଗେ ସ୍ଥାନୀୟ ବୁଣାକାରଙ୍କ ଜୀବିକା ପ୍ରୋତ୍ସାହିତ ହେବ ବୋଲି କୁହାଯାଇଛି। ସମର୍ପଣ ସ୍ୱଚ୍ଛତା ଅଭିଯାନର ସଫଳ କାର୍ଯ୍ୟାନ୍ୱୟନ ପାଇଁ ବିଭିନ୍ନ ପ୍ରକାର ଅଭିନବ ପ୍ରଚେଷ୍ଟା କରାଯିବ। ସମର୍ପଣ ଶ୍ରମଦାନ ମାଧ୍ୟମରେ ସହରର ନାଗରିକମାନେ ନିଜ ସୁବିଧା ମୁତାବକ ନିଜର ଚତୁପାର୍ଶ୍ୱକୁ ସଫା କରିବା ପାଇଁ ୨ ଘଣ୍ଟା ସମୟ ଦେବେ। ପ୍ରଶାସନ ଦ୍ୱାରା ଆୟୋଜିତ ହେଉଥିବା ସାମୂହିକ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇ ସହରର ସ୍ୱଚ୍ଛତା ପାଇଁ ନିଜର ଶ୍ରମଦାନ କରିବେ। ସମର୍ପଣ ଗ୍ରୀନ ୱିଭ୍ସ ମାଧ୍ୟମରେ ସମ୍ବଲପୁରୀ ହାଣ୍ଡଲୁମର କେନ୍ଦ୍ର ଭାବେ ପରିଚିତ ବରଗଡ଼ ଜିଲ୍ଲାର ବୁଣକାଙ୍କୁ ପ୍ରୋତ୍ସାହିତ କରାଯିବ। ଦୈନିକ ବଜାରରେ ପ୍ଲାଷ୍ଟିକ୍ ବ୍ୟବହାରକୁ କମାଇବା ପାଇଁ ସମସ୍ତେ ସମର୍ପଣ ବ୍ୟାଗ୍ (ପୁନଃବ୍ୟବହାରଯୋଗ୍ୟ କପଡ଼ା ବ୍ୟାଗ୍) ବ୍ୟବହାର କରିବେ। ସ୍ଥାନୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସମର୍ପଣ ସାରଥୀ ଭାବେ ନିଜ ଅଞ୍ଚଳ/ଗଳି ସଫା ରଖିବା ପାଇଁ ନିଜ ପରିବାରର ସଦସ୍ୟ ଏବଂ ପଡୋଶୀଙ୍କୁ ପ୍ରେରିତ କରିବା ପାଇଁ ନେତୃତ୍ୱ ନେବେ। ସ୍ଥାନୀୟ ଯୁବସମାଜ, ସ୍ୱେଚ୍ଛାସେବୀ ଓ ସମାଜସେବୀମାନଙ୍କୁ ସମର୍ପଣ ସେବକ ଭାବେ ଯୋଡି ସ୍ୱଚ୍ଛତା ଅଭିଯାନକୁ ଶକ୍ତିଶାଳୀ କରାଯିବ। ହ୍ୱାଟ୍ସଆପ୍, ଫେସବୁକ୍, ଇନଷ୍ଟାଗ୍ରାମ୍ ଆଦି ମାଧ୍ୟମରେ ସ୍ଥାନୀୟ ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର କିମ୍ବା ଜନସାଧାରଣ ଏହି ଅଭିଯାନ ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରିବେ। ନିଜ ପ୍ରୟାସରେ ଲୋକଙ୍କ ସାହାଯ୍ୟ ନେଇ ସହରର ଅସ୍ୱଚ୍ଛ ସ୍ଥାନକୁ ସଫା କରିବେ। ସେହି ଅସ୍ୱଚ୍ଛ ସ୍ଥାନର ପୂର୍ବ ଫଟୋ ଏବଂ ପରିଷ୍କାର କରିବା ପରେ ପଠାଇବେ। ଏହି ଅଭିଯାନରେ ଜଡ଼ିତ ସକ୍ରିୟ ଜନସାଧାରଣ ତଥା ସମର୍ପଣ ସାରଥି କିମ୍ବା ସମର୍ପଣ ସେବକ, ସବୁଠାରୁ ସ୍ୱଚ୍ଛ ଦୋକାନୀ, ପରିଷ୍କାର କର୍ମଚାରୀ, ସୋସିଆଲ ମିଡିଆ କଣ୍ଟେଣ୍ଟ କ୍ରିଏଟର କିମ୍ବା ସକ୍ରିୟ ଯୁବ ଗୋଷ୍ଠୀ ନିଜ ଚତୁପାର୍ଶ୍ୱ ସଫା ରଖିବା ସହ ରାସ୍ତାଘାଟରେ ଆବର୍ଜନା ସଫା କରିବା ସହ ଅନ୍ୟମାନଙ୍କୁ ପ୍ରେରିତ କରିବେ। ପ୍ଲାଷ୍ଟିକ ବ୍ୟାଗ୍ ପରିବର୍ତ୍ତେ କପଡ଼ା ବ୍ୟାଗ ବ୍ୟବହାର କରିବେ। ସେମାନଙ୍କୁ ସମର୍ପଣ ସେବୀ ଭାବେ ସମ୍ମାନିତ କରାଯିବ। ତାଙ୍କ ନାମରେ ସାର୍ବଜନିନ ସ୍ଥାନରେ ଚାରା ରୋପଣ କରାଯିବ ବୋଲି ଏହି ପ୍ରକଳ୍ପରେ ଲକ୍ଷ୍ୟ ରହିଛି।

## ମାଁ ସମଲେଶ୍ୱରୀଙ୍କ କୁଷ୍ମାଣ୍ଡା ବେଶ

**ବରଗଡ଼, ୨୨। ୩(ସମିସ):** ବରଗଡ଼ ସହର ଉପକଣ୍ଠରେ ଅବସ୍ଥିତ ପ୍ରସିଦ୍ଧ ଗୁଡେଶିରା ଗ୍ରାମର ମାଁ ସମଲେଶ୍ୱରୀ ଦେବୀଙ୍କ ପୀଠରେ ଚୈତ୍ର ନବରାତ୍ରି ପାଳିତ ହେଉଛି। ଚୈତ୍ର ଶୁକ୍ଳ ଚତୁର୍ଥୀ ଅବସରରେ ମାଁ ଜଗତଜନନୀଙ୍କୁ କୁଷ୍ମାଣ୍ଡା ବେଶରେ ସଜ୍ଜିତ କରାଯାଇଥିଲା। ମାଁଙ୍କର ଏହି ଦର୍ଶନ ପାଇଁ ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିବା ସହ ସମଗ୍ର ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ବିହିତ ଚଣ୍ଡୀ ହୋମ ଓ ପୂଜାର୍ଚ୍ଚନା ଶାସ୍ତ୍ରୀୟ ରୀତିନୀତି ଅନୁସାରେ ପ୍ରତ୍ୟୁଷରୁ ମାଁଙ୍କର ସ୍ନାନ ଓ ମାର୍ଜନା ପରେ ମଙ୍ଗଳ ଆଳତି ସମ୍ପନ୍ନ ହୋଇଥିଲା। ଏହି ଶୁଭ ଅବସରରେ ମାଁଙ୍କ ପୀଠରେ ବିହିତ ଚଣ୍ଡୀ ହୋମ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ମନ୍ତ୍ରଧ୍ୱନିରେ ସମଗ୍ର ଗୁଡେଶିରା ଅଞ୍ଚଳ ପ୍ରକମ୍ପିତ ହେଉଛି। ବିଶ୍ୱ ଶାନ୍ତି ଓ ଜନମଙ୍ଗଳ କାମନା କରି ଯଜ୍ଞ ଅନୁଷ୍ଠିତ ହେଉଛି। ହିନ୍ଦୁ ଧର୍ମଶାସ୍ତ୍ର ଅନୁଯାୟୀ, ନବରାତ୍ରିର ଚତୁର୍ଥ ଦିନରେ ଦେବୀ କୁଷ୍ମାଣ୍ଡାଙ୍କୁ ପୂଜା କରାଯାଏ। ବଶ୍ୱାସ ରହିଛି ଯେ, ମାଁଙ୍କ ସ୍ମିତ ହାସ୍ୟରୁ ହିଁ ବ୍ରହ୍ମାଣ୍ଡର ସୃଷ୍ଟି ହୋଇଛି। ମାଁ ସମଲେଶ୍ୱରୀଙ୍କ ଏହି ଭବ୍ୟ ରୂପକୁ ଦର୍ଶନ କରି ଭକ୍ତମାନେ ଅପାର ଶାନ୍ତି ଲାଭ କରିଛନ୍ତି। ଧୂପ, ଦୀପ ଓ ଶଙ୍ଖ ଧ୍ୱନିରେ ମନ୍ଦିର ପରିବେଶ ଏକ ଅଲୌକିକ ରୂପ ଧାରଣ କରିଛି।



## ବୁବୁଡ଼ାରେ ଷୋହଳ ପ୍ରହର ନାମଯଜ୍ଞ

**ଦହିତା, ୨୨।୩ (ସମିସ):** ପଦ୍ମପୁର ବ୍ଲକ ଅଧୀନ ବୁବୁଡା ଗ୍ରାମରେ ଆୟୋଜିତ ଷୋହଳ ପ୍ରହର ନାମଯଜ୍ଞ ଶେଷ ହୋଇଛି। ଡିଲେଶ୍ୱର ବରିହା, ରାଜେଶ ଡନସନା ଓ ପିତବାସ ବୁଡେକଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପଣ୍ଡିତ ପୂଜକ ପରମେଶ୍ୱର ଦାଶ ପୂଜାକାର୍ଯ୍ୟ କରିଥିଲେ। ଅର୍ଜୁନ ବଡଗୁଛିଆ, ବିରେନ ଦାଶ, ଧନଞ୍ଜୟ ବୁଡେକ, କ୍ଷୀରନ୍ଧର ବରିହା, ଟିକେଶ୍ୱର ବରିହା, ହେମନ୍ତ ବଡଗୁଛିଆ, ତରଣୀ ସାହୁ, ଜଗବନ୍ଧୁ ସାହୁ, କୁଳମଣି ମେହେର, ଜୟଲାଲ ବିଶି, ଅମୃତ ବରିହା, କେତନ ବରିହା, ପ୍ରକାଶ ବୁଡେକ ପ୍ରମୁଖ ଉପସ୍ଥିତ ଥିଲେ। ବିରେନ ଦାଶ, ଗଜାନନ ବୁଡେକ, ଲିଙ୍ଗରାଜ ବୁଡେକ, ହେମନ୍ତ ବଡଗୁଛିଆ, କ୍ଷୀରସାଗର ବୁଡେକ, ରାଜେଶ ସାହା, ଶମ୍ଭୁ ଡନସନା ପ୍ରମୁଖ ମୁଖ୍ୟ ଭୂମିକା ନିଭାଇଥିଲେ।

## ବରତୁଣ୍ଡାରେ ଇଦ- ଉଲ- ଫିତର

**ପାଇକମାଲ, ୨୨।୩(ସମିସ):** ବରତୁଣ୍ଡା ଗାଁରେ ମୁସଲମାନ ସମ୍ପ୍ରଦାୟର ଭାଇଚାରାର ପର୍ବ ଇଦୁଲ ଫିତର ମହା ସମାରୋହରେ ପାଳିତ ହୋଇଯାଇଛି। ମୁସଲମାନ ସମ୍ପ୍ରଦାୟର ଲୋକମାନେ ୩୦ ଦିନ ଧରି ରୋଜା ପାଳିଥିଲେ। ସମସ୍ତେ ଏକାଠି ହୋଇ ନମାଜ ପଢ଼ିବା ସହ ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଇଲେ। ସମାଜର ସଭାପତି ହାଜି ଅସରଫ, ସମ୍ପାଦକ ସତାର ଖାଁ, ଆରମାନ ଖାଁ, ଆୟୁବ ଦାଉଦ, ଓମର ଖାଁ, ରାଇସ ମହମ୍ମଦ, ମୁସ୍ତଫା ଖାନ, ସାବିର ମହମ୍ମଦ, ତାହିର ମୁସ୍ତଫା, ସେହବାଜ ଖାଁ, ରସିଦ ମହମ୍ମଦ, ସକିଲ ଦାଉଦ, ରିଜିବି ମହମ୍ମଦଙ୍କ ସମେତ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।



**ପଦ୍ମପୁର:** ପଦ୍ମପୁର ମୁସଲିମ ସମ୍ପ୍ରଦାୟ ପକ୍ଷରୁ ମଧ ପବିତ୍ର ଇଦ୍ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସାମୂହିକ ନମାଜ ପାଠ ହୋଇଥିଲା। ସମସ୍ତେ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ। ସମାଜର ସଭାପତି ନଜମୁଲ ହୋଦା, ଓହିଦ୍, ଜାହିଦ୍ ଆବାସ, ଜାବେଦ, ସାଜିଦ୍, ୱରିସ, ସାଦବ, ଅପୁ, କିବିରିଆ, ସୁମନ, ସାଲୁରାଜା ବବୁଲୁ ଓ ସମୀର ଉପସ୍ଥିତ ଥିଲେ।



## ଜିଲ୍ଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ଚାରାରୋପଣ

**ବରଗଡ଼, ୨୨।୩(ସମିସ):** ବରଗଡ଼ ଜିଲ୍ଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ବନ ଦିବସ ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂକୀର୍ତ୍ତନ ପରିଷଦର ଅଧ୍ୟକ୍ଷ ପ୍ରମୋଦ ଦାଶଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ପରିସରରେ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିଷଦ ପକ୍ଷରୁ ଭରତ ପ୍ରଧାନ, ମେଘନାଦ ଭୋଇ, ରାମଚନ୍ଦ୍ର ସାହୁ, ଲଳିତ ମୋହନ ପଣ୍ଡା ପ୍ରମୁଖ ପଣସ ଓ ଜାମୁ, କରଞ୍ଜ, ଲିମ୍ବ ଆଦି ଚାରା ରୋପଣ କରିଥିଲେ।

## ସ୍ମୃତି ସାଉଁଟିଲେ ପୁରାତନ ଛାତ୍ରଛାତ୍ରୀ

**ବରଗଡ଼, ୨୨।୩(ସମିସ):** ବରଗଡ଼ ସିମେଣ୍ଟ ନଗର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୨୨ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀ ସ୍କୁଲ ପରିସରରେ ଏକତ୍ରିତ ହୋଇ ପୁରୁଣା ସ୍ମୃତି ସାଉଁଟିଥିଲେ। ପୁରାତନ ଛାତ୍ର ଅନିରୁଦ୍ଧ ପାଇକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଇତିଶ୍ରୀ ଜେନା ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡୋଳାମଣି ସାହୁ, ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗ, ପ୍ରଧାନ ଶିକ୍ଷକ ରମାକାନ୍ତ ମେହେର, ପ୍ରକାଶ ନନ୍ଦ ଭୋଇ, ଡଲି ବାରିକ, ଲୋପାମୁଦ୍ରା ସାହୁ, ଜ୍ଞାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆରାଧନା କୁମ୍ଭାର, ପୁଷ୍ପା ଗଡ଼ୱାର, ମାନସୀ ମହାନନ୍ଦ, ପ୍ରାଚୀ ସୁନା, ସ୍ନେହା ବାଗ, ପ୍ରିୟାଂଶୁ ସନ୍ନ୍ୟାସୀ ପ୍ରମୁଖ ଯୋଗ ଦେଇଥିଲେ। ଶ୍ଳୋକ ପାଇକ ଧନ୍ୟବାଦ ଅର୍ପଣ କରିଥିଲେ।

## ସିମୁଲିଖୋଲରେ ଶହୀଦ ସ୍ମୃତିରେ ଶ୍ରମଦାନ

**ଝାରବନ୍ଧ, ୨୨।୩(ସମିସ):** ସରଗୁଲ ଅଞ୍ଚଳର ଐତିହାସିକ ସିମୁଲିଖୋଲରେ ମେରା ଯୁବା ଭାରତ ବରଗଡ଼ ପକ୍ଷରୁ ଶ୍ରମଦାନ କରାଯାଇଛି। ଅମର ବୀର ଭଗତ ସିଂ, ରାଜଗୁରୁ ଓ ସୁଖଦେବଙ୍କ ବଳିଦାନ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ଯୁବକମାନେ ପଦଯାତ୍ରା କରି ସମାଜକୁ ସଚେତନ କରିଥିଲେ। ପରେ ସିମୁଲିଖୋଲ ଓ ଚାକଦର୍ହା ଡ୍ୟାମ୍ ପରିସରରେ ସଫେଇ କରିଥିଲେ। ଜିଲ୍ଲା ଯୁବ ଅଧିକାରୀ କମଳ ସାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଦୁର୍ଯ୍ୟୋଧନ ପାଣ୍ଡେ, ସନାତନ ପାଣ୍ଡେ, ଯୋଗଗୁରୁ ନିମାଇଁ ବାରିକ, ଲେନିଶ ଚନ୍ଦ୍ର ସାହୁ, ରିଙ୍କୁ ପ୍ରଧାନ, କପିଳ ଦଳ, ବିଜୟ ବାଗ, ବିଜୁ କେଉଁଟ୍ ଓ ବଉଳ କେଉଁଟ୍ ପ୍ରମୁଖ ଯୋଗ ଦେଇଥିଲେ।




## ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର

**ପଦ୍ମପୁର, ୨୨।୩ (ସମିସ):** ଲଖମରା ମଣ୍ଡଳ ବୁକୁରାମୁଣ୍ଡା ପଞ୍ଚାୟତ ମହୁଲପାଲିରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଶିବିର ଅନୁଷ୍ଠିତ ହୋଇଥିଲା। ସଭାପତି ଟୁନା ଡନସନାଙ୍କ ନେତୃତ୍ୱରେ ଏହି ଦୁଇଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବିରର ପ୍ରଥମ ଦିନରେ ଗୋବର୍ଦ୍ଧନ ଭୁଏ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ସରୋଜ ସାମଲଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହେଇଥିଲା। ୧୮୦ ଜଣ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଦ୍ୱିତୀୟ ଦିବସରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଜିଲ୍ଲା ଉପ ସଭାପତି ସରସ୍ୱତୀ ସାହୁ ଓ ସୁନିଲ ଅଗ୍ରୱାଲ ଯୋଗ ଦେଇଥିଲେ। ଚିନ୍ମୟ ପଣ୍ଡା ସୋସିଆଲ ମିଡ଼ିଆର ବ୍ୟବହାରିତା ବିଷୟରେ ଆଲୋକପାତ କରିଥିଲେ। ଲମ୍ବୋଦର ପଣ୍ଡା ଏବଂ ପ୍ରିତେଶ ବହିଦାର ଅଭିଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରନ୍ଦର ସାହୁ, ସୌମିତ୍ରି ପ୍ରଧାନ, ଦୁଷ୍ମନ୍ତ ସାହୁ, ହରିହର ମେହେର, କବିରାଜ ସାହୁ, ସରପଞ୍ଚ ଅନିତା ଭୋଇ, ଅମୃତ ଠାକୁର, ଦୁଃଖିଶ୍ୟାମ ବେହେରା, ପରମା ଭୋଇ, ଟିକସ ସାହୁ, ଜଗନ୍ନାଥ ଛତ୍ରିଆ, ରଞ୍ଜିତ ଭୋଇ, ଯୋଗେଶ୍ୱର ପ୍ରଧାନ, ହିମାଂଶୁ ପ୍ରଧାନ, ଅଶୋକ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରମୋଦ ଡନସନା, ଅନିଲ ମେହେର, ଅଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଭୀଷ୍ମଦେବ ସାହୁ ଧନ୍ୟବାଦ ଦେଇଥିଲେ।

## ବୀର ବଜରଙ୍ଗବଲି ସେବା ଟ୍ରଷ୍ଟର ରକ୍ତଦାନ ଶିବିର



**ବିଜେପୁର, ୨୨।୩ (ସମିସ):** ଟି.ଗଣ୍ଡପାଲିରେ ବୀର ବଜରଙ୍ଗବଲି ସେବା ଟ୍ରଷ୍ଟ ଆନୁକୂଲ୍ୟରେ ରବିବାର ରକ୍ତଦାନ ଶିବୀର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ ଜଣ ମହିଳାଙ୍କ ସମେତ ମୋଟ ୩୨ଜଣ ରକ୍ତଦାତା ରକ୍ତଦାନ କରିଛନ୍ତି। ରୋହିତ ସାହୁ, ଭବାନୀ ସାହୁ, ଅଚ୍ୟୁତା ଦାଶ, ଲକ୍ଷପତି ସାହୁ, ସାଧୁ ସାହୁ, ଟେକଚାନ୍ଦ ସାହୁ, କିଶୋର ସାହୁ, ଲୋକନାଥ ସାହୁ, ନିରୋଜ ସାହୁ, ଚିନ୍ମୟ ସାହୁ, ଯଶୋବନ୍ତ ସାହୁ, ସୁଜାନ୍ତୀ ସାହୁ, ହରିପ୍ରିୟା ସାହୁ, ତେଜସ ସାହୁ, ହେମରାଜ ସାହୁ, ଆଦର୍ଶ ସାହୁ, ଫିରୋଜ ସାହୁ, ଟୁଲ ସାହୁ, ତ୍ରିଲୋଚନ ବେହେରା, ଶିବ ଭୋଇ, ଭାନୁଚନ୍ଦ୍ର ସାହୁ, ରାଜକିଶୋର ବେହେରା, ରକ୍ତଭଣ୍ଡାର କର୍ମଚାରୀ ଅମରଜିତ ମହାନ୍ତି, ରେବତୀକାନ୍ତ ସାହୁ, ସୀତାରାମ ବର୍ଗତି, ମହେନ୍ଦ୍ର ମେହେର, ସାମ୍ବାଦିକ ସୁନୀଲ ମିଶ୍ରଙ୍କ ସମେତ ବୀର ବଜରଙ୍ଗବଳୀ ସେବା ଟ୍ରଷ୍ଟର ସଦସ୍ୟ, ଗ୍ରାମବାସୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଇଚ୍ଛାପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଅମ୍ବାଭୋନା, ୨୨।୩(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଇଚ୍ଛାପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ବସନ୍ତ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଦାରୀ ପଞ୍ଚାୟତର ସରପଞ୍ଚ ଜ୍ଞାନରଞ୍ଜନ ଭୋଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲ ମୋହନ ସିଂ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅମ୍ବାଭୋନା ବ୍ଲକ ଶିକ୍ଷକ ସଂଘର ସଭାପତି ଡ. ରାଜ କୁମାର ବଘେଲ ଉପସ୍ଥିତ ଥିଲେ। ସମ୍ମାନୀତ ଅତିଥି ଭାବେ ସ୍କୁଲ ଚେୟାରମ୍ୟାନ ସୁକୁମାରୀ ମାଝୀ, ଶିକ୍ଷକ ତୋଷରାମ ଦାଶ, ଅଶୋକ ପ୍ରଧାନ, ରୁଦ୍ରମଣି ପ୍ରଧାନ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲିଙ୍ଗରାଜ ଭୋଇ ଯୋଗ ଦେଇଥିଲେ। ଶିକ୍ଷକ ଠାକୁରରାମ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ଅନିରୁଦ୍ଧ ପଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ କ୍ଷୁଦ୍ର ଐତିହାସିକ ନାଟକ 'ପରଶୁର ବୀରପଣ'ରେ ଅଭିନୟ କରିଥିଲେ। ଭୀଖାରି ସାହୁ, ଜନକରାମ ପଧାନ, କୌଶିକ ବାଗ, ଶକ୍ତି ପ୍ରସାଦ ବାଗ ଓ ଶିରୀଶ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ପ୍ରତାପ ଭୁଏ ଧନ୍ୟବାଦ ଜ୍ଞାପନ କରିଥିଲେ।

## ତାଳପଦରରେ ଭଲିବଲ ପ୍ରଶିକ୍ଷଣ ଶିବିର

**ବିଜେପୁର, ୨୨।୩ (ସମିସ):** ତାଳପଦର ଗ୍ରାମରେ କଳିଙ୍ଗ ଭଲିବଲ ଡେଭଲପମେଣ୍ଟ କାଉନସିଲ, ଭୁବନେଶ୍ୱର ପକ୍ଷରୁ ଦୁଇ ଦିନିଆ ଭଲିବଲ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ପ୍ରଶିକ୍ଷଣ ସମୟରେ କେଭିଏଲର ପ୍ରଶିକ୍ଷକମାନେ ଭଲିବଲ ଖେଳର ମୂଳ ଟେକନିକ ସର୍ଭିସ, ପାସିଂ, ବ୍ଲକିଂ, ଟିମ୍‌ୱର୍କ ସହିତ ଫିଟନେସ ଓ ଶିଷ୍ଟାଚାର ବିଷୟରେ ବିସ୍ତୃତ ଶିକ୍ଷା ଦେଇଥିଲେ। ସେମାନେ କହିଥିଲେ ଯେ ଖେଳ କେବଳ ମନୋରଞ୍ଜନ ନୁହେଁ, ବରଂ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାର ଶକ୍ତିଶାଳୀ ମାଧ୍ୟମ। ପ୍ରଶିକ୍ଷକ ଆଶୁତୋଷ ପାତ୍ର କହିଥିଲେ ଯେ, ଏପର୍ଯ୍ୟନ୍ତ ଓଡ଼ିଶାର ୧୩ଟି ଜିଲ୍ଲାରେ ଏହିପରି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇସାରିଛି। ସେମାନଙ୍କର ଲକ୍ଷ୍ୟ ହେଉଛି ରାଜ୍ୟର ସମସ୍ତ ଜିଲ୍ଲାକୁ ପହଞ୍ଚି ଗ୍ରାମାଞ୍ଚଳର ଲୁଚିଥିବା ପ୍ରତିଭାକୁ ଚିହ୍ନଟ କରିବା ଓ ଠିକ ମାର୍ଗଦର୍ଶନ ଯୋଗାଇବା। ଗ୍ରାମର ଅନେକ ଝିଅ ଏହି ପ୍ରଶିକ୍ଷଣରେ ଯୋଗଦେଇ ଭଲିବଲ ପ୍ରତି ନିଜର ଆଗ୍ରହ ପ୍ରକାଶ କରିଥିଲେ। ପ୍ରଶିକ୍ଷକ ସାହିଲ ଦ୍ୱିବେଦୀ କହିଥିଲେ ଯେ ଖେଳ ମାଧ୍ୟମରେ ଝିଅମାନେ ଆତ୍ମବିଶ୍ୱାସୀ ହେବା ସହ ସ୍ୱାସ୍ଥ୍ୟ ସଚେତନ ହେବେ। ସମାଜରେ ନିଜର ଅଲଗା ପରିଚୟ ଗଢ଼ିପାରିବେ। ଶିକ୍ଷୟିତ୍ରୀ ବି.ଆର୍ ମୁଜୁନ୍ଦର ମତ ପ୍ରକାଶ କରି କହିଥିଲେ ଯେ ଆଜିବି କିଛି ଗ୍ରାମାଞ୍ଚଳରେ କମ୍ ବୟସରେ ଝିଅଙ୍କ ବିବାହ ଘଟୁଛି; ଯାହା ତାଙ୍କର ଭବିଷ୍ୟତକୁ ପ୍ରଭାବିତ କରୁଛି। ଏହାକୁ ରୋକିବା ପାଇଁ ଖେଳ ଏକ ପ୍ରଭାବଶାଳି ମାଧ୍ୟମ ହୋଇପାରେ ବୋଲି ସେ କହିଥିଲେ। ଖେଳ ଶିକ୍ଷକ ହୃଦମଣି ସାହୁ, ସୁଦର୍ଶନ ବନଛୋର, ଭଗବାନ ସାହୁ, ସୁଧାଂଶୁ ପଧାନ, ତେଜ ପଧାନ, ମୁକେଶ ସାହୁ ଓ କିଶୋର ଭୋଇ ପ୍ରମୁଖ ସହଯୋଗ କରିଥିଲେ।



# ଅଣଓସାରିଆ ନୃସିଂହନାଥ ରାସ୍ତା ଚିନ୍ତାର କାରଣ

**ପାଇକମାଲ, ୨୨।୩(ସମିସ)**

ପାଇକମାଲରୁ ନୃସିଂହନାଥ ମନ୍ଦିର ଯିବାକୁ ୪କିମି ଅଣଓସାରିଆ ରାସ୍ତା ଅତିକ୍ରମ କରିବାକୁ ପଡୁଛି। ବର୍ତ୍ତମାନ ନୃସିଂହନାଥକୁ ପ୍ରତି ଦିନ ବହୁ ସଂଖ୍ୟାକ ଭକ୍ତଙ୍କ ଯିବା ଆସିବା ପାଇଁ ଗାଡି ମଟର ଭିଡ ଲାଗୁଛି। ଏହି ୪ କିମି ରାସ୍ତାକୁ ଚଉଡ଼ା କରିବା ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ ସରକାର କିମ୍ବା ପ୍ରଶାସନ ଦୃଷ୍ଟି ଦେଉ ନାହାନ୍ତି। କେବଳ ବର୍ଷକୁ ଥରେ ଏଠାରେ ଭଗବାନ ନୃସିଂହନାଥ ମହାପୁରୁଙ୍କ ଜନ୍ମ ଉତ୍ସବ ସମାରୋହରେ ବଡ ବଡ ନେତାମନ୍ତ୍ରୀ ତଥା ଅଫିସର ମାନେ ଏକତ୍ରିତ ହୋଇ ବହୁତ ଭାଷଣ ମାରନ୍ତି। ସବୁକାମ କରିଦେବା ବୋଲି ପ୍ରତିଶ୍ରୁତି ଦିଅନ୍ତି। ପରେ ଭୁଲି ଯାଇଥାନ୍ତି। ସେହିଭଳି ପାଇକମାଲରୁ ନୃସିଂହନାଥ ମଧ୍ୟରେ ଥିବା ୨ଟି ବ୍ରିଜ ମୁକୁଳା ପଡ଼ିଛି। ସାଇଡ୍ ୱାଲ ନାହିଁ। ଏହି ବ୍ରିଜ ପାଖରେ ଆଲୋକ ନ ଥିବାରୁ ଅନ୍ଧାରୁଆ ଯୋଗୁଁ ରାସ୍ତା ମରଣାଯନ୍ତା ସାଜିଛି। ଏଥିରେ ଅନେକ ଲୋକ ଆକସ୍ମିକ ଦୁର୍ଘଟଣାର ଶିକାର ହେଉଛନ୍ତି। ପ୍ରତିବର୍ଷ ଦୁଇ ତିନି ଜଣଙ୍କ ମୃତ୍ୟୁ ଘଟୁଛି। ତେଣୁ ରାସ୍ତାକୁ ଓସାରିଆ କରାଯାଇ ପାଇକମାଲରୁ ନୃସିଂହନାଥ ଯାଏଁ ଷ୍ଟ୍ରିଟ ଲାଇଟ ଲଗାଗଲେ ଭକ୍ତମାନେ ସୁବିଧାରେ ଯାଇପାରନ୍ତେ। ଆକସ୍ମିକ ଦୁର୍ଘଟଣାରୁ ରକ୍ଷା ମିଳି ପାରନ୍ତା।



## ଭୁବନେଶ୍ୱର ସିଟି



# କିଣିବା ଆଳରେ କାର୍ ଲୁଟିଲେ

ଭୁବନେଶ୍ୱର,୨୨।୩ (ସମିସ)

ଓଏଲ୍‌ଏକ୍ସରୁ ବିଜ୍ଞାପନ ଦେଖି କାର୍ କିଣିବାକୁ ଆସିଲେ। ଗାଡ଼ି ମାଲିକଙ୍କୁ ବନ୍ଦୀ କରି କାର୍ ନେଇ ପଳାଇଲେ। ଏଭଳି ଢଙ୍ଗରେ କାର୍ ଲୁଟି ନେଇଥିବା ଆନ୍ତଃରାଜ୍ୟ ଗ୍ୟାଙ୍ଗର ୨ ସଦସ୍ୟଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି, ବିହାର ପରାସୀ ଥାନା ଅଞ୍ଚଳର ଅର୍ଶଜିତ୍ କୁମାର (୨୫) ଓ ଝାଡ଼ଖଣ୍ଡ ଜାମସେଦପୁର ଜିଲ୍ଲା ଆଦିତ୍ୟପୁରର ହର୍ଷ (୨୬)।

ପୁଲିସ ସୂଚନାନୁଯାୟୀ, କଟକ ସଦର ଥାନା ଅଞ୍ଚଳର କୁଳଦୀପ ଦାସ ନିଜ କାର୍ ବିକ୍ରି କରିବେ ବୋଲି ଓଏଲ୍‌ଏକ୍ସରେ ବିଜ୍ଞାପନ ଦେଇଥିଲେ। ବିଜ୍ଞାପନ ଦେଖିବା ପରେ ଅର୍ଶଜିତ୍ ଓ ହର୍ଷ କାର୍ କିଣିବାକୁ ତାଙ୍କୁ ଯୋଗାଯୋଗ କରିଥିଲେ। ସେମାନଙ୍କ କହିବା ମୁତାବକ ଗତକାଲି କୁଳଦୀପ ଶୈଳଶ୍ରୀବିହାରସ୍ଥିତ ଏକ ଓୟୋକୁ କାର୍ ନେଇ ଆସିଥିଲେ। ଦୁଇ ଜଣଙ୍କ ଯାକ ତାଙ୍କ ସହ ଚତୁରତାର ସହ କଥା ହୋଇ ସେହି ରୁମ୍‌ରେ ବନ୍ଦୀ କରି କାର୍ ନେଇ ଫେରାର ହୋଇ ଯାଇଥିଲେ। ରାତି ପ୍ରାୟ ୧୧ଟା ୫୦ ବେଳକୁ କୁଳଦୀପ କୌଣସି ମତେ ଖସି ଆସି ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ମୋବାଇଲ୍ ଟ୍ରାକିଂ ଓ ଅନ୍ୟାନ୍ୟ ବୈଷୟିକ ବିଶ୍ଳେଷଣ ମାଧ୍ୟମରେ ଦୁଇ ଅଭିଯୁକ୍ତ କଟକ ଅତିକ୍ରମ କରୁଥିବା ଜାଣିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଚନ୍ଦ୍ରଶେଖରପୁର ଥାନାର ଏକ ଟିମ୍ ଅଭିଯୁକ୍ତଙ୍କ ପିଛା କରିଥିଲେ। ପାଣିକୋଇଲି ଓ ବ୍ୟାସନଗର ଥାନା ସହ ଯୋଗାଯୋଗରେ ରହିଥିଲେ। ପ୍ରାୟ ୨ ଘଣ୍ଟା ଗୋଡ଼ାଇବା ପରେ ପାଣିକୋଇଲି ଥାନା ନିକଟରେ ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ସେମାନେଙ୍କ ହେପାଜତରୁ କୁଳଦୀପ୍‌ଙ୍କ କାର୍‌କୁ ମିଶାଇ ମୋଟ ୨ଟି କାର୍ ଓ ୫ଟି ମୋବାଇଲ ଫୋନ୍ ଜବତ କରିଥିଲେ।

ଅଭିଯୁକ୍ତ ଅର୍ଶଜିତ୍ ଓ ହର୍ଷ ମିଶି ଓଏଲ୍‌ଏକ୍ସରେ ବିଜ୍ଞାପନ ଦେଇଥିବା ଗାଡ଼ି ମାଲିକଙ୍କୁ ଯୋଗାଯୋଗ କରନ୍ତି। ଗାଡ଼ି ଦେଖିବା ବାହାନାରେ କାର୍ ଲୁଟ୍ କରି ଫେରାର ହୋଇ ଯାଆନ୍ତି ବୋଲି ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି। ଲୁଟ୍ କରିଥିବା କାରର ରେଜିଷ୍ଟ୍ରେସନ ନମ୍ବର ବଦଳାଇ ନେପାଳରେ ବିକ୍ରି କରିଦିଅନ୍ତି। ତେବେ ଜବତ ହୋଇଥିବା ଅନ୍ୟ କାରଟି ମଧ୍ୟ ସମାନ ଢଙ୍ଗରେ କଲିକତାରୁ ଲୁଟ୍ କରିଥିଲେ ବୋଲି ଦୁଇ ଅଭିଯୁକ୍ତ ପୁଲିସ ଆଗରେ ସ୍ୱୀକାର କରିଥିଲେ। ତେବେ ସେମାନେ ଓଡ଼ିଶାରୁ ଆଉ କିଛି କାର୍ ଲୁଟି ନେଇଥିବା ସନ୍ଦେହ ହେଉଥିବାରୁ ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ କରିବ ବୋଲି ପୁଲିସ କହିଛି।



- ଝାଡ଼ଖଣ୍ଡ ଓ ବିହାରରୁ ଆସିଥିଲେ ଦୁଇ ଲୁଟେରା
- ରାଜଧାନୀରୁ ପିଛାକରି ପାଣିକୋଇଲିରେ ଧରିଲା ପୁଲିସ
- ଓଏଲ୍‌ଏକ୍ସରେ ବିଜ୍ଞାପନ ଦେଇଥିଲେ ଗାଡ଼ି ମାଲିକ
- କଲିକତାରୁ ବି ସମାନ ଢଙ୍ଗରେ ଲୁଟିଥିଲେ

# ୧୨ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ବିଲଡ଼ର ଗିରଫ

ଭୁବନେଶ୍ୱର,୨୨।୩(ସମିସ)

୧୨ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ଜଣେ ବିଲଡର୍‌ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ମା' ହରଚଣ୍ଡୀ କନଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଖଗେଶ୍ୱର ବାରିକ। ତାଙ୍କ ଘର କେନ୍ଦ୍ରପଡ଼ା ଜିଲ୍ଲା ପାଟକୁରା ଥାନା ଅଞ୍ଚଳରେ ହୋଇଥିଲା ବେଳେ ସେ ଭୁବନେଶ୍ୱରରେ କୋରଡ଼କଣ୍ଟା ଅଞ୍ଚଳରେ ରହୁଛନ୍ତି।

ସୂଚନାଯୋଗ୍ୟ ଯେ, ପ୍ରକାଶ ଚନ୍ଦ୍ର ମିଶ୍ରଙ୍କ ଝିଅ ଏବଂ ପତ୍ନୀ ପ୍ଲଟ୍ ନଂ.୫୫୭/୧୪୮୭୬ର ସହ-ମାଲିକ ଥିଲେ। ଏହି ପ୍ଲଟ୍‌କୁ ସେମାନେ ସୌମ୍ୟ ପ୍ରକାଶ ମିଶ୍ରଙ୍କ ଠାରୁ କିଣିଥିଲେ। ପରେ ପ୍ରକାଶ ଚନ୍ଦ୍ର ମିଶ୍ର ସେହି ପ୍ଲଟ୍ ଉପରେ ଘର ନିର୍ମାଣ ପାଇଁ 'ମା ହରଚଣ୍ଡୀ କନଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ୍'ର ପରିଚାଳନା ନିର୍ଦ୍ଦେଶକ ଖଗେଶ୍ୱର ବାରିକଙ୍କୁ ନିଯୋଜିତ କରିଥିଲେ। ଏଥିପାଇଁ ତାଙ୍କୁ ୧୨ ଲକ୍ଷ ୯ ହଜାର ଟଙ୍କା ଦେଇଥିଲେ। କିନ୍ତୁ ସେ କୌଣସି ନିର୍ମାଣ କାମ କରି ନଥିଲେ। ଏହି ଘଟଣା ସମ୍ପର୍କରେ ଜ୍ୟୋତିର୍ମୟୀ ମିଶ୍ରଙ୍କ ଅଭିଯୋଗ ଆଧାରରେ ମଞ୍ଚେଶ୍ୱର ପୁଲିସ ଏକ ମାମଲା ରୁଜୁ କରି କୋର୍ଟକୁ ପଠାଯାଇଥିଲା। ଅଭିଯୋଗକାରୀ ସମେଇଗାଡିଆରେ ସେହି ପ୍ଲଟ୍ ଉପରେ ଏକ ନୂତନ ଘର ନିର୍ମାଣ କରିଥିଲେ। ଗତ ୯ ତାରିଖରେ ପ୍ରକାଶ ଚନ୍ଦ୍ର ମିଶ୍ର ତାଙ୍କ ନବନିର୍ମିତ କାନ୍ଥକୁ ପାଣି ଦେଉଥିବା ବେଳେ ଖଗେଶ୍ୱର ବାରିକ ତାଙ୍କ ଭାଇ ପ୍ରଭାକର ବାରିକ ସହିତ ରତ୍ନାକର ସାହୁ ଏବଂ ବିଶ୍ୱଜିତ ପଲେଇ ଜୋରଜବରଦସ୍ତ କରି ପ୍ଲଟ୍ ଭିତରକୁ ପ୍ରବେଶ କରିଥିଲେ। ସେମାନେ ଶ୍ରୀ ମିଶ୍ରଙ୍କୁ ପଛରୁ ଟାଣି ତଳେ ପକାଇ ଦେଇ ତାଙ୍କୁ ଆକ୍ରମଣ କରି ଆହତ କରିଥିଲେ। ସେମାନେ ଅତିରିକ୍ତ ୨୦ ଲକ୍ଷ ଟଙ୍କା ଦାବି କରିଥିଲେ କିମ୍ବା ପ୍ଲଟ୍ ତାଙ୍କ ନାମରେ ପଞ୍ଜୀକରଣ କରିବାକୁ ଜୋର ଦେଇଥିଲେ। ଏହି ସମୟରେ ଅଭିଯୋଗକାରିଣୀ ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିବାକୁ ଯାଉଥିବା ବେଳେ ଅଭିଯୁକ୍ତ ମାନେ ତାଙ୍କ ସହ ଅଶୋଭନୀୟ ବ୍ୟବହାର କରି ତାଙ୍କୁ ମଧ୍ୟ ମାରପିଟ କରିଥିଲେ। ଏହା ସହିତ ଅଭିଯୁକ୍ତମାନେ ଅଭିଯୋଗକାରିଣୀ ଏବଂ ତାଙ୍କ ସ୍ୱାମୀଙ୍କୁ ଭୟଭୀତ କରି କହିଥିଲେ ଯେ ଯଦି ଜମି ଖଗେଶ୍ୱର ବାରିକଙ୍କ ନାମରେ ପଞ୍ଜୀକରଣ କରା ନଯିବ, ତେବେ ତାହାର ଗୁରୁତର ପରିଣାମ ଭୋଗିବାକୁ ପଡ଼ିବ।



# ଭୋରରୁ ନେଇଗଲେ ୨୦ ଲକ୍ଷ

ମଞ୍ଚେଶ୍ୱର ପରେ ଏୟାରଫିଲ୍ଡ ଥାନା ଜାମୁକୋଳି ଗ୍ରାମରେ ତାଲାବନ୍ଦ ଘରୁ ଲୁଟ୍ ହୋଇଛି। ଭୋରୁ ଭୋରୁ ବାଡ଼ି ପଟେ ଏମାନେ ଘର ଭିତରକୁ ପ୍ରବେଶ କରିଥିଲେ। ସୁଶାନ୍ତ ବାରିକ ଏବଂ ସ୍ତ୍ରୀଙ୍କୁ ସେମାନେ ଶୋଇଥିବା ଘରେ ତାଲା ପକାଇ କଳାକନା ବୁଲାଇ ଚାଲିଯାଇ ଥିଲେ। ଆଲମିରା ଭାଙ୍ଗି ନଗଦ ଟଙ୍କା ଏବଂ ଅଳଙ୍କାର ନେଇ ଯାଇଥିଲେ। ଲୁଟ୍ ସାମଗ୍ରୀ ମଧ୍ୟରେ ରହିଛି ନଗଦ ୭୦ ହଜାର ଟଙ୍କା ଏବଂ ୨ ହାର, ୨ଚେନ୍, ୬ଟି ବାହୁଟି, ୪ଟି ମୁଦ ଅନ୍ୟାନ୍ୟ ସୁନା ଓ ରୂପା ଅଳଙ୍କାର। ଯାହାର ଅନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ତେବେ ଘର କାମ କରିବାକୁ ସେମାନେ ବ୍ୟାଙ୍କ୍‌ରୁ ଟଙ୍କା ଉଠାଇ ଆଣି ଘରେ ରଖିଥିଲେ। ଟଙ୍କା ଚୋରି ହେବା ଯୋଗୁଁ ଏବେ ଘର କାମ ଅଧାର ଅଟକିଯିବ ବୋଲି ଘର ମାଲିକଙ୍କ ପକ୍ଷରୁ କୁହାଯାଇଛି। ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୁଲିସ ସିସିଟିଭି ଯାଞ୍ଚ କରିବା ସହ ଘଟଣାସ୍ଥଳରେ ଡଗ୍‌ସ୍କ୍ୱାର୍ଡ ପହଁଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଏହି ଅଞ୍ଚଳରେ କେବେ ବି ଏଭଳି ଚୋରି ହୋଇ ନଥିଲା। ଏହା ପ୍ରଥମ ଚୋରି ଘଟଣା ବୋଲି ସ୍ଥାନୀୟ ଲୋକେ ଦୁଃଖ ପ୍ରକାଶ କରିଛନ୍ତି।



## ରାଜଧାନୀରେ ତାଲାପକା ଲୁଟେରା ଗ୍ୟାଙ୍ଗ ସକ୍ରିୟ

# ଟାର୍ଗେଟରେ ଉପକଣ୍ଠର ବରିଷ୍ଠ ନାଗରିକ

ଭୁବନେଶ୍ୱର,୨୨।୩(ସମିସ)

ରାଜଧାନୀରେ ମାତିଛନ୍ତି ତାଲାପକା ଲୁଟେରା ଗ୍ୟାଙ୍ଗ। ଏମାନେ ତାଲା ବନ୍ଦ ରହୁଥିବା ଘରୁ ବୁଲାଉଛନ୍ତି କଳାକନା। ଭୋରୁ ଭୋରୁ ଆସୁଛନ୍ତି, ମୁଖ୍ୟଦ୍ୱାରା ତାଲା ଭାଙ୍ଗି ଘରେ ପଶୁଛନ୍ତି। ନିଦରେ ଶୋଇଥିବା ଲୋକଙ୍କୁ ଗୋଟିଏ ଘରେ ଚାବି ପକାଇ ସୁନା ଅଳଙ୍କାର ଠାରୁ ଆରମ୍ଭ କରି ନଗଦ ଟଙ୍କା ଆଉ ଘରର ମୂଲ୍ୟବାନ ଜିନିଷ ଚୋରି କରି ଚମ୍ପଟ ମାରୁଛନ୍ତି। ଏମାନଙ୍କ ଚେହେରା ସିସିଟିଭିରେ କଏଦ ହେଲେ ମଧ୍ୟ ପୁଲିସ ଲୁଟେରାଙ୍କ ପାଖରେ ପହଞ୍ଚି ପାରୁ ନାହିଁ।

ଏହି ଗ୍ୟାଙ୍ଗର ଟାର୍ଗେଟରେ ରାଜଧାନୀର ଉପକଣ୍ଠ ଅଞ୍ଚଳ ରହୁଥିବାବେଳେ ବରିଷ୍ଠ ନାଗରିକଙ୍କୁ ଲୁଟିବାକୁ ଅଧିକ ପସନ୍ଦ କରୁଛନ୍ତି। ଯେଉଁଠାରେ ପୁଲିସ ଉପସ୍ଥିତି ସହର ଠାରୁ ଅପେକ୍ଷାକୃତ ଭାବେ କମ୍। ସେଠାରେ ପୁଲିସ ଚେକିଂ ଆଉ ବ୍ଲକିଂକୁ ସେତେଟା ଗୁରୁତ୍ୱ ଦିଆଯାଉ ନାହିଁ। କିଛିଦିନ ତଳେ ତାଲାବନ୍ଦ ଲୁଟେରା ଗ୍ୟାଙ୍ଗ୍ ଭୁବନେଶ୍ୱର ଉପକଣ୍ଠସ୍ଥ ମଞ୍ଚେଶ୍ୱର ଥାନା ରୋକଟ ଅଞ୍ଚଳରେ ସମାନ ଧରଣର ଚୋରି କରିଥିଲେ। ଜଣେ ବରିଷ୍ଠ ନାଗରିକଙ୍କ ପତ୍ନୀ ମର୍ଣ୍ଣିଂ ୱାକ୍‌ରେ ଯାଇଥିଲେ। ଏହି ସମୟରେ ଲୁଟେରାମାନେ ଏମାନେ ଘର ଭିତରେ ପ୍ରବେଶ କରି ସ୍ୱାମୀଙ୍କୁ ସେ ଶୋଇଥିବା ଘରେ ତାଲା ପକାଇ ଲୁଟ୍ ପାଟ୍ କରିଥିଲେ। ସମ୍ପୂର୍ଣ୍ଣ ଭାବେ କଳାକନା ବୁଲାଇ ଦେଇଥିଲେ। ୩ରୁ ୪ ଜଣ ଏହି ଚୋରିରେ ସାମିଲ ଥିବା ସିସିଟିଭିରୁ ଜଣାପଡ଼ିଥିଲା। ହେଲେ ପୁଲିସ ସେମାନଙ୍କୁ ଧରି ପାରି ନ ଥିଲା। ରବିବାର ଭୁବନେଶ୍ୱର ଉପକଣ୍ଠ ଏୟାରଫିଲ୍ଡ ଥାନା ଜାମୁକୋଳି ଅଞ୍ଚଳରେ ସମାନ ତରିକାରେ ତାଲା ବନ୍ଦ କରାଯାଇ ଘରେ କଳାକନା ବୁଲାଯାଇଛି।

ଅନ୍ୟପକ୍ଷରେ ପ୍ରତ୍ୟେକଟି ଚୋରି ଭୋରୁ ଭୋରୁ ହେଉଛି। ଆଉ ବରିଷ୍ଠ ନାଗରିକ ଥିବା ଘରେ ହିଁ କରାଯାଉଛି। ଭୋରୁ ସ୍ଥାନୀୟ ଲୋକ ଶୋଇଥିବେ। ପୁଲିସ ଏବଂ ପିସିଆର୍ ମଧ୍ୟ ରାତି ଡ୍ୟୁଟି କରି ସାମାନ୍ୟ ହାଲୁକା ହୋଇଯାଇଥିବ। କିମ୍ବା କେଉଁଠି ବିଶ୍ରାମ ନେଉଥିବେ। ପୁଲିସ ଯେତେବେଳେ ନିଷ୍କ୍ରିୟ ହେଉଛି ଲୁଟେରା ସେହି ସମୟରେ ସକ୍ରିୟ ହୋଇ ଉଠୁଛନ୍ତି।

- ୪ ସଦସ୍ୟ ବିଶିଷ୍ଟ ଗ୍ୟାଙ୍ଗର ପତ୍ତା ପାଉନି ପୁଲିସ
- ଭୋରୁ ପୁଲିସ ନିଷ୍କ୍ରିୟ ପରେ ଆରମ୍ଭ କରୁଛନ୍ତି ଅଭିଯାନ

# ଲକ୍ଷ୍ମୀସାଗର ୱେଲଫେୟାର୍ ଆସୋସିଏସନ୍‌ର ସାଧାରଣ ବୈଠକ

ଭୁବନେଶ୍ୱର,୨୨।୩(ସମିସ): ଲକ୍ଷ୍ମୀସାଗର ବିଡିଏ କଲୋନୀର ବାସିନ୍ଦାଙ୍କ ସମସ୍ୟା ସମାଧାନ ଓ ସାମୂହିକ ଉନ୍ନତି ପାଇଁ ଲକ୍ଷ୍ମୀସାଗର ୱେଲଫେୟାର ଆସୋସିଏସନ୍ ପକ୍ଷରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ବୈରାଗୀ ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଲୋନୀର ବହୁ ସଦସ୍ୟ ଓ ସ୍ଥାନୀୟ ବାସିନ୍ଦା ଯୋଗଦେଇ ବିଭିନ୍ନ ଜନସାଧାରଣ ସମସ୍ୟା ଉପରେ ଆଲୋଚନା କରିଥିଲେ। ବୈଠକରେ ଜଳ ଯୋଗାଣ, ସ୍ୱଚ୍ଛତା, ସୁରକ୍ଷା ବ୍ୟବସ୍ଥା, ସଡକ ମରାମତି ଆଦି ମୁଖ୍ୟ ବିଷୟଗୁଡିକୁ ନେଇ ଚର୍ଚ୍ଚା ହୋଇଥିଲା। ଏହି ଅବସରରେ ସର୍ବସମ୍ମତି କ୍ରମେ ନୂତନ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିଲା। ବୈରାଗୀ ଚରଣ ନାୟକ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ବଟକୃଷ୍ଣ ବଳ ଓ ମିହିର କୁମାର ରାୟ ଉପ-ସଭାପତି, ଉଗ୍ରସେନ ସାହୁଙ୍କୁ ସମ୍ପାଦକ ଓ ପରେଶ ଚନ୍ଦ୍ର ସାହୁଙ୍କୁ ଯୁଗ୍ମ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଥିଲା। ଦୁଷ୍ମନ୍ତ କୁମାର ପାଣିଗ୍ରାହୀ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।



# ଭାରତ ଶ୍ରୀଲଙ୍କା ମଧ୍ୟରେ ସମ୍ପର୍କ ପ୍ରାଗ ଐତିହାସିକ ସମୟରୁ ରହିଛି

ଭୁବନେଶ୍ୱର,୨୨।୩(ସମିସ)

ପ୍ରସ୍ତର ଯୁଗର ଅବଶେଷ ଉଭୟ ଶ୍ରୀଲଙ୍କା ଉପକୂଳ ଏବଂ ତାମିଲନାଡୁ ଉପକୂଳ ମଧ୍ୟରେ ଅନେକ ସାମଞ୍ଜସ୍ୟ ଦେଖିବାକୁ ମିଳେ। ଏଥି ମଧ୍ୟରୁ ଜଣାପଡ଼େ ଯେ ଭାରତ ଶ୍ରୀଲଙ୍କା ମଧ୍ୟରେ ସମ୍ପର୍କ ପ୍ରାଗ୍ ଐତିହାସିକ ସମୟରୁ ରହିଛି ବୋଲି ଶ୍ରୀଲଙ୍କାର ଭିକ୍ଷୁ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଭେନ୍ ଡ. ଉଡ଼ିୱାଲା ଉପରଥାନା ତାଙ୍କ ଅଭିଭାଷଣରେ ଜଣାଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଚୀନ ଭାରତୀୟ ଇତିହାସ, ସଂସ୍କୃତି ଏବଂ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ବିଶ୍ୱ ବିଦ୍ୟାଳୟର ପ୍ରେକ୍ଷାଳୟରେ 'ପୁରାତତ୍ତ୍ୱ ଗବେଷଣାର ବିଭିନ୍ନ ଦିଗ ଓ ଏହାର ନୂତନ ଦୃଷ୍ଟିକୋଣ'କୁ ନେଇ ଦୁଇ ଦିବସୀୟ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଥିବା ବେଳେ ଏଥିରେ ଉପରଥାନା ଅନ୍ୟତମ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଏଥିସହିତ ସେ ଆହୁରି ଭାରତ ଶ୍ରୀଲଙ୍କା ସାଂସ୍କୃତିକ ଆଦାନପ୍ରଦାନର ଏକ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ ସମ୍ମିଳନୀରେ ମୁଖ୍ୟଅତିଥି ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଭାରତ ସରକାରଙ୍କ ଜାତୀୟ ସ୍ମାରକୀ ପ୍ରାଧିକରଣର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବାସା, ସମ୍ମାନିତ ଅତିଥି ଭାବରେ ଉଚ୍ଚଶିକ୍ଷା ପରିଷଦ କାର୍ଯ୍ୟକାରୀ ସଦସ୍ୟ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି ଉପସ୍ଥିତ ରହିଥିଲେ। ମୁଖ୍ୟ ବକ୍ତା ପ୍ରଫେସର ବାସା ତାଙ୍କ ବକ୍ତବ୍ୟରେ ସମ୍ମିଳନୀର ବିଷୟବସ୍ତୁର ଉପାଦେୟତା ଉପରେ ଆଲୋକପାତ କରି ଓଡ଼ିଶାର ପ୍ରାଗ୍ ଐତିହାସିକ ସଂସ୍କୃତି ଏବଂ ପ୍ରାଚୀନ ଓଡ଼ିଶାର ସହରୀକରଣରେ ନୌବାଣିଜ୍ୟର ଭୂମିକାର ଭୂୟସୀ ପ୍ରଶଂସା କରିଥିଲେ। ଉକ୍ତ ସମ୍ମିଳନୀରେ ଶ୍ରୀଲଙ୍କାରୁ ପ୍ରାୟ ୨୪ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଏଥିସହିତ ଭାରତର ବିଭିନ୍ନ ରାଜ୍ୟରୁ ମଧ୍ୟ ଅନେକ ପ୍ରତିନିଧି ଯୋଗଦାନ କରିଥିଲେ। ଉକ୍ତ ସମାରୋହର ପ୍ରାରମ୍ଭରେ ଡ. ଅନାମ ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହିତ ସମ୍ମିଳନୀର ବିଷୟବସ୍ତୁର ସୂଚନା ପ୍ରଦାନ କରିଥିଲେ। ଡ. ସୁଶାନ୍ତ କୁମାର ପାତ୍ର ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣିପୁର ବିଶ୍ୱବିଦ୍ୟାଳୟର ଏମ ସୁଧୀର କୁମାର ଏବଂ ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



# ବ୍ରାଉନ୍‌ସୁଗର୍ ଜବତ; ଜଣେ ଗିରଫ

ଭୁବନେଶ୍ୱର,୨୨।୩(ସମିସ): ବ୍ରାଉନ୍‌ସୁଗର କାରବାର ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଦୀପକ କୁମାର ଭୂୟାଁ। ତାଙ୍କ ଠାରୁ ୭ଗ୍ରାମ୍‌ର ବ୍ରାଉନ୍ ସୁଗର ଜବତ କରାଯାଇଛି।

ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇବା ପରେ ଲକ୍ଷ୍ମୀସାଗର ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ଅଭିଯୁକ୍ତ ଦୀପୁ ଓରଫ ଦୀପକ କୁମାର ଭୂୟାଁଙ୍କୁ ଗିରଫ କରାଯାଇଥିଲା। ପରବର୍ତ୍ତୀ ସମୟରେ ଉପରୋକ୍ତ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ପ୍ରକାଶ ଯୋଗ୍ୟ ଯେ, ଅଭିଯୁକ୍ତ ଦୀପୁ ଚିନ୍ତାମଣିଶ୍ୱର, ଲେନ୍ -୭ ରେ ଥିବା ପୋଖରୀ କୂଳରେ ଏକ ସ୍କୁଟି ସହିତ ଠିଆ ହୋଇ ଗ୍ରାହକଙ୍କୁ ବେଆଇନ ବ୍ରାଉନ୍‌ସୁଗର ବିକ୍ରୟ ପାଇଁ ଅପେକ୍ଷା କରିଥିଲେ। ସୂଚନା ଆଧାରରେ ପୁଲିସ ଟିମ୍ ତାଙ୍କୁ କାବୁ କରିବାକୁ ଯାଇଥିବାବେଳେ ସେ ଖସିଯିବାକୁ ଚେଷ୍ଟା କରିଥିଲେ। କିନ୍ତୁ ପୁଲିସ ଦଳ ତାଙ୍କୁ ଧରିପାରିଥିଲେ। ଅଭିଯୁକ୍ତଙ୍କ ବ୍ୟକ୍ତିଗତ ତଲାସୀ ସମୟରେ ତାଙ୍କ ହେପାଜତରୁ ୭ ଗ୍ରାମ ଓଜନର ବ୍ରାଉନ୍‌ସୁଗର୍, ନଗଦ ୫ ହଜାର୨ଶହ ଟଙ୍କା ଓ ଏକ ସ୍କୁଟି ଜବତ କରାଯାଇଥିଲା। ଅଭିଯୁକ୍ତ ଜଣକ ପୂର୍ବରୁ ମଧ୍ୟ ଲକ୍ଷ୍ମୀସାଗର ଥାନାର ଦୁଇଟି ମାମଲାରେ ଜଡ଼ିତ ରହିଥିବା ଜଣା ପଡ଼ିଛି।

# ଓଡ଼ିଶା ଲୋକ ଭବନରେ ବିହାର ରାଜ୍ୟର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୨୨।୩(ସମିସ): ବିଭିନ୍ନ ପରମ୍ପରା ପ୍ରତି ପାରସ୍ପରିକ ସମ୍ମାନ ଜାତୀୟ ଏକତାକୁ ସୁଦୃଢ଼ କରେ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ରବିବାର ଲୋକ ଭବନର ନୂତନ ଅଭିଷେକ ହଲ୍‌ରେ ବିହାର ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ଉତ୍ସବରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଏହା କହିଛନ୍ତି। ସେ କହିଥିଲେ ଯେ, ଯେତେବେଳେ ଲୋକମାନେ ପରସ୍ପରର ପରମ୍ପରା ପ୍ରତି ଖୋଲା ହୃଦୟରେ ଏବଂ ସମ୍ମାନର ସହିତ ଏକାଠି ହୁଅନ୍ତି, ସେତେବେଳେ ଏକ ଗଭୀର ଆତ୍ମୀୟତାର ଭାବନା ସୃଷ୍ଟି ହୁଏ। ବିହାର ଏବଂ ଓଡ଼ିଶା ମଧ୍ୟରେ ଦୃଢ଼ ଐତିହାସିକ ଏବଂ ସାଂସ୍କୃତିକ ସମ୍ପର୍କ ଉପରେ ମଧ୍ୟ ରାଜ୍ୟପାଳ ଆଲୋକପାତ କରିଥିଲେ। ବିହାରର ସ୍ପନ୍ଦନଶୀଳ ସାଂସ୍କୃତିକ ପରମ୍ପରା, ମଧୁବଣୀ ପେଣ୍ଟିଂ ଏବଂ ଛଟ୍ ଭଳି ପର୍ବଗୁଡ଼ିକ ଉପରେ ରାଜ୍ୟପାଳ ଆଲୋକପାତ କରିଥିଲେ। ଏହି ଅବସରରେ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିହାରର ମୂଳ ବାସିନ୍ଦା, ଯେଉଁମାନେ ବର୍ତ୍ତମାନ ଓଡ଼ିଶାରେ ବସବାସ କରୁଛନ୍ତି, ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ। ଏଡିଜି ପୁଲିସ ସଞ୍ଜୟ କୁମାର, ପରିବହନ କମିସନର ଅମିତାଭ ଠାକୁର, ଆକାଉଟାଣ୍ଟ ଜେନେରାଲ ଅତୁଲ ପ୍ରକାଶ ଏବଂ ସହକାରୀ କଲ୍ୟାଣ କମିସନର ସଞ୍ଜୀବ କୁମାର ବର୍ମା ପ୍ରମୁଖ ବିହାର ରାଜ୍ୟର ଗରିମାମୟ ଐତିହ୍ୟ ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ରାଜ୍ୟପାଳଙ୍କ କମିସନର ତଥା ଶାସନ ସଚିବ ଡ. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଆଦିବାସୀ ମହିଳାଙ୍କ ମହାନତା

# ଜଳ ଦିବସରେ କୂଅ ଖୋଳି 'ଜଳ ଯୋଦ୍ଧା' ସାଜିଲେ ଶକୁନ୍ତଳା

ଭୁବନେଶ୍ୱର,୨୨।୩(ସମିସ)

ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ଡମପଡ଼ା ହସ୍ତୀ ଅଭୟାରଣ୍ୟ ଘେରରେ ଥିବା କନ୍ଦଳେଇ ଗାଁର ଆଦିବାସୀ ମହିଳା ଶକୁନ୍ତଳା ଚାତାର ସମସ୍ତଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଗାଁରେ ଜଳକଷ୍ଟ ଓ ନଳକୂପର ଅସୁବିଧାକୁ ଦୃଷ୍ଟିରେ ରଖି ଏକ କୂଅ ଖୋଳିବାକୁ ନିଷ୍ପତ୍ତି ନେଇଥିଲେ। ବିଶ୍ୱ ଜଳ ଦିବସ ଅବସରରେ ସେ ଗ୍ରାମବାସୀଙ୍କ ପାଇଁ ଏକ କୂଅ ଖୋଳି ଅଞ୍ଚଳରେ ପ୍ରଶଂସା ସାଉଁଟିଛନ୍ତି। ମହିଳାମାନେ ମଧ୍ୟ ପୁରୁଷଙ୍କ କାନ୍ଧରେ କାନ୍ଧ ମିଶାଇ କିଭଳି ସମାନତା ରକ୍ଷା କରୁଛନ୍ତି ତାହାକୁ ପ୍ରମାଣିତ କରିଛନ୍ତି ୩୫ ବର୍ଷୀୟା ଶକୁନ୍ତଳା। ନିଜ ପରିବାର ସହ ମିଶି ଦୈନିକ ୩ ଘଣ୍ଟା ପରିଶ୍ରମ କରି ୬୦ ଦିନରେ ୪୦ ଫୁଟ ଗଭୀରର ଏକ କୂଅ ଖୋଳିଛନ୍ତି। କେବଳ ସେତିକି ନୁହେଁ, କୂଅରୁ ବାହାରୁଥିବା ମାଟିରେ ୪ ହଜାର ଇଟା ପ୍ରସ୍ତୁତ କରି ସେ ନିଜର ଭଙ୍ଗା ଘରକୁ ମଧ୍ୟ ସଜାଡ଼ିଛନ୍ତି। ଶକୁନ୍ତଳାଙ୍କର ଏହି ନିଆରା କାର୍ଯ୍ୟ ଯୋଗୁଁ ଆଜି ଗାଁର ଅନେକ ଲୋକେ ଜଳ ସୁବିଧା ପାଇପାରୁଛନ୍ତି।

ତାଙ୍କର ଏହି ଉଦ୍ୟମ ପାଇଁ ଶ୍ରୀରାଧା ଫାଉଣ୍ଡେସନ୍ ପକ୍ଷରୁ ତାଙ୍କୁ 'ଜଳ ଯୋଦ୍ଧା' ସମ୍ମାନରେ ସମ୍ମାନିତ କରାଯାଇଛି। ପରିବେଶ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ରଞ୍ଜନ କୁମାର ସାହୁ, ସମ୍ପାଦକ ପ୍ରସନ୍ନ କୁମାର ସାହୁ, କୋଷାଧ୍ୟକ୍ଷ ତୁଷାର କୁମାର ସାହୁ, ସଦସ୍ୟ ଚକ୍ରଧର ସ୍ୱାଇଁ,ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ର କୁମାର ମାଝୀ ପ୍ରମୁଖ ଉପସ୍ଥିତ ରହି ଶକୁନ୍ତଳାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।







# ଦିଲ୍ଲୀରେ ଗର୍ଜିବେ ଅଙ୍ଗନବାଡ଼ି କର୍ମୀ

ଭୁବନେଶ୍ୱର,୨୨ ।୩(ସମିସ)




ଆସନ୍ତା ମାସରେ ଦିଲ୍ଲୀରେ ଗର୍ଜିବେ ଅଙ୍ଗନବାଡ଼ି କର୍ମୀ । ଭତ୍ତାବୃଦ୍ଧି ସହିତ ଅନ୍ୟାନ୍ୟ ଦାବିରେ ୨୧, ୨୨ ଓ ୨୩ ତାରିଖରେ ସଂସଦ ସମ୍ମୁଖରେ ବିକ୍ଷୋଭ କରିବେ । ସାରା ଦେଶରୁ ଅଙ୍ଗନବାଡ଼ି କର୍ମୀ ଯୋଗଦେବାକୁ ଥିବାବେଳେ ଓଡ଼ିଶାରୁ ପ୍ରାୟ ହଜାରେ କର୍ମୀ ଆନ୍ଦୋଳନରେ ଅଂଶଗ୍ରହଣ କରିବେ । ଏ ନେଇ ସଂଘର କାର୍ଯ୍ୟକାରୀ କମିଟି ବୈଠକରେ ନିଷ୍ପତ୍ତି ହେଇଥିବା କାର୍ଯ୍ୟକାରୀ ସଭାପତି ବିଜୟ ଜେନା ସୂଚନା ଦେଇଛନ୍ତି । ସେମାନଙ୍କ କହିବା କଥା ଦୀର୍ଘ ଆଠ ବର୍ଷ ମଧ୍ୟରେ ଟଙ୍କାଟିଏ ମଧ୍ୟ ପାରିଶ୍ରମିକ ବଢ଼ାଯାଇ ନାହିଁ । ଦିନକୁ ଦିନ କାର୍ଯ୍ୟଭାର ବଢୁଥିବାବେଳେ ତଦନୁସାରେ ପାରିଶ୍ରମିକ ନ ଦେବା କାର୍ଯ୍ୟ କରିବାର ସ୍ପୃହା ହ୍ରାସ କରୁଛି । ଏଣୁ ସେମାନଙ୍କୁ ୨୬ ହଜାର ଟଙ୍କା ଭତ୍ତା ପ୍ରଦାନ କରିବା ସହ ଇନ୍‌କ୍ରିମେଣ୍ଟ ପ୍ରଦାନ ଓ ପେନ୍‌ସନ୍ ଦାବିରେ ଆନ୍ଦୋଳନକୁ ଓହ୍ଲାଇବେ । ଏହି ଅବସରରେ ଅନୁଗୁଳ ଜିଲ୍ଲା ତାଳଚେର

## ଭତ୍ତା ବୃଦ୍ଧି ସହ ଇନ୍‌କ୍ରିମେଣ୍ଟ ଓ ପେନ୍‌ସନ୍ ଦାବି

ବ୍ଲକ୍‌ର ଚାରୋଟି ପଞ୍ଚାୟତରେ ଏକ ସ୍ୱେଚ୍ଛାସେବୀ ସଂଗଠନ ସହିତ ଦଶଟି ଅଙ୍ଗନବାଡ଼ି କେନ୍ଦ୍ରକୁ ପାଇଲଟ ପ୍ରୋଜେକ୍ଟ ଭାବେ ଅଙ୍ଗନବାଡ଼ି କର୍ମୀଙ୍କ ସହ ମିଳିତ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପାଦନା ପାଇଁ ଦିଆଯାଇଥିବା ନିର୍ଦ୍ଦେଶନାମାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ମଧ୍ୟ ଦାବି କରାଯାଇଛି । ରାଜ୍ୟ ସରକାରଙ୍କ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଭତ୍ତାବୃଦ୍ଧି, ପୋଷଣ ଓ ଅନ୍ୟାନ୍ୟ ଦେୟ, ନୂତନ ମୋବାଇଲ୍ ପ୍ରଦାନ ସହ ରିଚାର୍ଜ ଦେୟ ପ୍ରଦାନ କରିବାକୁ ଦାବି କରିଛନ୍ତି । ଏହି ବୈଠକରେ ସାଧାରଣ ସମ୍ପାଦିକା ହରିପ୍ରିୟା ସ୍ୱାଇଁଙ୍କ ସମେତ ସୌଦାମିନୀ ଦାସ, କମଳା ମୁର୍ମୁ, ଆରତୀ ଦାସ ମହାପାତ୍ର, ଏମ୍ ଗୀତା ଦେବୀ, ସୁଜାତା ନାଏକ, ମାନସୀ ପ୍ରଧାନ, ଉର୍ମିଳା ପାଇକରାୟ, ମନୋଜ ପରିଡ଼ାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ପୁରୁଣା ଫଟୋ
## ପୁରୁଣା ସ୍ମୃତି



ଭୁବନେଶ୍ୱର,୨୨।୩(ସମିସ): ମନ୍ଦିରମାନଙ୍କର ସମୂହ ହେଉଛି ରାଜଧାନୀ ଭୁବନେଶ୍ୱର । ଏଠାରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର । ଯାହା ବର୍ତ୍ତମାନ ପିଢ଼ି ପାଇଁ ଐତିହ୍ୟ କୀର୍ତ୍ତିରାଜିର ମୂକସାକ୍ଷୀ । ସରଳ ଜୀବନଯାପନ କରୁଥିବା ମଣିଷଙ୍କ କୋଳାହଳ ଭିତରେ ସୀମିତ ଥିଲା ଏହି ସହର । ଗାଡି ମଟର, ବଡ଼ ବଡ଼ ବିଲ୍‌ଡିଂ ବଦଳରେ ଏଠାରେ ଚାଲିଥିଲା ଶଗଡ଼ ଏବଂ ମୁଣ୍ଡ ଗୁଞ୍ଜିବାକୁ ଥିଲା ମାଟି ଛପର ଘର । ରାଜଧାନୀର ସର୍ବପ୍ରାଚୀନ ଲିଙ୍ଗରାଜ ମନ୍ଦିର ମଧ୍ୟ ସେସମୟରୁ ପର୍ଯ୍ୟଟନର କେନ୍ଦ୍ରବିନ୍ଦୁ ସାଜି ଆସିଛି । ଯାହା ସହ ଯୋଡ଼ିହୋଇ ରହିଛି ଅନେକଙ୍କ ସ୍ମୃତି ।

ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା ଅନେକ ବର୍ଷ ପୁରୁଣା ଏକ ଫଟୋଚିତ୍ର । ଯେଉଁଥିରେ ପୁରୁଣା ସମୟରେ ଲିଙ୍ଗରାଜ ମନ୍ଦିରର ଝଲକ ପରିଲକ୍ଷିତ ହେଉଛି । ଫଟୋଚିତ୍ରରେ ଦର୍ଶାଯାଇଥିବା ଦୃଶ୍ୟଟି ମନ୍ଦିରର ଉତ୍ତର ଦ୍ୱାରର ବୋଲି କିଛି ଜଣ ମତ ଦେଇଥିବାବେଳେ ଫଟୋଟି ୧୫୦ ବର୍ଷ ପୁରୁଣା ବୋଲି ଜଣାପଡ଼ିଛି । ଏହି କଳା ଧଳା ଫଟୋରେ ମନ୍ଦିର ଦ୍ୱାର ବାହାର ଦୃଶ୍ୟ ଏବଂ ମାଟି ରାସ୍ତା ପରିଲକ୍ଷିତ ହେଉଛି । ଯେଉଁଥିରୁ ଅନୁମାନ କରିହେଉଛି, ସେ ସମୟରେ ରାସ୍ତା ଘାଟ କଂକ୍ରିଟ ବଦଳରେ ମାଟି ରାସ୍ତା ଥିଲା ।

## ବିଶ୍ୱ ଜଳ ଦିବସ ପାଳିତ



ବାଲିଅନ୍ତା,୨୨।୩(ସମିସ): ଶୈଳବାଳା ଫାଉଣ୍ଡେସନ ଓ ବିକଳ୍ପ ଅନୁଷ୍ଠାନ ପକ୍ଷରୁ ହୀରାପୁରସ୍ଥିତ ମହାମାୟା କ୍ଲବ୍ ସଭା କକ୍ଷରେ ବିଶ୍ୱ ଜଳ ଦିବସ ଏବଂ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ବିଦ୍ୟାଳୟର ୭୦ ଛାତ୍ରଛାତ୍ରୀ ଜଳ ପ୍ରଦୂଷଣ ଓ ଏହାର ନିରାକରଣ ଉପରେ ବିଭିନ୍ନ ପ୍ରକାର ବିଜ୍ଞାନ ମଡେଲ ପ୍ରଦର୍ଶନ କରିଥିଲେ । ସଂଗ୍ରାମ କୁମାର ସାହୁ, ବିଜ୍ଞାନ ଶିକ୍ଷକ, ରବୀନ୍ଦ୍ର ଆଚାର୍ଯ୍ୟ, ନବଘନ ମିଶ୍ର, ସସ୍ମିତା ମହାରଣା, ବେବି ନାୟକ, ପ୍ରଦୀପ କୁମାର ପ୍ରଧାନ, ମମି ଘଡ଼ାଇ, ଶିକ୍ଷକ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ ।


## ଜନ୍ମ ଦିବସରେ ରକ୍ତଦାନ ଶିବିର



ଭୁବନେଶ୍ୱର,୨୨।୩(ସମିସ): ରାଜ୍ୟ ରକ୍ତ ନିରାପତ୍ତା ଅତିରିକ୍ତ ନିର୍ଦ୍ଦେଶକ ଡ. ଦେବାଶିଷ ମିଶ୍ରଙ୍କ ଜନ୍ମ ଦିବସ ଅବସରରେ ରାଜଧାନୀ ଡାକ୍ତରଖାନା ରକ୍ତ କେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି । ଏହି ଶିବିରକୁ ରକ୍ତ ଭଣ୍ଡାର ନିର୍ଦ୍ଦେଶିକା ଡ. ଇତିଶ୍ରୀ ଚୌଧୁରୀ ଉଦ୍‌ଘାଟନ କରିଥିଲେ । ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ ପୂର୍ବତନ ସଭାପତି ସଂଗ୍ରାମ କେଶରୀ ପାଇକରାୟ, ବିଶିଷ୍ଟ ଗାନ୍ଧୀବାଦି ପ୍ରହଲ୍ଲାଦ ସିଂହ, ନିୟତି ଫାଉଣ୍ଡେସନର ପ୍ରତିଷ୍ଠାତା ନିର୍ମଳ ପଣ୍ଡା, ମାଇଁ ନେଷ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦର୍ଶ କୁମାର, ମାନି ପଣ୍ଡା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ବିଭୂତି ଭୂଷଣ ସାହୁ, ଶଶିକାନ୍ତ ବେହେରା, ଚନ୍ଦ୍ରକାନ୍ତ ଭୋଇ, ମାନସୀ ସରକାର ଏବଂ ହରପ୍ରସାଦ ମହାପାତ୍ର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶିବିରରୁ ମୋଟ ୨୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା ।

## ଜୀବନର କେତେ ରଙ୍ଗ...

## କର୍ମକୁ ସାଙ୍ଗ କରି ଚାଲିଛନ୍ତି ବାଞ୍ଛାନିଧି



ଭୁବନେଶ୍ୱର,୨୨।୩(ସମିସ): ନାନା ପ୍ରକାର ମଜାଳିଆ କଥା କହି ହାତକୁ ବଢ଼େଇ ଦିଅନ୍ତି ପାନ ଦି' ଖଣ୍ଡ । ନା ତାଙ୍କର ବାଞ୍ଛାନିଧି ଗୌଡ଼, ଘର ଗଞ୍ଜାମ । ସେ ଦୀର୍ଘ ୨୫ ବର୍ଷ ଧରି ରାଜଧାନୀର ସୂର୍ଯ୍ୟନଗରରେ ପାନ ଦୋକାନ କରି ରହିଲେଣି । ଅନ୍ୟ ପାନ ବ୍ୟବସାୟୀଙ୍କ ଭଳି ତାଙ୍କର କୌଣସି ନିର୍ଦ୍ଦିଷ୍ଟ ଦୋକାନ ନାହିଁ । ସୂର୍ଯ୍ୟନଗର ରାସ୍ତା ଦେଇ ଗଲାବେଳେ ରାସ୍ତାର ଗୋଟିଏ ପାଶ୍ୱର୍ରେ ଅଧା ତିଆରି ପାଚେରି ଉପରେ ତାଙ୍କ ପାନ ପସରା । ଗଛ ଛାଇ, ଖରା ବର୍ଷାରୁ ତାଙ୍କୁ ରକ୍ଷା ଦେଉଛି ଗଛ । ସେହି ଗଛରେ ଗୋଟେ କପଡ଼ା ବାନ୍ଧି ଠାକୁରଙ୍କ ଫଟୋ ଲଗାଇ ପୂଜା ମଧ୍ୟ କରୁଥିବା ଦେଖିବାକୁ ମିଳୁଛି । ସେ କୁହନ୍ତି ତାଙ୍କର କୌଣସି ନିର୍ଦ୍ଦିଷ୍ଟ ଠିକଣା ନଥିଲା । ଭିନ୍ନ ଭିନ୍ନ ସ୍ଥାନକୁ ଯାଇ ନିଜ ପାନର ପସରା ମେଲି ବିକ୍ରି କରିଥାନ୍ତି । ହେଲେ ଗତ କିଛି ବର୍ଷ ହେବ ସେ ଏଠାରେ ହିଁ ଉଠା ପାନ ଦୋକାନ କରିଛନ୍ତି । ସକାଳୁ ସଞ୍ଜ ଯାଏ ଲୋକଙ୍କୁ ହଜାରେ ମଜାଳିଆ କଥା କହି ମନୋରଞ୍ଜନ କରିବା ସହ ଭିନ୍ନ ଭିନ୍ନ ସ୍ୱାଦର ପାନ ଭାଙ୍ଗି ହାତକୁ ବଢ଼ାଇ ଦେଇଥାନ୍ତି ବାଞ୍ଛାନିଧି । ଏଥିରୁ ଯାହା ପ୍ରାପ୍ୟ ମିଳୁଛି ସେଥିରେ ଘର ଚଳିଯାଉଛି । ମୁଣ୍ଡରେ ଛାତ ନଥିଲେ ବି ପାଖରେ ଠାକୁରାଣୀଙ୍କ ଆଶୀର୍ବାଦ ତାଙ୍କୁ ସବୁବେଳେ ରକ୍ଷା କରିବ ବୋଲି ସେ ହସି ହସି ଉତ୍ତର ଦିଅନ୍ତି । ତାଙ୍କ ପାଖରେ ବନାରସୀ, ବିଭିନ୍ନ କଡ଼ା ମସଲା ପାନ, ମିଠା ଚେରି ପାନ, ଦିଲ ବାହାର ପାନ, ଦିଲ୍ ୱାଲା ପାନ, ମହାରାଜା ପାନ୍, ଦିଲଖୁସ ପାନ, ସତରଙ୍ଗ ଆଦି ଭଳି କି ଭଳି ପାନ ସେ ବିକ୍ରି କରୁଛନ୍ତି । ମୂଲ୍ୟ ମଧ୍ୟ ସେତେ ଅଧିକ ନାହିଁ ଅନ୍ୟ ଦୋକାନ ଭଳି ସମାନ । ଲୋକ ଯେତେ ତାଙ୍କ ପାନ ଖାଇବାକୁ ଆସୁ ନାହାନ୍ତି ତାଠୁ ଅଧିକ ତଙ୍କ ଭଳି କି ଭଳି ମଜାଳିଆ କଥା ଶୁଣିବାକୁ ଆସି ପାନ ଖାଇ ଯାଉଛନ୍ତି । ବାଞ୍ଛାନିଧି ନିଜ ଅନୁଭୂତି ସମ୍ପର୍କରେ କୁହନ୍ତି ପାନ ପିଛା ୧ ଟଙ୍କାରୁ ୧୦ ଟଙ୍କା ହେବାର ସମୟ ସେ ଦେଖି ଆସିଛନ୍ତି । ପାନର ଚାହିଦା ସେ ସମୟରେ ଯେତେ ଥିଲା ଆଜି ବି ଲୋକଙ୍କ ମଧ୍ୟରେ ଚାହିଦାର ସେତେ କିଛି ପରିବର୍ତ୍ତନ ହୋଇ ନାହିଁ ।

## ବିଶ୍ୱ ଜଳ ଦିବସରେ ଜଳଦାନ କେନ୍ଦ୍ର ଶୁଭାରମ୍ଭ

ଭୁବନେଶ୍ୱର,୨୨ ।୩(ସମିସ)




ବିଶ୍ୱ ଜଳ ଦିବସ ଅବସରରେ ମହାତ୍ମାଗାନ୍ଧୀ ମାର୍ଗରେ ସାମାଜିକ ଅନୁଷ୍ଠାନ ଜନମଙ୍ଗଳ ପରିଷଦ ପକ୍ଷରୁ ଏକ ଜଳଦାନ କେନ୍ଦ୍ରର ଶୁଭାରମ୍ଭ ହୋଇଯାଇଛି । ଆଗାମୀ ଦିନରେ ହେବାକୁ ଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ପଥଚାରୀ ମାନଙ୍କୁ ପ୍ରତ୍ୟେହ ସ୍ୱଚ୍ଛ ପାନୀୟ ଜଳ ପ୍ରଦାନ ନିମନ୍ତେ ଏହା ସହାୟକ ହେବ । ଏହା ଆସନ୍ତା ରଜ ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ପରିଷଦ ତରଫରୁ ସୂଚନା ଦିଆଯାଇଛି । ଶୁଭାରମ୍ଭ କାର୍ଯ୍ୟକ୍ରମରେ କମିସନର ପୋଲିସ ଜୋନ ୧ ର ଏସିପି ରମେଶ ଚନ୍ଦ୍ର ବିଶୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ୟାପିଟାଲ ଥାନା ଭାରପ୍ରାପ୍ତ ଅଧିକାରୀ ରାଧାକାନ୍ତ ସାହୁ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ । ପରିଷଦର ଅଧ୍ୟକ୍ଷ ଅଲେଖ ଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦସ୍ୟ ଲକ୍ଷ୍ମଣ ଦାଶ, ଯୁବ କର୍ମୀ ନିରଞ୍ଜନ ସାହୁ, ସମାଜସେବୀ ମାନି ପଣ୍ଡା ଅରୁଣ କୁମାର ସ୍ୱାଇଁ, ସୁକାନ୍ତ ମହାନ୍ତି, ବୈଲୋଚନ ସାହୁ, ମାନସ ରଞ୍ଜନ ବସ୍ତିଆ, ଋତୁରାଜ ପଟ୍ଟନାୟକ, ବନଜା ବାସିନୀ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ ।

## ଦିବ୍ୟାଙ୍ଗ ପ୍ରତିଭା ଅନୁସନ୍ଧାନ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୨।୩(ସମିସ): ରୁଚିକା ସମାଜ ମଙ୍ଗଳ ସଂଗଠନ ଓ ନରମେଟର୍ ମିଳିତ ସହଯୋଗରେ ଦିବ୍ୟାଙ୍ଗ ପିଲାମାନଙ୍କୁ ନେଇ ଏକ ଟାଲେଣ୍ଟ ସର୍ଚ୍ଚ ପ୍ରୋଗ୍ରାମ୍ ରୁଚିକା ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧାର ଅତିରିକ୍ତ ଜିଲ୍ଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷା ମମତା ସାହୁ ଯୋଗଦେଇ ଦିବ୍ୟାଙ୍ଗ ପିଲାଙ୍କୁ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଦିଗରେ ସବୁ ବର୍ଗର ଲୋକମାନଙ୍କର ସାହାଯ୍ୟର ଅବଶ୍ୟକତା ଅଛି ସେ ସମ୍ପର୍କରେ କହିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଯୋଗଦେଇ କହିଲେ ଥିଲେ ଯେ ଦିବ୍ୟାଙ୍ଗ ଶିଶୁଙ୍କ ନିମନ୍ତେ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସହାୟତା ବିଷୟରେ ଆଲୋଚନା କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ରୁଚିକା ହାଇସ୍କୁଲର ନିର୍ଦ୍ଦେଶକ ଗୁରପ୍ରୀତ୍ ସିଂ ଖୁରାନା ଏବଂ ବିରୁପାକ୍ଷ ଦୀକ୍ଷିତ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ ଚିତ୍ରାଙ୍କନ୍, ହସ୍ତଶିଳ୍ପ, ନୃତ୍ୟ, ସଂଗୀତ ଆଦି କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଉମାଶଙ୍କର ଷଡ଼ଙ୍ଗୀ, ଉପସଭାପତି ଗୌରାଙ୍ଗ ଚରଣ ତ୍ରିପାଠୀଙ୍କ ସମେତ ରୁଚିକା ସଙ୍ଗଠନର ନିର୍ଦ୍ଦେଶକ ରାମେଶ୍ୱରୀ ପ୍ରସାଦ ଦ୍ୱିବେଦୀ, ହେମନ୍ତ କୁମାର ସାହୁ, ଡ. ବେଣୁଧର ସେନାପତି, ସରୋଜ ସାହା ଓ ରୁଚିକାର ଅନ୍ୟ ସଦସ୍ୟ ଓ ସଦସ୍ୟାମାନେ ପରିଚାଳନା କରିଥିଲେ ।




## ଗିଟାର କିମ୍ବଦନ୍ତୀ ଦେବାଂଶୁ ରଥଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୨।୩(ସମିସ)



ଗିଟାର କିମ୍ବଦନ୍ତୀ ଦେବାଂଶୁ ରଥ (କାବୁଲି) ଙ୍କର ଶନିବାର ଚେନ୍ନାଇସ୍ଥିତ ନିଜ ଘରେ ଦେହାନ୍ତ ହୋଇଯାଇଛି । ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ନିଜ ଗିଟାର ଧରି ଛାତ୍ରମାନଙ୍କୁ ଅନ୍‌ଲାଇନ୍‌ରେ ଗିଟାର ଶିଖାଉଥିଲେ । ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ନିକଟସ୍ଥ ଡାକ୍ତରଖାନା ନିଆଯାଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ପ୍ରାୟ ୪୦ ବର୍ଷର ଏକ ସମୃଦ୍ଧ ସଙ୍ଗୀତ ଯାତ୍ରା 'ରୋଜା' ଠାରୁ ଆରମ୍ଭ କରି 'ରକଷ୍ଟାର' ପର୍ଯ୍ୟନ୍ତ ସେ ନିଜ ଗିଟାରର ଯାଦୁରେ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଏଆର୍ ରହମାନଙ୍କ ଅସାଧାରଣ ସୃଷ୍ଟି ହେଉ ବା ଇଲାଇୟାରାଜାଙ୍କ ସଙ୍ଗୀତ, ବଲିଉଡ, ଓଲିଉଡ୍, ତାମିଲ, ତେଲୁଗୁ ଏବଂ ଓଡ଼ିଆ ଫିଲ୍ମ ଶିଳ୍ପ ସେ ସବୁଠି ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି । ଓଡ଼ିଆ ସିନେମାରେ ଜଣେ ପ୍ରଛଦପଟ୍ଟ ସଂଗୀତ ନିର୍ଦ୍ଦେଶକ ଭାବେ ସେ ୮୦ରୁ ଅଧିକ ସିନେମା ରେ କାମ କରିଛନ୍ତି । ବଲିଉଡ୍ ଏବଂ ଓଲିଉଡ୍ ସଙ୍ଗୀତ ଜଗତରେ ସେ ସୃଷ୍ଟି କରିଥିବା ସ୍ଥାନ ଅପୂରଣୀୟ । ସେ କେବଳ ଜଣେ କଳାକାର ନ ଥିଲେ, ବରଂ ଜଣେ ମାର୍ଗଦର୍ଶକ ଭାବେ ମୁମ୍ବାଇ, ଚେନ୍ନାଇ, ହାଇଦ୍ରାବାଦ ଏବଂ ଓଡ଼ିଶାର ଅନେକ ପିଢ଼ିର ସଙ୍ଗୀତଜ୍ଞଙ୍କୁ ଗଢ଼ିଥିଲେ । ଶେଷବେଳେ ତାଙ୍କ ପାଖରେ ନିଜ ଧର୍ମପତ୍ନୀ ସୁଜାତା ମିଶ୍ର, ଝିଅ କଣ୍ଠଶିଳ୍ପୀ ସାଲୋନୀ ଏବଂ ଏକମାତ୍ର ପୁଅ ଜଗନ୍ନାଥ (ସୋନୁ) ରହିଥିଲେ । କାବୁଲି ରଥ ହେଉଛନ୍ତି ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ କରଙ୍କ ଭଣଜା, ଗୁଡ୍‌ଲି ରଥଙ୍କ ବଡ଼ ଭାଇ ଏବଂ ମିଡ଼ିଆ ବ୍ୟକ୍ତିତ୍ୱ ଶ୍ୟାମା ପ୍ରସାଦ ମିଶ୍ରଙ୍କ ଭିଣୋଇ । ସଙ୍ଗୀତ ଦୁନିଆ ଜଣେ ଅମୂଲ୍ୟ ରତ୍ନଙ୍କୁ ହରାଇଲା ବୋଲି ସଙ୍ଗୀତ ପ୍ରେମୀମାନେ କହିଥିଲେ ।

## ଓଇଏସ୍ ପକ୍ଷରୁ ବିଶ୍ୱ ଜଳ ଦିବସ

ଭୁବନେଶ୍ୱର,୨୨ ।୩(ସମିସ): ବିଶ୍ୱର ବିକାଶଶୀଳ ଅଞ୍ଚଳରେ ବିଶେଷ ରୂପେ ଜଳ ଏବଂ ଲିଙ୍ଗ ପରସ୍ପର ସହିତ ଘନିଷ୍ଠ ଭାବରେ ଜଡ଼ିତ । ଅନେକ ସମାଜରେ, ମହିଳା ଏବଂ ଝିଅମାନେ ଘରୋଇ ବ୍ୟବହାର ନିମନ୍ତେ ଜଳ ସଂଗ୍ରହ କରିବାର ପ୍ରାଥମିକ ଦାୟିତ୍ୱ ବହନ କରନ୍ତି । ଜଳ ପରିଚାଳନା ନିଷ୍ପତ୍ତିରେ ମହିଳାଙ୍କର ଭୂମିକା କମ୍ ରହୁଥିବା ବେଳେ ଲିଙ୍ଗଗତ ଅସମାନତା ଆହୁରି ଦୃଢ଼ ହୁଏ । ବିଶ୍ୱ ଉଷ୍ମତା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ପରିସ୍ଥିତିରେ ଜଳ ବ୍ୟବହାରର ନୀତି ଲିଙ୍ଗଗତ ସମାନତା ହେବା ଆବଶ୍ୟକ । 'ଜଳ ଏବଂ ଲିଙ୍ଗ' ବିଷୟବସ୍ତୁ ଉପରେ ଓଡ଼ିଶା ପରିବେଶ ସମିତି ଏବଂ ବିକାଶ ଆବାସିକ ବିଦ୍ୟାଳୟ, କଣ୍ଟାବାଡ଼, ଭୁବନେଶ୍ୱର ଦ୍ୱାରା ମିଳିତ ଭାବରେ ପାଳିତ 'ବିଶ୍ୱ ଜଳ ଦିବସ' ଅବସରରେ ବିଶେଷଜ୍ଞମାନେ ଏପରି ମତ ପ୍ରକାଶ କରିଛନ୍ତି । ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଇଏସ୍‌ର କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ । ବିଦ୍ୟାଳୟର ଚେୟାରମ୍ୟାନ୍ ଭି ଶ୍ରୀନିବାସ ପ୍ରକାଶ କରିଥିଲେ ଯେ ଛାତ୍ରଛାତ୍ରୀଙ୍କୁ ଜଳ ସଂରକ୍ଷଣ ଏବଂ ପରିବେଶ ସୁରକ୍ଷା ପାଇଁ ପ୍ରକୃତିର ଜାଗ୍ରତ ସୈନିକ ଭାବରେ କାର୍ଯ୍ୟ କରିବାକୁ ପଡ଼ିବ । ଓଇଏସ୍ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ପ୍ରାରମ୍ଭିକ ଭାଷଣ ଦେଇଥିଲେ । ଯୁଗ୍ମ ସମ୍ପାଦକ ଡ. ସୁରଭି ଜୈନ ବର୍ଷାଜଳ ଅମଳ ଏବଂ ଏଥିପାଇଁ ଆବଶ୍ୟକ ମୌଳିକ ଗଣନା ଉପରେ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ, ଡ. ବିଜୟ କେତନ ପଟ୍ଟନାୟକ, ଡ.ଲାଲା ଏ.କେ. ସିଂହ, ପ୍ର. ସନ୍ଦୀପ ନାରାୟଣ କୁଣ୍ଡୁ, ପଦ୍ମଜା ସୂର୍ଯ୍ୟପ୍ରଭା ସାହୁ ଏବଂ ସୌମ୍ୟରଞ୍ଜନ ନାୟକ ମଧ୍ୟ ଏହି ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ । ରମେଶ ଚନ୍ଦ୍ର ପଣ୍ଡା ଏବଂ ପର୍ଶୁରାମ ପଣ୍ଡା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜଳ ସମସ୍ୟା ଉପରେ ଏକ କୁଇଜ୍ ପରିଚାଳନା କରିଥିଲେ । ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ସଂଯୋଜକ ଭି ରବିନ୍ଦ୍ର ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ୱ କବିତା ଓ ବିଶ୍ୱ ଡାଉନ୍ ସିଣ୍ଡ୍ରୋମ୍ ଦିବସ




ଭୁବନେଶ୍ୱର,୨୨।୩(ସମିସ): ସ୍ୱାଭିମାନ ସହଯୋଗରେ କେତକୀ ଫାଉଣ୍ଡେସନ୍ ଟ୍ରଷ୍ଟ ଦ୍ୱାରା ଭାରତୀୟ ବିଦ୍ୟା ଭବନରେ ବିଶ୍ୱ କବିତା ଦିବସ ଏବଂ ବିଶ୍ୱ ଡାଉନ୍ ସିଣ୍ଡ୍ରୋମ୍ ଦିବସ ଅବସରରେ ସାହିତ୍ୟକ ଅଭିବ୍ୟକ୍ତି ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଦ୍ୱୈତ ସଭାରେ ଜ୍ୟୋତିରଞ୍ଜନ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ । କବି ପବିତ୍ର ମୋହନ କର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସମାଜରେ ସମାନତା, ଗ୍ରହଣଯୋଗ୍ୟତା ଓ ସହାନୁଭୂତିର ଆବଶ୍ୟକତା ଉପରେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା । ସମାଜସେବୀ ତଥା ସ୍ୱାଭିମାନର ପ୍ରତିଷ୍ଠାତା ଡ଼ଃ ସ୍ମୃତି ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜରେ ସମାନ ସୁଯୋଗ ଓ ସଚେତନତାର ଗୁରୁତ୍ୱ ଉପରେ ଅଲୋକପାତ କରିଥିଲେ । ପରେ ମନୁଆ ଦାସ, ଭାରତ ମାଝୀ, ବିୟତପ୍ରଜ୍ଞା ତ୍ରିପାଠୀ, ଭାରଦ୍ୱାଜ ମିଶ୍ର, ସତ୍ୟ ରଞ୍ଜନ ପ୍ରହରାଜ, ରଶ୍ମିତା ବେହେରା ଏବଂ ପବିତ୍ର ମୋହନ କରଙ୍କ ଭଳି କବିମାନେ କବିତା ପାଠ କରିଥିଲେ । ପରେ ଅତିଥି କବିମାନଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା । କପିଳାଶ ଭୂୟାଁ ଧନ୍ୟବାଦ ଜ୍ଞାପନ କରିଥିଲେ ।

**ସମାଜରେ ସମାନତା ଓ ସହାନୁଭୂତି ଆବଶ୍ୟକ**

## ଓଡ଼ିଶା ଲେଖିକା ସଂସଦର ବାର୍ଷିକ ଉତ୍ସବ



ଭୁବନେଶ୍ୱର,୨୨।୩(ସମିସ)

ଓଡ଼ିଶା ଲେଖିକା ସଂସଦର ୩୩ ତମ ବାର୍ଷିକ ଉତ୍ସବ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଛି । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆବାହିକା ଓ ସଭ୍ୟାମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ । ସଭାରେ ସଂସଦର ସଭାପତି ଡ. ଶକୁନ୍ତଳା ବଳିୟାରସିଂ ସଭାପତିତ୍ୱ କରିଥିଲେ । ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଡ. ରମେଶ ଚନ୍ଦ୍ର ପାଣି, ମୁଖ୍ୟବକ୍ତା ଭାବରେ ଡ. ସୋମା ଚାନ୍ଦ ଓ ସମ୍ମାନିତ ଅତିଥି ଭାବରେ ଡ. ମିହିର ସାହୁ ଯୋଗ ଦେଇଥିଲେ । ସଂସଦର ବାର୍ଷିକ ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସମ୍ପାଦକ କମଳ କୁମାରୀ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ । ଡ. ମିହିର କୁମାର ସାହୁ ଅନୁବାଦର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ । ସଂସଦର ସଭାପତି ଡ. ବଳିୟାରସିଂ ଲେଖିକାମାନଙ୍କୁ ଅଧିକରୁ ଅଧିକ ଲେଖନୀ ଚାଳନା କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଉତ୍ସବରେ ଉଚ୍ଚମାନର ଲେଖା ଓ ସମାଜ ସେବା ପାଇଁ ୨୮ ଜଣ ଲେଖିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଗଠନ ସମ୍ପାଦକ ସୁଚେତା ବେହେରା ଜିଲ୍ଲା ବିବରଣୀ ପାଠ କରିଥିଲେ ଓ ସଂସଦର ଯୁଗ୍ମ ସଂପାଦକ କାନନବାଳା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।